

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store




ଘୋଷଣା ପରେ କାର୍ଯ୍ୟ ଆରମ୍ଭ | ୬

'ମେଗା ୧୫୭'ରେ ନୟନତାରାଙ୍କ ଏଣ୍ଟ୍ରି | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୪୮ | Vol. 22 No-48 | 19 MAY 2025 MONDAY, BHUBANESWAR | ସୋମବାର, ୧୯ ମଇ ୨୦୨୫ | ପୃଷ୍ଠା-୮ | ମୂଲ୍ୟ: ୭.୦୦

## ପାକିସ୍ତାନୀ ଗୁପ୍ତଚର ଲିଙ୍କ୍‌ରେ ଓଡ଼ିଆ ବ୍ଲଗର ପ୍ରିୟଙ୍କା !

# ପୋଲିସର ତନାଘନା

ପୁରୀ,୧୮।୫(ଭାସ୍କର ନ୍ୟୁଜ): ପାକିସ୍ତାନର ଗୁଇନ୍ଦା ସଂସ୍ଥା ସହ ସଂପର୍କ ରଖିଥିବା ଅଭିଯୋଗରେ ହରିଆଣାର ପ୍ରସିଦ୍ଧ ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରାଙ୍କୁ ହିସାର ପୋଲିସ ଗିରଫ କରିବା ପରେ ତାଙ୍କର ଗୋଟିଏ ପରେ ଗୋଟିଏ ଗୁମର ଖୋଲିବାରେ ଲାଗିଛି। ଜ୍ୟୋତିଙ୍କର ପୁରୀର ଅନ୍ୟଜଣେ ଯୁବତୀ ପ୍ରିୟଙ୍କା ସେନାପତିଙ୍କ ସହ ଲିଙ୍କ୍ ଥିବା ନେଇ ପୁରୀ ପୋଲିସ ତନାଘନା ଆରମ୍ଭ କରିଛି। ଜ୍ୟୋତିଙ୍କ ଗିରଫ ପରେ ତାଙ୍କର ପୁରୀସହ ସଂପର୍କକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ୨୦୨୩ ସେପ୍ଟେମ୍ବରରେ ଜ୍ୟୋତି ପୁରୀ ବୁଲିବାକୁ ଆସିଥିଲେ। ପୁରୀ ବେଳାଭୂମି, ଶ୍ରୀମନ୍ଦିର ସହ ଅନ୍ୟାନ୍ୟ ସ୍ଥାନ ମଧ୍ୟ ବୁଲିଥିଲେ। ଏପରିକି ପୁରୀରେ ପ୍ରିୟଙ୍କାଙ୍କ ସହ ସଂପର୍କ ରଖିଥିଲେ। ବାନ୍ଧବୀ ପ୍ରିୟଙ୍କା ମଧ୍ୟ ଜ୍ୟୋତିଙ୍କ ସହ ଯାଇ ପାକିସ୍ତାନ ବୁଲିଥିବାର ପ୍ରମାଣ ମିଳିବା ପରେ ଜ୍ୟୋତିଙ୍କ ସହ ପ୍ରିୟଙ୍କାଙ୍କ ସଂପର୍କକୁ ନେଇ ଆଶଙ୍କା ବୃଦ୍ଧି ପାଇଛି। ପ୍ରିୟଙ୍କା



ଜ୍ୟୋତି ମାଲହୋତ୍ରାଙ୍କ ସହ ପ୍ରିୟଙ୍କା ସେନାପତି

- ଜ୍ୟୋତି-ପ୍ରିୟଙ୍କା ଲିଙ୍କ୍ ନେଇ ରାଜ୍ୟବ୍ୟାପୀ ହଟଚମଟ
- ଗୁପ୍ତଚର ବୃତ୍ତି ଅଭିଯୋଗ ଜାଣିନଥିଲି
- କେବଳ ବନ୍ଧୁ ହିସାବରେ ସଂପର୍କ ରଖିଥିଲି
- ଯେକୌଣସି ତଦନ୍ତର ସମ୍ମୁଖୀନ ପାଇଁ ପ୍ରସ୍ତୁତ
- ଆଗେ ଦେଶ, ପରେ ଝିଅ: ପ୍ରିୟଙ୍କାଙ୍କ ପରିବାର
- ପ୍ରିୟଙ୍କାଙ୍କ ଇନଷ୍ଟାଗ୍ରାମ ଲକ୍

ପୁରୀ ଶ୍ରୀମନ୍ଦିର ନିକଟ କାଳିକାଦେବୀ ସାହିର ବାସିନ୍ଦା ଅଟନ୍ତି। ତେବେ ପ୍ରିୟଙ୍କାଙ୍କ ବାପା କହିଛନ୍ତି ଯେ ମୋ ଝିଅ କେବଳ • ପୃଷ୍ଠା ୫ ଦେଖନ୍ତୁ


### ଖୋଲୁଛି ଜ୍ୟୋତିଙ୍କ ଗୁମର

## ପାକିସ୍ତାନ ସେନା ଅଧିକାରୀଙ୍କ ସହ ବିଦେଶ ବୁଲୁଥିଲେ

ହିସାର,୧୮।୫: ଭାରତର ଝିଅ ହୋଇ ଭାରତକୁ ଧୋକ୍କା ଦେଲେ ଜ୍ୟୋତି। ଟ୍ରାଭେଲ ୱିଥ୍ ଜୋ ନାମକ ୟୁଟ୍ୟୁବ ଚାନେଲ ହାଣ୍ଡେଲ କରୁଥିବା ଜ୍ୟୋତି ମାଲହୋତ୍ରା ପାକିସ୍ତାନ ପାଇଁ ଗୁଇନ୍ଦା କରୁଥିବା ନେଇ ସୂଚନା ମିଳିଛି। ଟ୍ରାଭେଲ ବ୍ଲଗ୍ କରୁକରୁ ପାକିସ୍ତାନ ପାଇଁ ଗୁଇନ୍ଦାଗିରି ମଧ୍ୟ ଆରମ୍ଭ କରିଥିଲେ। ଗିରଫ ହେବାପରେ ପୋଲିସ ସମ୍ମୁଖରେ ସବୁ ସତ ଓଗାଳିଛନ୍ତି ଜ୍ୟୋତି। ଏଥିପାଇଁ ତାଙ୍କୁ ମୋଟା ଅଙ୍କର ଟଙ୍କା ମିଳୁଥିଲା ଓ ତା ସହ ମାଗଣାରେ ବିଦେଶ ବୁଲିବାକୁ ମଧ୍ୟ ସୁଯୋଗ ଦିଆଯାଉଥିଲା। ଜ୍ୟୋତି ଛୁଟି କାଟିବାପାଇଁ ବାରମ୍ବାର ବିଦେଶ ଗସ୍ତ କରୁଥିଲେ ସତ, କିନ୍ତୁ ନିଜ ଟଙ୍କାରେ ନୁହେଁ। ବିଦେଶ ଗସ୍ତର ସଂପୂର୍ଣ୍ଣ ଖର୍ଚ୍ଚ ଉଠାଉଥିଲେ ପାକିସ୍ତାନୀ ସେନା ଅଧିକାରୀ। କେବଳ ପାକିସ୍ତାନ ନୁହେଁ, ଚୀନରେ ମଧ୍ୟ ଜ୍ୟୋତିଙ୍କୁ ଭିଆଇପି ଟ୍ରିଟମେଣ୍ଟ ଦିଆଯାଉଥିଲା। ସେ ତିନିଥର ପାକିସ୍ତାନ ଯାଇଥିବାବେଳେ ଥରେ ଚୀନ୍ ଗସ୍ତରେ ଯାଇଥିଲେ। ଏଥିସହ ଅନେକଥର ମଧ୍ୟ କାଶ୍ମୀର ଗସ୍ତରେ ଯାଇଥିବା ପ୍ରମାଣ ମିଳିଛି। ଜ୍ୟୋତି ପାକିସ୍ତାନୀ • ପୃଷ୍ଠା ୫ ଦେଖନ୍ତୁ

### ଇସ୍ରୋର ୧୦୧ତମ ମିଶନ ଫେଲ୍

## ସଫଳ ହେଲାନି ଇଓଏସ୍-୯ ଉତ୍କ୍ଷେପଣ



ଶ୍ରୀହରିକୋଟା,୧୮।୫: ଶେଷରେ ସମସ୍ତ ଉଦ୍ୟମ ବିଫଳ ହେଲା। ଫେଲ୍ ମାରିଲା ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ)ର ମିଶନ। ରବିବାର ସକାଳ ୫.୫୯ ମିନିଟରେ ଇସ୍ରୋ ପକ୍ଷରୁ ପିଏସଏଲଭି-ସି-୬୧ ଯାନ ଦ୍ୱାରା ଇଓଏସ୍-୯ ସାଟେଲାଇଟ୍‌କୁ ମହାକାଶରେ ଅବସ୍ଥାପିତ କରାଯିବାର ଥିଲା। ଏଥିପାଇଁ ଆନ୍ଧ୍ରର ଶ୍ରୀହରିକୋଟାସ୍ଥିତ ସତୀଶଧାୱନ ମହାକାଶ କେନ୍ଦ୍ରରୁ ଏହି ସାଟେଲାଇଟ୍‌ଟି ଉତକ୍ଷେପଣ କରାଯାଇଥିଲା। ମାତ୍ର ଏହା ସଫଳ ହୋଇପାରି ନାହିଁ ବୋଲି ଇସ୍ରୋ ଅଧ୍ୟକ୍ଷ କେ.ନାରାୟଣନ୍ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଲଞ୍ଚ ଭେହିକିଲ୍‌ଟି ଦ୍ୱିତୀୟ ସୋପାନ • ପୃଷ୍ଠା ୫ ଦେଖନ୍ତୁ

## ସଂକ୍ଷେପରେ...

### ଭିଏସ୍‌ଏସ୍ ନଗରରେ ଖୋଲିବ ଏନ୍‌ଆଇଏ ଥାନା

ଭୁବନେଶ୍ୱର,୧୮।୫(ଭାସ୍କର ନ୍ୟୁଜ): ରାଜଧାନୀ ଭୁବନେଶ୍ୱର ଭିଏସ୍‌ଏସ୍‌ନଗରରେ ଖୋଲିବ ଏନଆଇଏ ଥାନା। ଭିଏସଏସନଗର ତାରିଣୀ ପୀଠ ନିକଟରେ ଏହା ଖୋଲାଯିବା ନେଇ ରାଜ୍ୟ ଗୃହବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଜଣେ ଏସ୍‌ପି ପାହ୍ୟାର ଅଧିକାରୀ ଏହାର ମୁଖ୍ୟଭାବେ ଦାୟିତ୍ୱ ନିର୍ବାହ କରିବେ। ଏହି ଥାନାର ତଦନ୍ତ ପରିସୀମା ସାରା ଓଡ଼ିଶା ରହିବ ବୋଲି ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

### ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ

ସୁନ୍ଦରଗଡ଼,୧୮।୫(ଭାସ୍କର ନ୍ୟୁଜ): ରବିବାର ସକାଳେ ସୁନ୍ଦରଗଡ଼ ଜିଲ୍ଲା ବିମଳାଗଡ଼ ଷ୍ଟେସନ ନିକଟରେ ଏକ ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ ହୋଇଛି। ଏହାର ଚାରୋଟି ବଗି ଲାଇନଚ୍ୟୁତ ହୋଇଥିବା ସୂଚନା ମିଳିଛି। ରକ୍ସିପଟୁ ବିମଳାଗଡ଼କୁ ଯାଉଥିବାବେଳେ ଏହା ଲାଇନଚ୍ୟୁତ ହୋଇଥିଲା। ଫଳରେ ଟ୍ରେନ୍ ଚଳାଚଳ କିଛି ସମୟପାଇଁ ବାଧାପ୍ରାପ୍ତ ହୋଇଥିଲା। ରେଳବାଇ ପକ୍ଷରୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।

### ଭଉଣୀକୁ ହତ୍ୟାକଲେ ଭାଇ-ଭଉଣୀ


କୁଚିଣ୍ଡା,୧୮।୫(ଭାସ୍କର ନ୍ୟୁଜ): କୁଚିଣ୍ଡା ବାମରା ଗୋବିନ୍ଦପୁର ମଝିପଡ଼ାରେ ରବିବାର ଏକ ଅଘଟଣ ଘଟିଛି। ବଡ଼ବାପାର ଅନ୍ତ୍ୟେଷ୍ଟିକ୍ରିୟା ଚାଲିଥିବାବେଳେ ସାମାନ୍ୟ କଳହକୁ କେନ୍ଦ୍ରକରି ସାନଭାଇ ଓ ବଡ଼ଭଉଣୀ ମଝିଆଁ ଭଉଣୀକୁ ଛୁରି ଭୁସି ହତ୍ୟା କରିଥିବା ଥାନାରେ ଅଭିଯୋଗ ହୋଇଛି। ସମ୍ଭବତଃ ଜମିବାଡ଼ି ଅଡୁଆକୁ ନେଇ ଏହି ହତ୍ୟାକାଣ୍ଡ ହୋଇଥିବା ପୋଲିସ ସନ୍ଦେହ କରୁଛି।

ସେନ୍‌ସେକ୍ସ: ୮୨,୩୩୦.୫୯

ସର୍ବାଧିକ: ୩୬.୪ ଡିଗ୍ରୀ
ସର୍ବନିମ୍ନ: ୨୭.୮ ଡିଗ୍ରୀ

### ୧୮।୫।୨୦୨୫ ର ମତାମତ

ଲାଞ୍ଚୁଆ ଅଧିକାରୀମାନଙ୍କୁ ସେମାନଙ୍କ ପଦବୀରୁ ତୁରନ୍ତ ବହିଷ୍କାର କରାଯିବା ଉଚିତ୍ ନୁହେଁ କି ?




### ଆଜିର ପ୍ରସଙ୍ଗ

ଭାରତ-ପାକିସ୍ତାନ ମଧ୍ୟରେ ପୁନଃ ଶାନ୍ତି ସ୍ଥାପନ ସମ୍ଭବ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

### ■ ଅସ୍ତ୍ରବିରତି ଅବଧି ଶେଷ ■

## ଏବେ ଶାନ୍ତି ନା ଯୁଦ୍ଧ !

ନୂଆଦିଲ୍ଲୀ,୧୮।୫: ଭାରତ-ପାକ୍ ମଧ୍ୟରେ ଅସ୍ତ୍ରବିରତି ନେଇ ଯେଉଁ ଚୁକ୍ତି ହୋଇଥିଲା ତା'ର ଅବଧି ରବିବାର ଶେଷ ହୋଇଛି। ତେବେ ଏହାପରେ ଉଭୟପକ୍ଷ ମଧ୍ୟରେ ଯୁଦ୍ଧ ହେବ ନା ଶାନ୍ତି ସ୍ଥାପନ ହେବ ତାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି। ଏସବୁ ଭିତରେ ଭାରତୀୟ ସେନା ଏକ ବଡ଼ ଘୋଷଣା କରିଛି। ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ଅସ୍ତ୍ରବିରତି ଚୁକ୍ତି ଜାରି ରହିବ ବୋଲି ଭାରତୀୟ ସେନା ସ୍ପଷ୍ଟ କରିଛି। ସେନାପକ୍ଷରୁ କୁହାଯାଇଛି, ଏହି ଯୁଦ୍ଧବିରତିର କୌଣସି ନିର୍ଦ୍ଦିଷ୍ଟ ସମୟସୀମା ନାହିଁ ଏବଂ ଏହା ଅନିର୍ଦ୍ଦିଷ୍ଟ କାଳପାଇଁ ବଳବତ୍ତର ରହିବ। ସେନାପକ୍ଷରୁ ଆହୁରି କୁହାଯାଇଛି ଯେ ଗତ ୧୨ ତାରିଖରେ ଉଭୟ ଦେଶର ଡିଜିଏମ୍‌ଓମାନଙ୍କ ମଧ୍ୟରେ ହୋଇଥିବା ଆଲୋଚନା ଅନୁଯାୟୀ ଏହି ଯୁଦ୍ଧବିରତି ବଜାୟ ରହିବ। ରବିବାର ଉଭୟପକ୍ଷର ଡିଜିଏମଓଙ୍କ ମଧ୍ୟରେ କୌଣସି ଆଲୋଚନା ହୋଇନାହିଁ।



**ଅସ୍ତ୍ରବିରତି ଚୁକ୍ତି ଜାରି ରହିବ: ଭାରତୀୟ ସେନା**

**ଅସ୍ତ୍ରବିରତି ଚୁକ୍ତି ନେଇ ପ୍ରତିବଦ୍ଧ: ପାକ୍ ବୈଦେଶିକ ମନ୍ତ୍ରୀ**

ଏଥିପୂର୍ବରୁ କେତେକ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଥିଲା ଯେ ଯୁଦ୍ଧବିରତି ୧୮ରେ ଶେଷ ହେବ ଏବଂ ଉଭୟପକ୍ଷ ମଧ୍ୟରେ ପୁଣି ସାନି ଆଲୋଚନା କରାଯିବ। ତେବେ ସେନା ଏହାକୁ ଖଣ୍ଡନ କରିଛି। ଏହି ଯୁଦ୍ଧବିରତି ଗତ ଏପ୍ରିଲ ୨୨ରେ ଜାମ୍ମୁ ଓ କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ ଉତ୍ତେଜନା ବୃଦ୍ଧି ପାଇଥିବାବେଳେ ଆସିଥିଲା। ଏହି ଆକ୍ରମଣରେ ୨୬ଜଣ ନିରୀହ ପର୍ଯ୍ୟଟକ ପ୍ରାଣ ହରାଇଥିଲେ। ଏହାର ଜବାବରେ ଭାରତୀୟ ସେନା ଗତ ୭ ତାରିଖରେ ଅପରେସନ ସିନ୍ଦୂର ଅଭିଯାନ ଆରମ୍ଭ କରି ପାକିସ୍ତାନ ଅଧିକୃତ କାଶ୍ମୀର ଓ ପାକିସ୍ତାନରେ ଥିବା ଆତଙ୍କବାଦୀଙ୍କ ଆଡ୍ଡାକୁ ଟାର୍ଗେଟ କରିଥିଲା। ଭାରତୀୟ ସେନା ସୀମାରେ ଆସ୍ଥା ନିର୍ମାଣ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛି ଓ ଉତ୍ତେଜନା ସ୍ତରକୁ କମାଇବାକୁ ଚେଷ୍ଟା ଚଳାଇଛି। ତେବେ ସେନା ପକ୍ଷରୁ • ପୃଷ୍ଠା ୫ ଦେଖନ୍ତୁ

### ବୌଦ୍ଧରେ ଜିଲ୍ଲା ପ୍ରଶାସନ କାର୍ଯ୍ୟ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

## ଗୁଣବତ୍ତା ସହ ସାଲିସ କରାଯିବ ନାହିଁ

- ପ୍ରକଳ୍ପ ଅଗ୍ରଗତି ନେଇ ସନ୍ତୋଷ ପ୍ରକାଶ
- ନୟାଗଡ଼ରୁ ବୌଦ୍ଧକୁ ଗଡ଼ିବ ରେଳ
- ପ୍ରକଳ୍ପ ନେଇ ଲୋକଙ୍କୁ କର ଅବଗତ



ଭୁବନେଶ୍ୱର,୧୮।୫(ଭାସ୍କର ନ୍ୟୁଜ): ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୌଦ୍ଧ ଜିଲ୍ଲା ଗସ୍ତ କରି ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହ ଠାରେ ଜିଲ୍ଲା ପ୍ରଶାସନର ସମସ୍ତ ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି ଏବଂ ଜିଲ୍ଲାର ପ୍ରଶାସନର କାର୍ଯ୍ୟ ବିଷୟରେ ସମୀକ୍ଷା କରି ବୈଠକରେ ନିଜର ସନ୍ତୋଷ ପ୍ରକାଶ କରିଛନ୍ତି। ସମୀକ୍ଷାରୁ ଜଣାଯାଇଛି ଯେ ବୌଦ୍ଧ ଜିଲ୍ଲାବାସୀଙ୍କୁ ଉନ୍ନତ ଗମନାଗମନ ସୁବିଧା ଉପଲବ୍‌?ଧ କରିବା ପାଇଁ ପ୍ରାୟ ୨୮ କୋଟି ଟଙ୍କା ମୂଲ୍ୟର ସଡ଼କ ପ୍ରକଳ୍ପ ପାଇଁ ନିକଟରେ ଶିଳାନ୍ୟାସ ଦିଆଯାଇଛି । ଖୁବ୍‌ଶୀଘ୍ର ବୌଦ୍ଧରେ ଏକ ୩୦୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା, ବୌଦ୍ଧର ନୂଆ ବସ୍‌ଷ୍ଟାଣ୍ଡ ଏବଂ ବୌଦ୍ଧ ରେଳଷ୍ଟେସନ କାର୍ଯ୍ୟ ପ୍ରାୟତଃ ସଂପୂର୍ଣ୍ଣ ହୋଇଛି। ଖୁବ୍‌ଶୀଘ୍ର ଏହିସବୁ ପ୍ରକଳ୍ପ ଗୁଡ଼ିକ ଉଦ୍‌ଘାଟନ ହେବା ପାଇଁ ଯାଉଛି ବୋଲି ବୈଠକର ଆଲୋଚନାରୁ ଜଣାଯାଇଛି । ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ବିଭାଗୀୟ କାର୍ଯ୍ୟ ଗୁଡିକ ସମ୍ବନ୍ଧରେ ଜିଲ୍ଲାପାଳ ଓ ସମ୍ପୃକ୍ତ ଅଧିକାରୀଙ୍କ ଠାରୁ ତଥ୍ୟ ନେବା ସହିତ କାର୍ଯ୍ୟର ଅଗ୍ରଗତି ସମ୍ବନ୍ଧରେ ପ୍ରଶ୍ନ କରିଥିଲେ ଏବଂ ଯେଉଁ କାର୍ଯ୍ୟ ଗୁଡିକ ମନ୍ଥର ଗତିରେ କାର୍ଯ୍ୟକାରୀ ହେଉଛନ୍ତି ତାହାକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ମୁଖ୍ୟମନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ, ସଡ଼କ, ପରିବହନ, ସ୍ୱାସ୍ଥ୍ୟ, ଶିକ୍ଷା, ଜଳସେଚନ, ମହିଳା ସଶକ୍ତିକରଣ, କୃଷି ସମେତ ଶିଳ୍ପ ସମ୍ବନ୍ଧରେ ବିଶଦ ଭାବେ ଜିଲ୍ଲାପାଳ ଓ ଅଧିକାରୀଙ୍କ ସହ କଥା ହୋଇଥିଲେ। ବୌଦ୍ଧ ଜିଲ୍ଲାରେ ଏହିସବୁ କାର୍ଯ୍ୟର ଉପଯୁକ୍ତ କାର୍ଯ୍ୟାନ୍ୱୟନ ଏବଂ ଏହାର କାର୍ଯ୍ୟକାରୀ ହାର ଦେଖି ମୁଖ୍ୟମନ୍ତ୍ରୀ ପ୍ରଶଂସା କରିବା ସହିତ ଏହାର ଆହୁରି ପ୍ରଗତି ପାଇଁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବୌଦ୍ଧ ଜିଲ୍ଲାରେ ଅନେକ • ପୃଷ୍ଠା ୫ ଦେଖନ୍ତୁ

## ୧୭ ସାଂସଦଙ୍କୁ ମିଳିବ ସଂସଦ ରତ୍ନ ସମ୍ମାନ

ନୂଆଦିଲ୍ଲୀ,୧୮।୫: ସଂସଦରେ ଉଲ୍ଲେଖନୀୟ ଯୋଗଦାନ ଦେଇଥିବା ୧୭ଜଣ ସାଂସଦ ଓ ଦୁଇଟି ସଂସଦୀୟ ସ୍ଥାୟୀ କମିଟିକୁ ସଂସଦ ରତ୍ନ ପୁରସ୍କାର-୨୦୨୫ ପ୍ରଦାନ କରାଯିବ। ଏହି ପୁରସ୍କାର ସଂସଦରେ ସକ୍ରିୟତା, ତର୍କରେ ଭାଗନେବା, ପ୍ରଶ୍ନ ପଚାରିବା ଓ ବିଧେୟକ ପାରିତ

### ଓଡ଼ିଶାରୁ ସାଂସଦ ଭର୍ତ୍ତୃହରି ମହତାବ ମନୋନୀତ

କାର୍ଯ୍ୟକ୍ରମରେ ଯୋଗଦାନ ଆଧାରରେ ପ୍ରଦାନ କରାଯାଇଥାଏ। ଏହି ପୁରସ୍କାର ପ୍ରାଇମ ୱାଇଣ୍ଟ ଫାଉଣ୍ଡେସନ ପକ୍ଷରୁ ଆରମ୍ଭ କରାଯାଇଛି। ଚଳିତବର୍ଷ ଏ ନେଇ ବିଜେତାଙ୍କ ଚୟନ ଏକ ଜୁରି କମିଟି ଦ୍ୱାରା ସ୍ଥିର କରାଯାଇଛି। ଏହି କମିଟିରେ ଅଧ୍ୟକ୍ଷ ଥିଲେ ରାଷ୍ଟ୍ରୀୟ ପଛୁଆବର୍ଗ ଆୟୋଗ ଅଧ୍ୟକ୍ଷ ହଂସରାଜ ଅହିର। ସେ କହିଛନ୍ତି, ଏହି ପୁରସ୍କାର ସେହି ସାଂସଦମାନଙ୍କୁ ପ୍ରଦାନ କରାଯିବ, ଯେଉଁମାନେ ଲୋକତନ୍ତ୍ରକୁ ମଜବୁତ କରିବାକୁ ସଂସଦରେ ସର୍ବୋଚ୍ଚ ଯୋଗଦାନ ଦେଇଛନ୍ତି। ୪ଜଣ ସାଂସଦଙ୍କୁ ସଂସଦୀୟ ଲୋକତନ୍ତ୍ରକୁ ମଜବୁତ କରିବା ଦିଗରେ ଯୋଗଦାନ ନେଇ ସମ୍ମାନିତ କରାଯିବ। ସେମାନଙ୍କ ମଧ୍ୟରେ ସାଂସଦ ଭର୍ତ୍ତୃହରି ମହତାବ, ସୁପ୍ରିୟା ସୋଲେ, ଏନ.କେ.ପ୍ରେମଚନ୍ଦ୍ରନ,ସି ରଙ୍ଗଅପା ବାରଣେ। ଅନ୍ୟ ୧୩ଜଣ ହେଲେ ନରେଶ ଗଣପତ, ମେଧା କୁଲକର୍ଣ୍ଣୀ, ରବି କିଷାନ, ବିଦ୍ୟୁତ ବାରଣ ମହତୋ, ମଦନ ରାଠୋର, ଦିଲ୍ଲୀପ ସାଇକିଆ, ଅରବିନ୍ଦ ସାୱନ୍ତ, ବର୍ଷା ଗାଏକ୍ୱାଡ, ପ୍ରବୀଣ ପଟେଲ, ନିଶିକାନ୍ତ ଦୁବେ, ପି.ପି. ଚୌଧୁରୀ ଏବଂ ସି.ଏନ. ଆନ୍ନାଦୁରେ। ଚଳିତବର୍ଷ ପ୍ରଥମ ଥରପାଇଁ ସଂସଦର ଦୁଇଟି ସ୍ଥାୟୀ କମିଟିକୁ ମଧ୍ୟ ସଂସଦ ରତ୍ନ ସମ୍ମାନରେ • ପୃଷ୍ଠା ୫ ଦେଖନ୍ତୁ

### ହାଇଦ୍ରାବାଦରେ ଭୟାବହ ଅଗ୍ନିକାଣ୍ଡ

## ୧୭ ଜୀବନ୍ତ ଦଗ୍ଧ



ହାଇଦ୍ରାବାଦ,୧୮।୫: ରବିବାର ସକାଳେ ହାଇଦ୍ରାବାଦରେ ଏକ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଚାରମିନାର ଅଞ୍ଚଳର ଗୁଲଜାର ହାଉସ ନିକଟରେ ଥିବା ଏକ କୋଠାରେ ଏହି ଅଘଟଣ ଘଟିଛି। ଏଥିରେ ୧୭ଜଣ ଜୀବନ୍ତ ଦଗ୍ଧ ହୋଇଥିବାବେଳେ ୧୫ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ରବିବାର ସକାଳ ୫ଟାରୁ ୬ଟା ମଧ୍ୟରେ ଏହି ଅଗ୍ନିକାଣ୍ଡ ଘଟିଛି। ସର୍ଟ୍‌ସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ମୃତକଙ୍କ ମଧ୍ୟରେ ୩ଜଣ ଶିଶୁ ସମେତ ୧୭ଜଣ ରହିଛନ୍ତି। ଖବରପାଇ ପୋଲିସ ଓ ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ। କୋଠାରେ ଲାଗିଥିବା ଏସିରୁ ସର୍ଟ୍‌ସର୍କିଟ ଘଟି ନିଆଁ ଲାଗିଥିବା ସନ୍ଦେହ କରାଯାଉଛି। ନିଆଁଲିଭା କାର୍ଯ୍ୟରେ ୧୧ଟି ଦମକଳ ଗାଡ଼ି ନିୟୋଜିତ ହୋଇଥିଲେ। ଆହତମାନଙ୍କୁ ଡାକ୍ତରଖାନା ନେବାପାଇଁ ୧୦ଟି ଆମ୍ବୁଲାନ୍ସକୁ ନିୟୋଜିତ କରାଯାଇଥିଲା। ଯେଉଁମାନେ ଗୁରୁତର ହୋଇଛନ୍ତି, ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ଆଗକୁ ଅଧିକ ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ସ୍ଥାନୀୟ ଲୋକେ କହିଛନ୍ତି ଯେ ଏହି କୋଠାରେ ୩୦ରୁ ଅଧିକ ଲୋକ ରହୁଥିଲେ। ସେମାନଙ୍କ ମଧ୍ୟରୁ ଅଧିକାଂଶ ଭଡାଟିଆ। ପୋଲିସ କହିଛି, ଅଗ୍ନିକାଣ୍ଡର କାରଣ ନେଇ ତଦନ୍ତ ଆରମ୍ଭ ହୋଇଛି। ପୋଲିସ କହିଛି, ଶନିବାର ରାତିରେ ପ୍ରବଳ ଗରମ ହେଉଥିବାରୁ ସମସ୍ତ ଏସି ଚାଲୁଥିଲା। ଫଳରେ ଘରର ତାରଗୁଡ଼ିକ ଗରମ ହୋଇଯାଇଥିଲା। • ପୃଷ୍ଠା ୫ ଦେଖନ୍ତୁ

### ■ ଅଘଟଣର ଦିନ ■

## ପାଣିରେ ବୁଡ଼ି ଇଞ୍ଜିନିୟର, ଶିଶୁ ମୃତ

କଟକ/ରାଉରକେଲା/ସୋର,୧୮।୫ (ଭାସ୍କର ନ୍ୟୁଜ): ରବିବାର ଥିଲା ଅଘଟଣର ଦିନ। ପାଣିରେ ବୁଡ଼ି ପ୍ରାଣ ହରାଇଲେ ୩ଜଣ। ସେମାନଙ୍କ ମଧ୍ୟରେ ଜଣେ ଇଞ୍ଜିନିୟର ହୋଇଥିବାବେଳେ ଜଣେ ଆଇଟିଆଇ ଛାତ୍ର ଓ ଅନ୍ୟଜଣେ ଦେଢବର୍ଷର ଶିଶୁ

### କୋଏଲ ନଦୀରୁ ୩ ଛାତ୍ର ଉଦ୍ଧାର, ଜଣେ ନିଖୋଜ

ବୋଲି ସୂଚନା ଦିଆଯାଇଛି। ରବିବାର ଅପରାହ୍ନରେ କଟକ ସିଡିଏ ବୀରେନ ମିତ୍ର ପାର୍କ ନିକଟରେ କାଠଯୋଡ଼ିରେ ଗାଧୋଇବା ବେଳେ ଦୁଇଜଣ ଇଞ୍ଜିନିୟର ଭାସି ଯାଇଥିଲେ। ସେମାନଙ୍କ ମଧ୍ୟରୁ ଜଣକର ମୃତଦେହ ଉଦ୍ଧାର କରାଯାଇଥିବାବେଳେ ଅନ୍ୟଜଣେ ନିଖୋଜ ରହିଛନ୍ତି। କଟକ ଏସସିବି ନିର୍ମାଣାଧୀନ କାର୍ଯ୍ୟରେ ନିୟୋଜିତ ଥିବା ୪ ଇଞ୍ଜିନିୟର କାଠଯୋଡ଼ିକୁ ଗାଧୋଇବା ପାଇଁ ଯାଇଥିଲେ। ତେବେ ପାଣିର ଗଭୀରତା ସଂପର୍କରେ ସେମାନେ ଜାଣିନଥିଲେ। ମୃତ ଇଞ୍ଜିନିୟରଙ୍କ ଘର ମହାରାଷ୍ଟ୍ର ବୋଲି ସୂଚନା ଦିଆଯାଇଛି। ନିଖୋଜଙ୍କ ସନ୍ଧାନ ଜାରି ରହିଛି। ସେହିପରି ରାଉରକେଲା ଛେଣ୍ଡ କଲୋନୀ ପ୍ରଧାନପାଲି ନିକଟରେ କୋଏଲ ନଦୀରେ ସେଲ୍‌ଫି ନେଉଥିବାବେଳେ ୪ଜଣ ଆଇଟିଆଇ ଛାତ୍ର ପାଣିରେ ବୁଡ଼ି ଯାଇଥିଲେ। ସେମାନଙ୍କ ମଧ୍ୟରୁ ୩ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ଅନ୍ୟଜଣେ ନିଖୋଜ ରହିଛନ୍ତି। ନିଖୋଜ ଛାତ୍ରଙ୍କୁ ଠାବ କରିବା ପାଇଁ ପୋଲିସ ଓ ଦମକଳବାହିନୀ ପକ୍ଷରୁ ଉଦ୍ୟମ ଜାରି ରହିଛି। ସେହିପରି ବାଲେଶ୍ୱର ଜିଲ୍ଲା ସୋର କଳମଗାଁର ଏକ ପୋଖରୀରେ ବୁଡ଼ି ଏକ ଦେଢବର୍ଷର ଶିଶୁପୁତ୍ର ପ୍ରାଣ ହରାଇଛି। ବାଡି ପଛପଟେ ଖେଳୁଥିବାବେଳେ ପୋଖରୀରେ ଉକ୍ତ ଶିଶୁଟି ଗଳି ପଡ଼ିଥିଲା।

## ତୀର୍ଯ୍ୟକ

### ଅର୍ଚ୍ଚିତ ଅନିର୍ବାଣ



ଭାରତରେ ରହି ଭାରତ ସାଙ୍ଗରେ
କରୁଛନ୍ତି ଗଦ୍ଦାରୀ
ଦେଶ ଭାତଖାଇ ଦେଶକୁ ନିନ୍ଦନ୍ତି
ଶତ୍ରୁରାଷ୍ଟ୍ର ହାତ ଧରି
ବେଇମାନ ସର୍ବୋପରି
ମହିଳା ହୁଅନ୍ତୁ ଅବା ସେ ପୁରୁଷ
ଦେଶ ପାଇଁ ସେ ବଇରୀ...।




ବ୍ୟାସନଗର(ଭାସ୍କର ନ୍ୟୁଜ): ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ ଦୁର୍ଗାକଲୋନିସ୍ଥ ହରେକୃଷ୍ଣ ଭବନ ରେ ବି ଏନ୍ ମହାନ୍ତି ଏଣ୍ଡ ଆସୋସିଏଟ୍ସ ତରଫରୁ ୩୨ ତମ ପ୍ରତିଷ୍ଠା ଦିବସ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଆନୁଷ୍ଠାନିକ ଭାବେ କୋରେଇ ବିଧାୟକ ଆକାଶ ଦାସ ନାୟକ ଉଦ୍‌ଘାଟନ କରି ଚାରିବର୍ଷ ଧରି ଗ୍ରୀଷ୍ମଋତୁ ରେ ରକ୍ତଦାନ ଶିବିର କରିଆସୁଥିବାରୁ ଏହାର ପ୍ରତିଷ୍ଠାତା ବିବେକାନନ୍ଦ ମହାନ୍ତି ଏବଂ ସମସ୍ତ ସଦସ୍ୟଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ଶିବିରରୁ ସମୁଦାୟ ୫୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡ଼େଇ, ବ୍ୟାସନଗର ପୌରପାଳିକାର ଅଧ୍ୟକ୍ଷ ସୁବାସଚନ୍ଦ୍ର ବଳ, ପୂର୍ବତନ ଅଧ୍ୟକ୍ଷ ରସାନନ୍ଦ ମହାନ୍ତି, ସବିତା ରାଉତ, ଯାଜପୁର ରୋଡ ଆଦର୍ଶ ଥାନା ଅଧିକାରୀ ଉପେନ୍ଦ୍ର ପ୍ରଧାନ, ବ୍ୟାସନଗର ଅତିରିକ୍ତ ତହସିଲଦାର ପ୍ରଶାନ୍ତ କୁମାର ପୁହାଣ, ଶ୍ରମିକ ନେତା ବିଦ୍ୟାଧର ମହାନ୍ତି, ପ୍ରଫୁଲ୍ଲ କୁମାର ନାୟକ ବିଜେପି ନେତା ସତ୍ୟନାରାୟଣ ମହାନ୍ତି,ଉପସ୍ଥିତ ହୋଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିବା ସହିତ ଏହାର ଓକିଲ ସଦସ୍ୟମାନଙ୍କୁ ଧନ୍ୟବାଦ ଦେଇଥିଲେ। ଏହାକୁ ସଂସ୍ଥାର ସଦସ୍ୟ ଓକିଲ ଦିଲ୍ଲିପ କୁମାର ନାୟକ, ପ୍ରବୀର କୁମାର ରାଉତ, ତପନ କୁମାର କର, ଶିବାନନ୍ଦ ଦାସ, ମନୋଜ ଓଝା, ବିଜୟ କୁମାର ଆଇଚ, ସଞ୍ଜୟ କୁମାର ଆଇଚ ପ୍ରମୁଖ ପରିଚାଳନାରେ ସାହାଯ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ଅଭିମନ୍ୟୁ ମିଶ୍ର, ପବିତ୍ର ମହାନ୍ତି, ପ୍ରଦ୍ୟୁମ୍ନ ବୋଇତାଇ,ନିତ୍ୟାନନ୍ଦ ମହାଳିକ, ଡାକ୍ତର ସଦାନନ୍ଦ ମହାନ୍ତି, ଡାକ୍ତର ରଜନୀ ବଲ୍ଲଭ ଦାସ, ଡାକ୍ତର ବିଶ୍ୱ ନାରାୟଣ ମହାନ୍ତି ଯୋଗ ଦେଇଥିଲେ।



# ପରିବେଶ ବିଗାଡୁଛି ଥର୍ମୋକୋଲ ପ୍ଲେଟ୍

- ସ୍ୱାସ୍ଥ୍ୟ ପ୍ରତି ବିପଦ, ବଢ଼ାଉଛି ମୃର୍ତ୍ତିକା ପ୍ରଦୂଷଣ
- ବ୍ୟବହାରରେ ଲାଗୁନି ରୋକ୍
- ଅସ୍ତରଙ୍ଗର ବିଭିନ୍ନ ଠେଲା ଦୋକାନରେ ବହୁଳ ବ୍ୟବହାର



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ): ଏବେ ବିବାହ, ବ୍ରତ ଋତୁ ଚାଲିଛି। ଭୋଜି ଭାତ ଆସର ଜମୁଛି। ଅଧିକାଂଶ ଭୋଜିରେ ଥର୍ମୋକୋଲ ପ୍ଲେଟ ବ୍ୟବହାର କରାଯାଉଥିବା ଦେଖିବାକୁ ମିଳୁଛି। ଖାଲି ସେତିକି ନୁହେଁ, ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଂଚଳରେ ରାସ୍ତା କଡ଼ରେ ବହୁ ଜଳଖିଆ ଦୋକାନରେ ଏହି ପ୍ଲେଟ, ଠୁଙ୍ଗା ବହୁଳ ମାତ୍ରାରେ ବ୍ୟବହାର କରାଯାଉଛି। ଠୋଲା ଠୁ ଆରମ୍ଭ କରି ବଡ଼ ବଡ଼ ହୋଟେଲରେ ମଧ୍ୟ ଏହି ପ୍ଲେଟ ଓ ଠୋଲାରେ ଖାଦ୍ୟ ପରଷା ଯାଉଛି। ପରିବେଶକୁ ବିଗାଡିବାରେ ଏହା ପ୍ରମୁଖ ଭୂମିକା ନିର୍ବାହ କରୁଥିଲେ ମଧ୍ୟ ଏଥିପ୍ରତି ପ୍ରଦୂଷଣ ବିଭାଗ, ଖାଦ୍ୟ ନିରାପତ୍ତା ବିଭାଗ କିମ୍ବା ପ୍ରଶାସନ ସେତେଟା ଦୃଷ୍ଟି ଦେଉନଥିବା ଅଭିଯୋଗ ହେଉଛି। ଥର୍ମୋକୋଲ ପ୍ଲେଟ ଓ ଠୋଲା ବ୍ୟବହାରରେ ରୋକ ଲଗାଇବା ପାଇଁ ସମାଜସେବୀ ତଥା ଅସ୍ତରଙ୍ଗ ଅଞ୍ଚଳ ବରିଷ୍ଠ ସାମ୍ବାଦିକ ବିଜୟ ବେହେରା ବିଭାଗୀୟ ଅଧିକାରୀଙ୍କ ସହ ଜିଲ୍ଲାପ୍ରଶାସନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସୂଚନା ମୁତାବକ, ପଲିଷ୍ଟାଇରିନି ତିଆରିରେ ବ୍ୟବହୃତ ଷ୍ଟାଇରିନ ଏବଂ ବେଞ୍ଜିନ ମାରାତ୍ମକ କର୍କଟ ରୋଗ ସୃଷ୍ଟି କରିବାରେ ସାହାଯ୍ୟ କରାଏ। ଯେତେବେଳେ ଗରମ ଖାଦ୍ୟ କିମ୍ବା ପାନୀୟ ଥର୍ମୋକୋଲ ପ୍ଲେଟ ଉପରେ ପରସା ଯାଏ, ସେଥିରୁ ନିର୍ଗତ ରାସାୟନିକ ପଦାର୍ଥ ଖାଦ୍ୟ ସହ ମିଶେ। ଦୀର୍ଘ ସମୟ ଧରି କିମ୍ବା ନିୟମିତ ଭାବରେ ଷ୍ଟାଇରିନି ସହିତ ସମ୍ପର୍କରେ ଆସିବା ଦ୍ୱାରା ସ୍ନାୟୁ ପ୍ରଭାବିତ ହୁଏ। ଫଳରେ ଥକାପଣ ଓ ମୁଣ୍ଡବିନ୍ଧା ସୃଷ୍ଟି ହୁଏ। ଦୀର୍ଘକାଳୀନ ସଂସ୍ପର୍ଶ ସହିତ ଯକୃତ ଏବଂ ବୃକକ ଉପରେ ପ୍ରଭାବ ପକାଏ। ଏହା ପରିବେଶ ପ୍ରଦୂଷଣରେ ମଧ୍ୟ ସାହାଯ୍ୟ କରେ। ବିଶେଷ କରି ଜଳାଶୟ ଗୁଡିକରେ ପଡିବା ଦ୍ୱାରା ଜଳ ପ୍ରଦୂଷିତ ହୁଏ। ଥର୍ମୋକୋଲ ଜାଳିବା ଦ୍ୱାରା କାର୍ବନ ମନୋଅକ୍ସାଇଡି ଏବଂ ଷ୍ଟାଇରିନ ଗ୍ୟାସ ସମେତ ବିଷାକ୍ତ ଧୂଆଁ ନିର୍ଗତ ହୁଏ। ଯାହା ବାୟୁମଣ୍ଡଳ ପାଇଁ ବହୁଳ ଭାବେ କ୍ଷତିକାରକ। ଥର୍ମୋକୋଲ ଜୈବ ବିଘଟନଶୀଳ ନୁହେଁ। ଏହାର ପୁନଃଚକ୍ରଣ କରିବା କଷ୍ଟକର। ଏଣୁ ମୃର୍ତ୍ତିକା ବହୁଳ ମାତ୍ରାରେ ଏଥିଯୋଗୁଁ ପ୍ରଦୂଷିତ ହେବାରେ ଲାଗିଛି।ବ୍ୟବସାୟୀ ମାନଙ୍କୁ ସୁବିଧା ହେଉବେଳେ ଗ୍ରାହକଙ୍କ ପାଇଁ କେତେ ଯେ ବିପଦ ଆଣୁଛି ସେଥିପ୍ରତି ସେମାନେ ସଚେତନ ନୁହନ୍ତି। କିନ୍ତୁ ସବୁ ସତ୍ତ୍ୱେ ବି ଏହାର ଚାହିଦା କମିବା ପରିବର୍ତ୍ତେ ବୃଦ୍ଧି ପାଇବାରେ ଲାଗିଛି। ପଲିଷ୍ଟାଇରିନ (ପେଟ୍ରୋଲିୟମ ଆଧାରିତ ପ୍ଲାଷ୍ଟିକି)ରୁ ତିଆରି ଥର୍ମୋକୋଲ ପ୍ଲେଟ ସ୍ୱାସ୍ଥ୍ୟ ପାଇଁ ବିପଦପୂର୍ଣ୍ଣ ବୋଲି ସବୁ ଜାଣିଥିଲେ ମଧ୍ୟ ଏହା ବନ୍ଦ ହେଉନାହିଁ। ଏହା ପରିବର୍ତ୍ତେ କାଗଜ କିମ୍ବା ପତ୍ର ଆଧାରିତ ସାମଗ୍ରୀ ବ୍ୟବହାର କରାଗଲେ ପରିବେଶ ସହ ସ୍ୱାସ୍ଥ୍ୟ ସମ୍ପଦ ସୁରକ୍ଷିତ ରହି ପାରନ୍ତା ବୋଲି ବୁଦ୍ଧିଜୀବି ମହଲରେ ମତପ୍ରକାଶ ପାଇଛି। ପ୍ରଶାସନ ତୁରନ୍ତ ଅସ୍ତରଙ୍ଗ ଅଞ୍ଚଳରେ ଯାଞ୍ଚ କରି ଏହି ପ୍ଲେଟ ଓ ସୋଲ ଠୋଲା ବ୍ୟବହାରରେ ରୋକ ଲଗାଉ ବୋଲି ଦାବି ହୋଇଛି।

# ନିମ୍ନମାନର ରାସ୍ତା ନିର୍ମାଣ, ପିଚୁରେ ଉଠିଲାଣି ଘାସ

## ବିନା ସୂଚନାଫଳକ ଓ ଠିକାଦାରଙ୍କ ମନ୍‌ମାନୀରେ ହୋଇଛି କାମ



ବିଭାଗୀୟ ଯନ୍ତ୍ରୀ କରୁଛନ୍ତି କ'ଣ ?

କୋରେଇ(ଭାସ୍କର ନ୍ୟୁଜ):ଗ୍ରାମ୍ୟ ଉନ୍ନୟନ ବିଭାଗ କୋରେଇ ପକ୍ଷରୁ ଚଳିତ ବର୍ଷ ରାସ୍ତାକୁ ଉନ୍ନତିକରଣ କରିବା ପାଇଁ ବିଧାୟକଙ୍କ ଦ୍ୱାରା ଶିଳାନ୍ୟାସ କରାଯାଇଥିବା ବେଳେ ଏଠି ବିଭାଗ କେବଳ ଠିକାଦାରୀ ତୃଷ୍ଟିକରଣ କରି କୁଜିନେତାଙ୍କୁ ମାସିକିଆ ଦେଇ ବିଭାଗର ବଡ଼ ବଡ଼ ଧଳା ବାବୁମାନେ ନିଜର ସମ୍ପତ୍ତି ବୃଦ୍ଧି କରିବାରେ ଲାଗି ପଡିବାର ଅଭିଯୋଗ ହେଉଛି।ଏହି ବିଭାଗ ଅଧିନରେ ଥିବା ଶାଳକଣା ଛକ ଠାରୁ ପଦୀ-ବନ୍ତଳା ରାସ୍ତାର ଉନ୍ନତି କରଣ ପାଇଁ ୨ କୋଟି ୮୫ ଲକ୍ଷ ବ୍ୟୟ ଅଟକଳରେ ଟେଣ୍ଡର କରାଯାଇଥିବା ବେଳେ ଏହି ଟେଣ୍ଡର ଠିକାଦାର ସୁରେଶ କୁମାର ରଥ ନେଇଛନ୍ତି। ଏହାର ଶୁଭାରମ୍ଭ ଚଳିତ ମାସ ୬ ତାରିଖ କୋରେଇ ବିଧାୟକଙ୍କ ଦ୍ୱାରା କରାଯାଇଛି। ଠିକାଦାର ବିନା ସୂଚନା ଫଳକରେ କାମ ମଧ୍ୟ ଆରମ୍ଭ କରିଛନ୍ତି। କିନ୍ତୁ ବିଡମ୍ବନାର ବିଷୟ ସୂଚନା ଫଳକ ନମାରି ଲୋକମାନଙ୍କୁ ଭୁଆଁ ବୁଲାଇ ଠିକାଦାର ନିମ୍ନମାନର କାମ କରୁଥିବା ଅଭିଯୋଗ ହେଉଛି। ରାସ୍ତାର ମାଟି ଠିକାଦାର ଅନ୍ୟ ଜାଗାରୁ ଆଣି ପକେଇବା କଥା, କିନ୍ତୁ ସେ ରାସ୍ତା କଡ଼ରୁ ମାଟି ତାଡ଼ି ପକାଉଥିବା ଦେଖିବାକୁ ମିଳୁଛି। ଅନ୍ୟପଟେ ହଳଦିଗାଡ଼ିଆ ପଞ୍ଚାୟତର ଅନାବାଦୀ ଜମି ଯାହାର ଖାତା ନଂ-୧୧୭ ପ୍ଲଟ ନଂ-୪୧୭ ରୁ ମାଟି ତାଡ଼ି ରାସ୍ତାରେ ପକାଉଥିବା ଜଣାପଡିଛି। ଏନେଇ ଆମେ ସ୍ଥାନୀୟ ସରପଞ୍ଚ, ରାଜସ୍ୱ ନିରୀକ୍ଷକଙ୍କୁ ପଚାରିଥିଲୁ, ସେମାନେ ଏ ବିଷୟରେ କିଛି ଜାଣିନାହାଁନ୍ତି ବୋଲି କହିଥିଲେ। ସମ୍ପୃକ୍ତ ଠିକାଦାର ଆଉ ଏକ ରାସ୍ତା ପଣ୍ଡୁଳା ଛକ ଠାରୁ ଖଣ୍ଡୁଆଳୀ ଉଚ୍ଚ ବିଦ୍ୟାଳୟ ଭାୟା ଖାଁ ବାଗ-ମାଳଦା, ୩କୋଟି ୬୦ ଲକ୍ଷ ଟଙ୍କାର ରାସ୍ତାର ଉନ୍ନତିକରଣ କାର୍ଯ୍ୟ କରୁଥିବାବେଳେ ସେଠାରେ ବି ବିନାସୂଚନା ଫଳକରେ, ବିନା ଜମି ଅଧି ଗ୍ରହଣରେ ବିଭିନ୍ନ ଅନିୟମିତତା ରେ କାମ ଚାଲୁଥିବା ଦେଖିବାକୁ ମିଳୁଛି। ସେହିପରି ସଂପୃକ୍ତ ଠିକାଦାର ନବୋଦୟ ବିଦ୍ୟାଳୟ ଠାରୁ ବରୁଣେଇ ପଦା ଭାୟା ପଥର ପଦା(୪ କିଲୋମିଟର)ରାସ୍ତା ନିର୍ମାଣ ପାଇଁ ୩ କୋଟି ୫୫ ଲକ୍ଷ ଟଙ୍କା ବ୍ୟୟ ଅଟକଳର କାମ ମାସେ ଭିତରେ ସାରିଛି, କିନ୍ତୁ ଦୁଃଖର ବିଷୟ ରାସ୍ତାରେ ବର୍ତ୍ତମାନ ପିଚୁ ଫଡା ଫଡା ଉଠି ଯାଉଛି। ସ୍ଥାନେ ସ୍ଥାନେ ପିଚୁ ଉପରେ ଘାସ ଉଠିଲାଣି। ମାସେ ଭିତରେ ରାସ୍ତା ସବୁ ଖାଲ-ଖମା ରେ ପୁରିଗଲାଣି। କିନ୍ତୁ ଦୁଃଖର ବିଷୟ ସଂପୃକ୍ତ ଠିକାଦାର ଏ ସବୁ କାମ ନିଜେ ନକରି ଜାଲି ପେଟି ଠିକାଦାରମାନଙ୍କୁ କାମ କରିବାକୁ ଦେବା ଫଳରେ ପେଟି ଠିକାଦାର ମାନେ ରାଜନୈତିକ ପୃଷ୍ଠ ପୋଷକତାରେ ରହି ତରବରିଆ ଭାବେ ଯେନ ତେନ ରାସ୍ତାଟିର କାର୍ଯ୍ୟ ସାରିଥିବାବେଳେ ନିମ୍ନମାନର କାର୍ଯ୍ୟ ଯୋଗୁଁ ଏପରି ଅବସ୍ଥା ହେଉଛି ବୋଲି ଲୋକ ଅଭିଯୋଗ କରୁଛନ୍ତି। ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକୁ ପରିଚାଳନା ଓ ତଦାରଖ ପାଇଁ କନିଷ୍ଠ ଯନ୍ତ୍ରୀମାନଙ୍କୁ ସରକାର ନିଯୁକ୍ତି ଦେଇଥିବାବେଳେ ଏମାନେ ସରକାରଙ୍କ କଥାକୁ କମ୍ ଠିକାଦାରଙ୍କ କଥାକୁ ଅଧିକ ଗୁରୁତ୍ୱ ଦେଉଥିବା ଆଲୋଚନା ହେଉଛି। ପାଣିକୋଇଲି ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟରୁ ମାତ୍ର କେଇ ମିଟର ଦୂରରେ ଏହି ରାସ୍ତା କାର୍ଯ୍ୟ ହୋଇଥିବା ବେଳେ ସରକାରୀ ଅଧିକାରୀଙ୍କ ଭୂମିକା ସନ୍ଦେହ ସୃଷ୍ଟି କରୁଛି। ଏ ନେଇ ଆମେ ବିଭାଗୀୟ ଏସଡିଓ ବାସନ୍ତୀ ହାଁସଦାଙ୍କୁ ଯୋଗାଯୋଗ କରି ବିଫଳ ହୋଇଥିଲୁ। ସବୁଠାରୁ ବଡ଼ କଥା ଏବେ କୋରେଇ ଗ୍ରାମ ଉନ୍ନୟନ ବିଭାଗର ହେଉଥିବା ପ୍ରାୟ ରାସ୍ତା କାମର ଟେଣ୍ଡର ଏହି ସମ୍ପୃକ୍ତ ଠିକାଦାର ଜଣକ ପାଇ କାମ ଆରମ୍ଭ କରୁଛନ୍ତ। ଏଥିରୁ ସରକାରଙ୍କର ଟେଣ୍ଡର ପ୍ରକ୍ରିୟାର ସ୍ୱଚ୍ଛତା ନେଇ ପ୍ରଶ୍ନ ବାଚୀ ସୃଷ୍ଟି ହେଇଛି। ଗ୍ରାମ ଉନ୍ନୟନ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ, ଯାଜପୁର ଜିଲ୍ଲାପାଳ, କୋରେଇ ବିଧାୟକ ଏଥିପ୍ରତି ଦୃଷ୍ଟି ପ୍ରଦାନ କରି ରାସ୍ତା। ଗୁର୍ଡ଼ିକୁ ଯାଞ୍ଚ କରିବା ସହିତ ଠିକାଦାରଙ୍କ ଲାଇସେନ୍ସ ରଦ୍ଦ କରି ତାଙ୍କୁ କଳା ତାଲିକାଭୁକ୍ତ କରିବା ପାଇଁ ଦୃଢ଼ ଦାବୀ ହେଉଛି।

# ପଥପ୍ରାନ୍ତ ସଭା ଓ ସଚେତନତା ଶୋଭାଯାତ୍ରା



କରଞ୍ଜିଆ(ଭାସ୍କର ନ୍ୟୁଜ): :କରଞ୍ଜିଆ ସହରରେ ଭାରତୀୟ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ମୟୂରଭଞ୍ଜ ଜିଲ୍ଲା ସଭାପତି ଭୁବନ ବିହାରୀ ସାହୁଙ୍କ ନେତୃତ୍ୱରେ ୧୦ ଗୋଟି କେନ୍ଦ୍ରୀୟ ପଞ୍ଜିକୃତ ଶ୍ରମିକ ସଂଗଠନ ମିଳିତ ଆହ୍ୱାନ ଆଗାମୀ ଦିନରେ ଦେଶବ୍ୟାପୀ ସାଧାରଣ ହରତାଳକୁ ଜୋରଦାର ଓ ସଫଳ କରିବା ପାଇଁ ଗୁରୁବାର ଦିନ କରଞ୍ଜିଆ ସହରରେ ପଥପ୍ରାନ୍ତ ସଭା ଓ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ୨୦ ତାରିଖ ସାଧାରଣ ହରତାଳକୁ ଜୋରଦାର ଢଙ୍ଗରେ ସଫଳ କରିବା ସହିତ ମୁଖ୍ୟ ଦାବି ଗୁଡ଼ିକ ମଧ୍ୟରେ ୪ ଗୋଟି ଶ୍ରମ କୋର୍ଡକୁ ଲାଗୁ କରିବା ଉପରେ ୧୮ ଦଫା ଦାବି ନେଇ ଏହି ହରତାଳ କରାଯିବ ବୋଲି ଶ୍ରୀ ସାହୁ ପ୍ରକାଶ କରିଛନ୍ତି। ଆଜିର କାର୍ଯ୍ୟକ୍ରମରେ ଆଇଏନଟିୟୁସି, ଏଆଇଟିୟୁସି,ଏଚ ଏମ ଏସ, ସିଆଇଟିୟୁ,ଏ ଆଇୟୁଟିୟୁସି,ଏ ଆଇସିସିଟିୟୁ, ଟିୟୁସିସି, ଏଲପିଏଫ, ସେବା ଓ ସ୍ୱାଧିନ ଫେଡେରେସନ ସମୂହର ରାଜ୍ୟ ତଥା ଜିଲ୍ଲାସ୍ତରର ନେତାଙ୍କ ମଧ୍ୟରେ ଶମ୍ଭୁନାଥ ନାଏକ, ଜବାମଣୀ ଟୁଡୁ, ଜଗବନ୍ଧୁ ମିଶ୍ର, ଧରଣୀଧର ମହାନ୍ତ, ଘନଶ୍ୟାମ ମହାନ୍ତ, ଗୋଲାପ ସୋରେନ୍, ଜାକିର ହୁସେନ, ଶଙ୍କର ନାଏକ, ଅଜିତ ବାରିକ, ସୁକୁମାରୀ ମହାନ୍ତ, କଳ୍ପନା ନାଏକ, ପ୍ରକାଶ ମଢେଇ, ସୁଶାନ୍ତ ମୁର୍ମୁ, ନିଳାମ୍ବର ନାଏକ, ଲଳିତ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ।

# ନୂତନ ଶିକ୍ଷା ଅଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

କଣାସ(ଭାସ୍କର ନ୍ୟୁଜ୍): କଣାସ ବ୍ଲକରେ ନୂତନ ଶିକ୍ଷା ଅଧିକାରୀ ଭାବରେ ଯୋଗ ଦେଇଥିବା ରାମଚନ୍ଦ୍ର ବେହେରାଙ୍କୁ ଆଜି ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। କଣାସ ବ୍ଲକ ଅନ୍ତର୍ଗତ ବଡାସ ଗ୍ରାମପଞ୍ଚାୟତର ବଡାସ ଗ୍ରାମର ମା' ପଞ୍ଚମୁଖୀ ଠାକୁରଣୀଙ୍କ ପୀଠରେ କଣାସ ବ୍ଲକରେ ନୂତନ ଭାବେ ଯୋଗ ଦେଇଥିବା କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପକ୍ଷରୁ ଆୟୋଜିତ ସ୍ୱାଗତ ସମ୍ବର୍ଦ୍ଧନା ସଭାରେ କଣାସ ବ୍ଲକ ଶିକ୍ଷ ସମନ୍ୱୟ କମିଟିର ସଭାପତି ପ୍ରହଲ୍ଲାଦ ମାନସିଂହ ଅଧ୍ୟକ୍ଷତା କରିଥିଲେ। କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ସହ ଶ୍ରୀ ବେହେରାଙ୍କୁ ସ୍ୱାଗତ କରାଯାଇଥିଲା। ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ସହ ଶିକ୍ଷା ଅଧିକାରୀ ନାରାୟଣ ପ୍ରଧାନ ଓ ବିନୋଦ ବିହାରୀ ସେଠୀ,ଶିକ୍ଷକ ନେତା ପ୍ରତାପ କେଶରୀ ରାୟ,ପ୍ରତାପ କେଶରୀ ଛୋଟରାୟ, ସୁଶାନ୍ତ ନରେନ୍ଦ୍ର, ପ୍ରଶାନ୍ତ ସୁନ୍ଦରାୟ,ସିଆରସିସି ମମତା ସାହୁ, ସର୍ବେଶ୍ୱର ଦାସ, ଶିକ୍ଷାବିତ ଗୋବର୍ଦ୍ଧନ ବେହେରା, ଭାଗିରଥୀ ମହାପାତ୍ର ପ୍ରମୁଖ ଶତାଧିକ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ରହିଥିଲେ।

# ଟିନା ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କଲେ ଡ୍ରାଇଭର ସଂଘ



ପରଜଙ୍ଗ(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ବାରିହାପୁର ଓଡିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ଟିନା ବିଶ୍ୱାଳ ଚଳିତ ସିବିଏସଇ ପରୀକ୍ଷାରେ ୯୭.୨%ବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖି ଥିବାରୁ, ତାଙ୍କୁ ପରଜଙ୍ଗ ଡ୍ରାଇଭର ମହାସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ବ୍ଲକର ମୁକ୍ତାପଶି ଗ୍ରାମର ପିତା କବି ବିଶ୍ୱାଳ ଓ ମାତା ବିଷ୍ଣୁପ୍ରିୟା ବିଶ୍ୱାଳଙ୍କର ଏକମାତ୍ର କନ୍ୟା ଟିନାକୁ ପରଜଙ୍ଗ ଡ୍ରାଇଭର ସଂଘ ସଭାପତି ସନ୍ତୋଷ କୁମାର ବର୍ମାଙ୍କ ନିର୍ଦ୍ଦେଶରେ ବ୍ଲକ ଓ ପଂଚାୟତସ୍ତରର ଡ୍ରାଇଭର ମାନେ ଟିନାଙ୍କ ବାସଭବନରେ ପିତା ମାତାଙ୍କ ଗହଣରେ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ମିଠା ଖୁଆଇ ସମ୍ବର୍ଦ୍ଧିତ କରିଥିଲେ। ଗୌରବ ଅର୍ଜନ କରିଥିବା ଛାତ୍ରୀର ଶିକ୍ଷାପ୍ରତି ମନୋବଳ ବୃଦ୍ଧି ଓ ପାଠପ୍ରତି ଉତ୍ସାହ, ଆଗ୍ରହ ପାଇଁ ଡ୍ରାଇଭରମାନେ ଏହି ପ୍ରୟାସ କରିଥିଲା ବେଳେ, ଟିନା ଡ୍ରାଇଭରମାନଙ୍କୁ କୃତଜ୍ଞତା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଡ୍ରାଇଭର ସଂଘ ପକ୍ଷରୁ ପ୍ରବୀଣ ବେହେରା, କମଳ କିଶୋର ସାହୁ, ପଂଚାୟତ ପକ୍ଷରୁ ସରୋଜ ବିଶ୍ୱାଳ, କାର୍ତ୍ତିକେଶ୍ୱର ନାୟକ, କାଳନ୍ଦୀ ସାହୁ, ଅମରେନ୍ଦ୍ର ସାହୁ, ବଟକୃଷ୍ଣ ସାହୁ, ସରୋଜ ସାହୁ,ପ୍ରଦ୍ୟୁମ୍ନ ଦେହୁରୀ, ପ୍ରଫୁଲ ସାହୁ, ସିପୁ ପଲେଇଙ୍କ ସମେତ ସମାଜସେବୀ ସର୍ବେଶ୍ୱର ବିଶ୍ୱାଳ ସାମିଲ ହୋଇଥିଲେ।

# ମରଣଯନ୍ତା ପାଲଟିଛି ଯଖଲା ମହାବୀର ମନ୍ଦିର ରାସ୍ତା



ବୋଲଗଡ(ଭାସ୍କର ନ୍ୟୁଜ): ବୋଲଗଡ ବ୍ଲକ ଖଙ୍ଗୁରିଆ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗବଡିହ ସ୍ଥିତ ଯଖଲା ମହାବୀର ମନ୍ଦିର ରାସ୍ତା ଦୀର୍ଘବର୍ଷ ଧରି ମରଣଯନ୍ତା ପାଲଟିରହିଅଛି କ୍ଷ ଶାସନ ଗ୍ରାମ ଠାରୁ ବନ୍ଧଦେଇ ମହାବୀର ମନ୍ଦିର ସଂଯୋଗ କରୁଥିବା ପାହାଡିଆ ରାସ୍ତାଟି ମରଣଯନ୍ତାରେ ପରିଣତି ହୋଇ ପଡିରହିଛି କ୍ଷ ସଂଯୋଗ କରୁଥିବା କଚା ରାସ୍ତାଟି ବର୍ଷା ପାଣି ବୋହିବା ଫଳରେ ପାହାଡିଆ ପଥର ସହିତ ଖାଲଖମା ସୃଷ୍ଟି ହେବା ଫଳରେ ଶ୍ରଦ୍ଧାଳୁ ଭକ୍ତ ମାନେ ଯାତାୟତରେ ନନା ଅସୁବିଧାର ସମ୍ମୁଖୀନ ହେଉଅଛନ୍ତି କ୍ଷ ଏହି ସ୍ଥା ନ ଟି ପ୍ରଭୁ ଶ୍ରୀ ଶ୍ରୀ ମହାବୀରଙ୍କ ମନ୍ଦିର ତଥା ପ୍ରାକୃତିକ ସୌନ୍ଦର୍ଯ୍ୟଭରା ମନୋରମା ପରିବେଶ ହୋଇଥିବାରୁ ପ୍ରତିଦିନ ଲୋକ ମାନେ ସମାଗମ ହୋଇ ଥାନ୍ତି। ପ୍ରତିଦିନ ଲୋକମାନେ ଯାତାୟତରେ ଏହି ମରଣଯନ୍ତା ରାସ୍ତାଟି ବାଧକ ସାଜିଛି କ୍ଷ ବର୍ଷଯାକର ମଙ୍ଗଳବାର, ଶନିବାର,ସଂକ୍ରାନ୍ତି, କା[illegible]କମାସରେ ଶତାଧିକ ଶ୍ରଦ୍ଧାଳୁ ଯାତାୟତ କରୁଥିବାବେଳେ ପ୍ରଭୁ ଶ୍ରୀ ମହାବୀରଙ୍କ ଜନ୍ମ ଜୟନ୍ତୀ ମହା ଯାତ୍ରାରେ ହଜାର ହଜାର ଲୋକ ସମାଗମ ହୋଇଥାନ୍ତି କ୍ଷ ବିଗତ ସରକାରରେ ମଠ, ମନ୍ଦିର, ମସଜିଦ ର ଉର୍ନ୍ନତି କରଣ ପାଇଁ କୋଟି କୋଟି ଟଙ୍କା ମିଳିଥିଲେ ମଧ୍ୟ ଯଖଲା ମହାବୀର ମନ୍ଦିର ଏଥିରୁ ବାଦ ପଡିଛି। ଏଥିପ୍ରତି ବିଭାଗୀୟ କତୃପକ୍ଷ ଧ୍ୟାନଦେବା ସହିତ ରାଜ୍ୟସରକାର ତଥା ଖୋର୍ଦ୍ଧା ଜିଲ୍ଲପାଳ ଚଞ୍ଚଳ ରାଣା ଦୃଷ୍ଟି ଦେବା ପାଇଁ ଜନସାଧାରଣ ମାନେ ଦୃଢ ଦାବୀ କରିଛନ୍ତି।

# ଘରେ ନଥିବାବେଳେ ଲୁଟିନେଲେ ୨୦ଭରି ଗହଣା ଓ ନଗଦ ଟଙ୍କା

ଜଳେଶ୍ୱର(ଭାସ୍କର ନ୍ୟୁଜ୍): ଜଳେଶ୍ୱର ଥାନା ଅନ୍ତର୍ଗତ ଉପାନ୍ତ ଗ୍ରାମ ନଛିମପୁର ଗାଁର ରାଜୀବ ଲୋଚନ ଜେନା ଘରେ ନଥିବା ବେଳେ ଦୁର୍ବୃତ୍ତ ମାନେ ଘରର ଚାବି ଭାଂଗି ୨୦ଭରି ଗହଣା ସହିତ ନଗଦ ୧ଲକ୍ଷ ଟଙ୍କା ଲୁଟି ନେଇଥିବା ଜଳେଶ୍ୱର ଥାନାରେ ଅଭିଯୋଗ ହୋଇଛି। ଘଟଣାରୁ ପ୍ରକାଶ ଶ୍ରୀ ଜେନା ଚନ୍ଦନ ଯାତ ଦେଖିବାକୁ ଶ୍ୱଶୁର ଘରକୁ ଯାଇଥିଲେ। ଆଜି ସକାଳେ ସପରିବାର ଘରକୁ ଫେରି ମୁଖ୍ୟ ଫାଟକର ଚାବି ଭଙ୍ଗାଯାଇଥିବା ଦେଖି ହତବାକ୍ ହୋଇ ଯାଇଥିଲେ। ଘର ଭିତରର ସମସ୍ତ ଆଲମାରୀ ଭଙ୍ଗାଯିବା ସହିତ ଗଡରେଜରେ ଥିବା ୨୦ଭରି ଅଳଙ୍କାର ଓ ନଗଦ ୧ଲକ୍ଷ ଟଙ୍କା ଦୁର୍ବୃତ୍ତମାନେ ଲୁଟି ନେଇଥିବା ଜାଣି ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଘରେ କେହି ନ ଥିବା ଜାଣି ଏପରି ଚୋରି ହୋଇଥିବା ଜଣାଯାଇଛି। ଗ୍ରାମଟି ପଶ୍ଚିମବଂଗ ସୀମାକୁ ଲାଗି ରହିଥିବାରୁ ଚୋରି ସଂପର୍କରେ ବିଭିନ୍ନ କଥା ଶୁଣିବାକୁ ମିଳୁଛି। ଆଜି ଅପରାହ୍ନରେ ଇନିସ୍‌ପେକ୍ଟର ମଧୁମିତା ସିଂଙ୍କ ସହିତ ୩ଜଣିଆ ସାଇଣ୍ଟିଫିକ୍ ସହ ସନ୍ଧାନୀ କୁକୁର ପହଞ୍ଚି ବିଭିନ୍ନ ଦିଗରୁ ତଦନ୍ତ କରାଯାଇଛି। ଏଠାରେ ପୋଲିସ୍ ପକ୍ଷରୁ ରାତ୍ରି ପ୍ରହରା କରାଯିବାକୁ ସରପଂଚ ରାଜେଶ ଜେନାଙ୍କ ସହିତ ଗ୍ରାମବାସୀ ଦାବି କରିଛନ୍ତି।

# ବେସରକାରୀ ଧାନଖଟିରେ ସରକାରୀ ନିୟମରେ କିଣାଯାଇପାରିବ ଧାନ



ଜଳେଶ୍ୱର(ଭାସ୍କର ନ୍ୟୁଜ): ସରକାରୀ ଧାନ ମଣ୍ଡିରେ ଚାଷୀଙ୍କ ଠାରୁ ଉତ୍ପାଦିତ ସମସ୍ତ ଧାନ କିଣାଯାଇ ପାରୁନଥିବାରୁ ଚାଷୀମାନେ ବେସରକାରୀ ଧାନ ଖଟିରେ ଏଣିକି ଧାନ ବିକ୍ରି କରିପାରିବେ ବୋଲି କେତେକ ଧାନଖଟିରେ ଏନ୍‌ଫୋର୍ସମେଣ୍ଟ ଟିମ୍ ପକ୍ଷରୁ ସୂଚନା ଦିଆଯାଇଛି। କିନ୍ତୁ ଏଥିପାଇଁ ସରକାରଙ୍କ ନୀତି ନିୟମ ଅବଲମ୍ବନ କରିବା ଉଚିତ୍ ବୋଲି ସେମାନେ କହିଛନ୍ତି। ଏହା ସହିତ ସରକାରୀ ମଣ୍ଡି ଗୁଡିକରେ ଗଚ୍ଛିତ ଧାନର ସୁରକ୍ଷା ଓ ଚାଷୀମାନଙ୍କ ଲାଗି ଅପେକ୍ଷା ଗୃହର ବ୍ୟବସ୍ଥା ସଂପର୍କରେ ସେମାନେ ବୁଲି ଦେଖିଛନ୍ତି। ଧାନ ଅମଳର ୨୦ଦିନ ପରେ କାଁ ଭାଁ ଧାନମଣ୍ଡି ଖୋଲାଯାଇଛି। କିନ୍ତୁ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଧାନ ଅମଳ କରି ବେସରକାରୀ ଖଟିରେ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ଅଭାବି ବିକ୍ରିକୁ ରୋକାଯାଇ ପାରୁନଥିବାବେଳେ ଆର୍‌ଏମ୍‌ସିର ସଂପାଦକ ବଳରାମ ଜେନା ଏକ ୫ଜଣିଆ ଟିମ୍ ଆଜି କେତେକ ମଣ୍ଡି (ପ୍ୟାକ୍ସ) ପର୍ଯ୍ୟବେକ୍ଷଣ କରିଥିଲେ। ବ୍ୟାପକ ଧାନ ବେସରକାରୀ ଖଟି ଗୁଡିକରେ ବିକ୍ରି ହେଉଥିବା ଦେଖି ତାଜୁବ୍ ହୋଇଥିଲେ। ସରକାରୀ ମଣ୍ଡି ଗୁଡିକରେ ମାତ୍ରା ପ୍ରତି ଟୋକନଧାରୀଙ୍କ ଠାରୁ ୩୦ କ୍ୱିଣ୍ଟାଲ ଧାନକ୍ରୟର ବ୍ୟବସ୍ଥା ଥିବାବେଳେ ଅନ୍ୟଧାନ ବେସରକାରୀ ଖଟି ଗୁଡିକରେ ବିକ୍ରି କରିପାରିବେ ବୋଲି ଏହି ଏନ୍‌ଫୋର୍ସମେଣ୍ଟ ଟିମ୍ କହିଛନ୍ତି। ନିର୍ଦ୍ଧାରୀତ ସମୟରେ ଧାନ ଉଠାଣ, ଅସ୍ଥାୟୀ କ୍ୟାପ୍ ଷ୍ଟୋରେଜ୍, ବିଶ୍ରାମାଗାର ଇତ୍ୟାଦି ସ୍ଥାପନ କରିବାକୁ ବେସରକାରୀ ଓ ସରକାରୀ କେନ୍ଦ୍ର ଗୁଡିକୁ ପରାମର୍ଶ ଦେଇଛନ୍ତି। କିନ୍ତୁ ଏଥିରେ ସରକାରୀ ନୀତି ଅନୁଯାୟୀ ଧାନ ଖଟି ଗୁଡିକରେ ଚାଷୀଙ୍କ ଆଡି, ଆଧାରକାର୍ଡ, ଧାନର ପରିମାଣ, ଅନ୍‌ଲାଇନ୍ ପେମେଣ୍ଟ ପାଇଁ ପାସ୍‌ବୁକ୍‌ର ପ୍ରଥମ ପୃଷ୍ଠାର ଜେରକ୍ସ ଇତ୍ୟାଦି ଚାଷୀଙ୍କ ଠାରୁ ଗ୍ରହଣ କରି ଧାନ କ୍ରୟ କରିପାରିବେ ବୋଲି କହିଛନ୍ତି। ଏହି ଏନ୍‌ଫୋର୍ସମେଣ୍ଟ ଟିମ୍ ଜଳେଶ୍ୱର ଆମ୍ବଲିଅଠା ପ୍ୟାକ୍ସ ଓ ବେସରକାରୀ ଖଟି, ଭୋଗରାଇର ବାଉଁଡିହା, ଦେଉଳା ପ୍ୟାକ୍ସ ଓ ସୀମାବର୍ତ୍ତୀ ଅଂଚଳରେ ଥିବା ବେସରକାରୀ ଖଟିକୁ ଯାଇ ଅନୁଧ୍ୟାନ କରିଥିବା ଜଣାଯାଇଛି।

# ବିଜେଡି ପକ୍ଷରୁ ବ୍ଲକସ୍ତରୀୟ ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା

ବଡ଼ଚଣା (ଭାସ୍କର ନ୍ୟୁଜ୍): ବଡଚଣା ରେ ବିଜୁ ଜନତାଦଳ ତାର ତୃଣମୂଳ ସ୍ତରରୁ ସଂଗଠନକୁ ସୁଦୃଢ଼ ଓ ଶୃଙ୍ଖଳିତ କରିବା ପାଇଁ ଚଣ୍ଡିଖୋଲ ସ୍ଥିତ ରାଜୀବ ମେମୋରିଆଲ କାର୍ଯ୍ୟାଳୟ ଠାରେ କ୍ୟାପଟେନ ରାଜ ନାରାୟଣ ମହାପାତ୍ର ଓ ଦଳର ନବ ନିଯୁକ୍ତ ସଭାପତି ତାପସ ଚନ୍ଦ୍ର ରାୟଙ୍କ ଉପସ୍ଥିତିରେ ବଡଚଣା ବ୍ଲକ୍ ସ୍ତରୀୟ କର୍ମକର୍ତ୍ତାମାନଙ୍କ ନାମ ଓ ଏକ ଦକ୍ଷ ଅଭିଜ୍ଞ ପରାମର୍ଶଦାତା କମିଟି ସଭ୍ୟ ମାନଙ୍କର ନାମ ଏକ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରାଯାଇଛି। ଏଥିରେ ପରାମର୍ଶଦାତା କମିଟି ସଭାପତି ଭାବେ ପ୍ରହଲ୍ଲାଦ ନନ୍ଦ, ସଂଯୋଜକ ଜ୍ଞାନରଞ୍ଜନ ସାହୁ, ତାପସ ଚନ୍ଦ୍ର ରାୟ, କୈଳାସ ଚନ୍ଦ୍ର ରାଉତ, ଶୁକ୍ରମଣି ପୂର୍ତ୍ତି, ଭାଗ୍ୟଧର ମଲ୍ଲିକ, ଗଣେଶ୍ୱର ବରାଳ, ସିମନ୍ଦିନୀ ଜେନା, ନିରଞ୍ଜନ ସେନାପତି, ବିଭାସ୍ ଚନ୍ଦ୍ର ନନ୍ଦ,ବିପିନ ବିହାରୀ ଜେନା, ଅମର ପ୍ରସାଦ ମହାନ୍ତି, ଜୟଶ୍ରୀ ସାମଲ, ଅନନ୍ତ ଚନ୍ଦ୍ର କ୍ଷେଣ୍ଟ, ଧନେଶ୍ୱର ବେହେରା, କିଶୋର ଚନ୍ଦ୍ର ବେହୁରୀଆ, ନିରଞ୍ଜନ ବିଶ୍ୱାଳ, ଉମେଶ ସାମଲ, ତ୍ରୈଲୋକ୍ୟ ନାଥ ଜେନା, ଗଗନ ବିହାରୀ ସ୍ୱାଇଁ, ପ୍ରବୀର କୁମାର ସାମଲ, କୁଳମଣି ବାରିକ୍, ବିବେକ ରଞ୍ଜନ ସୁବୁଦ୍ଧି, କିଶୋର ଚନ୍ଦ୍ର ରାଉତ, ଉମେଶ ଚନ୍ଦ୍ର ଜେନା, ସତ୍ୟ ପ୍ରକାଶ ଦାସ, ଶେଖ୍ ମୋଇନ୍ ଅହମ୍ମଦ, ଗଣେଶ୍ୱର ସାମଲ, ସଚିଦା ନନ୍ଦ ସ୍ୱାଇଁ ଉପ ସଭାପତି ଭାବେ ମନ୍ମଥ କେଶରୀ ସାହେବ୍ ରାୟ, ରମେଶ ଚନ୍ଦ୍ର ପୃଷ୍ଟି, ବିବେକ ରଞ୍ଜନ ସୁବୁଦ୍ଧି, ଦିଲୀପ କୁମାର ସାମଲ ବଡ଼ଚଣା ନିର୍ବାଚନ ମଣ୍ଡଳୀ ସ୍ଥରୀୟ ସଧାରଣ ସମ୍ପାଦକ ଭାବେ ମାନଗୋବିନ୍ଦ ସେଠୀ, ଶ୍ରୀକାନ୍ତ ସାମଲ, ଧୁଳେଶ୍ୱର୍ ଦାସ, ଦେବେନ୍ଦ୍ର କୁମାର ଜେନା,ଉଜ୍ଜଳ ପ୍ରଦୀପ ନାରାୟଣ ବିଦ୍ୟାଧର ମହାପାତ୍ର, ଜଗନ୍ନାଥ୍ ମୁଦୁଲି, ରାମଚନ୍ଦ୍ର ସ୍ୱାଇଁ, ପ୍ରମୋଦ ଜେନା, ଦିଲୀପ କୁମାର ରାଉତ, ରବିନ୍ଦ୍ର କୁମାର ପ୍ରଧାନ, ପବନେଶ୍ୱର୍ ଜେନା, ବାସୁଦେବ ସ୍ୱାଇଁ, ଯୁଗଳ କିଶୋର ଖିଲାର, ବ୍ଲକ୍‌ସ୍ତରୀୟ ସମ୍ପାଦକ ଭାବେ ଖଗେଶ୍ୱର ସାହୁ, କ୍ଷୀତିଶ ନାୟକ, ବିନୟ ପୃଷ୍ଟି, ମହମ୍ମଦ ମୁନସର, ସାଗରିକା ବିହାରୀ, ଜୟନ୍ତୀ ସ୍ୱାଇଁ, ନିରଞ୍ଜନ ମହାନ୍ତି, ବିଚିତ୍ର ଜେନା, ମୋହନ ଖିଲାର୍, ଭବାନୀ ଶଙ୍କର ସାହୁ, ନିତ୍ୟାନନ୍ଦ ମହାନ୍ତି, ପ୍ରହଲ୍ଲାଦ ବାରିକ, ବିଚିତ୍ରା ନନ୍ଦ ନାୟକ, ରମାକାନ୍ତ ଖୁଣ୍ଟିଆ, ବରଦା ପ୍ରସାଦ ରକ୍ଷୟ। ପବିତ୍ର ଆଚାର୍ଯ୍ୟ, ସଂଗ୍ରାମ ମହାନ୍ତି, ଦେବାଶିଷ ବିଶ୍ୱାଳ,ରଞ୍ଜନ ମହାରଣା, କୋଷାଧ୍ୟକ୍ଷ ଭାବେ ପ୍ରମୋଦ କୁମାର ସାମଲ ମନୋନୀତ ହୋଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ କ୍ୟାପଟେନ ରାଜନାରାୟଣ ମହାପାତ୍ର, ଗଣେଶ୍ୱର ବରାଳ, ଅମର ମହାନ୍ତି, ନିରଞ୍ଜନ ବିଶ୍ୱାଳ, ପ୍ରଦୀପ୍ତ କୁମାର ମହାନ୍ତି, ରବିନ୍ଦ୍ର ପ୍ରଧାନ, ସଞ୍ଜୀବ ସାମଲ, ବିଚିତ୍ର ନାୟକ, ଧନେଶ୍ୱର ବେହେରା, ଜ୍ଞାନରଞ୍ଜନ ସାହୁ, ସ୍ନେହାଶିଷ ମହାପାତ୍ର ଦମୟନ୍ତୀ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ଓ ଜିଲ୍ଲା ସଙ୍ଗଠନ ତରଫରୁ ଯେଉଁ ଦାୟିତ୍ୱ ଦିଆଯାଇଛି, ବଡ଼ଚଣା ବ୍ଲକ ବିଜେଡି କୁ ମଜବୁତ କରିବା ପାଇଁ କ୍ୟାପଟେନ ରାଜନାରାୟଣ ମହାପାତ୍ର ଅଣ୍ଟା ଭିଡ଼ି ଥିବା ଜଣାପଡିଛି। ଚଳିତ ନିର୍ବାଚନରେ ସ୍ୱତନ୍ତ୍ର ଭାବରେ ରାଜ୍ୟ ଏବଂ ବଡ଼ଚଣା ପରି ନିର୍ବାଚନ ମଣ୍ଡଳୀରେ ପରାଜିତ ହେବା ପରେ ବଡ଼ଚଣା ବ୍ଲକ ବିଜେଡି ସ୍ଥାଣୁ ପାଲଟି ଯାଇଥିଲା, କର୍ମୀମାନେ ହତାଶ ହୋଇଯାଇଥିବା ଦେଖା ଦେଇଥିବା ଜଣାପଡିଥିଲା। ବର୍ତ୍ତମାନ ଗୋଟିଏ ପରେ ଗୋଟିଏ କମିଟି ଘୋଷଣା ହେବାପରେ ବଡ଼ଚଣା ବିଜେଡି ସତେଜ ହେବାକୁ ଯାଉଛି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାର ବିଷୟ ହୋଇଛି।


# ମାଟ୍ରିକ ଏ-୧ ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ



ଭଣ୍ଡାରିପୋଖରୀ(ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକସ୍ତରରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପଞ୍ଚାୟତ ସମିତି ଉପାଧକ୍ଷ ପ୍ରଣିତକାନ୍ତି ସାମଲ ଶନିବାର ସମ୍ବର୍ଦ୍ଧିତ କରିଥିବା ଜଣାଯାଇଛି। ବ୍ଲକସ୍ତରରେ ସର୍ବୋଚ୍ଚ ନମ୍ବର ହାସଲ କରିଥିବା ମଣିନାଥପୁର ନରେନ୍ଦ୍ର କୁମାର ପରିଡା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ତପସ୍ୱିନୀ ନାଥ(୫୭୩), ପିରିପୁର ପ୍ରଭାକର ମହାନ୍ତି ଉଚ୍ଚ ବିଦ୍ୟାଳୟ(ଶାରଦା ବିଦ୍ୟାମନ୍ଦିର) ଛାତ୍ର ଆଶୁତୋଷ ଦୀକ୍ଷିତ(୫୫୪) ଓ ନପଙ୍ଗ ଚଣ୍ଡିମାତା ଉଚ୍ଚ ବିଦ୍ୟାଳୟ ଛାତ୍ର ବିଭୁଦତ୍ତ ନାୟକ(୫୪୭)ଙ୍କୁ ଶ୍ରୀଜଗନ୍ନାଥ ଫଟୋଚିତ୍ର, ପୁଷ୍ପଗୁଚ୍ଛ ଓ ପ୍ରେତ୍ସାହନ ରାଶି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ଉତ୍ସବରେ ସରପଞ୍ଚ ଅମୂଲ୍ୟ କୁମାର ନାୟକ, ସନ୍ତୋଷ ରାଉତ, ସମିତି ସଭ୍ୟ ବିଷ୍ଣୁଚରଣ ଦାସ ଅତିଥି ଭାବେ ଯୋଗଦେଇଥିଲେ। ଦେବଦତ୍ତ ବିଶ୍ୱାଳ, ପ୍ରକାଶ ମହାପାତ୍ର, ସୌମ୍ୟରଞ୍ଜନ ଜେନା, ବିଶ୍ୱଜିତ ସାମଲ, ଦେବେନ୍ଦ୍ର ନାୟକ, କିଶୋର ଶେଣ୍ଠ, ଦେବାଶିଷ ପଟ୍ଟନାୟକ, ଆକାଶ ନାୟକ, ପର୍ଶୁରାମ ଶଙ୍ଖୁଆ, ବଳରାମ ଜେନା, ପ୍ରୀତିକାନ୍ତ ସ୍ୱାଇଁ, ବିଶ୍ୱଜିତ ସାମଲ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ୨୬ଟି କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ଛାତ୍ରୀଙ୍କ ସମ୍ବର୍ଦ୍ଧନା ଉତ୍ସବ

ବାରିପଦା(ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲାର ୨୬ ଟି କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ୧୦ମ ଶ୍ରେଣୀ ବାର୍ଷିକ ପରୀକ୍ଷା-୨୦୨୫ ରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଙ୍କ ସମ୍ବର୍ଦ୍ଧନା ଉତ୍ସବ ତା ୧୭/୦୫/୨୦୨୫ ରିଖରେ ସ୍ଥାନୀୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସମ୍ବର୍ଦ୍ଧନା ଉତ୍ସବରେ ମୟୂରଭଞ୍ଜ ଜିଲ୍ଲାର ଜିଲ୍ଲାପାଳ ଶ୍ରୀଯୁକ୍ତ ହେମକାନ୍ତ ସୟ ଯୋଗ ଦେଇ କୃତି ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଛାତ୍ରୀମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିବା ସହିତ, କଠିନ ପରିଶ୍ରମ କରିବାକୁ ଉପଦେଶ ଦେଇଥିଲେ। ନିଜ ଜୀବନରେ ଲକ୍ଷ ସ୍ଥିର କରିବା, ନିଜ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପର୍ଯ୍ୟନ୍ତ ଉଦ୍ୟମ ଜାରି ରଖିବାକୁ ପଡିବ। ଜିଲ୍ଲାପାଳ ନିଜେ ଅଙ୍ଗେ ନିଭାଇଥିବା ବିଫଳତା ଓ ସଫଳତାର ମନ୍ତ୍ର ଛାତ୍ରୀମାନଙ୍କ ସହ ମତ ବିନିମୟ କରିଥିଲେ। କୃତି ଛାତ୍ରୀମାନେ ନିଜ ଜୀବନର ଲକ୍ଷ୍ୟ କଣ ପ୍ରକାଶ କରିଥିଲେ। ଭାରତର ରାଷ୍ଟ୍ରପତି ମହାମହିମ ଦ୍ରୌପଦି ମୁର୍ମୁଙ୍କ ଇଚ୍ଛାମୁତାବକ ପାଣ୍ଠି ରୁ ୭୮ ଜଣ ଛାତ୍ରୀଙ୍କୁ (ପ୍ରତି କେ.ଜି.ବି.ଭି. ର ଦଶମ ବାର୍ଷିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରଥମ ୩ ଜଣ ଛାତ୍ରୀଙ୍କୁ) ଟ.୧୦,୦୦୦/- (ଦଶ ହଜାର ଟଙ୍କା) ଲେଖାଏ ଅର୍ଥରାଶି ପ୍ରଦାନ କରାଗଲା। ଉକ୍ତ ଅର୍ଥରାଶି ଛାତ୍ରୀମାନେ ନିଜର ଉଚ୍ଚ ଶିକ୍ଷା ନିମନ୍ତେ ଖର୍ଚ୍ଚ କରିବେ। ମୋଟ ଟ.୭,୮୦, ୦୦୦.୦୦ ଟଙ୍କା ଛାତ୍ରୀଙ୍କ ଜମାଖାତାକୁ ପ୍ରେରଣ କରାଗଲା। ସମ୍ବର୍ଦ୍ଧନା ଉତ୍ସବରେ ପୂର୍ଣ୍ଣଚନ୍ଦ୍ର ସେଠୀ, ଜିଲ୍ଲା ଶିକ୍ଷା ଅଧିକାରୀ, ମୟୂରଭଞ୍ଜ ଛାତ୍ରୀମାନଙ୍କ ଉତ୍ତରୋତ୍ତର କାମନା କରିବା ସହିତ ଭଲ ପାଠ ପଢିବା, ଶୃଙ୍ଖଳିତ ଛାତ୍ରୀ ହେବା ସହିତ ଗୁଣବତୀ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଶ୍ରୀ ବିକାଶ ମହାନ୍ତି, ଜିଲ୍ଲା ଲୋକ ସମ୍ପର୍କ ଅଧିକାରୀ, ମମତାମୟୀ ବିଶ୍ୱାଳ, ଜିଲା ଶିଶୁ ସୁରକ୍ଷା ଅଧିକାରୀ, ଶଶୀଧର ସିଂ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଓ ଗୌତମ ପାତ୍ର, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସମ୍ବର୍ଦ୍ଧନା ସଭାରେ ଯୋଗ ଦେଇଥିଲେ। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ଜିଲ୍ଲାର ବାଳିକା ଶିକ୍ଷା ସଂଯୋଜକ ପ୍ରଫୁଲ୍ଲ କୁମାର ବାରିକ ପରିଚାଳନା କରିଥିଲେ ଏବଂ ଶଶୀଧର ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ମୋଟ ୭୮ ଜଣ କେ.ଜି.ବି.ଭି. ଛାତ୍ରୀ, ୨୬ ଜଣ ପ୍ରଧାନଶିକ୍ଷକ ଓ ୱାର୍ଡେନ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସମଗ୍ର ଶିକ୍ଷା, ମୟୂରଭଞ୍ଜର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।





ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଲୋକପ୍ରିୟ ସଂଗଠକ, ଜଣାଶୁଣା ସମାଜସେବୀ, ବରିଷ୍ଠ କଂଗ୍ରେସ ନେତା, ପୂର୍ବତନ କାଉନସିଲର ତଥା ଚୌଦ୍ୱାର କଲେଜର ପୁରାତନ ଛାତ୍ର ସଂସଦର ଉପସଭାପତି କିଶୋର ସାମଲଙ୍କ ପ୍ରତି ଭାବପୂର୍ଣ୍ଣ ଶ୍ରଦ୍ଧାଳି ଅର୍ପଣ କରାଯାଇଛି। ରବିବାର ସନ୍ଧ୍ୟାରେ ସ୍ଥାନୀୟ ଦୋଳଯାତ୍ରା ପଡ଼ିଆ ସନ୍ନିକଟ କଳାନିକେତନ କ୍ଲବରେ ଚୌଦ୍ୱାର କଲେଜ ପୁରାତନ ଛାତ୍ର ସଂସଦ ତରଫରୁ ଏକ ଶ୍ରଦ୍ଧାଞ୍ଜଳି ସଭା ସଂସଦର ସଭାପତି ବିବେକାନନ୍ଦ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଦାମୋଦର ସାହୁ, ଚୌଦ୍ୱାର ପୌର ସଂସ୍ଥାର ପୂର୍ବତନ ନଗରପାଳ ପ୍ରେମଚନ୍ଦ୍ର ନାୟକ, ବିଜେପିର ବରିଷ୍ଠ ନେତା ପ୍ରଶାନ୍ତ କୁମାର ହୋତା ଏବଂ କଟକ ଜିଲ୍ଲା ଯୁବ କଂଗ୍ରେସର ବରିଷ୍ଠ ନେତା ଜୀନେଶ ଦାସଙ୍କ ସମେତ ଦଳମତ ନିର୍ବିଶେଷରେ ବିଭିନ୍ନ ବର୍ଗର ବହୁ ବିଶିଷ୍ଟ ବ୍ୟକ୍ତି ଶ୍ରଦ୍ଧାଳି ସଭାରେ ଯୋଗଦେଇ ସ୍ୱର୍ଗୀୟ ସାମଲଙ୍କ ସମାଜସେବା ଏବଂ ଚୌଦ୍ୱାର ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ବିଶେଷ ଅବଦାନ ସର୍ବୋପରି ଗରିବ ଲୋକମାନଙ୍କୁ ସହାୟତା ପ୍ରଦାନ କରିବାର ଅଗ୍ରଣୀ ଭୂମିକା ଉପରେ ସ୍ମୃତିଚାରଣ କରିଥିଲେ।

## ରାଜ୍ୟର ବିଭିନ୍ନ ସ୍ଥାନରେ ହେବ କାଳବୈଶାଖୀ

# ବଜ୍ରପାତ ଓ ପବନ ନେଇ ୧୦ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆଗାମୀ ୫ ଦିନ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀର ପ୍ରଭାବ ପରିଲକ୍ଷିତ ହେବ । ଏନେଇ ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ କେତେକ ଜିଲ୍ଲାକୁ ଚେତାବନୀ ଜାରି କରାଯାଇଛି । ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ଆଗାମୀ ୨୪ ଘଣ୍ଟା ପାଇଁ ୧୦ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ୧୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ଜିଲ୍ଲା ଗୁଡିକ ହେଲା ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର । ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ଜିଲ୍ଲା ଗୁଡିକ ହେଲା ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଯାଜପୁର, କଟକ, ଖୋର୍ଦ୍ଧା, ପୁରୀ, ନୟାଗଡ଼, କନ୍ଧମାଳ, କଳାହାଣ୍ଡି, ବଲାଙ୍ଗିର, ନୂଆପଡ଼ା। ଏହି ସମୟରେ ତନ୍ମଧ୍ୟରୁ କେତେକ ସ୍ଥାନରେ ପବନର ବେଗ ଘଣ୍ଟା ପ୍ରତି ୪୦ରୁ ୫୦ କିମି ଏବଂ ଅନ୍ୟ କେତେକ ସ୍ଥାନରେ ପବନର ବେଗ ଘଣ୍ଟା ପ୍ରତି ୩୦ରୁ ୪୦ କିମି ରହିପାରେ । ସେହିପରି ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ୧୯ ତାରିଖ ଅର୍ଥାତ୍ ଆସନ୍ତାକାଲି ପାଇଁ ୧୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ୨୦ ତାରିଖ ପାଇଁ ୯ ଜିଲ୍ଲାକୁ, ୨୧ ତାରିଖ ପାଇଁ ୧୬ ଜିଲ୍ଲା, ୨୨ ତାରିଖ ପାଇଁ ୨୨ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ହୋଇଥିବା ଟ୍ୱିଟ୍‌ରୁ ଏହି ସୂଚନା ମିଳିଛି ।



# ଡେଙ୍ଗୁ ସଚେତନତା ପାଇଁ ବିଏମ୍‌ସିର ପ୍ରସ୍ତୁତି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବର୍ଷା ଋତୁ ଆସିବା ପୂର୍ବରୁ ଡେଙ୍ଗୁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ମୁଖ୍ୟାଳୟରେ କମିଶନର ରାଜେଶ ପ୍ରଭାକର ପାଟିଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଡେଙ୍ଗୁରୋଗର ସମ୍ବେଦନଶୀଳତା, ଜନ ସଚେତନତା ଏବଂ ସଠିକ ସମୟରେ ସଠିକ୍ ପଦକ୍ଷେପ ନେବା ସହ ପରସ୍ପର ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷା କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି । ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଗୋଷ୍ଠୀ ସହଯୋଗରେ ଯେପରି ଡେଙ୍ଗୁ ରୋଗୀ ସଂଖ୍ୟା ହ୍ରାସ ପାଇବ, ସେଥିପ୍ରତି ସମସ୍ତେ ଆପ୍ରାଣ ଉଦ୍ୟମ କରିବାକୁ କହିଛନ୍ତି କମିଶନର। ଚଳିତ ବର୍ଷ ଡେଙ୍ଗୁ ଶୂନ୍ୟ ୱାର୍ଡକୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯିବାକୁ ମଧ୍ୟ ଏହି ବୈଠକରେ ନିଷ୍ପତ୍ତି ହୋଇଛି । ଘରକୁ ଘର ବୁଲି ଲୋକମାନଙ୍କୁ ସଚେତନ କରାଇବା ସହ ଆବଶ୍ୟକ ପଡିଲେ ଡେଙ୍ଗୁ ମଶା ବଂଶ କିପରି ବୃଦ୍ଧି ହୋଇଥାଏ, ତା'ର ପ୍ରଦର୍ଶନ ମାଧ୍ୟମରେ ସହରବାସୀଙ୍କୁ ସଚେତନ କରାଯିବ । ବିଏମ୍‌ସି ଅଞ୍ଚଳରେ ଥିବା ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ମଧ୍ୟ ଡେଙ୍ଗୁ ସଚେତନତା ସୃଷ୍ଟି କରାଯିବ । ଏହା ବ୍ୟତୀତ ୧୦୦ ଜଣ ଲୋକଙ୍କୁ ନେଇ ୨୦ଟି ଟିମ୍ ଗଠନ କରାଯିବ । ପ୍ରତି ଟିମରେ ୫ ଜଣ ଲେଖାଏଁ କର୍ମଚାରୀ ରହିବେ । ସେମାନେ ଘରକୁ ଘର ବୁଲି ଲୋକମାନଙ୍କୁ ଡେଙ୍ଗୁରୋଗର ସମ୍ବେଦନଶୀଳତା ଏବଂ ମଶା ବଂଶ ବୃଦ୍ଧି ସଂପର୍କରେ ସଚେତନ କରାଇବେ । ରେଡିଓ, ସମସ୍ତ ଛାପା, ବୈଦ୍ୟୁତିକ ଓ ସାମାଜିକ ଗଣମାଧ୍ୟମରେ ବିଶେଷଜ୍ଞମାନଙ୍କର ସଚେତନତା ମୂଳକ ବାର୍ତ୍ତା, ବୃତ୍ତଚିତ୍ର, ସ୍ଥିରଚିତ୍ର ଆଦି ପ୍ରଚାର ପ୍ରସାର ମାଧ୍ୟମରେ ଜନ ସଚେତନତା ସୃଷ୍ଟି କରାଯିବ । ଡାକବାଜି ଯନ୍ତ୍ର ଜରିଆରେ ସମସ୍ତ ଆବାସିକ ଓ ବ୍ୟବସାୟୀକ ଅଂଚଳରେ ଡେଙ୍ଗୁ ସଂପର୍କରେ ପ୍ରଚାର କରାଯିବ । ଏହି ପ୍ରସ୍ତୁତି ବୈଠକରେ ଅତିରିକ୍ତ କମିଶନର ରତ୍ନାକର ସାହୁ, ଶୁଭେନ୍ଦୁ କୁମାର ସାହୁ, କୈଳାସ ଚନ୍ଦ୍ର ଦାସ, ସହକାରୀ କମିଶନର ଏନ୍. ଗଣେଶ ବାବୁ, ଅତିରିକ୍ତ ନିର୍ଦ୍ଦେଶକ ଜନସ୍ୱାସ୍ଥ୍ୟ ଓଡିଶା ତଥା ଅର୍ବାନ ମେଟ୍ରୋପଲିଟାନ ସର୍ଭେଲାନ୍ସ ୟୁନିଟର ନୋଡାଲ ଅଫିସର ଡାକ୍ତର ପ୍ରମିଳା ବରାଳ, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ, ବିଏମ୍‌ସି ସହରାଞ୍ଚଳ ଜନସ୍ୱାସ୍ଥ୍ୟ ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗ ଉପାୟୁକ୍ତ, ବିଏମ୍‌ସି ନଗର ସ୍ୱାସ୍ଥ୍ୟ ଅଧିକାରୀ, ଭେକ୍ଟର ବାହିତ ରୋଗର ରାଜ୍ୟ ମୁଖ୍ୟ, ସିଟି କାର୍ଯ୍ୟକ୍ରମ ପରିଚାଳକ, ସମସ୍ତ ଫାଇଲେରିଆ ଇନ୍ସପେକ୍ଟର, ଖାଦ୍ୟ ନିରାପତ୍ତା ଅଧିକାରୀ, ବିଭିନ୍ନ ଉପବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସାକ୍ଷାତ କଲେ ମୁକେଶ ମହାଲିଙ୍ଗ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ନୂଆଦିଲ୍ଲୀ ଗସ୍ତ ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ। ଏହି ଅବସରରେ ଉଭୟଙ୍କ ମଧ୍ୟରେ ବହୁ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁକେଶ ମହାଲିଙ୍ଗ ଫଟୋ ସେୟାର କରି କହିଛନ୍ତି ଯେ, ନୂଆଦିଲ୍ଲୀ ଗସ୍ତ ଅବସରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରିଛି । ଏହି ଅବସରରେ ରାଜ୍ୟର ବିକାଶ ସମ୍ପର୍କିତ ଅନେକ ଗୁରୁତ୍ୱ ବିଷୟରେ ଆଲୋଚନା କରିଛି। ଉଭୟ କେନ୍ଦ୍ର ଏବଂ ରାଜ୍ୟର ମିଳିତ ସହଯୋଗରେ ବିକଶିତ ଓଡ଼ିଶା ନିର୍ମାଣ ପାଇଁ ଆମ ସରକାର ପ୍ରତିବଦ୍ଧ ଅଟନ୍ତି।

## ସାଇବର ପୋଲିସ ଦ୍ୱାରା ଠକ ଗିରଫ

କଟକ(ଭାସ୍କର ନ୍ୟୁଜ୍): ଇନଭେଷ୍ଟମେଣ୍ଟ କମ୍ପାନୀ ନାଁରେ ଠକେଇ ଘଟଣାରେ କଟକ ସାଇବର ଥାନା ଜଣଙ୍କୁ ଗିରଫ କରିଛି। ଗିରଫ ଠକର ନାମ ଭଦ୍ରକର ଅମୂଲ୍ୟ କୁମାର ସାହୁ। ଗିରଫ ଅଭିଯୁକ୍ତ ହ୍ୱାଟ୍‌ସପ୍ ସହ ବିଭିନ୍ନ ୱେବସାଇଟ୍ ଜରିଆରେ ଅଧିକ ଟଙ୍କାର ପ୍ରଲୋଭନ ଦେଖାଇ ଟଙ୍କା ଇନଭେଷ୍ଟମେଣ୍ଟ କରିବାକୁ କହୁଥିଲେ । ଅଭିଯୁକ୍ତ ୭ ଲକ୍ଷ ୬୮ ହଜାର ଟଙ୍କା ଠକେଇ କରିଥିବା ଅଭିଯୁକ୍ତରୁ ଜଣାପଡିଛି।



ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ପକ୍ଷରୁ ମେଧାବୀ ଅଭିନନ୍ଦନ ୨୦୨୫ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

# ଗୋ-ସୁଗମ ପୋର୍ଟାଲରେ ଆବେଦନ କଲେଣି ୮୨ ଉଦ୍ୟୋଗୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢୀଙ୍କ ଅଧ୍ୟକ୍ଷତାରେ କୃଷି ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଓଡ଼ିଶା ଶୀତଳ ଭଣ୍ଡାର ଆସୋସିଏସନ ସଦସ୍ୟ ଏବଂ ଶୀତଳ ଭଣ୍ଡାର ସ୍ଥାପନ ନିମିତ ଇଛୁକ ଉଦ୍ୟୋଗୀଙ୍କ ମଧ୍ୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭାଗୀୟ ଅଧିକାରୀ ମାନେ ଉଦ୍ୟୋଗୀ ମାନଙ୍କ ସହିତ ରାଜ୍ୟ ସରକାରଙ୍କ ନୂତନ ଶୀତଳ ଭଣ୍ଡାର ନୀତି ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ସରକାରଙ୍କ ଏହି ପଦକ୍ଷେପ ଆଗାମୀ ଦିନରେ କୃଷିଜାତ ଦ୍ରବ୍ୟର ସଂରକ୍ଷଣ ସହ କୃଷି ଅର୍ଥନୀତିକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ ବୋଲି ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା କୃଷି ଉଦ୍ୟୋଗୀ ମାନେ ମତବ୍ୟକ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ ଓଡ଼ିଶା ଶୀତଳ ଭଣ୍ଡାର ଆସୋସିଏସନର ସଦସ୍ୟବୃନ୍ଦ ସରକାରଙ୍କ ଏହି ଅଭିନବ ପଦକ୍ଷେପକୁ ପ୍ରଶଂସା କରିବା ସହିତ ସେମାନଙ୍କର ମତାମତ ଉପସ୍ଥାପନ କରିଥିଲେ, ଯାହା ଭବିଷ୍ୟତରେ ସରକାରଙ୍କ ଏହି ନୀତିକୁ ଆହୁରି ସହଜ ଏବଂ ସରଳ କରାଯାଇପାରିବ। ଉଦ୍ୟୋଗୀମାନଙ୍କ ସକରାତ୍ମକ ପରାମର୍ଶକୁ ଆଗାମୀ ଦିନରେ କାର୍ଯ୍ୟକାରୀ କରିବା ନେଇ ପ୍ରମୁଖ ଶାସନ ସଚିବ ସୂଚନା ପ୍ରଦାନ କରିଛନ୍ତି। ଏହି ଅବସରରେ ସମସ୍ତ ଯୋଗ୍ୟ ଉଦ୍ୟୋଗୀମାନଙ୍କୁ ବିଭାଗ ତରଫରୁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରାଯିବ ବୋଲି ପ୍ରମୁଖ ଶାସନ ସଚିବ, ଡ଼ ପାଢ଼ୀ କହିଛନ୍ତି । ଏଥି ସହିତ ସରକାରୀ ଆର୍ଥିକ ସହାୟତା ଉପଲବ୍ଧ କରିବା ପାଇଁ ଉଦ୍ୟୋଗୀ ମାନଙ୍କୁ ଅବିଳମ୍ବେ ଗୋ-ସୁଗମ ପୋର୍ଟାଲରେ ଆବେଦନ କରିବା ପାଇଁ ପରାମର୍ଶ ପ୍ରଦାନ କରାଯାଇଅଛି । ସୂଚନାଯୋଗ୍ୟ ଯେ ରାଜ୍ୟର ଅଦ୍ୟାବଧି ୨୫ ଗୋଟି ଜିଲ୍ଲାର ୮୨ ଜଣ ଆଗ୍ରହୀ ଉଦ୍ୟୋଗୀ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ଗୋ-ସୁଗମ ପୋର୍ଟାଲରେ ପଞ୍ଜୀକରଣ କରିଛନ୍ତି । ଖୁବଶୀଘ୍ର ଏହା ଉପରେ ପ୍ରକ୍ରିୟା ଆରମ୍ଭ କରାଯିବ ।

## ପେଶାଦାର ଠକ ଗିରଫ

କଟକ(ଭାସ୍କର ନ୍ୟୁଜ୍): କାର ଯୋଗାଇଦେବାକୁ ଚୁକ୍ତିନାମା କରି ଟଙ୍କା ଦେଇ ନିଖୋଜ ହୋଇଥିବା ଜଣେ ଠକକୁ ମଙ୍ଗଳାବାଗ ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଜଗତସିଂହପୁର ନାଉଗାଁର କାହ୍ନା ଓରଫ ପ୍ରିୟବ୍ରତ ଦାସ (୨୫)। ଗିରଫ ଅଭିଯୁକ୍ତ ସୌମ୍ୟ ନିହାର ଦାସ ନାମକ ଜଣେ ଯୁବକଙ୍କୁ ଓଡି୨୨ ଡବ୍ଲୁ ୪୩୭୨ ନମ୍ବରର ଏକ କାର ଦେବାକୁ କାହ୍ନା ଚୁକ୍ତିନାମା କରିଥିଲେ। ସେଥିପାଇଁ ସେ ଆଗୁଆ ୧,୮୦,୦୦୦ ଟଙ୍କା ନେଇଥିଲେ। ଏହାପରେ କାର ଦେଇନଥିଲେ। ସୌମ୍ୟ କାର ପାଇଁ ଅନେକ ବାର କାହ୍ନା ସହ ଯୋଗାଯୋଗ କରିଥିଲେ, ମଧ୍ୟ କାହ୍ନା କାର ନଦେଇ ଠକିଚାଲିଥିଲା। ଏ ସଂପର୍କରେ ସୌମ୍ୟ ମଙ୍ଗଳାବାଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ଘଟଣାରୁ ଅନୁସନ୍ଧାନ କରି କାହ୍ନାକୁ ଗିରଫ କରିଥିଲେ। ଗିରଫ ପରେ କାହ୍ନାକୁ ରବିବାର କୋର୍ଟ ଚାଲଣ କରାଯାଇଛି। ଠକ କାହ୍ନାଙ୍କ ନାମରେ ଏଭଳି ଅନେକ ମାମଲାରେ ସଂପୃକ୍ତ ରହିଥିବା ପୋଲିସ ଠାରୁ ପ୍ରକାଶ। କାହ୍ନା ଜଣେ ପେଶାଦାର ଠକ ବୋଲି ପୋଲିସ ଅନୁସନ୍ଧାନରୁ ଜଣାପଡିଛି।

## ଅନ୍ତର୍ଜାତୀୟ ସଂଗ୍ରହାଳୟ ଦିବସ ପାଳିତ

# 'ସଂଗ୍ରହାଳୟ ହେଉଛି ଇତିହାସର ବଳିଷ୍ଠ ମାଧ୍ୟମ'



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରବିବାର ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ଅନ୍ତର୍ଜାତୀୟ ସଂଗ୍ରହାଳୟ ଦିବସ ପାଳିତ ହୋଇଯାଇଛି। ଅନ୍ତର୍ଜାତୀୟ ସଂଗ୍ରହାଳୟ ଦିବସ ଅବସରରେ ରାଜ୍ୟ ସଂଗ୍ରହାଳୟରେ 'ସମାଜର ଦ୍ରୁତ ପରିବର୍ତ୍ତନରେ ସଂଗ୍ରହାଳୟର ଭବିଷ୍ୟତ' ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଆଲୋଚନା ଚକ୍ରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ତଥା ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଦେବ ପ୍ରସାଦ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ନିଜର ଅଭିଭାଷଣରେ ସେ କହିଥିଲେ ଯେ, ସଂଗ୍ରହାଳୟ ହେଉଛି ଆମ ଗୌରବମୟ ଇତିହାସ ସହିତ ସମ୍ପୃକ୍ତ ହେବାର ଏକ ବଳିଷ୍ଠ ମାଧ୍ୟମ। ଆମ ସଭ୍ୟତା, ସାହିତ୍ୟ ଓ ସଂସ୍କୃତି ସହ ସଂଗ୍ରହାଳୟ ଆମକୁ ପରିଚିତ କରାଇଥାଏ ବୋଲି ଶ୍ରୀ ଦାଶ ମତପ୍ରକାଶ କରିଥିଲେ। ଏଥିସହିତ ଆମ ରାଜ୍ୟ ଓ ଦେଶରେ ରହିଥିବା ବିଭିନ୍ନ ସଂଗ୍ରହାଳୟ ଏବଂ ତାହାର ବିଶେଷତ୍ୱ ସମ୍ପର୍କରେ ମଧ୍ୟ ଶ୍ରୀ ଦାଶ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବରେ ଏ. ଏସ. ଆଇର ଅବସରପ୍ରାପ୍ତ ଅଧିକ୍ଷଣ ପ୍ରତ୍ନତତ୍ତ୍ୱବିତ୍ ଡ଼. ଜୀବନ କୁମାର ପଟ୍ଟନାୟକ ଏବଂ ଆଞ୍ଚଳିକ ପ୍ରାକୃତିକ ବିଜ୍ଞାନ ସଂଗ୍ରହାଳୟର ପ୍ରଭାରି ବୈଜ୍ଞାନିକ ଶ୍ରୀ ଗୌରବ ଯୋଗଦେଇଥିଲେ। ଆଜିର ଡିଜିଟାଲ୍ ଯୁଗରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏବଂ ବିଭିନ୍ନ ଡିଜିଟାଲ୍ ଟେକନୋଲୋଜିର ପ୍ରୟୋଗ ମାଧ୍ୟମରେ ସଂଗ୍ରହାଳୟରେ ରହିଥିବା ତଥ୍ୟ, ବିବରଣୀକୁ କିପରି ରୋଚକ ଭାବରେ ଦର୍ଶକମାନଙ୍କ ଆଗରେ ପ୍ରସ୍ତୁତ କରିପାରିବା, ଯୁବପିଢ଼ି ଯେପରି ଆମ ଗୌରବମୟ ଇତିହାସ ଓ ସଭ୍ୟତା ସହ ପରିଚିତ ହୋଇପାରିବେ ଏବଂ ସଂଗ୍ରହାଳୟ ମାଧ୍ୟମରେ ଆମ ଭାଷା, ସାହିତ୍ୟ, ସଂସ୍କୃତିର ଯେପରି ବହୁଳ ପ୍ରଚାର ଓ ପ୍ରସାର ହୋଇପାରିବ ସେ ସମ୍ବନ୍ଧରେ ସମ୍ମାନିତ ଅତିଥି ଡ଼. ଜୀବନ କୁମାର ପଟ୍ଟନାୟକ ଏବଂ ଶ୍ରୀ ଗୌରବ ଆଲୋଚନା କରିଥିଲେ। ଆଲୋଚନା ଚକ୍ରରେ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ଼. ଚନ୍ଦ୍ର ଶେଖର ହୋତା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଉପନିର୍ଦ୍ଦେଶକ ସୁଶ୍ରୀ ଦେବଯାନୀ ଭୂୟାଁ ଉପସ୍ଥିତ ଥିଲେ। ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ଅଧିକ୍ଷକ ହଳଧର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଏମ୍‌ସି କର୍ମଚାରୀଙ୍କୁ ଆକ୍ରମଣ, ଜଣେ ଅଟକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭିଏସ୍ଏସ୍ ନଗର ଫାଣ୍ଡି ନିକଟରେ ଜଣେ ବିଏମ୍‌ସି କର୍ମଚାରୀଙ୍କୁ କିଛି ଦୁର୍ବୃତ୍ତ ମରଣାନ୍ତକ ଆକ୍ରମଣ କରିଥିଲେ । ଏପରିକି ଦୁର୍ବୃତ୍ତମାନେ ତାଙ୍କୁ ରାସ୍ତାରେ ଗୋଡାଇ ଗୋଡାଇ ବିଅର ବୋତଲ ଭାଙ୍ଗି ଆକ୍ରମଣ କରିଥିଲେ । ଆକ୍ରମଣର ଶିକାର ହୋଇଥିବା କର୍ମଚାରୀଙ୍କ ନାମ ଚକ୍ରଧର ଜେନା । ସେ ଫାଣ୍ଡି ନିକଟରେ ଷ୍ଟ୍ରୀଟ୍‌ଲାଇଟ୍ ମରାମତି କରୁଥିଲେ । ଏହି ସମୟରେ କିଛି ଦୁର୍ବୃତ୍ତ ସେଠାରେ ଅସଭ୍ୟ ଭାଷାରେ ଗାଳିଗୁଲଜ କରୁଥିଲେ । ଏହାକୁ ଚକ୍ରଧର ବିରୋଧ କରିଥିଲେ । ପରେ ବିୟର ବୋତଲ ଭାଙ୍ଗି ତାଙ୍କୁ ଆକ୍ରମଣ କରିଥିଲେ । ଏପରିକି ଚକ୍ରଧର ଘଟଣାସ୍ଥଳରୁ ଦୌଡି ପଳାଇବାକୁ ଚେଷ୍ଟା କରିଥିଲେ ସୁଦ୍ଧା ଦୁର୍ବୃତ୍ତମାନେ ତାଙ୍କୁ ଗୋଡାଇ ଗୋଡାଇ ଆକ୍ରମଣ କରିଥିଲେ । ଏହି ଘଟଣାରେ ସହିଦନଗର ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି ।

## ଆଇନଜୀବୀ ମାନସ ମଲ୍ଲିକ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ନିଯୁକ୍ତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭାରତୀୟ ଯୁବ କଂଗ୍ରେସର ପୂର୍ବତନ ରାଷ୍ଟ୍ରୀୟ ସମ୍ପାଦକ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ଉପସଭାପତି ଆଇନଜୀବୀ ମାନସ କୁମାର ମଲ୍ଲିକଙ୍କୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗର ରାଜ୍ୟ ଅଧ୍ୟକ୍ଷ ଭାବେ ନିଯୁକ୍ତି କରାଯାଇଛି। ଭାରତୀୟ ଜାତୀୟ କଂଗ୍ରେସର ସଭାପତି ମଲ୍ଲିକାର୍ଜ୍ଜୁନ ଖର୍ଗେଙ୍କ ଅନୁମୋଦନ କ୍ରମେ ଅଖିଳ ଭାରତୀୟ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ କେ.ସି. ଭେନୁଗୋପାଲ ଆଇନଜୀବି ଶ୍ରୀ ମଲ୍ଲିକଙ୍କୁ ଉକ୍ତ ନିଯୁକ୍ତି ଦେଇଛନ୍ତି। ଆଇନଜୀବୀ ଶ୍ରୀ ମଲ୍ଲିକ ଛାତ୍ର ଜୀବନରୁ କଂଗ୍ରେସ ଦଳରେ ସକ୍ରିୟ ଭାବେ କାର୍ଯ୍ୟ କରିଆସୁଛନ୍ତି। ଏଥି ପୂର୍ବରୁ ସେ ରାଜ୍ୟ କଂଗ୍ରେସର ଉପସଭାପତି, ଅଖିଳ ଭାରତୀୟ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନର ରାଷ୍ଟ୍ରୀୟ ଆବାହାକ, ଯୁବ କଂଗ୍ରେସର ରାଷ୍ଟ୍ରୀୟ ସମ୍ପାଦକ, ଯୁବ କଂଗ୍ରେସର ରାଜ୍ୟ ଉପସଭାପତି, ଆମ ଆଦ୍‌ମୀ କା ସିପାହୀର ରାଜ୍ୟ ସଂଯୋଜକ, କେନ୍ଦ୍ରାପଡ଼ା ଜିଲ୍ଲା କାର୍ଯ୍ୟକାରୀ ସଭାପତି ଭାବେ ସୁଚାରୁ ରୂପେ କାର୍ଯ୍ୟ କରିଛନ୍ତି। ତାଙ୍କ ନୂତନ ନିଯୁକ୍ତିରେ ଆଇନଜୀବୀ ମଲ୍ଲିକ ଭାରତୀୟ ଜାତୀୟ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖର୍ଗେ, ବିରୋଧଦଳ ନେତା ରାହୁଲ ଗାନ୍ଧୀ, ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ, ଏଆଇସିସି ସଂଯୋଜକ ତଥା ଝାଡଖଣ୍ଡ ପ୍ରଭାରୀ କେ. ରାଜୁ, ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲାଲ୍ଲୁ, ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଏବଂ କେନ୍ଦ୍ରାପଡା ଜିଲ୍ଲା କଂଗ୍ରେସ କମିଟିର ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଧନ୍ୟବାଦ ଜଣାଇଲା ବିଜେପି କୃଷକ ମୋର୍ଚ୍ଚା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶାର ଚାଷୀମାନଙ୍କର ଆୟକୁ ଦୁଇ ଗୁଣା କରିବା ପାଇଁ ଚାଷୀ ଦରଦୀ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନେକ କୃଷକ କଲ୍ୟାଣକାରୀ ଯୋଜନା କରୁଛନ୍ତି। ଏନେଇ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନରେ ଆଜି ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଧନ୍ୟବାଦ ଜଣାଇଛନ୍ତି। ବିଶେଷ କରି ଲଘୁଚାପଜନିତ ଅଦିନିଆ ଝଡ଼ବର୍ଷା ଅବା କାଳବୈଶାଖୀ ଜନିତ ଫସଲ କ୍ଷୟକ୍ଷତିରେ କୃଷକମାନଙ୍କୁ ସହାୟତା ଦେବା ପାଇଁ କ୍ୟାବିନେଟ୍‌ରେ ନିଷ୍ପତି ନିଆଯାଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଶ୍ରୀ ସାହୁ କୃତଜ୍ଞତା ଜଣାଇଛନ୍ତି। ଏହାଛଡ଼ା ଧାନ କୁଇଂଟାଲ ପ୍ରତି ୩୧୦୦ ଟଙ୍କା ଚାଷୀମାନଙ୍କୁ ଦେବା, ୫୮ଟି ସବ୍‌ଡିଭିଜନରେ ଶୀତଳଭଣ୍ଡାର କରିବା, ୧୫ ଲକ୍ଷ ହେକ୍ଟର ଚାଷ ଜମିକୁ ଜଳସେଚିତ କରିବା ନିଷ୍ପତି, ସିଏମ୍ କିଶାନ ଯୋଜନାରେ ୫୧ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀମାନଙ୍କୁ ୨ଟି କିସ୍ତିରେ ବର୍ଷକୁ ୪ ହଜାର ଟଙ୍କା ପ୍ରଦାନ, ଆଳୁ ଚାଷ କରିବା ପାଇଁ ଚାଷୀମାନଙ୍କୁ ହେକ୍ଟର ପିଛା ୫୮ ହଜାର ଟଙ୍କା ପ୍ରୋତ୍ସାହନ ସହାୟତା ପ୍ରଦାନ କରିଥିବାରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଚାଷୀମାନଙ୍କୁ ସମୃଦ୍ଧ କରିବା ପାଇଁ ସେମାନଙ୍କ ନିକଟରେ କିପରି କୃଷକ କଲ୍ୟାଣକାରୀ ଯୋଜନାଗୁଡ଼ିକ ପହଂଚିବ ସେ ବିଷୟରେ ଶ୍ରୀ ସାହୁ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ଏହି ଆଲୋଚନା ସମୟରେ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସମ୍ପାଦକ ବିକ୍ରମ କେଶରୀ ରାଉତରାୟ ଉପସ୍ଥିତ ଥିଲେ।

# ୪୫ତମ ଜାତୀୟ ଶିଶୁ ମହୋତ୍ସବ ପାଳିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଅନୁଷ୍ଠାନ ସ୍ୱାଗତିକା ତରଫରୁ ୪୫ତମ ଜାତୀୟ ଶିଶୁ ମହୋତ୍ସବ-୨୦୨୫ ସ୍ଥାନୀୟ ଜୟଦେବ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତାରେ ରାଜ୍ୟ ତଥା ଆନ୍ତଃରାଜ୍ୟସ୍ତରରୁ ବିଭିନ୍ନ ଶ୍ରେଣୀର ୧୦୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ କଳା, ରାହିମ୍ସ, ବକ୍ତୃତା, ଫ୍ୟାସନ ଶୋ, ଏକକ ନୃତ୍ୟ, ସଙ୍ଗୀତ ଓ ୱିମେନ୍ସ ୱେଶାଲରେ ଅଂଶଗ୍ରହଣ କରିଥିଲେ। ଏଥିମଧ୍ୟରୁ ୧୦୨ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ଓ ଚଳଚ୍ଚିତ୍ର ଅଭିନେତ୍ରୀ ସୁଶ୍ରୀ ସାଇନି ମହାନ୍ତିଙ୍କୁ ଜାତୀୟ ଶିଶୁ ମହୋତ୍ସବ-୨୦୨୬ ପ୍ରସାର ନିମନ୍ତେ ବ୍ରାଣ୍ଡ ଆମ୍ବାସାଡ଼ର ଭାବେ ସର୍ବସମ୍ମତି ଭାବେ ନିଯୁକ୍ତ କରାଯାଇଛି। ଏହି କାର୍ଯ୍ୟକ୍ରମ ଅନୁଷ୍ଠାନର ସଭାପତି ନମିତା ମରୀ ରାୟ, ସାଧାରଣ ସମ୍ପାଦକ ଡ. ଅସିତ୍ କୁମାର ମହାନ୍ତି, ଅନୁଷ୍ଠାନର ସଂଗଠକ ମାନସ କାନୁନଗୋ, ରମେଶ ଚନ୍ଦ୍ର ମହାନ୍ତି, ଅଶୋକ କୁମାର ରାୟ, ଶ୍ରୀଯୁକ୍ତ ସୂର୍ଯ୍ୟ ରଞ୍ଜନ ମହାନ୍ତି, ନାରାୟଣ ବିଶୋଇ, ଲିଙ୍ଗରାଜ ମହାନ୍ତି ପ୍ରମୁଖ କର୍ମକର୍ତ୍ତାଙ୍କ ମାଧ୍ୟମରେ ପୁରସ୍କାର ବିତରଣ ଉତ୍ସବ ପରିଚାଳିତ ହୋଇଥିଲା।

## ସୃଜନର ଉପସରଣମ୍

# ୭୫ ଜଣ ଯୁବ ନୃତ୍ୟଶିଳ୍ପୀଙ୍କ ନୃତ୍ୟ ପରିବେଷଣ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଗୁରୁ କେଳୁଚରଣ ମହାପାତ୍ର ଓଡିଶୀ ନୃତ୍ୟବାସ ୧୯୯୩ରେ ଏହାର ପ୍ରଥମ ଅନୁଷ୍ଠାନ ଆରମ୍ଭ କରିବା ପରଠାରୁ ଶାସ୍ତ୍ରୀୟ ଓଡିଶୀ ନୃତ୍ୟ ଦୁନିଆରେ ତାଲିମ, ସୃଜନଶୀଳତା, ପ୍ରଦର୍ଶନ ଓ ଉତ୍କର୍ଷତା କ୍ଷେତ୍ରରେ ସବୁବେଳେ ସଫଳ ହେବା ପାଇଁ ଚେଷ୍ଟା କରିଆସିଛି। 'ଉପସରଣମ- ଉତ୍କର୍ଷତା ଦିଗରେ ଅଗ୍ରସର ହେବା' ହେଉଛି ସୃଜନର ଗୁରୁତ୍ୱପୂର୍ଣ୍ଣ ତାଲିମ ଶାଖାର ବାର୍ଷିକ ପ୍ରଦର୍ଶନୀ। ଚଳିତ ବର୍ଷ ସୃଜନ ପକ୍ଷରୁ ଭୁବନେଶ୍ୱରର ରବିନ୍ଦ୍ର ମଣ୍ଡପଠାରେ ଉପସରଣମ୍-୨୦୨୫ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମଟଃ ମୃତ୍ୟୁଞ୍ଜୟ ରଥ ପରିଚାଳନା କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ପ୍ରଖ୍ୟାତ ସଙ୍ଗୀତଜ୍ଞ ଓ ବାଦ୍ୟଯନ୍ତ୍ରବାଦକ ଅବନିକାନ୍ତ ଦାସ, ଗୁରୁ ପଙ୍କଜ ଚରଣ




ଓଡିଶର ରିସର୍ଚ୍ଚ ଫାଉଣ୍ଡେଶନର ନିର୍ଦ୍ଦେଶକ ଶରତ ଦାସ, ଲୋକପ୍ରିୟ ସିତାର ବାଦକ ରବିଶଙ୍କର ପ୍ରଧାନ, ପ୍ରତିଷ୍ଠିତ ଓଡିଆ ସାମ୍ବାଦିକ, କବି ଓ ଲେଖକ କେଦାର ମିଶ୍ରଙ୍କ ସମେତ ସୃଜନର ନିର୍ଦ୍ଦେଶକ ତଥା ଶ୍ରୀ ଶ୍ରୀ ୟୁନିଭର୍ସିଟିର ଫ୍ୟାକଲ୍ଟି ଅଫ୍ ଆର୍ଟସ୍, କମ୍ୟୁନିକେଶନ ଆଣ୍ଡ ଇଣ୍ଡିକ ଷ୍ଟଡିଜ୍‌ର ଡିନ ରତିକାନ୍ତ ମହାପାତ୍ର ପ୍ରଦୀପ ପ୍ରଜ୍ଜ୍ୱଳନ ସହିତ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହାପରେ ୭୫ ଜଣ ପ୍ରତିଭାଶାଳୀ ଯୁବ ନୃତ୍ୟଶିଳ୍ପୀ ମଞ୍ଚରେ ଚମତ୍କାର ନୃତ୍ୟ ପରିବେଷଣ କରିଥିଲେ। ସେମାନେ ସ୍ୱର୍ଗତଃ କିମ୍ବଦନ୍ତୀ ଓଡିଶୀ ନୃତ୍ୟଗୁରୁ ଓ ସୃଜନ ଗୁରୁ କେଳୁଚରଣ ମହାପାତ୍ର ନୃତ୍ୟବାସର ପ୍ରତିଷ୍ଠାତା ଗୁରୁ କେଳୁଚରଣ ମହାପାତ୍ର ଓ ସଂସ୍ଥାର ନିର୍ଦ୍ଦେଶକ ରତିକାନ୍ତ ମହାପାତ୍ରଙ୍କ ନୃତ୍ୟ ସଂରଚନା ଉପସ୍ଥାପନ କରିଥିଲେ।

ଓଡ଼ିଶା ଭାସ୍କର
ସମ୍ପାଦକୀୟ



"ଭଗବତ୍ କରୁଣା, ଭଗବତ୍ ଇଚ୍ଛା ଓ ଭଗବତ୍ କର୍ମରେ ପୂର୍ଣ୍ଣ ବିଶ୍ୱାସ ରଖି ଚାଲ। ସବୁ କିଛି ଠିକ୍ ହୋଇଯିବ।"
-ଶ୍ରୀମା



"ନିଜ ସୁଖ ଲାଗି ଜାତ ନୁହେଁ ହିନ୍ଦୁ ବିଶ୍ୱ ହିତେ ହିନ୍ଦୁ ପ୍ରତି ରକ୍ତବିନ୍ଦୁ।"
- ଉତ୍କଳମଣି ଗୋପବନ୍ଧୁ ଦାସ




## ବଜ୍ରପାତ ବିଭୀଷିକାରେ ଓଡ଼ିଶା ପ୍ରଥମ

# 'ଜାତୀୟ ବିପର୍ଯ୍ୟୟ' ଘୋଷିତ ହେଉ

ଆଜିକାଲି ଖବରକାଗଜ ପୃଷ୍ଠା ଓଲଟାଇଲେ ବଜ୍ରପାତଜନିତ ମୃତ୍ୟୁ ଖବର ପ୍ରାୟତଃ ଦେଖିବାକୁ ମିଳୁଛି। ବର୍ଷା ସହ ବଜ୍ରପାତ ଏବଂ ସେଥିରେ ମଣିଷ ଓ ପଶୁପକ୍ଷୀଙ୍କ ମୃତ୍ୟୁ ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ସାଧାରଣତଃ ବିଲରେ କୃଷି କାର୍ଯ୍ୟ କରୁଥିବା ଚାଷୀ, ବର୍ଷା ଯୋଗୁଁ ଗଛମୂଳେ ଆଶ୍ରୟ ନେଇଥିବା ପଥଚାରୀ, ପଡ଼ିଆରେ ଖେଳୁଥିବା ଖେଳାଳି କିମ୍ବା ରାସ୍ତାରେ ଯାଉଥିବା ବାଇକ୍ ଆରୋହୀ ଅଧିକ ସଂଖ୍ୟାରେ ବଜ୍ରପାତଜନିତ ବିଭୀଷିକାର ଶିକାର ହୋଇଥାନ୍ତି। ଏବେ ମୌସୁମୀର ଆଗମନ ପୂର୍ବରୁ ଆମ ରାଜ୍ୟର ବିଭିନ୍ନ ସ୍ଥାନରେ ମଝିରେ ମଝିରେ କାଳବୈଶାଖୀ ବର୍ଷା ଓ ଝଡ଼ ପବନ କିଛିଟା କ୍ଷତି ଘଟାଉଛି। ମାତ୍ର ଏହି କାଳବୈଶାଖୀର ସବୁଠାରୁ କ୍ଷତିକାରକ ଦିଗଟି ହେଉଛି ବର୍ଷା ସହ ହେଉଥିବା ବିଜୁଳି ଓ ବଜ୍ରପାତ ଏବଂ ଏଥିରେ କାହାରି ନା କାହାରି ମୃତ୍ୟୁ ଘଟୁଛି। ଗତ ଶୁକ୍ରବାର ଅପରାହ୍ନରେ ଓଡ଼ିଶାର ବହୁ ସ୍ଥାନରେ କାଳବୈଶାଖୀ ଜନିତ ବର୍ଷା ଓ ବଜ୍ରପାତ କାଳ ସାଜିଥିବାର ଖବର ହସ୍ତଗତ ହୋଇଛି। ସେହି ଗୋଟିଏ ଦିନରେ ବିଭିନ୍ନ ଜିଲ୍ଲାରେ ୧୫ଜଣ ବଜ୍ରପାତ ଯୋଗୁଁ ପ୍ରାଣ ହରାଇବା ସଙ୍ଗେ ସଙ୍ଗେ ବହୁ ଲୋକ ଆହତ ହେବା ନିଶ୍ଚିତ ଭାବରେ ଚିନ୍ତାଜନକ ମନେହେଉଛି। ସୂଚନା ଅନୁଯାୟୀ କୋରାପୁଟ ଜିଲ୍ଲାରେ ଧାନ ବିଲ ଜଗିଥିବାବେଳେ ହଠାତ୍ ବର୍ଷା ପବନ ମାଡ଼ି ଆସିବା ସହିତ ବଜ୍ରପାତ ହେବା ଯୋଗୁଁ ୩ଜଣ ସେହି ବିଲରେ ହିଁ ଟଳି ପଡ଼ିଥିଲେ। ସେହିପରି ନଦୀରେ ମାଛ ଧରୁଥିବା ବେଳେ ଜଣେ ବ୍ୟକ୍ତିଙ୍କ ବଜ୍ରପାତ ଯୋଗୁଁ ମୃତ୍ୟୁ ଘଟିଛି। ଗଞ୍ଜାମ ଜିଲ୍ଲାରେ ବେଲଗୁଣ୍ଠା ଅଞ୍ଚଳରେ ୩୧ ବର୍ଷ ବୟସ୍କା ରୀତା ଗୌଡ଼ ତୋଟାକୁ ଯାଇଥିବା ବେଳେ ଝଡ଼ବର୍ଷା ମାଡ଼ି ଆସିବାରୁ ଏକ କାଜୁଗଛ ମୂଳେ ଆଶ୍ରୟ ନେଇଥିଲେ। ମାତ୍ର ଦୁର୍ଭାଗ୍ୟବଶତଃ ସେହିଠାରେ ହିଁ ବଜ୍ରପାତ ତାଙ୍କର ଜୀବନ ନେଇଥିଲା। କବିସୂର୍ଯ୍ୟନଗର ଠାରେ ଓମ୍ ପ୍ରକାଶ ନାମକ ଜଣେ ଛାତ୍ର ସାଙ୍ଗ ସାଥୀଙ୍କ ସହ କ୍ରିକେଟ୍ ଖେଳୁଥିବା ସମୟରେ ବଜ୍ରପାତ ଯୋଗୁଁ ଚିରଦିନ ପାଇଁ ଆଖି ବୁଜିଛନ୍ତି। ଗଜପତି ଜିଲ୍ଲାରେ ଟ୍ରାକ୍ଟରରୁ ଇଟା ଓହ୍ଲାଉଥିବା ଜଣେ ମହିଳା ଶ୍ରମିକଙ୍କ ବଜ୍ରପାତରେ ମୃତ୍ୟୁ ଘଟିଥିବା ସ୍ଥଳେ ଯାଜପୁର ଜିଲ୍ଲାରେ ଘର ଆଗରେ ଠିଆ ହୋଇଥିବା ଦୁଇଟି ନାବାଳକଙ୍କର ମଧ୍ୟ ଶୋଚନୀୟ ଭାବରେ ମୃତ୍ୟୁ ଘଟିଛି। ନବରଙ୍ଗପୁର ଜିଲ୍ଲାରେ ମକା ଶୁଖାଉଥିବା ସମୟରେ ଜଣେ ଯୁବକ ପ୍ରାଣ ହରାଇଥିବା ବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇଛନ୍ତି। ଢେଙ୍କାନାଳ ଓ ବାଲେଶ୍ୱର ଜିଲ୍ଲାରେ ମଧ୍ୟ ଏହି ପ୍ରାକୃତିକ ବିପର୍ଯ୍ୟୟରେ ୩ଜଣଙ୍କ ଜୀବନ ଯାଇଥିବାର ଖବର ମିଳିଛି। ଯେକୌଣସି ସମୟରେ ବର୍ଷା ହେଲେ ବଜ୍ରପାତଜନିତ ମୃତ୍ୟୁ ଯେପରି ସୁନିଶ୍ଚିତ ମନେହେଉଛି। ସରକାରୀ ପରିସଂଖ୍ୟାନ ଅନୁଯାୟୀ ଗତ ତିନିମାସ ମଧ୍ୟରେ ରାଜ୍ୟରେ ବଜ୍ରପାତ ୪୦ରୁ ଅଧିକ ଜୀବନ ନେଇଥିବା ବେଳେ ଏଗାର ବର୍ଷ ଭିତରେ ୩ହଜାର ୮୦୦ ଲୋକଙ୍କର ମୃତ୍ୟୁ ଘଟିଛି। ବଜ୍ରପାତ ଯୋଗୁଁ ସାରା ଦେଶରେ ସର୍ବାଧିକ ଲୋକ ଓଡ଼ିଶାରେ ହିଁ ପ୍ରାଣ ହରାଉଛନ୍ତି। ଅନ୍ୟ ରାଜ୍ୟଗୁଡ଼ିକରେ ମଧ୍ୟ ଏହି ବିଭୀଷିକା ଊଣା ଅଧିକେ ଦେଖିବାକୁ ମିଳୁଛି। ଏହାସତ୍ତ୍ୱେ ବଜ୍ରପାତକୁ ଜାତୀୟ ବିପର୍ଯ୍ୟୟ ତାଲିକାରେ ଏ ଯାବତ୍ ସ୍ଥାନ ଦିଆନଯିବା ବାସ୍ତବିକ କ୍ଷୋଭର ବିଷୟ। ରାଜ୍ୟ ସରକାର କେନ୍ଦ୍ର ନିକଟରେ ଏଥିଲାଗି ବହୁବାର ଦାବି ଉପସ୍ଥାପନ କରିଥିଲେ ହେଁ କୌଣସି ସୁଫଳ ମିଳିନାହିଁ। ଓଡ଼ିଶା ସରକାର ମୃତକଙ୍କ ପରିବାରକୁ ୪ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଯୋଗାଇ ଦେବାକୁ ୨୦୧୫ ମସିହାରୁ ବ୍ୟବସ୍ଥା କରିଛନ୍ତି। ପ୍ରାୟ ପ୍ରତିଦିନ ନିରୀହ ଲୋକଙ୍କ ଜୀବନ ଲୁଟି ନେଉଥିବା ଏହି ପ୍ରାକୃତିକ ବିପର୍ଯ୍ୟୟରୁ ସୁରକ୍ଷିତ ରହିବା ଦିଗରେ ଜନସଚେତନତା ସୃଷ୍ଟି ଏକାନ୍ତ ଜରୁରି।

# ପୂର୍ଣ୍ଣାହୁତିର ସମୟ ନିର୍ଘଣ୍ଟ



ଡ. ସତ୍ୟ ନାରାୟଣ ମିଶ୍ର
ସହ ନିର୍ଦ୍ଦେଶକ, ଜାତୀୟ ଅଭିଲେଖାଗାର,
ଏମ୍-୭୯, ମଧୁସୂଦନ ନଗର, ୟୁନିଟ-୪
ଭୁବନେଶ୍ୱର, ମୋ:୯୯୩୭୩୪୫୯୦୦

ସାଧାରଣତଃ ଆମେ ସମସ୍ତେ ଜାଣିଛୁ ଯେ ବର୍ଷରେ ଛଅଟି ଋତୁ ଅଛି ଓ ବର୍ତ୍ତମାନ ପରିସ୍ଥିତିରେ ମାତ୍ର ତିନୋଟି ଋତୁ ବିଶେଷ କ୍ରିୟାଶୀଳ ଅଛି ବୋଲି ଜଣାଯାଏ କିନ୍ତୁ ବର୍ଷରେ ଅନ୍ୟ ଏକ ଋତୁ ବର୍ଷର ବାର ମାସରେ ପ୍ରତିଦିନ ଚବିଶ ଘଣ୍ଟା କାର୍ଯ୍ୟକ୍ଷମ ଓ କ୍ରିୟାଶୀଳ ଥାଏ ତାହା ହେଉଛି ଏକ ଛଦ୍ମବେଶର ଲୁକ୍କାୟିତ ଦୁର୍ନୀତି ଋତୁ ବ୍ୟକ୍ତି ବା ସମାଜର ଧୈର୍ଯ୍ୟକୁ କେବେ ଦୁର୍ବଳତା ଭାବିବା ବୁଦ୍ଧିମାନ ବ୍ୟକ୍ତିର ଚିନ୍ତା ନୁହେଁ। ଶଠତା, ଠକାମି, ଚିଟ୍ ଫଣ୍ଡ ଆଦି ବେଶ ଲାଭ ଦାୟକ ବ୍ୟବସାୟ ଯାହା ନେଇ ଆଣି ଥୋଇ ପାରୁଥିବା ବର୍ଗର ସମସ୍ତ ବ୍ୟକ୍ତି ବିଶେଷ ମାଲେମାଲ୍ ହୋଇଥାନ୍ତି। ଯେପର୍ଯ୍ୟନ୍ତ ଠକାମି, ଶଠତା, ପ୍ରବଞ୍ଚନା ଇତ୍ୟାଦି ଲୋକ ଲୋଚନକୁ ନଆସିଥାଏ ସେ ପର୍ଯ୍ୟନ୍ତ ଉକ୍ତ ଠକାମିର ଶ୍ରେଷ୍ଠ ଅଧିପତିଙ୍କୁ ମାନ୍ୟବର ମହୋଦୟ ବୋଲି ସମ୍ବୋଧନ କରାଯାଏ, ମାତ୍ର ଯେତେବେଳେ ମାନ୍ୟବରଙ୍କର ଅନ୍ତର୍ନିହିତ ହିସାବରେ ତ୍ରୁଟି ହୋଇଯାଏ ବା ନିଜ ନିଜ ମଧ୍ୟରେ ଭାଗ ବଣ୍ଟାରେ ଅଛିଣ୍ଡା ସୂତ୍ର ଗୁନ୍ଥି ହୋଇଯାଏ, ସେତେବେଳେ ଉକ୍ତ ମାନ୍ୟବର ମହୋଦୟ ହତାଦରରେ ରୂପାନ୍ତରିତ ହୋଇଯାନ୍ତି ଓ ତୂଳିତଳ୍ପ ଶଯ୍ୟାରୁ ସାଧାରଣ ଯୋଗାଭ୍ୟାସ ଶଯ୍ୟାକୁ ଆଦରି ନେଇଥାନ୍ତି। ଯେତେବେଳେ କୌଣସି ଠକ ସଂସ୍ଥା ବିଭିନ୍ନ ନାମରେ ନାମିତ କରି ଲୋକଙ୍କ ନିକଟରୁ ଅର୍ଥ ଆତ୍ମସାତ କରିଚାଲୁଥିଲେ ସେତେବେଳେ ବିଭିନ୍ନ ପାହାଚରେ ଅଗଣିତ ବନ୍ଧୁର ରାସ୍ତାକୁ ସୁରକ୍ଷିତ କରାଯାଇଥାଏ, ମାତ୍ର ଯେତେବେଳେ ଠକାମିର କେଳେଙ୍କାରି ଲୋକଲୋଚନକୁ ଆସିଲା, ସେତେବେଳେ ଏହା ଦୁର୍ନୀତି ନାମରେ ନାମିତ ହେଲା। ତା'ପୂର୍ବରୁ ଏହା ଅର୍ଥର ଉପାଦେୟତା ବା ଘରୋଇ ସୁରକ୍ଷା ବ୍ୟବସ୍ଥା ଭଳି ବୁଝାଇ ଦିଆଯାଉଥିଲା। ସାଧାରଣ ଲୋକ ବି ରାତାରାତି ବଡଲୋକ ବା ପୁଞ୍ଜିପତି ହେବାର ସ୍ୱପ୍ନରେ ବିଭୋର ହୋଇ ଯାଉଥିଲେ କିମ୍ବା ଅସତ୍ ଉପାୟରେ ଅର୍ଥର ପର୍ବତ ଉପରେ ବସିବାର ସ୍ୱପ୍ନ ଦେଖୁଥିଲେ। ତାହାର ଫଳ ସ୍ୱରୂପ ଯେଉଁମାନେ ଅର୍ଥ ପ୍ରଦାନ କରିଥାନ୍ତି ସେମାନଙ୍କୁ ସେମାନଙ୍କର ସ୍ୱ ଅର୍ଜିତ ଝାଳ ବୁହା ଧନ ହରାଇବାକୁ ପଡିଥାଏ, କିମ୍ବା ସ୍ୱଅର୍ଜିତ ଧନ ହୋଇ ନଥିଲେ ଅନୁଶୋଚନା ମଧ୍ୟ ହୋଇ ନପାରେ। ସମାଜରେ ପ୍ରମୁଖ ଚିଟ୍‌ଫଣ୍ଡ ସଂସ୍ଥା ସିସୋର, ରୋଜ୍‌ଭେଲି, ଅର୍ଥ ତତ୍ତ୍ୱ, ଗୋଲଡ୍ଡେନ ହ୍ୟାଣ୍ଡ ଆଦି ଜମାକାରୀଙ୍କ ଠାରୁ ହଜାର ହଜାର କୋଟି ଟଙ୍କା ଠକି ନେଇଛନ୍ତି। ଅନ୍ୟକୁ ଠକିବାର ପ୍ରବୃତ୍ତିର ନିଶା କ୍ରମେ କ୍ରମେ ବଢି ବଢି ଚାଲିଛି ଓ ଏହାର ନିରାକରଣ କଥା ଚିନ୍ତା କରିବାର ଅବସର ନେଲାବେଳକୁ ଅନ୍ୟ ଏକ ବୃହତ ଠକାମିର ରୋଚକ ଉଦାହରଣ ଲୋକଲୋଚନକୁ ଆସି ଯାଉଛି। ଏକ ସର୍ବେକ୍ଷଣରୁ ଜଣାଯାଏ ଯେ ଏକଦା ଓଡ଼ିଶାରେ ୩୫ଟି ଠକ ସଂସ୍ଥା ବିରୋଧରେ ରାଜ୍ୟ ଅର୍ଥନୈତିକ ଅପରାଧ ଶାଖା ତଦନ୍ତ କରୁଅଛି। ତେବେ ଏଇଠି ପ୍ରଶ୍ନ ଉଠେ ଏ ସବୁ ସଂସ୍ଥା ଗୁଡିକ କାହାର ବାହୁ ଛାୟା ତଳେ ବିଶ୍ରାମ ନେଉଛନ୍ତି। ସାଧାରଣ ଗରିବ ଜନତାଙ୍କୁ ଭୁଲାଇ ସେମାନଙ୍କର ଅର୍ଥରେ ଦେଶ ବିଦେଶରେ ଘର କିଣି ମଉଜ କରିବା କେଡେ ଅପରାଧ ତାହା ହୁଏତ ସମୟ କହିପାରେ। ମାତ୍ର ଉକ୍ତ ସଂସ୍ଥାଗୁଡ଼ିକୁ ତ ନିଶ୍ଚୟ ସରକାରୀ ସ୍ୱୀକୃତି ମିଳିଥିବ। ସେଥିରେ କିଛି ବିଧି ବ୍ୟବସ୍ଥା ବା ନୀତି ନିଶ୍ଚୟ ରହିଥିବ। ମାତ୍ର ଏସବୁ ଉଲ୍ଲଙ୍ଘନ କରି ଉକ୍ତ ସଂସ୍ଥାଗୁଡିକ କିପରି ସେମାନଙ୍କର ନିଜସ୍ୱ ପରିକଳ୍ପିତ କାୟା ବିସ୍ତାର କଲେ ତାହା ଊଣା ଅଧିକେ ସମସ୍ତଙ୍କୁ ଆଚମ୍ବିତ କରିଦେଉଛି। ଉକ୍ତ ସଂସ୍ଥା ମାନଙ୍କର କାୟା ବିସ୍ତାରରେ ସରକାରୀ କଳର ସମସ୍ତ ଅବୟବ ନିସ୍ତେଜ ହୋଇ ପ୍ରତ୍ୟେକେ ନିଜ ନିଜର ସ୍ୱତନ୍ତ୍ର ଅବୟବ ବିସ୍ତାର କରିପାରିଲେ, ଅଥଚ ନିର୍ବାକ ହୋଇ ଅପରେସନ ଥିଏଟରରେ ରୋଗୀ ଯେପରି ନିଶା ଇଂଜେକସନ ପରେ କିଛି ଜାଣିପାରେ ନାହିଁ, ଠିକ ଅନୁରୂପ ପରିସ୍ଥିତି ଉଭୟ ସରକାରଙ୍କର, ଜନସାଧାରଣଙ୍କର ଓ ଉକ୍ତ ସଂସ୍ଥା ମାନଙ୍କର। ଯେକୌଣସି ଠକାମିର ସ୍ଥିତି କେବେହେଲେ କ୍ଷଣସ୍ଥାୟୀ ପଦକ୍ଷେପର ଚିହ୍ନ ନୁହେଁ ବରଂ ଏହା ଏକ ସୁଚିନ୍ତିତି ପରିକଳ୍ପନାର ଉନ୍ମେଷ। କିନ୍ତୁ ଦୀର୍ଘଦିନ ଅନ୍ୟାୟ, ଅନୀତି, ଠକାମି ଆଦିର କାୟା ବିସ୍ତାର ହୋଇ ଚାଲୁଛି ମାତ୍ର ପ୍ରଶାସନ ଏଥିରେ ସର୍ବଶେଷରେ ଅବଗତି ହୋଇଥାଏ। ପୁଣି ଅନ୍ୟ ଏକ ଦୃଷ୍ଟିକୋଣକୁ ବିଚାରକୁ ନିଆଯାଇପାରେ ଯେ ଦୁର୍ନୀତିକୁ ପ୍ରତିହତ କରିବା ଓ ଦୁର୍ନୀତିକୁ ଧ୍ୱଂସ କରିବାର ପ୍ରମୁଖ ଭୂମିକା ନିର୍ବାଚିତ ସରକାର କରିଥାନ୍ତି ଏକ ନିର୍ଦ୍ଦିଷ୍ଟ ନୀତି ନିୟମର ସହାୟତାରେ। କିନ୍ତୁ ଗୋଟିଏ ଦୁର୍ନୀତିର ସୃଷ୍ଟିରୁ ଶେଷ ପର୍ଯ୍ୟନ୍ତ ପରିସମାପ୍ତି କରିବାରେ ସରକାରଙ୍କୁ କେତେ ଅର୍ଥ, ଶ୍ରମ ଓ ସମୟ ଦେବାକୁ ପଡିଥାଏ ଯେଉଁଥିରେ ବିକାଶ ବାଧାପ୍ରାପ୍ତ ହୋଇଥାଏ। ମାତ୍ର ଫଳତଃ ଉକ୍ତ ଦୁର୍ନୀତିର ଫଳ ବା ଦଣ୍ଡ ଜନସାଧାରଣ କେବେ ଜାଣିପାରନ୍ତି ନାହିଁ। ଅତୀତରେ ଘଟଣା କ୍ରମକୁ ସଂକ୍ଷେପରେ ଅନୁଧ୍ୟାନ କରାଯାଇପାରେ ଯେ ବିଜୟ ମାଲ୍ୟାଙ୍କ ୯୦୦୦ କୋଟି ଦୁର୍ନୀତି, କୋଇଲା ଦୁର୍ନୀତିର ୧.୮୬ଲକ୍ଷ କୋଟି, ଟୁଜି ସ୍ପେକ୍ଟ୍ରମର ୧,୭୬,୦୦୦ କୋଟି, କମନୱେଲ୍‌ଥ ଖେଳ ଦୁର୍ନୀତିର ୭୦,୦୦୦ କୋଟି, ବୋଫର୍ସର ୬୪ କୋଟି, ନୀରବ ମୋଦୀର ୧୧,୪୦୦ କୋଟି, ଅଗଷ୍ଟା ହେଲିକପ୍ଟର ଦୁର୍ନୀତିର ୩୬୦୦ କୋଟି, ସତ୍ୟମ କମ୍ପ୍ୟୁଟର ଦୁର୍ନୀତିର ୧୪,୦୦୦ କୋଟି, ହାୱାଲା ଦୁର୍ନୀତିର ୧୮ ମିଲିୟନ ଡଲାର ଆଦି ଦୁର୍ନୀତି ଆଜି ଜନସାଧାରଣଙ୍କ ମାନସପଟରୁ ସିଲଟରେ ଚକ ଖଡିର ଲେଖା ଭଳି ଉଭେଇ ଗଲାଣି। ଆଜି ପର୍ଯ୍ୟନ୍ତ ଜନସାଧାରଣଙ୍କ ମଧ୍ୟରେ ଏକ ପ୍ରଶ୍ନ ଉଙ୍କିମାରେ କେତେ ଦୁର୍ନୀତିଖୋର ମାନ୍ୟବରମାନେ ଲୋକ ଦେଖାଣିଆ ଦଣ୍ଡ ପାଇଛନ୍ତି। ଲୋକ ପ୍ରତିନିଧି ହୁଅନ୍ତୁ ବା ଲୋକସେବକ ହୁଅନ୍ତୁ, ସାଧାରଣ ଜନତା ହୁଅନ୍ତୁ ବା ପଦସ୍ଥ ବାବୁ ହୁଅନ୍ତୁ, କେହି ଜଣେ ଦୁର୍ନୀତି ଅପରାଧରେ ଦୃଷ୍ଟାନ୍ତମୂଳକ ଦଣ୍ଡ ପାଇ ନାହାନ୍ତି, କେବଳ ସାଧାରଣ ଜନତା, ଯାହାର ବାହୁବଳ, ଅର୍ଥବଳ, ଲୋକବଳ ଆଦି ନଥାଏ ସେ ପେଷି ହୋଇଯାଏ ନିୟମ ଦଣ୍ଡର ଅଖ ମଧ୍ୟରେ।

କୋଟି କୋଟି ଟଙ୍କାର ଦୁର୍ନୀତିର ସ୍ଥିତି ଓ ପରିସ୍ଥିତିକୁ ପର୍ଯ୍ୟାଲୋଚନା କଲେ ଏହା ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ, ଉକ୍ତ କେଳଙ୍କାରି ଘଟଣା ପ୍ରକୃତରେ ଏକ ସ୍ୱତନ୍ତ୍ର ପରିକଳ୍ପିତ ଚିନ୍ତାଧାରା ଓ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ପ୍ରଣୋଦିତ। ଏଥିରେ ପ୍ରତ୍ୟେକେ ପ୍ରତ୍ୟେକଙ୍କୁ ଆରୋପ ଓ ଦୋଷାରୋପ କରିବାରେ ବ୍ୟସ୍ତ। ମାତ୍ର ଘଟଣା ତ ନିଶ୍ଚୟ ସତ କିନ୍ତୁ ଘଟଣାର ପ୍ରକୃତ କାହାଣୀ ଲୋକ ଲୋଚନକୁ ଆସିବା ଏତେଟା ସହଜ ନୁହେଁ ବୋଲି ବିବେଚନା କରାଯାଏ, କାରଣ ଘଟଣା ଗୁଡିକରେ ବହୁ ନାମୀ ଦାମୀ ବ୍ୟକ୍ତି ବିଶେଷ, ସଂସ୍ଥା, ଅଫିସର, ଶିଳ୍ପପତି ଆଦି ଜଡିତ ଅଛନ୍ତି। ଏ ସମସ୍ତଙ୍କର ସଂଖ୍ୟାକୁ ଯଦି ଆମେ ଗଣନା କରିବା, ତେବେ ଅଙ୍କର ଭାଗଶେଷରେ କେବଳ ଶୂନ (୦) ହିଁ ମିଳିବ। ଗୋଟିଏ ଦୁର୍ନୀତିକୁ ତଦନ୍ତ କରିବାକୁ ହେଲେ ସରକାରଙ୍କୁ ଦୁନୀତିର ରାଶିଠାରୁ ଅଧିକ ରାଶିର ଅର୍ଥ ଖର୍ଚ୍ଚ ତଦନ୍ତ କମିଶନ ପାଇଁ ଖର୍ଚ୍ଚ କରିବାକୁ ପଡିଥାଏ। ତେଣୁ ମାଘ ମାସର ଶୀତ ଲହରୀରେ ଅପରାଧୀ ଗୋଷ୍ଠୀର ଶୀତ ଲହରୀକୁ କିଭଳି ପ୍ରଶମିତ କରାଯାଇ ପାରିବ ତାହା ନିରୀହ ଜନସାଧାରଣ ବିଚାର କରିବେ। ଏ ବିଚାର ସିବିଆଇ, ନ୍ୟାୟାଳୟ, ସମାଜର ବା ସରକାରଙ୍କର ଅପରାଧ ନିୟନ୍ତ୍ରଣ ଶାଖା ଦ୍ୱାରା ସମ୍ଭବ ହୋଇନପାରେ, ମାତ୍ର ସଚେତନ ନାଗରିକ ଏକାଠି ହୋଇ ଏକ ଆଦର୍ଶ ଓ ସ୍ୱଚ୍ଛ, ନିର୍ମଳ ବାତାବରଣ ସୃଷ୍ଟି କଲେ ହୁଏତ ଏହାର ମୂଳ ଉତ୍ପାଟନ ଜନତାଙ୍କ ନ୍ୟାୟାଳୟ ଦ୍ୱାରା ହୋଇପାରନ୍ତା। ସହିଯିବାର ସରଳତାକୁ ଯଦି କେହି ଅପାରଗତା ବା ଦୁର୍ବଳତା ଭାବୁଥାଏ ତେବେ ଏକ ନୂତନ ଜାଗରଣ ସୃଷ୍ଟି କରି ଉକ୍ତ ଦୁର୍ନୀତିର ପୁରୋଧାମାନଙ୍କୁ ଜନତାଙ୍କ ଅଗ୍ନିକୁଣ୍ଡରେ ଆହୁତି ଦେବାର ସମୟ ଆସିଛି। ଆହୁତିର ଅର୍ଥ ଅଗ୍ନିକୁଣ୍ଡରେ ବିସର୍ଜନ ଦେବା। ତେଣୁ ଏଭଳି ଅଗ୍ନିକୁଣ୍ଡ ଏ ସମାଜ ତିଆରି କରିବା ଉଚିତ, ଯେଉଁଥିରେ ମୁଖାପିନ୍ଧା ଅପରାଧୀମାନେ ଯେଉଁମାନେ ବିଭିନ୍ନ ପଦ ପଦବୀରେ ରହି ଶୋଷଣ କରୁଛନ୍ତି ସେମାନଙ୍କୁ ଉକ୍ତ ଅଗ୍ନିରେ ଆହୁତି ଦେବା ଦରକାର।

ବର୍ତ୍ତମାନ ବି ସମୟ ଅଛି ନିର୍ବିକାର ଜନସାଧାରଣ ଏକ ମନ ଓ ଏକ ପ୍ରାଣରେ ଏକାଠି ହୋଇ ଦଳ ମତ ନିର୍ବିଶେଷରେ ଏ ମୁଖା ପିନ୍ଧା ଶୋଷଣ ବଡବଡିଆ ମାନଙ୍କୁ ସମାଜର ଅଗ୍ନି କୁଣ୍ଡରେ ଆହୁତି ଦେଲେ ଆପାତତଃ ସମାଜରେ ଏକ ସ୍ଥିରିକୃତ ନିଷ୍ଠାର ପ୍ରତିଷ୍ଠା ହୋଇପାରିବ। ଯେଉଁ କୁଣ୍ଡରେ ସେମାନେ ନିଜର କୃତ କର୍ମର ଫଳକୁ କେବଳ ଝୁରିବେ କିନ୍ତୁ ଉପଭୋଗ କରିପାରିବେ ନାହିଁ। ତେଣୁ ଆମେ ସମସ୍ତେ ମିଳି ମିଶି ଉକ୍ତ ଅପରାଧୀମାନଙ୍କୁ ସମାଜର ଅଗ୍ନିକୁଣ୍ଡରେ ପୂର୍ଣ୍ଣାହୁତି ଦେବା ଓ ବ୍ୟକ୍ତି, ସମାଜ, ତଥା ବିବେକର ପୁନଃଜାଗରଣ କରି ଧଳା କଳାର ରଙ୍ଗକୁ ଅନ୍ତରରେ ଅନୁଭବ କରିବା, ତେବେ ଯାଇ ସ୍ୱାଧୀନତାର ନିଃସ୍ୱାର୍ଥର ଯଜ୍ଞର ପ୍ରକୃତ ପୂର୍ଣ୍ଣାହୁତି ହୋଇପାରିବ।

# ସିନ୍ଦୂର ପୋଛିବାର ଜବାବ 'ଅପରେସନ ସିନ୍ଦୂର'



ଭାସ୍କର ବାରିକ୍
ବାସୁଦେବପୁର, ଭଦ୍ରକ
ମୋ: ୯୪୩୭୩୨୦୩୫୦

ଆକାଶ ଥିଲା ସ୍ୱଚ୍ଛ ନିର୍ମଳ। ବିଶାଳ ନୀଳ ଅମ୍ବର ତଳେ ଧିର ପବନରେ ଦୋହଲି ଦୋହଲି ଖୁବ୍ ସୁନ୍ଦର ପାଇନ୍ ଜଙ୍ଗଲ ଗାଉଥିଲା ମାନବତାର ମନ୍ତ୍ର। ପ୍ରକୃତି ରାଣୀ ମାଟି ଉପରେ ବିଛେଇ ଦେଇଥିବା ସବୁଜ ଘାସର ଗାଲିଚା ଉପରେ ପ୍ରବାହିତ ହେଉଥିଲା ଖୁସିର ଏକ ଭିନ୍ନ ଋତୁ। ଅପୂର୍ବ ସୁନ୍ଦରୀ ପେହଲଗାମ୍‌ର ସୌନ୍ଦର୍ଯ୍ୟ ଓ ହସରେ ବିମୋହିତ ହେଉଥିଲେ ପର୍ଯ୍ୟଟକ। ଭାରତର ଭୂସ୍ୱର୍ଗ କାଶ୍ମୀରର ପେହଲଗାମ୍‌ରେ ଏକ ଶୀତ ପ୍ରଧାନ ଦେଶ ସଦୃଶ ପରିବେଶରେ ହଠାତ୍ ଗୁଳିକାଣ୍ଡ ଘଟିବ ଓ ୨୬ଜଣ ସଧବା ନାରୀଙ୍କ ସିନ୍ଦୂର ଲିଭିଯିବ, ସେକଥା ଥିଲା କଳ୍ପନାର ବାହାରେ। ସ୍ତ୍ରୀ ଆଗରେ ସ୍ୱାମୀଙ୍କୁ ଗୁଳିକରି ମାରିଦେଲେ ଆତଙ୍କବାଦୀ ଧର୍ମ ପଚାରି ପଚାରି। ଓହୋଃ, କି ବିଭତ୍ସ ଛାତିଥରା ଦୃଶ୍ୟ !!! ଅପ୍ରିଲ୍ ୨୨, ୨୦୨୫ରେ ଘଟିଲା ଏହି ନରସଂହାର। ଏହି ବର୍ବରତା ପରେ ସମଗ୍ର ଭାରତବର୍ଷରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଆତଙ୍କବାଦୀଙ୍କୁ ଉପଯୁକ୍ତ ଶିକ୍ଷା ଦେବା ପାଇଁ ଉଠିଲା ସ୍ୱର। ଲାଗୁଥିଲା ସତେ ଯେମିତି ଭାରତର ୧୪୦କୋଟି ଭାରତୀୟ ନିଜ ଦେଶର ସୀମାରେଖା ଡେଇଁ ଆତଙ୍କବାଦର ଏନ୍ତୁଡ଼ିଶାଳ ଉପରେ ଜୋରଦାର ପ୍ରହାର କରିବାକୁ ପ୍ରସ୍ତୁତ। ସିଂହର ଗର୍ଜନ ଶୁଭିଥିଲା ଭାରତର ଦୃଢ଼ ନେତୃତ୍ୱଙ୍କ ମୁହଁରୁ। ନିଦ ହଜି ଯାଇଥିଲା ନେତାଙ୍କ ଆଖିରୁ। ରକ୍ତଭୋଜି, ରକ୍ତପାତ ଓ ନରସଂହାର ପରେ ଲୋକଙ୍କ ମନରେ ଜଳୁଥିବା ନିଆଁ ଓ ଭାବାବେଗକୁ ଆଖିରେ ରଖି ଆତଙ୍କବାଦୀଙ୍କ ଅଭୟାରଣ୍ୟ ଉପରେ ପ୍ରହାର କରିବାକୁ ଭିତରେ ଭିତରେ ଯୋଜନା ପ୍ରସ୍ତୁତ କରିଥିଲେ ସରକାର। ଦୃଢ଼ କଣ୍ଠରେ କହିଥିଲେ ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ ଓ ରକ୍ଷାମନ୍ତ୍ରୀଙ୍କ ସହିତ ଭାରତର ସବୁ ଦଳର ତୁଙ୍ଗ ନେତୃମଣ୍ଡଳୀ ଯେ ସଧବାଙ୍କ ସିନ୍ଦୂର ପୋଛିବାର ଜବାବ ନିଶ୍ଚିତ ଦିଆଯିବ। ସରକାର ଡାକିଥିଲେ ସର୍ବଦଳୀୟ ବୈଠକ। ସବୁ ଦଳର ଗୋଟିଏ ମତ ଥିଲା ଯେ ଭାରତ ଏ ରକ୍ତପାତ ଓ ନରସଂହାରର ଉଚିତ୍ ଜବାବ୍ ଦେବା ଜରୁରି। ତା'ପରେ ଭାରତର ଶୀର୍ଷ ନେତୃମଣ୍ଡଳୀ, ଜଳସେନା, ସ୍ଥଳସେନା, ବାୟୁସେନା ଓ ଜାତୀୟ ସୁରକ୍ଷା ପରାମର୍ଶଦାତାଙ୍କ ଭିତରେ ବସୁଥିଲା ଘନଘନ ବୈଠକ। ଛବି ଧିରେ ଧିରେ ସ୍ପଷ୍ଟ ହେଉଥିଲା ଯେ ଆତଙ୍କବାଦର ଅଭୟାରଣ୍ୟ ଏଥର ନିଶ୍ଚିତ ପାନେ ପାଇବ। ତା'ପରେ ମେଁ ସାତ ତାରିଖ ମଧ୍ୟରାତ୍ରୀରେ ଆରମ୍ଭ ହେଲା ଅପରେସନ ସିନ୍ଦୂର। ୨୬ଜଣ ସଧବାଙ୍କ ସିନ୍ଥିରୁ ସିନ୍ଦୂର ପୋଛିବାର ଜବାବ ଅପରେସନ ସିନ୍ଦୂର।

ଗଭୀର ନିଦରେ ଶୋଇଥିଲା ପାକିସ୍ତାନ। ଭାବିଥିଲା ସବୁଥର ପରି ଏଥର ବି ଖସିଯିବ। ବୁଝିପାରି ନଥିଲା ନୂଆ ଭାରତର ସାମରିକ ଶକ୍ତି, ପରାକ୍ରମ ଓ ନେତୃତ୍ୱକୁ। ମଧ୍ୟରାତ୍ରୀରେ ମାତ୍ର ପଚିଶ ମିନିଟରେ ଏକାସାଙ୍ଗରେ ଆତଙ୍କବାଦୀଙ୍କ ନଅଟି ଆଡ୍ଡାସ୍ଥଳୀ ଓ ତାଲିମ୍ ଶିବିରକୁ ମାଟିରେ ମିଶେଇଦେଲେ ଭାରତର ବାୟୁସେନା। ସଜାଗ ଜଳସେନା ଓ ସ୍ଥଳସେନା ବି ପ୍ରସ୍ତୁତ ହେଇ ରହିଥିଲେ ଶତ୍ରୁ ଦେଶକୁ ଉପଯୁକ୍ତ ଶିକ୍ଷା ଦେବା ପାଇଁ। ଭାରତର ଗୋଟି ଚାଳନାରେ ପାକିସ୍ତାନର ସବୁ ଚକ୍ରାନ୍ତ ଫେଲ୍ ମାରିଥିଲା। ଅପରେସନ ସିନ୍ଦୂରର ନେତୃତ୍ୱ ନେଉଥିବା ଭାରତର ଦୁଇ ନାରାୟଣୀ କର୍ଣ୍ଣେଲ ସୋଫିଆ କୁରେସି ଓ ଭୌମିକା ସିଂହ ପାକିସ୍ତାନର ନିଦ ହଜେଇ ଦେଇଥିଲେ। ଉଭୟେ ନାରୀ,ଜଣେ ହିନ୍ଦୁ ଓ ଜଣେ ମୁସଲମାନ। ବିଶ୍ୱ ଦେଖିଲା ଭାରତର ଭାଇଚାରା ଓ କାନଡ଼େରି ଶୁଣିଲା ଭାରତବାସୀ ଗାଉଥିବା ଏକତାର ଗୁରୁମନ୍ତ୍ର। ଦେଶର ସୁରକ୍ଷା କଥା ଆସିଲେ ଧର୍ମ, ଜାତି, ଉଚ୍ଚ ନୀଚ, ଧନୀ ଗରିବର କିଛି ମାନେ ନଥାଏ। ଦେଶ ସୁରକ୍ଷିତ ରହିଲେ ତ ଦେଶବାସୀ ଶାନ୍ତିରେ ଶୋଇବେ। ଦେଶପ୍ରେମ ରାଷ୍ଟ୍ରବାଦ ଚିନ୍ତାଧାରା ପାଖରେ ସଂକୀର୍ଣ୍ଣତାର ସ୍ଥାନ ନାହିଁ।

ଅପରେସନ ସିନ୍ଦୂର ସାମରିକ କାର୍ଯ୍ୟାନୁଷ୍ଠାନରେ ଭାରତର ଲକ୍ଷ୍ୟ ଥିଲା ପାକିସ୍ତାନ ମାଟିରୁ ବଳପାଇ ଭାରତରେ ରକ୍ତପାତ ଘଟଉଥିବା ଆତଙ୍କବାଦୀମାନଙ୍କୁ ନିପାତ କରିବା। ଏଥିରେ ଯେମିତି କୌଣସି ସାଧାରଣ ଲୋକଙ୍କର ଜୀବନ ହାନି ନହୁଏ, ସେଥିପ୍ରତି ସଜାଗ ଥିଲା ଭାରତ। ସାମରିକ କାର୍ଯ୍ୟାନୁଷ୍ଠାନ ହେଲା ପାକିସ୍ତାନରେ ଥିବା ଆତଙ୍କବାଦୀଙ୍କ ଆଡ୍ଡା ଉପରେ। ଆତଙ୍କବାଦୀ ମାନଙ୍କୁ ଖୁଆଇ ପିଆଇ ଲାଳନପାଳନ କରୁଥିବା ପାକିସ୍ତାନ ଦେହରେ ନିଆଁ ଲାଗିଗଲା। ଭାରତ ଉପରେ ଆରମ୍ଭ କଲା ହାମ୍‌ଲା ଯାହାର ଦୃଢ଼ ଜବାବ ଦେଲେ ଭାରତୀୟ ସେନା। ଚାରିଦିନ ଧରି ଚାଲିଲା ଅଘୋଷିତ ଯୁଦ୍ଧ। ଭାରତର ଏସ୍ ୪୦୦ ଓ ଆକାଶ ମିଜାଇଲ୍ ଡିଫେନ୍ସ ସିଷ୍ଟମ ସୀମାରେ ଭାରତର ରକ୍ଷା କବଚ ସାଜି ପାକିସ୍ତାନର ସବୁ ଆକ୍ରମଣକୁ ପଣ୍ଡ କରୁଥିଲା ବେଳେ ଭାରତର ଦୁର୍ଦ୍ଦଶ ସେନା ପାକିସ୍ତାନର ନିଦ ହଜେଇ ଦେଇଥିଲେ। ଭୟରେ ଥରୁଥିଲା ପାକିସ୍ତାନ। ପାକିସ୍ତାନର ଏୟାର ଡିଫେନ୍ସ ସିଷ୍ଟମ ପଙ୍ଗୁ ହେବା ସହିତ ପାକିସ୍ତାନର କିଛି ବାୟୁସେନା ଘାଟି ନଷ୍ଟଭ୍ରଷ୍ଟ ହେଲା ଭାରତର ଶାଣିତ ଆକ୍ରମଣରେ। କରାଚି, ଲାହୋର, ସିଆଲକୋଟ, ରାୱଲପିଣ୍ଡି ସମେତ ପାକିସ୍ତାନର ରାଜଧାନୀ ଇସଲାମବାଦ ଥରି ଉଠିଲା ଭାରତର ଡ୍ରୋନ ଆକ୍ରମଣରେ। ବିଶ୍ୱ ଦରବାରରେ ଆତଙ୍କବାଦୀଙ୍କ ଅଭୟାରଣ୍ୟ ଭାବରେ ନିନ୍ଦିତ ଭୟଭୀତ ପାକିସ୍ତାନ ବାଟ ପାଇଲାନି କେମିତି ରକ୍ଷା କରିବ ନିଜକୁ। ବାଧହୋଇ ପାକିସ୍ତାନର ଡିଜିଏମ୍‌ଓ ଫୋନରେ ପ୍ରାର୍ଥନା କଲେ ଭାରତର ଡିଜିଏମ୍‌ଓଙ୍କୁ ଅସ୍ତ୍ର ବିରତି ପାଇଁ ମେଁ ଦଶ ତାରିଖରେ। ବିଶ୍ୱକୁ ଶାନ୍ତିର ବାର୍ତ୍ତା ଦେଉଥିବା ଭାରତରେ ଉଚ୍ଚସ୍ତରୀୟ ଆଲୋଚନା ପରେ ଭାରତ ରାଜି ହେଇଥିଲା ଅସ୍ତ୍ର ବିରତି ପାଇଁ।

ଭାରତବର୍ଷ ଏକ ଶାନ୍ତିପ୍ରିୟ ଦେଶ। କେଉଁ ଆଦିମ କାଳରୁ ଭାରତ ସମଗ୍ର ବିଶ୍ୱରେ ଶାନ୍ତି, ଭାଇଚାରା ଓ ମାନବବାଦର ବାର୍ତ୍ତା ପ୍ରଚାର କରିଆସୁଅଛି। ଯୁଗେ ଯୁଗେ ଏ ପବିତ୍ର ମାଟିରେ ବିଭିନ୍ନ ଅବତାରରେ ପ୍ରଭୁ ଜନ୍ମ ନେଇଛନ୍ତି ଦୁଷ୍ଟ ଦମନ ନିମନ୍ତେ। ପ୍ରଭୁ ଶ୍ରୀରାମ ଓ ପ୍ରଭୁ ଶ୍ରୀକୃଷ୍ଣ ସତ୍ୟ, ନ୍ୟାୟ, ଶାନ୍ତି, ପ୍ରେମ, ଭଲପାଇବା, ଅସଲ ଧର୍ମର ବାର୍ତ୍ତା ପ୍ରଚାର କରିଛନ୍ତି। କିନ୍ତୁ ଶାନ୍ତି, ନ୍ୟାୟ, ଶ୍ରଦ୍ଧା, ଧର୍ମର ଅର୍ଥ ବୁଝୁ ନଥିବା ଅହଂକାରୀ ରାବଣ ଓ ଦୁରାଚାରୀ କଂସକୁ ବି ନିପାତ କରିଛନ୍ତି। ଏଥିରୁ ସ୍ପଷ୍ଟ ଭାବରେ ବୁଝିହୁଏ, ଯିଏ ଧର୍ମ, ମାନବିକତା ଓ ଶାନ୍ତିର ଭାଷା ବୁଝୁନି, ଶାସ୍ତ୍ରର ଭାଷା ବୁଝୁନି, ତା'ହେଲେ ସେଇଠି ଶସ୍ତ୍ରର ଭାଷା କହିବା ଅତ୍ୟନ୍ତ ଜରୁରି। ବାରମ୍ବାର ଭାରତ ଯୁଦ୍ଧର ଶିକାର ହେଇଛି। ଲୁଣ୍ଠିତ ହେଇଛି, ରକ୍ତାକ୍ତ ହେଇଛି। ବିଦେଶୀ ଆତଙ୍କବାଦୀ ମୋଗଲମାନଙ୍କ କଥା କୁହନ୍ତୁ କି ଡଚ୍, ପର୍ତ୍ତୁଗିଜ୍, ଇଂରେଜମାନଙ୍କ କଥା କୁହନ୍ତୁ, ଶହ ଶହ ବର୍ଷ ଧରି ଏ ଦେଶ ଅକଥନୀୟ ନିର୍ଯ୍ୟାତନା ଓ ଶୋଷଣର ଶିକାର ହେଇଛି। ୧୯୪୭ରେ କାଶ୍ମୀରୀକୁ ନେଇ ପାକିସ୍ତାନ ଭାରତ ସହିତ ଯୁଦ୍ଧ କରିଛି। ୧୯୬୫, ୧୯୭୧ ଓ ୧୯୯୯ରେ ବି ହାରିଛି ପାକିସ୍ତାନ ଭାରତର ପରାକ୍ରମ ଆଗରେ। ଏତେଥର ମୁହାଁମୁହିଁ ଯୁଦ୍ଧରେ ଶୋଚନୀୟ ଭାବରେ ପରାଜୟବରଣ କରିବା ପରେ ପରୋକ୍ଷ ଭାବରେ ଆତଙ୍କବାଦୀଙ୍କ ମାଧ୍ୟମରେ ଭାରତରେ ଘଟେଇ ଚାଲିଛି ରକ୍ତପାତ ଓ ନରସଂହାର। ୧୯୯୩ରେ ମୁମ୍ବାଇରେ ସିରିଏଲ ବମବ୍ଲାଷ୍ଟ, ୧୯୯୯ରେ ଆସି ୮୧୪ ବିମାନର ଅପହରଣ, ୨୦୦୧ରେ ଭାରତର ଗଣତନ୍ତ୍ରର ମନ୍ଦିର ସଂସଦ ଉପରେ ଆକ୍ରମଣ, ୨୦୦୮ରେ ତାଜ୍ ହୋଟେଲ ସହିତ ବିଭିନ୍ନ ଜାଗାରେ ଏକାସାଙ୍ଗରେ ଆତଙ୍କବାଦୀଙ୍କ ଆକ୍ରମଣ, ୨୦୧୬ରେ ଉରିରେ ଅବସ୍ଥିତ ଭାରତୀୟ ଆର୍ମି ବ୍ରିଗେଡ ହେଡକ୍ୱାର୍ଟର୍ସ ଉପରେ ଆକ୍ରମଣ, ୨୦୧୯ରେ ପୁଲୱାମା ଆକ୍ରମଣ ଓ ୨୦୨୫ରେ ପେହଲଗାମ୍‌ରେ ରକ୍ତଭୋଜି, ସବୁଠି ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀଙ୍କ ରକ୍ତର ସ୍ୱାକ୍ଷର। ଏମିତି କଳଙ୍କିତ କଳୁଷିତ ଘଟଣାର ଫର୍ଦ୍ଦ ବେଶ୍ ଲମ୍ବା ଓ ସବୁଠି ପାକିସ୍ତାନର ଦୁର୍ଗନ୍ଧଭରା ମାନସିକତାର ଛାପ। କେତେ ବା ଆଉ ସହିବ ଭାରତ? ଅପ୍ରିଲ୍ ୨୨, ୨୦୨୫ ପରେ, ବାଣିଜ୍ୟିକ, କୁଟନୈତିକ ଓ ଅର୍ଥନୈତିକ କ୍ଷେତ୍ରରେ ଭାରତର କଠୋର ପଦକ୍ଷେପରୁ ପାକିସ୍ତାନ ବୁଝି ଯିବାର ଥିଲା ଭାରତର ମନୋଭାବକୁ। କିନ୍ତୁ ମରଣ କାଳେ ବିପରୀତ ବୁଦ୍ଧି ଭଳି ପାକିସ୍ତାନ ଭାରତକୁ ପରମାଣୁ ବୋମାର ଧମକ ଦେଖେଇଲା। ତେଣୁ ଏଥର ଭାରତ ଶାନ୍ତିର ଭାଷା ବୁଝୁ ନଥିବା ଅହଂକାରୀ ପାକିସ୍ତାନକୁ ଶସ୍ତ୍ରରେ ସାମାନ୍ୟ ଜବାବ ଦେଲା ଯେଉଁ ଆଘାତରେ ବେହୋସ୍ ହୋଇପଡ଼ିଲା ଆତଙ୍କୀ ରାଷ୍ଟ୍ର ପାକିସ୍ତାନ ଓ ତ୍ରାହି ତ୍ରାହି ଡାକରା ଛାଡ଼ିଲା।

ଅପରେସନ ସିନ୍ଦୂରରେ ଶତାଧିକ ଆତଙ୍କବାଦୀ ମଲେ। ଦୁର୍ଭାଗ୍ୟ ଯେ ଆତଙ୍କବାଦୀମାନଙ୍କୁ ପାକିସ୍ତାନ ଶହୀଦର ସମ୍ମାନ ଦେଲା। ଟିଭି ପରଦାରେ ସମଗ୍ର ବିଶ୍ୱ ଦେଖିଲା ଆତଙ୍କବାଦୀଙ୍କ ପ୍ରତି ପାକିସ୍ତାନର ଦରଦ କେତେ। ଆତଙ୍କବାଦୀଙ୍କ ଶବ ଉପରେ ପାକିସ୍ତାନର ଜାତୀୟ ପତାକା ଘୋଡା ଯାଇଥିଲା ଓ ସେମାନଙ୍କର ଶବ ସତ୍କାରରେ ପାକିସ୍ତାନର ପୁଲିସ୍ ଓ ସେନାବାହିନୀ ଯୋଗଦାନ କରିଥିଲେ। ଏଥିରୁ ପୁଣିଥରେ ପ୍ରମାଣିତ ହେଲା ଯେ ଆତଙ୍କବାଦ ଓ ପାକିସ୍ତାନ ପରସ୍ପରର ପରିପୂରକ। ଏକଥା ଏଇଠି ସୂଚନାଯୋଗ୍ୟ ଯେ ସେପ୍ଟେମ୍ବର ୧୧, ୨୦୦୧ରେ ବିଶ୍ୱ ବାଣିଜ୍ୟ କେନ୍ଦ୍ରର ଧ୍ୱଂସ ହେବା ପଛରେ ମୁଖ୍ୟ ଖଳନାୟକ ଓସମା ବିନ୍ ଲାଡେନ୍ ପାକିସ୍ତାନରେ ଦୃଢ଼ ସୁରକ୍ଷା ଭିତରେ ଏବୋଟାବାଦରେ ରହୁଥିଲା। ଓସମା ପାକିସ୍ତାନରେ ନାହିଁ ବୋଲି ଡିଣ୍ଡିମ ପିଟୁଥିଲା ପାକିସ୍ତାନ। କିନ୍ତୁ ଆମେରିକାର ସିଲ୍ କମାଣ୍ଡୋ ବାହିନୀ ନିପାତ କରିଥିଲେ ଲାଡେନକୁ ମେଁ ମାସ ୨ ତାରିଖ ୨୦୧୧ ରାତି ଅଧରେ ପାକିସ୍ତାନ ମାଟିରେ। ଭାରତର ତାଜ୍ ହୋଟେଲ ଉପରେ ଆକ୍ରମଣ ଘଟଣାରେ ଜିଅନ୍ତା ଧରାପଡ଼ିଥିବା ଆତଙ୍କବାଦୀ କସବ୍ ପାକିସ୍ତାନର ନାଗରିକ ଥିଲା। ଏମିତି ସବୁ ଆତଙ୍କବାଦୀଙ୍କ ନରସଂହାର ଘଟଣାରେ ପାକିସ୍ତାନର ସିଧାସଳଖ ସଂପୃକ୍ତି ଥିବାର ପ୍ରମାଣ ବିଶ୍ୱ ପାଇଛି। କିନ୍ତୁ ମିଛୁଆ ପାକିସ୍ତାନ ସବୁବେଳେ ଗାଲୁଆମି କରିଛି। ଏତେ ପରେ ବି ଆତଙ୍କବାଦୀଙ୍କୁ ଶହୀଦର ସମ୍ମାନ ଦେବା ପାକିସ୍ତାନର କେଉଁ ପ୍ରକାରର ମାନସିକତାକୁ ସୂଚାଉଛି, ସେ ବିଷୟରେ କହିବାର ଆବଶ୍ୟକତା ନାହିଁ।

ଅପରେସନ ସିନ୍ଦୂରର ବିପୁଳ ସଫଳତା ପରେ ଭାରତର ପ୍ରଧାନମନ୍ତ୍ରୀ ସ୍ପଷ୍ଟ ଭାଷାରେ କହିଛନ୍ତି, ଆମେ ପାକିସ୍ତାନ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନକୁ ସ୍ଥଗିତ ରଖିଛୁ ଓ ପାକିସ୍ତାନର ପରବର୍ତ୍ତୀ ଆଚରଣ ଉପରେ ତୀକ୍ଷ୍ଣ ନଜର ରଖିଛୁ। ଯଦି ଭାରତରେ କୌଣସି ଜାଗାରେ ଆତଙ୍କୀ ଆକ୍ରମଣ ହୁଏ ତା'ହେଲେ ଭାରତ ତା'ର ନିଜସ୍ୱ ଶୈଳୀରେ ଜୋରଦାର ଜବାବ ଦେବ। ଏଥିସହିତ ପାକିସ୍ତାନର କୌଣସି ପରମାଣୁ ବ୍ଲାକମେଲିଂ ଭାରତ ଆଦୌ ସହ୍ୟ କରିବନି। ଏକଥା ବି ଶାଣିତ ସ୍ୱରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଆତଙ୍କବାଦ ଓ କଥାବାର୍ତ୍ତା ଏକାସଙ୍ଗେ ଚାଲିବା ଅସମ୍ଭବ। ରକ୍ତ ଓ ପାଣି ଏକାସାଙ୍ଗରେ ପ୍ରବାହିତ ହେଇ ପାରିବନି କି ଆତଙ୍କବାଦ ଓ ବାଣିଜ୍ୟିକ କାରବାର ଏକାସାଙ୍ଗରେ ଚାଲି ପାରିବନି। ଶାନ୍ତିପ୍ରିୟ ଭାରତର ନୀତି ସ୍ପଷ୍ଟ। ଆମେ ଯୁଦ୍ଧ ଚାହୁଁନାହିଁ। କିନ୍ତୁ ଆମ ଉପରେ ଯଦି ଯୁଦ୍ଧ ଲଦି ଦିଆଯାଏ, ତାହେଲେ ନିଜର ଆତ୍ମରକ୍ଷା କରିବା ସହିତ ଶତ୍ରୁକୁ ମୁହଁତୋଡ ଜବାବ ଦେବୁ। ତେଣୁ ବେଳ ଥାଉଁ ଥାଉଁ ପାକିସ୍ତାନ ଭାରତର ଶାନ୍ତି ମୈତ୍ରୀ ଓ ବନ୍ଧୁତାର ଭାଷାକୁ ବୁଝିଯିବା ଦରକାର ଓ ସୁଧୁରିଯିବା ଆବଶ୍ୟକ।

ଯୁଦ୍ଧ କି ଆତଙ୍କବାଦ କେବେ ବି କୌଣସି ସମସ୍ୟାର ସମାଧାନର ରାସ୍ତା ନୁହେଁ। ଆତଙ୍କବାଦୀଙ୍କ ଦ୍ୱାରା ନରସଂହାରର ଓ ଯୁଦ୍ଧ ମନୋଭାବ କେବଳ ଧ୍ୱଂସକୁ ହିଁ ନିମନ୍ତ୍ରଣ କରେ। ଯାହା ହେଇଛି ତ ହେଇଛି। ଏବେଠାରୁ ଅନ୍ତତଃ ପାକିସ୍ତାନ ମଧ୍ୟଯୁଗୀୟ ଚିନ୍ତାଧାରାରୁ ମୁକୁଳିବାକୁ ଚେଷ୍ଟା କରିବା ନିହାତି ଜରୁରି। ପାକିସ୍ତାନର ନୂଆ ପିଢ଼ିର ଯୁବକ ଯୁବତୀ ଆଧୁନିକ ବିଜ୍ଞାନଭିତ୍ତିକ ଶିକ୍ଷାର ଆଲୋକରେ ଆଲୋକିତ ହେବା ଆବଶ୍ୟକ ଯେଉଁମାନେ ଭବିଷ୍ୟତରେ ପାକିସ୍ତାନକୁ ଠିକ୍ ରାସ୍ତାରେ ବାଟ କଢ଼େଇ ନେଇପାରିବେ। ଶେଷରେ ଏତିକି କହିବି, ଭାରତର ଅପରେସନ ସିନ୍ଦୂର ପରେ ପାକିସ୍ତାନ ଯଦି ପୂର୍ବଭଳି ନିଜର ପୁରୁଣା ବିଷାକ୍ତ ଧ୍ୱଂସକାରୀ ଅଭ୍ୟାସରେ ପରିବର୍ତ୍ତନ ନଆଣେ, ତା'ହେଲେ ସମୟର ଗତି ସେ ଦେଶକୁ କେଉଁ ପଥରେ ନେବ, ସେକଥା କେବଳ ଈଶ୍ୱରଙ୍କୁ ଜଣା।

# ସବୁକିଛି ଭଗବାନଙ୍କ ଇଚ୍ଛାରେ ଘଟିଥାଏ କି ନୁହଁ



ପ୍ରଫେସର ଡା. ଉମେଶ ଚନ୍ଦ୍ର ପାତ୍ର
ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ
ମୋ : ୯୪୩୭୦୫୧୯୫୭

ଭକ୍ତମାନେ ମନରେ ନାନାଦି ଅଭିମାନ ପୋଷଣ କରନ୍ତି। ଆମେ ଭଗବାନଙ୍କର ଏତେ ପୂଜା ପାଠ କରୁଛୁ, ବ୍ରତ ଉପାସନା କରୁଅଛୁ, ତଥାପି ଦୁଃଖ ତ ଦୂର ହେଉନାହିଁ। ଏହିକଥାକୁ ମନରେ ଧରି ସେମାନେ ଭଗବାନଙ୍କ ନିକଟରୁ ଅର୍ଥାତ୍ ଭକ୍ତି ମାର୍ଗରୁ ହୁଡ଼ି ଯାଆନ୍ତି। ସୁତରାଂ ଈଶ୍ୱରଙ୍କ କୃପାରୁ ଏହିପରି ବ୍ୟକ୍ତିମାନଙ୍କ ଭିତରେ ପ୍ରେରଣା ଜାତ କରି ସଂସାରର ପ୍ରକୃତ ବାସ୍ତବତା ସମ୍ପର୍କରେ ସେମାନଙ୍କୁ ଅବଗତ କରାଯାଇଥାଏ। ଏହି ଅବସରରେ ଭକ୍ତ ପ୍ରହ୍ଲାଦଙ୍କ କାହାଣୀ ଉଲ୍ଲେଖଯୋଗ୍ୟ। ଥରେ ଭାବି ଦେଖନ୍ତୁ ପ୍ରହ୍ଲାଦ କେତେ ବଡ଼ ଭକ୍ତ ନଥିଲେ! ସବୁକିଛି ହାତ ପାଆନ୍ତାରେ ଥିଲା। ତଥାପି ତାଙ୍କୁ ଏତେ କଷ୍ଟ ଓ ପୀଡ଼ା ଯାତନା ଭୋଗିବାକୁ ପଡ଼ିଲା କାହିଁକି ? ଏଠାରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ତେବେ ଭକ୍ତର ସଂଜ୍ଞା କ'ଣ ? ଭଗବାନ ତାଙ୍କ ଦର୍ଶନରେ ଆମ୍ଭମାନଙ୍କୁ ମାର୍ଗଦର୍ଶନ କରିଛନ୍ତି ଯେ ଯିଏ ଅନ୍ୟକୁ କଷ୍ଟ ଦିଏ, ସେ ଦୟାଳ ପ୍ରଭୁଙ୍କୁ କଷ୍ଟ ଦିଏ ଏବଂ ଏହାର ବିପରୀତ ଯିଏ କଷ୍ଟ ସହ୍ୟ କରେ ସେ ପ୍ରେମମୟଙ୍କ ଅତ୍ୟନ୍ତ ପ୍ରିୟ। ସେହିପରି ଆଉ ଜଣେ ଆଦର୍ଶଯୁକ୍ତ ଭକ୍ତ ଥିଲେ ମୀରାବାଈ। ତାଙ୍କ ସମ୍ପର୍କରେ ଅନେକ ଶୁଣିଥିବେ ଓ ପଢ଼ିଥିବେ। ପ୍ରହ୍ଲାଦଙ୍କ ଭଳି ଏହା ବହୁଶହ ବର୍ଷ ତଳର ପୁରୁଣା ଘଟଣା ନୁହେଁ ଯେ କାଳ୍ପନିକ ମନେହେବ। ମାତ୍ର ପାଞ୍ଚଶହ ବର୍ଷ ତଳର ଘଟଣା। ମୀରାବାଈଙ୍କର କଥା ଇତିହାସରେ ମଧ୍ୟ ଉଲ୍ଲେଖ ହୋଇଛି। ସେ ରାଜ ପରିବାରର ସଦସ୍ୟ ଥିଲେ। ଭଗବାନଙ୍କୁ ପାଇବା ପାଇଁ କ'ଣ ତ୍ୟାଗ ନକଲେ। ହେଲେ ଏହି ମହତ୍ କାର୍ଯ୍ୟରେ ତାଙ୍କର ଘର ପରିବାର ଲୋକେ ସହାୟତା କରିବା ପରିବର୍ତ୍ତେ ତାଙ୍କୁ ବିରୋଧ କଲେ କାହିଁକି ? ଖାଲି ବିରୋଧ ତ କଲେ ନାହିଁ ବିଷ ପିଆଇ ମାରିଦେବାକୁ ପ୍ରୟାସ କଲେ କାହିଁକି ? ଏହା ଗୋଟିଏ ଜଟିଳ ପ୍ରଶ୍ନ। ତାଙ୍କର ଲୀଳା ଓ କଥାମାନ ପାଠ କରି ଭକ୍ତିଭାବରେ ରୋମାଞ୍ଚିତ ହୁଅନ୍ତୁ ଏବଂ ସଦାସର୍ବଦା ଈଶ୍ୱରଙ୍କର ସ୍ମରଣ ଓ ସାନ୍ନିଧ୍ୟରେ ରହନ୍ତୁ।

ଜଣେ ଶ୍ରୀ ଶ୍ରୀ ଠାକୁରଙ୍କ ପାଖରେ ଜିଜ୍ଞାସା କଲେ – ଦୁନିଆରେ ଯା'କିଛି ଘଟେ ସବୁ ହିଁ କି ଭାଗବାନଙ୍କ ଇଚ୍ଛାରେ ଘଟିଥାଏ, ନା ମଣିଷର ଏହା ମଧ୍ୟରେ କିଛି ହାତ ଅଛି ? ଶ୍ରୀ ଶ୍ରୀ ଠାକୁର – ତୁମର ପିଲା ତୁମର ଇଚ୍ଛାରେ ହୁଏ। କିନ୍ତୁ ପିଲା ଯେତେବେଳେ ହେଲା, ତା'ର ଗୋଟିଏ ଅଲଗା ଇଚ୍ଛା ହୋଇଯାଏ। ଏହିଟା ବି ସେହି ପରି। ଈଶ୍ୱରଙ୍କ ଠାରୁ ଦୁନିଆର ଯାହା କିଛି ସୃଷ୍ଟ ହେଲେ ବି, ସୃଷ୍ଟିର ପ୍ରତ୍ୟେକ ତାଙ୍କର ଅନୁଗାମୀ ହୋଇ ଚାଲି ବି ପାରେ, କିମ୍ବା ତାଙ୍କର ଧାର ନ ଧରିବି ପାରେ। ଆମ୍ଭେମାନେ ଅନେକ ତାଙ୍କର ଧାର ଧରୁ ନା। ସେହିଟା ଉପରେ ତାଙ୍କର ହାତ ନାହିଁ। ସେଥିପାଇଁ କୁହାଯାଏ ଜଗନ୍ନାଥ ଥୁଣ୍ଟା। ଅନେକ ଲୋକ ନିଜ ନିଜ ଚଳଣିର ବିଶେଷରେ ଦୁଃଖ ଦାରିଦ୍ର୍ୟ ଭୋଗ କରେ, ଆଉ କହିଥାଏ ଭଗବାନଙ୍କ ଇଚ୍ଛାରେ ହିଁ ଏହିପରି ହେଉଛି। ଆମ୍ଭେମାନେ ଅଜ୍ଞତା ପାଇଁ ଦୁଃଖ ଯନ୍ତ୍ରଣାରେ କଷ୍ଟ ପାଇଥାଉ, ତାହା କିନ୍ତୁ ସେ ଚାହାନ୍ତି ନାହିଁ। ସେ ଚାହାନ୍ତି ଆମ୍ଭେମାନେ ତାଙ୍କ ସମ୍ପଦରେ ସମ୍ଭାଳୀ ହୋଇ ଜୀବନକୁ ଉପଭୋଗ କରୁ। କଷ୍ଟ ଯେ ଆମ୍ଭେମାନେ ପାଉ, ତାହା ଆମ୍ଭମାନଙ୍କ ପ୍ରବୃତ୍ତି- ଆସକ୍ତି ପାଇଥାଉ। ପୁଣି, ପାରିପାର୍ଶ୍ୱିକଙ୍କୁ ବି ଯଦି ଆମ୍ଭେମାନେ ସୁକେନ୍ଦ୍ରିକ ଓ ସୁନିୟନ୍ତ୍ରିତ କରି ତୋଳି ନପାରୁ, ତାହେଲେ ସେମାନଙ୍କ ପାଇଁ ଆମ୍ଭମାନଙ୍କୁ ଦୁର୍ଭୋଗ କରିବାକୁ ହେବ। (ଆ:ପ୍ର:୨୧/୩୦.୮.୧୯୫୨)।

ଯଦିଓ ଭଗବାନ ତାଙ୍କର ପ୍ରିୟତମ ବ୍ୟକ୍ତି ପାଇଁ କର୍ମଯୋଗୀ, ପଣ୍ଡିତ, ଉତ୍ତମପୁରୁଷ, ସନ୍ନ୍ୟାସୀ ବା ଭକ୍ତି ଏହିଭଳି ବିଭିନ୍ନ ନାମକରଣ କରିଛନ୍ତି; କିନ୍ତୁ ସେମାନଙ୍କ ମଧ୍ୟରେ ଯେଉଁସବୁ ପ୍ରୟୋଜନୀୟ ଗୁଣ କଥା କହିଛନ୍ତି ସମସ୍ତ କ୍ଷେତ୍ରରେ ତାହା ଊଣା ଅଧିକେ ସମାନ ଅଟେ। ତେଣୁ ଭଗବାନଙ୍କର ପ୍ରିୟତମ ବ୍ୟକ୍ତି ହେବାକୁ ହେଲେ ଜଣକୁ ପ୍ରଥମେ ଏସବୁ ଗୁଣର ଅଧିକାରୀ ହେବାକୁ ପଡ଼ିବ। ମୋକ୍ଷ ଏବଂ ଭଗବତ୍ ପ୍ରାପ୍ତି ଏ ଉଭୟ ପ୍ରତ୍ୟେକ ମନୁଷ୍ୟର କାମ୍ୟ ଏବଂ ଏଥିନିମିତ୍ତ ପ୍ରତ୍ୟେକ ବ୍ୟକ୍ତି ଭଗବାନଙ୍କର ପ୍ରିୟ ହେବାକୁ ଚାହାଁନ୍ତି; କିନ୍ତୁ ଉପରେ ଯେପରି ବର୍ଣ୍ଣନା କରାଗଲା ଏହା ସେପରି ସହଜ ନୁହେଁ। ଭଗବାନଙ୍କର ପ୍ରିୟ ହେବା ପାଇଁ ତାଙ୍କ ଦ୍ୱାରା କଠିନ ପରୀକ୍ଷା ବିଧି ପ୍ରଣିତ ହୋଇଛି, ତେବେ ବାବାଙ୍କର ପ୍ରିୟ ଭକ୍ତମାନେ ଏହି ପରୀକ୍ଷାରେ ସହଜରେ ଉତ୍ତୀର୍ଣ୍ଣ ହୋଇଯିବେ ଯଦି ସେମାନେ ଭଗବାନଙ୍କ ପଦାଙ୍କ ସାବଧାନତାର ସହ ଅନୁସରଣ କରନ୍ତି। ଅତଏବ ଭଗବାନଙ୍କର ପ୍ରିୟତମ ହେବା ପାଇଁ ଆପଣ ଏହି ପଥରେ ଯାତ୍ରା କରିବାକୁ ପସନ୍ଦ କରିବେନାହିଁ କି ? ଭଗବାନଙ୍କର ଆଶୀର୍ବାଦ ବାଣୀ – 'ଯେଉଁ ପରମେଶ୍ୱର ପ୍ରତ୍ୟେକ ଦେହରେ ବିଦ୍ୟମାନ, ତତ୍ ସମର୍ପିତ ସେବା ଦ୍ୱାରା ତାଙ୍କୁ ପୂଜା ଅର୍ପଣ କରି ତାଙ୍କର ସନ୍ଧାନରେ ମିଳିତ ଓ ନିର୍ଭୀକ ଭାବରେ ଆଗେଇ ଚାଲ।' ଆସନ୍ତୁ, ଏହାକୁ ପାଥେୟ କରି ଆମର ଜୀବନଯାତ୍ରାକୁ ତୀର୍ଥଯାତ୍ରାରେ ପରିଣତ କରିବା।



ଆସିକା, (ଭାସ୍କର ନ୍ୟୁଜ): ଆସିକା ସହରର ବିଜୁ ପଟ୍ଟନାୟକ ଛକ ଏକ ସମ୍ବେଦନଶୀଳ ଓ ଜନଗହଳି ପୂର୍ଣ୍ଣ ଛକ। ଋଷିକୁଲ୍ୟା ଓ ବଡ଼ନଦୀର ଦୁଇଟି ପୋଲ ସହ ଆସିକା ସହର ମଧ୍ୟକୁ ପ୍ରବେଶ କରିବା ପାଇଁ ଏହା ଏକ ମୁଖ୍ୟ ଛକ। ହେଲେ ପରିତାପର ବିଷୟ ଏଠାରେ ଶୌଚାଳୟ ବ୍ୟବସ୍ଥା ନାହିଁ। ସହରର ବିଭିନ୍ନ ସମ୍ବେଦନଶୀଳ ଛକରେ ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ବହୁ ଟଙ୍କା ବ୍ୟୟରେ ବାୟୋ ଟଏଲେଟ ନିର୍ମାଣ ହୋଇଥିଲା ବେଳେ ବିଜୁ ପଟ୍ଟନାୟକ ଛକରେ ବାୟୋ ଟଏଲେଟ ନାହିଁ। ବିଜୁଛକ ଠାରେ ସରକାରୀ ଜାଗା ଥିବା ସତ୍ତ୍ୱେ ବିଭିନ୍ନ ଆଳ ଦେଖାଇ ଏକ ବର୍ଷ ତଳେ ବିଜୁଛକ ଠାରୁ ୨୦୦ ମିଟର ଦୂରରେ ପଞ୍ଜାବ ନ୍ୟାସନ୍ୟାଲ ବ୍ୟାଙ୍କ ଠାରେ ଏକ ବାୟୋ ଟଏଲେଟ ନିର୍ମାଣ କରାଯାଇଛି। ଏହା ବିଜୁଛକ ଠାରୁ ବହୁ ଦୂରରେ ଥିବା ଯୋଗୁଁ ଏହା ବ୍ୟବହାର ପାଇଁ ସମ୍ଭବପର ହୋଇପାରୁନାହିଁ। ଯାହା ଫଳରେ ଯାତ୍ରୀ ହନ୍ତ ସନ୍ତ ହେବା ସହ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁନି। ବିଶେଷ କରି ବିଜୁ ଛକ ଠାରେ କୌଣସି ଟଏଲେଟ ନଥିବା ଯୋଗୁଁ ମହିଳା ଯାତ୍ରୀ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶୌଚାଳୟ ବ୍ୟବସ୍ଥା ନଥିବା ଯୋଗୁଁ ଛକର ଚତୁଃପାର୍ଶ୍ୱରେ ଯାତ୍ରୀମାନେ ବିଭିନ୍ନ ସ୍ଥାନରେ ବାଧ୍ୟ ହୋଇ ପରିସ୍ରା କରୁଥିବା ଯୋଗୁଁ ଛକଟି ଦୁର୍ଗନ୍ଧରେ ଫାଟି ପଡୁଛି। ଏଣୁ ମହିଳା ଯାତ୍ରୀମାନଙ୍କ ସୁବିଧାକୁ ଆଖିଆଗରେ ରଖି ତୁରନ୍ତ ବିଜୁ ଛକ ଠାରେ ଏକ ଶୌଚାଳୟ ନିର୍ମାଣ କରିବା ପାଇଁ ଆସିକା ଜନ ସାଧାରଣ ଓ ବୁଦ୍ଧିଜୀବୀ ମହଲରେ ଦାବୀ ହେଉଛି।

# ଗୋପବନ୍ଧୁ ଷ୍ଟାଡିୟମ୍ ଓ ଡିଏଭି ପିପିଏଲ୍‌ରେ ଆର୍ଟ ଅଫ୍ ଗିଭିଂ ଆୟୋଜିତ




ପାରାଦୀପ, (ଭାସ୍କର ନ୍ୟୁଜ୍): ଆର୍ଟ ଅଫ ଗିଭିଂର ୧୨ତମ ସଂସ୍କରଣ ପାରାଦୀପର ଗୋପବନ୍ଧୁ ଷ୍ଟାଡିୟମ୍ ପରିସର ତଥା ପିପିଏଲ ସ୍ଥିତ ଡିଏଭି ସ୍କୁଲ ପରିସର ମଧ୍ୟରେ ଚାଲିଥିବା ହକି ଗ୍ରୀଷ୍ମ ଶିବିରରେ ଶନିବାର ଦିନ ଆୟୋଜିତ ହୋଇଯାଇଛି। ଗୋପବନ୍ଧୁ ଷ୍ଟାଡିୟମ୍ ପରିସରରେ ଆୟୋଜିତ ସଭାରେ ପାରାଦୀପ ବନ୍ଦରର ମେରାଇନ ବିଭାଗର ମୁଖ୍ୟ ଯନ୍ତ୍ରୀ ତଥା ପାରାଦୀପ ଗଲ୍ଫ କ୍ଲବର ଅଧ୍ୟକ୍ଷ ବବୁଲ ସିକଦର ମୁଖ୍ୟ ଅତିଥି ଭାବେ ଯୋଗଦେଇ କିଟ୍ ଓ କିସର ପ୍ରତିଷ୍ଠାତା ଡ.ଅଚ୍ୟୁତ ସାମନ୍ତଙ୍କ ଏହି ମହାନ କର୍ଯ୍ୟକୁ ଆଗକୁ ବଢ଼ାଇବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ୨୦୧୩ ମସିହା ମଇ ୧୭ ତାରିଖ ସାରା ବିଶ୍ୱର ପ୍ରାୟ ୧୨୦ଟି ଦେଶର ୩୦୦ ସ୍ଥାନରେ ଆର୍ଟ ଅଫ ଗିଭିଂ ଡେ ପାଳନ କରାଯାଉଛି। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ କିଛି ଅନ୍ୟକୁ ଦେବାର କଳା ଡ.ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ସ୍ଥାପିତ କିସ୍ ଠାରେ ପ୍ରାୟ ଚାଳିଶହଜାର ଗରିବ ହରିଜନ ଓ ଆଦିବାସୀ ଛାତ୍ରଛାତ୍ରୀ ଛାତ୍ରାବାସରେ ରହି ସମ୍ପୂର୍ଣ୍ଣ ମାଗଣାରେ ଶିକ୍ଷା ଲାଭ କରୁଛନ୍ତି। ତେଣୁ ତାଙ୍କର ଏହି ମହାନ କାର୍ଯ୍ୟକୁ ମୁଖ୍ୟ ଅତିଥି ସିକଦର ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ଏସ୍‌ସିଇ କମର୍ସିଆଲର ମ୍ୟାନେଜର ତଥା ପାରାଦୀପ ଗଲ୍ଫ କ୍ଲବର ଅଧିନାୟକ ଅକ୍ଷୟ କୁମାର ସୂତାର ଓ ଓଡ଼ିଶାର ବିଶିଷ୍ଟ ଭଲିବଲ କୋଚ ସଞ୍ଜୟ କୁମାର ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଡ.ସାମନ୍ତଙ୍କର କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। ଜଗତସିଂହପୁର ଜିଲ୍ଲାର ଆର୍ଟ ଅଫ ଗିଭିଂ କାର୍ଯ୍ୟକ୍ରମର ମୁଖ୍ୟ ଆଞ୍ଚଳିକ ତଥା ସଂଯୋଜକ କ୍ରୀଡ଼ାବିତ ଶାଶ୍ୱତ କୁମାର ଭାରତୀୟ ସଭା କାର୍ଯ୍ୟରେ ଅଧ୍ୟକ୍ଷତା କରିଥିଲେ। କିଟ୍ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ବିଭାଗ ତରଫରୁ ପ୍ରଦୀପ ପଲାଇ ସହଯୋଗ କରିଥିଲେ। ଏହି ଆର୍ଟ ଅଫ ଗିଭିଂ କାର୍ଯ୍ୟକ୍ରମରେ ପିପିଏଲ ଓ ପାରାଦୀପର ପ୍ରାୟ ଚାରିଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଓ ଅଭିଭାବକ ଅଂଶଗ୍ରହଣ କରିଥିଲେ।

# ଯାଜପୁର ଜିଲ୍ଲାରେ ଖଣି ଚୋରିକୁ ଲଗାମ ନାହିଁ

## କଳାପଥର ଚୋରି ରୋକିବାକୁ କ୍ରସର ଗୁଡ଼ିକ ପାଇଁ ରାଜ୍ୟ ସରକାରଙ୍କ ନୂଆ ଏସ୍‌ଓପି

ବଡ଼ଚଣା, (ଭାସ୍କର ନ୍ୟୁଜ୍): ବଡ଼ଚଣାର ଚଣ୍ଡୀଖୋଲ ହେଉଛି ଏକ ଦ୍ୱାର ଯାହାକି ଚାରିଛକରେ ପରିଣତ ଦୈତାରି ଠାରୁ ପାରାଦୀପ ଏବଂ କଲିକତା ଠାରୁ ମାଡ୍ରାସ ପର୍ଯ୍ୟନ୍ତ ଗମନାଗମନ ଏକମାତ୍ର ପେଣ୍ଟ ଏହି ସୁବିଧା ଦେଖି ଖଣି ଲଘୁ ଦ୍ରବ୍ୟ ଚୋରା ମାଫିଆମାନେ ପ୍ରତ୍ୟେକଦିନ ଶହଶହ ଟ୍ରିପ କୋଟିକୋଟି ଟଙ୍କାର ଟିକସ ଫାଙ୍କି ଚୋରାରେ କଳାପଥର ମାଟି ମୋହରମ ବାଲି ଗ୍ରାନାଇଟ ଆଇରନ ବିଭିନ୍ନପ୍ରକାରର ଲଘୁ ଦ୍ରବ୍ୟ ରପ୍ତାନୀ କରି ନିଜର ରୋଜଗାରରେ ମାତିଛନ୍ତି। ଏଥିରେ ପ୍ରଶାସନିକ ଅଧିକାରୀମାନେ ହାତବାରସି ସାଜି କେବଳ ଲୋକ ଦେଖାଣିଆ ଧରି ନିଜର ବେପାର ଚଳାଉଥିବା ଜଣାପଡିଛି। ନେତାଙ୍କ ଚାପରେ ସ୍ଥାନୀୟ ପ୍ରଶାସନର ଅନ୍ଧ ମୂକ ବଧିର ପାଲଟି ଯାଇଛି, ଜିଲ୍ଲା ହେଉ କି ସ୍ଥାନୀୟ ପ୍ରଶାସନ ନିଜର ସୁରକ୍ଷା ପାଇଁ କେବଳ ଝିଣ୍ଟିକା ମାରି ବଣି ପୋଷିବା କଥା। ହଜାରହଜାର କୋଟିଟଙ୍କାର ଗ୍ରାନାଇଟ କଳାପଥର ଚୋରି ରୋକିବାକୁ ରାଜ୍ୟ ସରକାର ଇତିମଧ୍ୟରେ ନୂଆ ଏସ୍‌ଓପି ଜାରି କରିଛନ୍ତି। ଖଣିଖାଦାନ ରହିଥିବା ଜିଲ୍ଲା ଗୁଡିକରେ ଟ୍ୟାକ୍ସଫୋର୍ସ ଗଠନ କରି ପଥରଚୋରିକୁ ସମ୍ପୂର୍ଣ୍ଣ ରୋକିବା ପାଇଁ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପଥର ଚୋରୀ ରୋକିବା ପାଇଁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ ଏହି ନିର୍ଦ୍ଦେଶନାମାରେ କୁହାଯାଇଛି। ଉକ୍ତ ଏସଓପି ଅନୁଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ଯାଜପୁର ଜିଲ୍ଲାରେ ବ୍ୟାପକ ଭାବେ ଚାଲି ଆସିଥିବା କଳାପଥର ଚୋରି ପ୍ରକ୍ରିୟାରେ ରୋକ ଲାଗିପାରିବ ବୋଲି ରାଜ୍ୟ ସରକାର ଆଶାବ୍ୟକ୍ତ କରିଛନ୍ତି। ରାଜ୍ୟ ଇସ୍ପାତ ଓ ଖଣି ବିଭାଗ ଅତିରିକ୍ତ ସଚିବ ଦୌଲତ ଚନ୍ଦ୍ରକାର ପଠାଇ ଥିବା ତାଙ୍କ ପତ୍ର ସଂଖ୍ୟା ୪୨୦୬/ ୦୫,୦୫,୨୦୨୫ ରେ କଳାପଥର ବ୍ୟବହାର କରୁଥିବା କ୍ରସର୍‌ଗୁଡ଼ିକ ଏହି ଏସ୍‌ଓପିର ସମସ୍ତ ସର୍ତ୍ତାବଳୀ ମାନିବାକୁ ବାଧ୍ୟ ବୋଲି କୁହାଯାଇଛି। ସର୍ତ୍ତାବଳୀ ଅନୁସାରେ କ୍ରସର୍ ୟୁନିଟ୍ ବସାଇବା ପୂର୍ବରୁ ମାଲିକମାନେ ସମସ୍ତ ବିଭାଗ ଠାରୁ ଅନୁମତି ହାସଲ କରିବା ସହ ୧୪ ଏମ୍‌ଏସ୍ ସିଷ୍ଟମ୍ ଦ୍ୱାରା ଇ-ଟ୍ରାଞ୍ଜିଟ୍ପାସ୍ ଉପଲବ୍ଧ କରିବେ! ପ୍ରତ୍ୟେକ ଦିନ ଖଣିରୁ କେତେ ପରିମାଣର ପଥର ଆଣିଛନ୍ତି ଓ କେତେ ପରିମାଣର ଉତ୍ପାଦନ କରାଯାଇଛି ତାହାର ସମସ୍ତ ତଥ୍ୟ ସି-ଫର୍ମରେ ଉଲ୍ଲେଖ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। କେବଳ ସେତିକି ନୁହେଁ ଏହି ସି-ଫର୍ମକୁ ପ୍ରତି ମାସର ପ୍ରଥମ ସପ୍ତାହରେ ବିଭାଗୀୟ ଅଧିକାରୀଙ୍କ ନିକଟରେ ଦାଖଲ କରିବା ସଙ୍ଗେସଙ୍ଗେ କ୍ରସର ୟୁନିଟ୍‌ଗୁଡ଼ିକ ତାଙ୍କର ସମସ୍ତଙ୍କର ପଟା ରେଜିଷ୍ଟରରେ ପ୍ରତ୍ୟେକ ଦିନ ଉଲ୍ଲେଖ କରିବାକୁ ନିର୍ଦ୍ଦେଶ ରହିଛି। ଏହି ରିପୋର୍ଟ ଓ ଖାତାକୁ ଜିଲ୍ଲା ଟାକ୍ସଫୋର୍ସ ଯେକୌଣସି ଦିନ ଯାଞ୍ଚ କରିପାରିବେ ବୋଲି କୁହାଯାଇଛି। କ୍ରସର ୟୁନିଟରେ ଗଚ୍ଛିତ ଥିବା କଳାପଥର ଓ ଉତ୍ପାଦିତ ମାଲକୁ ମଧ୍ୟ ନିୟମିତ ଯାଞ୍ଚ କରାଯିବା ସହ କ୍ରସର ଗୁଡ଼ିକ ପରିବେଶ ପ୍ରଦୂଷଣ ନିୟମକୁ କଡାକଡି ଭାବେ ପାଳନ କରୁଛନ୍ତି କି ନାହିଁ ତାହାର ଯାଞ୍ଚ କରାଯିବ ବୋଲି କୁହାଯାଇଛି। କ୍ରସର ଗୁଡ଼ିକର ପ୍ରବେଶ ପଥରେ ଏକମାତ୍ର ଗେଟ୍ ନିର୍ମାଣ ହେବ ଓ ଏହି ଗେଟ୍ ଏବଂ କ୍ରସର ୟୁନିଟ୍ ଭିତରେ ସି.ସି କ୍ୟାମେରା ଲଗାଯିବା ସହିତ ସି.ସି କ୍ୟାମେରାର ସମସ୍ତ ତଥ୍ୟ ସଂଗ୍ରହିତ କରି ରଖାଯିବାକୁ ନିର୍ଦ୍ଦେଶ ଦିଆଯାଇଛି! ସ୍ଥାନୀୟ ଜନସାଧାରଣଙ୍କ ସ୍ୱାର୍ଥ ରକ୍ଷା ନିମନ୍ତେ ଆବଶ୍ୟକ ସ୍ଥଳେ ଜିଲ୍ଲା ଟାକସ୍‌ଫୋର୍ସ ଅଧିକ ନିୟମ ଲାଗୁ କରିପାରିବେ ବୋଲି ମଧ୍ୟ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। କ୍ରସର ୟୁନିଟ୍ ଗୁଡିକ ସରକାରଙ୍କର ଏହି ଏସ୍.ଓ.ପି ପାଳନ ନକଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଓ ତତକ୍ଷଣାତ ଆଇନକୁ ମାନି ନଥିବା କ୍ରସର ଓ ପଥରଖଣି ଗୁଡିକୁ ତୁରନ୍ତ ବନ୍ଦ କରିବାକୁ ଜିଲ୍ଲାପାଳ ଓ ଜିଲ୍ଲା ଖଣି ଉପନିର୍ଦ୍ଦେଶକଙ୍କୁ ଦାୟି ନିର୍ଦ୍ଦେଶ ଦିଆଯାଇଛି। ଦୀର୍ଘବର୍ଷ ଧରି ଯାଜପୁର ଜିଲ୍ଲାର ଧର୍ମଶାଳା ତହସିଲ ଅଞ୍ଚଳରେ ଥିବା ବିଛାଖଣ୍ଡିରା ହଡପୁର, ବାଘୁଆ, ଆରୁହା, ଚଢ଼େଇ ଧର ଓ ଡଙ୍କାରୀ ପ୍ରଭୃତି ପାହାଡର ଅନେକ କଳାପଥର ଖଣି ଗୁଡିକରୁ ବ୍ୟାପକ ପଥର ଚୋରି ଚାଲିଛି। ଏବେ ଏହିସବୁ ପାହାଡ଼ଗୁଡ଼ିକରୁ କୋଟିକୋଟି ମେଟ୍ରିକଟନ ପଥର ଚୋରା ଚାଲାଣ ହେଉଥିବାରୁ ଏହି ପାହାଡ ନିଜର ଅସ୍ତିତ୍ୱ ହରାଇବାକୁ ବସିଛି। ହେଲେ ପାହାଡରୁ ଯେଉଁ ପରିମାଣରେ ପଥର ଉତ୍ତୋଳନ ହେଉଛି ସରକାର ସେହି ପରିମାଣର ରାଜସ୍ୱ ପାଉନାହାନ୍ତି। ଧର୍ମକୁ ଆଖିଠାର ସଦୃଶ ଲିଜ୍‌ଧାରୀମାନେ ମାତ୍ର କିଛି ପରିମାଣର ପଥର ଉଠାଇବାକୁ ଚୁକ୍ତି ସ୍ୱାକ୍ଷର କରି ସେହି ପରିମାଣର ରାଜସ୍ୱ ପୈଠ କରୁଥିଲେ ମଧ୍ୟ ଚୁକ୍ତି ଖିଲାପ କରି ଲକ୍ଷଲକ୍ଷ ଟନ୍‌ର ଅଧିକ ପଥର ଚୋରାଚାଲାଣ କରୁଛନ୍ତି। ଏହି କଥା ଜାଣି ମଧ୍ୟ ପ୍ରଶାସନ, ପୋଲିସ ଓ ଜିଲ୍ଲା ଲଘୁ ଖଣି ଅଧିକାରୀ (ଡିଡିଏମ ମେନେରାଲ) ନିରବଦ୍ରଷ୍ଟା ସାଜିଛନ୍ତି। ଯେଉଁଥିପାଇଁ ଖଣିରୁ ପଥର ଚୋରି ବଢ଼ିବଢ଼ି ଚାଲିଛି। ଖଣିରୁ ପଥର ଚୋରି ରୋକିବା ପାଇଁ କ୍ରସର ୟୁନିଟ ପରି ଖଣି ଲିଜ୍‌ଧାରୀଙ୍କ ପାଇଁ କଠୋର ନିୟମ ଲାଗୁ କରାଯିବା ସହ ନିୟମିତ ଯାଞ୍ଚ ବ୍ୟବସ୍ଥାକୁ କଡାକଡି କରାଯିବାର ଆବଶ୍ୟକତା ରହିଛି।

## ବିଦ୍ୟୁତ ତାର ଛିଣ୍ଡି ୨ ଗାଈ ମୃତ୍ୟୁ

ଉମରକୋଟ, (ଭାସ୍କର ନ୍ୟୁଜ୍): ରବିବାର ପୂର୍ବାହ୍ନ ୭ଘ. ସମୟରେ ଉମରକୋଟ ନିକଟସ୍ଥ ଗଡିଗୁଡା ଠାରେ ୨ଟି ଗାଈ ବିଦ୍ୟୁତ ସଂସ୍ପର୍ଶରେ ଆସି ପ୍ରାଣ ହରାଇଥିଲେ। ଗତକାଲି ସନ୍ଧ୍ୟା ୪ଘ: ସମୟରେ ଉମରକୋଟ ଠାରେ କାଳ ବୈଶାଖୀ ବର୍ଷା ଯୋଗୁଁ କୁଆପଥର ଓ ଗଛପତ୍ର ପଡି ସ୍ଥାନେ ସ୍ଥାନେ ବିଦ୍ୟୁତ ତା'ର ମଧ୍ୟ ଛିଣ୍ଡି ପଡ଼ିଥିଲା। ରବିବାର ସକାଳ ସମୟରେ ସ୍ଥାନୀୟ ଆସାରାମ ମଙ୍ଗରାଜ ପିତା- ପିତୁ ମଙ୍ଗରାଜ ଗୋଟିଏ ଛୋଟ ଗୋରିବ ଚାଷୀଙ୍କର ୨ଗୋଟି ଗାବିନି ଗାଈ ଯାହାର ମୂଲ୍ୟ ପ୍ରାୟ ୧ଲକ୍ଷ ପଚାଶ ହଜାରରୁ ୨ଲକ୍ଷଟଙ୍କା ଭିତରେ ହୋଇପାରେ ତାହା ବିଦ୍ୟୁତ ସଂସ୍ପର୍ଶରେ ଆସି ପ୍ରାଣ ହରାଇଥିଲେ। ଗ୍ରାମର ବଳିରାମ ମଙ୍ଗରାଜ ଏ ସମ୍ବନ୍ଧରେ ଉମରକୋଟ ଥାନାରେ ଏ ସମ୍ବନ୍ଧରେ ଲିଖିତ ଆକାରରେ ଦେଇଥିଲେ। ଉମରକୋଟ ଥାନା ଅଧିକାରୀଙ୍କ ନିର୍ଦ୍ଦେଶ ନାମାରେ ଓ ସ୍ଥାନୀୟ ପଶୁଚିକିତ୍ସକଙ୍କ ତତ୍ତ୍ୱାବଧାନରେ ଗ୍ରାମରେ ମୃତ୍ୟୁ ଗାଈ ଦୁଇଟିକୁ ପୋତା ଯାଇଥିଲା। ତେଣୁ ଏହି ଗରିବ ଚାଷୀଙ୍କୁ ସରକାର ତଥା ଜିଲ୍ଲା ପ୍ରଶାସନ ତରଫରୁ ସାହାଯ୍ୟ ଯୋଗାଇ ଦେବାକୁ ଜନସାଧାରଣ ଦାବି କରିଛନ୍ତି।

## ପିକ୍‌ଅପ୍ - ବାଇକ୍ ଧକ୍କାରେ ଗର୍ଭବତୀଙ୍କ ମୃତ୍ୟୁ

ମାଲକାନାଗିରି, (ଭାସ୍କର ନ୍ୟୁଜ୍): ମାଲକାନାଗିରି ଜିଲ୍ଲା ଚିତ୍ରକୋଣ୍ଡା ଅଞ୍ଚଳରେ ଗତକାଲି ସନ୍ଧ୍ୟା ସମୟରେ ଏକ ଦୁଃଖଦ ଘଟଣା ଘଟିଛି। ଅଜଣା ଗାଡ଼ି ଧକ୍କାରେ ଜଣେ ଗର୍ଭବତୀଙ୍କ ମୃତ୍ୟୁ ଘଟିଛି। ଘଟଣାଟି ଘଟିଛି ଚିତ୍ରକୋଣ୍ଡା ସଦର ମହକୁମାଠାରୁ ୫ କିଲୋମିଟର ଦୂର ଚିତ୍ରକୋଣ୍ଡା ବାଲିମେଳା ମୁଖ୍ୟ ରାସ୍ତାର ବାଉଁଶ ଡିପୋ ନିକଟରେ। ଗତ ସନ୍ଧ୍ୟା ୭ ଘଟିକା ସମୟରେ ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ପାପରମେଟଲା ପଞ୍ଚାୟତ ଡୋଲିଆମ୍ବ ଗ୍ରାମର କମଳଲୋଚନ ଖରା ନିଜ ଗର୍ଭବତୀ ପତ୍ନୀକୁ ମାଲକାନଗିରିରୁ ମୋଟର ସାଇକଲ ଯୋଗେ ନିଜ ଘରକୁ ନେଇ ଫେରିବା ସମୟରେ ସ୍ୱିଲଓ୍ୱାଇ ନିକଟ ବାଉଁଶ ଡିପୋ ଠାରେ ଚିତ୍ରକୋଣ୍ଡା ପଟୁ ଆସୁଥିବା ଏକ ପିକ୍‌ଅପ୍ ଭ୍ୟାନ୍ ଧକ୍କା ଦେଇଥିଲା। ଫଳରେ ବାଇକ୍ ଚଲାଉଥିବା ଦୈତାରୀ ଶ୍ରୀଗମ ଓ ବସିଥିବା କମଳଲୋଚନ ଖରା ରାସ୍ତା କଡ଼କୁ ଛିଟିକି ପଡିଥିଲେ। କିନ୍ତୁ ହର୍ଷମତି ଖରା ପିକ୍‌ଅପ୍ ଭ୍ୟାନ୍ ଚକା ତଳେ ପଡି ଯାଇଥଲେ। ତାଙ୍କ ପେଟ ଉପରେ ଚକା ଚଢି ଯାଇଥଲା। ଦୁର୍ଘଟଣା ଘଟାଇବା ପରେ ପିକ୍‌ଅପ୍ ଭ୍ୟାନ୍ ଦ୍ରୁତଗତିରେ ସେଠାରୁ ବାଲିମେଳା ପଟକୁ ଚାଲିଯାଇଥିଲା। ଦୁର୍ଘଟଣା ସ୍ଥଳରେ ଥିବା କିଛି ଲୋକେ ତୁରନ୍ତ ୧୦୮ ଆମ୍ବୁଲାନ୍ସ ଯୋଗେ ତିନିଜଣଙ୍କୁ ଚିତ୍ରକୋଣ୍ଡା ମେଡିକାଲକୁ ପଠାଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାଇକ୍ ଚଲାଉଥିବା ଦୈତାରୀ ଶ୍ରୀଗମ ଓ ତାଙ୍କ ସ୍ୱାମୀ କମଳଲୋଚନ ଖରାଙ୍କୁ ସାମାନ୍ୟ ଆଘାତ ଲାଗିଛି। ଚିତ୍ରକୋଣ୍ଡା ତହସିଲଦାର ନଟବର ଗରଡ଼ା ଅତିରିକ୍ତ ତହସିଲଦାର ପ୍ରଶାନ୍ତ ଭତ୍ରା, ଚିତ୍ରକୋଣ୍ଡା ବ୍ଲକ ଅଧ୍ୟକ୍ଷା ରାଜେଶ୍ୱରୀ ଖିଲ ଓ ଚିତ୍ରକୋଣ୍ଡା ସମିତି ସଭ୍ୟ ରାଜ କମଳ ପୁରୋହିତ ଚିତ୍ରକୋଣ୍ଡା ମେଡିକାଲରେ ପହଞ୍ଚି ମାଲକାନଗିରି ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ତୁରନ୍ତ ପନ୍ଦର ହଜାରର ସହାୟତା ସହ କମଳଲୋଚନ ତିନି ଛୋଟଛୋଟ ପିଲାଙ୍କୁ ବାତ୍ସଲ୍ୟ ଯୋଜନାରେ ସମସ୍ତ ସାହାଯ୍ୟ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏ ନେଇ ଚିତ୍ରକୁଣ୍ଡା ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରଖିଥିବା ପୁଲିସ କହିଛି। ରବିବାର ମୃତକଙ୍କ ପୋଷ୍ଟମର୍ଟମ କରାଯାଇ ପାରିବାର ଲୋକଙ୍କୁ ହସ୍ତାନ୍ତର କରଯାଇଥିବା କଥା ଡାକ୍ତର କହିଛନ୍ତି।

# ଅଘୋଷିତ ଭଣ୍ଡ ବାବା ନାମରେ ମାମଲା, ଗିରଫ କେବେ ?

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ଅଂଚଳରେ ବାବାଙ୍କର ଦୌରାତ୍ମ୍ୟ ବଢ଼ି ଚାଲିଥିବା ବେଳେ ଲୋକମାନଙ୍କୁ ଭଣ୍ଡାଇ ବିପୁଳ ଅର୍ଥ ରୋଜଗାର କରିବା ସହ ୩ ମହଲାରୁ ୫ ମହଲା ଗୃହ ନିର୍ମାଣ କରି ଚାଲିଛନ୍ତି। ଅନେକ ବ୍ୟକ୍ତି ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ରୋଗ ଆରୋଗ୍ୟ ହେବ, ଗ୍ରହ ଦୋଷ କଟିଯିବ, ପିଲାମାନେ ଚାକିରୀ ପାଇବା ଆଶା ରଖି ଏହି ବାବାଙ୍କର ଲୋକମାନେ ଶୀକାର ହେଉଛନ୍ତି। ଅନେକ ଥର ଗଣମାଧ୍ୟମରେ ଏହି ଅନ୍ଧବିଶ୍ୱାସ ଘଟଣା ପ୍ରକାଶ ପାଇଥିଲେ ମଧ୍ୟ ପ୍ରଶାସନ ଭଣ୍ଡମାନଙ୍କ ବିରୁଦ୍ଧରେ କୌଣସି ପଦକ୍ଷେପ ନେଇ ନଥିବା ଘଟଣାକୁ ନେଇ ସାଧାରଣରେ ଅସନ୍ତୋଷ ବଢ଼ିଥିବା ବେଳେ ଜଣେ ବ୍ୟକ୍ତି ଏକ ବାବାଙ୍କ ନାମରେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ସଂଗୀନ୍ ଦଫାରେ ଭଣ୍ଡ ବାବା ନାମରେ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଜାରି ରଖିଥିବା ବେଳେ କ'ଣ ପାଇଁ ଭଣ୍ଡ ବାବାକୁ ଗିରଫ କରାଯାଉ ନାହିଁ ସାଧାରଣରେ ପ୍ରଶ୍ନ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ରଏଡ଼୍ ବଜାର ବ୍ରାହ୍ମଣୀ ଦେବୀଙ୍କ ନିକଟରେ ଚାଲିଥିବା ଏକ ହୁକୁମ୍‌କୁ ନେଇ ଜଣେ ଭଣ୍ଡ ବାବା ମହିଳା ବେଶ ଧରି କାଳିସି ସାଜି ହୁକୁମ୍ ଦେଉଛନ୍ତି। ମାତ୍ର ଏହାର କୌଣସି ପ୍ରଭାବ ଦେଖିବାକୁ ମିଳୁ ନଥିବା ବେଳେ ବାଲିପାଟଣା ଥାନା ବଦଲା ଗ୍ରାମର ଆଶିଷ କୁମାର ମଲ୍ଲିକ ଥାନାରେ ଅଭିଯୋଗ କରିଛନ୍ତି। ମଲ୍ଲିକ କହିଛନ୍ତି, ସେ ଜଣେ ସଚେତନ ନାଗରିକ ହୋଇଥିବା ବେଳେ ଧନୁଆଁ ଗ୍ରାମ ପଂଚାୟତ ରଏଡ଼ ବଜାର ବ୍ରାହ୍ମଣୀଦେବୀଙ୍କ ମନ୍ଦିର ନିକଟରେ ସୁଶାନ୍ତ ବେହେରା ନାମକ ବ୍ୟକ୍ତି ଅଘୋଷିତ ବାବା ବୋଲାଇ ମଙ୍ଗଳବାର ସକାଳ ପ୍ରାୟ ଦିନ ୧୦ଟାରୁ ହୁକୁମ୍ ଆରମ୍ଭ କରିଛନ୍ତି। ଅଭିଯୋଗକାରୀଙ୍କ ପତ୍ନୀ ବାବାଙ୍କ ପାଖକୁ ହୁକୁମ୍ ଆଣିବାକୁ ଯାଇଥିଲେ। ବାବାଙ୍କ କହିବା ଅନୁଯାୟୀ, ଅନେକ ମହିଳାଙ୍କ ସହିତ ତୁମ ସ୍ୱାମୀଙ୍କର ସମ୍ପର୍କ ରହିଅଛି। ଅଭିଯୋଗ କାରୀଙ୍କ ପତ୍ନୀ ବାବାଙ୍କ କଥାରେ ବିଶ୍ୱାସ କରି ଘରେ କଳହ ସୃଷ୍ଟି ହେବାରୁ ଅଭିଯୋଗକାରୀ ସେଠାକୁ ଯାଇଥିଲେ। ଏପରି ଭଣ୍ଡ ବାବାଙ୍କୁ ପ୍ରତିବାଦ କରିବାରୁ ଭଣ୍ଡବାବା ଧମକ ଦେଇଥିଲେ। ବେତବାଡ଼ିରେ ଭଣ୍ଡ ବାବା ଅଭିଯୋଗକାରୀଙ୍କୁ ଆକ୍ରମଣ କରିଥିଲେ। ଏପରି ମିଥ୍ୟା କହିବାରୁ ଅଭିଯୋଗକାରୀଙ୍କ ପରିବାର ମଧ୍ୟରେ ଝଡ଼ ସୃଷ୍ଟି ହେବା ସହ ସର୍ବ ସମ୍ମୁଖରେ ମାନବାଧିକାର କ୍ଷୁର୍ଣ୍ଣ ହୋଇଛି। ଅଭିଯୋଗକାରୀ ଜୀବନ ବଞ୍ଚାଇ ସେଠାରୁ ପଳାଇ ଆସିଥିଲେ। ଜୀବନରେ ମାରି ଦେବାକୁ ମଧ୍ୟ ଭଣ୍ଡ ବାବା ଧମକ ଦେଇଛନ୍ତି। ଏଠାରେ ବଳି ପକାଇବାକୁ ମଧ୍ୟ କହିଛନ୍ତି। ଏ ସମ୍ପର୍କରେ ଆଶିଷ କୁମାର ମଲ୍ଲିକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଭାରତୀୟ ନ୍ୟାୟ ସଂହିତା ଦଫା୧୨୬(୨)/୧୧୫(୨)/ ୩୫୧(୨), ଥାନା କେସ୍ ନଂ-୧୪୦/ ୨୫ରେ ମାମଲା ରୁଜୁ କରିଥିଲେ ମଧ୍ୟ ପୋଲିସ ବାବାକୁ ଗିରଫ କରି ନାହିଁ। ଏହିପରି ଭାଣ୍ଡାମି ନିମାପଡ଼ାର ଅନେକ ସ୍ଥାନରେ ଚାଲିଥିବା ବେଳେ ଠାକୁର ଓ ଠାକୁରାଣୀଙ୍କୁ ଢ଼ାଲ କରି ଅନେକ ବ୍ୟକ୍ତି ଅପରାଧୀକ କାର୍ଯ୍ୟ ଚଳାଇଛନ୍ତି। ବିଭିନ୍ନ ଲୋକମାନଙ୍କୁ ମିଥ୍ୟା କଥା କହି ବିପୁଳ ଅର୍ଥ ରୋଜଗାର କରୁଛନ୍ତି। ଯାହାକୁ ନେଇ ଭଣ୍ଡମାନଙ୍କର ଦୌରାତ୍ମ୍ୟ ବେଳକୁ ବେଳ ବଢ଼ି ଚାଲିଛି। ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେଇ ଦୃଢ଼ ପଦକ୍ଷେପ ନେବା ପାଇଁ ଦାବୀ ହୋଇଛି।

## ସାଂସଦଙ୍କ ପ୍ରତିନିଧି ଭାବେ ସୀତାକାନ୍ତ ନାୟକ ମନୋନୀତ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ପାଇଁ ସାଂସଦ ଅଭିମନ୍ୟୁ ସେଠୀଙ୍କ ପ୍ରତିନିଧି ଭାବେ ବିଜେପି ନେତା ସୀତାକାନ୍ତ ନାୟକ ମନୋନିତ ହୋଇଥିବା ଜଣାପଡିଛି। ଏନେଇ ସାଂସଦ ସେଠୀ ଜିଲ୍ଲାପାଳ ଓ ତିହିଡ଼ି ବିଡ଼ିଓଙ୍କୁ ଅବଗତ କରାଇଛନ୍ତି। ଭାଟପଡ଼ା ପଞ୍ଚାୟତ ଅଧୀନ ତିହିଡ଼ି ଗ୍ରାମର ସୀତାକାନ୍ତ ଛାତ୍ର ଜୀବନରୁ ଏବିଭିପିରେ ରହି ଛାତ୍ର ସଂଗଠନକୁ ସୁଦୃଢ କରିଥିଲେ। ପରେ ସେ ଭାଜପାରେ ବ୍ଲକ କର୍ମକର୍ତ୍ତା ରହି ଦଳକୁ ମଜବୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛନ୍ତି। ସେ ସାଂସଦଙ୍କ ପ୍ରତିନିଧି ହେବା ପରେ ସାଂସଦ ସେଠୀଙ୍କ ସମେତ ରାଜ୍ୟ ସଭାପତି ମନମୋହନ ସାମଲ, ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଜିଲା ସଭାପତି ଭଗବାନ ପଣ୍ଡାଙ୍କୁ କୃତଜ୍ଞତା ଜଣାଇଛନ୍ତି। ସୀତାକାନ୍ତଙ୍କୁ ଏହି ପଦବୀ ମିଳିବା ପରେ ମଣ୍ଡଳ ସଭାପତି କେଶବ ବେହେରା, ସରୋଜ ନାୟକ, ସାଇସାରଣ ବେହେରା ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଜଗତସିଂହପୁର ଜିଲ୍ଲା କାରାଗାରରେ ଆଧ୍ୟାତ୍ମିକ ସଚେତନତା କାର୍ଯ୍ୟକ୍ରମ



ପାରାଦୀପ/ଜଗତସିଂହପୁର, (ଭାସ୍କର ନ୍ୟୁଜ୍): ଜିଲ୍ଲାର ଅଗ୍ରଣୀ ସେବା ଓ ଆଧ୍ୟାତ୍ମିକ ପ୍ରଚାର ପ୍ରସାର ଧର୍ମୀ ସଂଗଠନ ବ୍ୟାସ ଫାଉଣ୍ଡେସନର ଅଧ୍ୟକ୍ଷା ସ୍ନେହମୟୀ ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସହଭାଗିତାରେ ଜିଲ୍ଲା କାରାଗାର ଆଳିପିଙ୍ଗଳର ଅନ୍ତେବାସୀଙ୍କ ମାନସିକତାର ପରିବର୍ତ୍ତନ ପାଇଁ ଆନ୍ତର୍ଜାତିକ ଗୀତା ମିଶନର ସଭାପତି ବ୍ରହ୍ମଚାରୀ ଚିଦାନନ୍ଦ ଜୀ ମହାରାଜ ଓ ମାଳିକା ପ୍ରବଚକ ବ୍ରହ୍ମଚାରୀ ଦିବାକର ଦାସ ମହାରାଜଙ୍କ ଦ୍ୱାରା ଆଧ୍ୟାତ୍ମିକ ସମାବେଶ ଅନୁଷ୍ଠିତ ହେଲା। ଉକ୍ତ ଆଧ୍ୟାତ୍ମିକ ସମାବେଶରେ ଆଇନ୍ ସେବା ପ୍ରାଧିକରଣ ସଚିବ ବିଡିଡି ଚନ୍ଦନା, କାରାଗାରର ଭାରପ୍ରାପ୍ତ ଅଧୀକ୍ଷକ ମନସ୍ୱିନୀ ପାଣିଗ୍ରାହୀ ଉପ ସହକାରୀ ଅଧୀକ୍ଷକ ଦର୍ପଭଞ୍ଜନ ଭୋଇ, ଆଇନ ସହାୟତା ପ୍ରତିରକ୍ଷା ଓକିଲ ଓଜଦ୍ୱିତୀ ମହାନ୍ତି, ଧୀରେନ୍ଦ୍ରନାଥ ଆଚାର୍ଯ୍ୟ, କାରାଗାର ଚିକିତ୍ସାଧିକାରୀ ଡାକ୍ତର ଶକ୍ତି ପ୍ରସାଦ ହୋତା, ଫାର୍ମାସିଷ୍ଟ ନିରଞ୍ଜନ ମାର୍ଥା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଉକ୍ତ ଆଧ୍ୟାତ୍ମିକ ଅନୁଶୀଳନରେ ସନ୍ଥମାନେ କହିଥିଲେ ଯେ, ଅପରାଧ ପ୍ରବଣତା ଜନ୍ମଗତ ନୁହେଁ। କୁସଂଗ, କୁପରିବେଶ, କୁଚିନ୍ତନ ଯୋଗୁଁ ବେଳେବେଳେ ମଣିଷ ଅପରାଧ କରିବସେ। ଆମ ସଂସ୍କୃତି ପ୍ରଭାବରେ ଦସ୍ୟୁ ରତ୍ନାକର ମଧ୍ୟ ବାଲ୍ମୀକି ହୋଇପାରିଥିଲେ। ଜୀବନରେ ସତସଙ୍ଗ ଓ ସତ୍ ଗ୍ରନ୍ଥ ପଠନ ଦ୍ୱାରା ପରିବର୍ତ୍ତନ ଆସେ। ଏହି କାର୍ଯ୍ୟକ୍ରମରେ ସନ୍ଥମାନଙ୍କ ଦ୍ୱାରା ଶ୍ରୀମଦ୍ ଭଗବତ ଗୀତା ଓ ଅନ୍ୟାନ୍ୟ ଉପାଦେୟ ପୁସ୍ତକମାନ ବିତରଣ କରାଗଲା। ଜେଲ୍ ଅନ୍ତେବାସୀମାନେ ସନ୍ଥମାନଙ୍କ ବକ୍ତବ୍ୟକୁ ସାଗ୍ରହ ମନୋନିବେଶ କରି ଭବିଷ୍ୟତରେ ନିଜ ଚରିତ୍ରକୁ ସୁଧାର ଆଣିବା ପାଇଁ ମତ ବ୍ୟକ୍ତ କରିଥିଲେ। ବ୍ୟାସ ଫାଉଣ୍ଡେସନ ଓ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଏପରି ସମାଜ ମଙ୍ଗଳ କାର୍ଯ୍ୟକ୍ରମକୁ ସର୍ବସାଧାରଣରେ ପ୍ରଶଂସା କରାଯାଇଛି। ଆଚାର୍ଯ୍ୟ ଅନ୍ତେବାସୀମାନଙ୍କୁ ଗୀତା ପଢ଼ିବା ତଥା ଅନ୍ତତଃ ପକ୍ଷେ ଦିନକୁ ଦଶଥର ଓଁ ନମୋ ଭଗବତେ ବାସୁଦେବାୟ ଏହି ମନ୍ତ୍ରକୁ ଉଚ୍ଚାରଣ କରିବା ପାଇଁ ପ୍ରବର୍ତ୍ତାଇଲେ।

## ସିଭିପିର ଯୋଜନା ବୈଠକ

ନିଆଳି, (ଭାସ୍କର ନ୍ୟୁଜ୍): ସ୍ୱେଚ୍ଛାସେବୀ ସଂଗଠନ ଛାତ୍ର ଯୁବ ବିକାଶ ପରିଷଦ ସିଭିପି ପକ୍ଷରୁ ଏକ ଯୋଜନା ବୈଠକ ନିଆଳି ବ୍ଲକ ଦେବୀ କନ୍ଦଳ ଦୀପାଞ୍ଚଳ ଅନ୍ତର୍ଗତ ଦୀପଟି ତୋଟା ରାଧାକାନ୍ତ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ମୁଖ୍ୟ ଉପଦେଷ୍ଟା ସରୋଜ କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ କାର୍ଯ୍ୟକର୍ତ୍ତାମାନେ ଅପରେସନ ସିନ୍ଦୁର ଦେଶ ପାଇଁ ବଳିଦାନ ଦେଇଥିବା ଅମର ବୀର ସହିଦ ମାନଙ୍କ ପରିବାର ପ୍ରତି ସମବେଦନା ଜଣାଇବା ଶହ ଭାରତୀୟ ସେନାର ପ୍ରରାକ୍ରମକୁ ସାମ୍ମନ ଜଣାଇଥିଲେ। ଦେଶର ସମଗ୍ର ଯୁବ ଓ ଛାତ୍ର ସମାଜ ଭାରତ ସରକାର ଓ ସେନା ବାହିନୀକୁ ସମର୍ଥନ କରି ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ଅବସରରେ ସର୍ବସମ୍ମତି କ୍ରମେ ସିଭିପିର ନୂତନ ସଂଯୋଜକ ଭାବେ ଯୁବ ସଂଗଠକ ସଂଗ୍ରାମ ବାରିକଙ୍କୁ ମନୋନୀତ କରାଯାଇଥିଲା। ଆଗାମୀ ଦିନ ଠାରୁ ପରିଷଦ କାର୍ଯ୍ୟକାରିଣୀ ଶହ ମେଧାବୀ ପ୍ରତିଭା ସମ୍ମାନ ଓ ଜୁନରେ ସ୍ୱଚ୍ଛ ରକ୍ତଦାନ ଶିବିର ଆୟୋଜନ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। କାର୍ଯ୍ୟକ୍ରମର ସଂଯୋଜକ ଭାବେ ଦେବାଶିସ ସାହୁ, ସହ ସଂଯୋଜକ ବିଶ୍ୱଜିତ ସାହୁ, ଗଣମାଧ୍ୟମ ସଂଯୋଜକ ଭାବେ ବିଶ୍ୱଜିତ ପୁହାଣ, ପ୍ରିଣ୍ଟିଂରେ ପାର୍ଥ ସାରଥୀ ଭୋଇ, ପଞ୍ଜିକରଣ ଓ ସ୍ୱାଗତରେ ଜ୍ୟୋତିରଞ୍ଜନ ଭୁଇଁଆ ଓ ପ୍ରଭାତ କୁମାର ସ୍ୱାଇଁ ମଞ୍ଚରେ ସତ୍ୟ ସ୍ମୃତି ଆଦିତ୍ୟ ଓ ଅମିତ ଆଦି କାର୍ଯ୍ୟକର୍ତ୍ତାଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ବୈଷୟିକ ଛାତ୍ର ସ୍ୱାମୀ ଓମ ପ୍ରକାଶ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ଖଣି ଉପନିର୍ଦ୍ଦେଶକଙ୍କ ଗସ୍ତ ପରେ ଚୋରା ବାଲି ଡମ୍ପର ଜବତ୍



ଜଳେଶ୍ୱର, (ଭାସ୍କର ନ୍ୟୁଜ୍): ସୁବର୍ଣ୍ଣରେଖା ନଦୀବାଲି ସୌରାତ ଗୁଡିକରୁ ଅନବରତ ଚୋରାବାଲି ଚାଲାଣ ହେବା, ଗଣ୍ଡଗୋଳ ଲାଗି ରହିବା, ଧାରଣା ଅନଶନ ହେବା ଏପରିକି ଜଣେ ଏସ୍‌ଡିପିଓଙ୍କ ବଦମାନ ବୟାନ ପରେ ରାଜ୍ୟ ଖଣିବିଭାଗର ଉପନିର୍ଦ୍ଦେଶଙ୍କ ଜଳେଶ୍ୱର ତହସିଲ ଅଧିନ ବିଭିନ୍ନ ବାଲି ଖାଦାନ ବୁଲି ଦେଖିଛନ୍ତି। ଖଣି ବିଭାଗ ଉଚ୍ଚପଦସ୍ଥ କର୍ମକର୍ତ୍ତା ଫେରିଯିବା ପରେ ସ୍ଥାନୀୟ କନିଷ୍ଠ ଖଣି ଅଧିକାରୀ ଚଳଚଞ୍ଚଳ ହୋଇ ଉଠିଛନ୍ତି। ଫଳରେ ଆଜି ଭୋର ସମୟରେ ବେଆଇନ୍ ବାଲି ଚାଲାଣ ଯାନ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଗତ କିଛିଦିନ ଧରି ଗୋବରଘଟା, ଗୋବର୍ଦ୍ଧନପୁର, ମାଳିପାଳ, ଦକ୍ଷିଣ ପ୍ରହରାଜପୁର, ମାକିଡିଆ (ଖ) ଓ (ଗ) ଇତ୍ୟାଦି ବାଲି ସୌରାତରେ ବାଲି ଉତ୍ତୋଳନକୁ ନେଇ ଉତ୍ତେଜନା ରହିଥିବାରୁ ରାଜ୍ୟ ଖଣି ଉପ ନିର୍ଦ୍ଦେଶକ ତୁରାମ ବେଲେଇ ମୁଣ୍ଡା ଓ ଆଞ୍ଚଳିକ ଖଣି ନିର୍ଦ୍ଦେଶକ ସନ୍ତୋଷ ଦଳେଇ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ଜିଲ୍ଲା ମାଇନିଂଅଫିସର ସନ୍ତୋଷୀ ପ୍ରଭା ସେଠୀ ସେମାନଙ୍କ ସହିତ ଘଟଣାସ୍ଥଳକୁ ଆସି ପରିସ୍ଥିତ ସମ୍ପର୍କରେ ଅନୁଧାନ କରିଛନ୍ତି। ତେଣୁ ଆଜି କନିଷ୍ଠ ଖଣି ଅଧିକାରୀ ଚିନ୍ମୟ ଜେନା ଭୋର ସମୟରେ ଚାଲନ୍ତି ଠାରେ ଚଢାଉ ଆରମ୍ଭ କରିବାରୁ ସେଠାରୁ ଏକ ଡମ୍ପରକୁ ଜବତ୍ କରି ଥାନାକୁ ଆଣିଥିଲେ। ଏପରି ଚଢାଉ ଜାଣିପାରି ବହୁ ସଂଖ୍ୟାରେ ଯାନଗୁଡିକ ଖସିଯାଇଥିବା ପ୍ରତ୍ୟେକ୍ଷଦର୍ଶୀମାନେ କହିଛନ୍ତି।

# ୭ ଦିନରେ ସମାଧାନ ନହେଲେ ଆନ୍ଦୋଳନ

## ୬୦ନଂ ଜାତୀୟ ରାଜପଥ କଡ଼ରେ ସହରର କୁଢକୁଢ଼ ଆବର୍ଜନା



ଜଳେଶ୍ୱର, (ଭାସ୍କର ନ୍ୟୁଜ୍): ଜଳେଶ୍ୱର ମ୍ୟୁନିସିପାଲଟି ପକ୍ଷରୁ ସହରର ସଂଗୃହିତ ଅଳିଆ ଆବର୍ଜନାକୁ ଉପଚାର କୌଣସି ବ୍ୟବସ୍ଥା ନାହିଁ। ଫଳରେ ପ୍ରତିଦିନ କୁଢକୁଢ ଅଳିଆ ଆବର୍ଜନା ୬୦ନଂ ଜାତୀୟ ରାଜପଥ କଡ ଗ୍ରୀନରେର ପରିତ୍ୟକ୍ତ ସ୍ଥାନରେ ପକାଯାଇ ଆସୁଛି। ବର୍ଷବର୍ଷ ଧରି ସେଠାରେ ଆବର୍ଜନା ପଡୁଥିବାରୁ ସ୍ଥାନଟି ପାହାଡ ସଦୃଶ ସୃଷ୍ଟି ହୋଇ ପୋତି ଗନ୍ଧମୟ ପରିବେଶ ସୃଷ୍ଟି କରିଛି। ୬୦ନଂ ଜାତୀୟ ରାଜପଥରେ ଯାତାୟାତ କରୁଥିବା ଯାନ ଗୁଡିକର ଯାତ୍ରୀ, ପର୍ଯ୍ୟଟକ ଅସୁରକ୍ଷିତ ମନେ କରୁଛନ୍ତି। ମ୍ୟୁନିସିପାଲଟି ପକ୍ଷରୁ ଆବର୍ଜନାରେ ନିଆଁ ସଂଯୋଗ କରାଯାଉଥିବାରୁ ଦିବାରାତ୍ର ଧୂଆଁ ବାହାରି ପରିବେଶ ପ୍ରଦୋଷଣ ହେବା ସହିତ ସହରବାସୀଙ୍କୁ ଅଣନିଶ୍ୱାସୀ କରୁଛି। ଶନିବାର ୬୦ନଂ ଜାତୀୟ ରାଜପଥକୁ ଲାଗି ବହୁ ବର୍ଯ୍ୟବସ୍ତୁ ପକାଯାଇଥିବାରୁ ଆଜି ଜଳେଶ୍ୱରର ବହୁ ନେତୃମଣ୍ଡଳୀ ଏହାକୁ ତୀବ୍ର ବିରୋଧ କରିଛନ୍ତି। ବିଜେପି ନେତା ଫାଲଗୁନୀ ପାଣିଗ୍ରାହୀଙ୍କ ନେତୃତ୍ୱରେ କାଉନସିଲର ଶିବନାରାୟଣ ମହାପାତ୍ର, ଚନ୍ଦନ ଦାସ, ଦୁର୍ଗାଶଂକର ଭୂୟାଁ, ପ୍ରଧାନ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ କରିବା ସହିତ ମ୍ୟୁନିସିପାଲଟିରେ ଆବର୍ଜନା ସଫେଇ ଲାଗି ପ୍ରତିମାସ ୧୯ଲକ୍ଷ ଟଙ୍କା ଟର୍ଚ୍ଚ ହେଉଥିବା ବେଳେ ସାନିଟାରୀ ଅଫସରି ଏକ୍ସପାର୍ଟ ନାମକୁ ମାତ୍ର କାର୍ଯ୍ୟ କରୁଥିବା ସେମାନେ ଅଭିଯୋଗ କରିଛନ୍ତି। ଆସନ୍ତା ୭ଦିନ ମଧ୍ୟରେ ଏହାର ପ୍ରତିକାର କରାନଗଲେ ପୌରପାଳିକା ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି।

## ଅଧ୍ୟାପକ ଭଗବାନ ବିଶ୍ୱାଳଙ୍କ ଏକାଦଶାହରେ ସ୍ମୃତିସଭା

ଜଗତସିଂହପୁର, (ଭାସ୍କର ନ୍ୟୁଜ୍): ପୂର୍ବତନ ସରପଞ୍ଚ ତଥା ଅବସର ପ୍ରାପ୍ତ ଅଧ୍ୟାପକ ସ୍ୱର୍ଗତଃ ଭଗବାନ ବିଶ୍ୱାଳଙ୍କର ଏକାଦଶାହରେ ଏକ ସ୍ମୃତିସଭା ଜନ୍ମସ୍ଥାନ ଆମ୍ବଦରଡ ଗ୍ରାମରେ ଥିବା ମଠ ପରିସରରେ ଶିକ୍ଷାବିତ ସୁରେଶ ଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦାନ କରି ତାଙ୍କର ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରିବା ସହ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେମାନଙ୍କ ମଧ୍ୟରେ ତିର୍ତ୍ତୋଲ ବିଧାୟକ ଡ଼ଃ ରମାକାନ୍ତ ଭୋଇ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ପୂର୍ବତନ ବିଧାୟକ ଜ୍ୟୋତିଷ ଦାସ, ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ନଟବର ବାରିକ, ପୂର୍ବତନ ବିଜେପି ଜିଲ୍ଲା ସଭାପତି ସତ୍ୟବ୍ରତ ମହାପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଜଗନ୍ନାଥ ମୁଦୁଲି, ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ଡ. ଅଭୟ କୁମାର ନାୟକ, ଅଲେଖ ଚନ୍ଦ୍ର ବେହେରା, ଡ. ସୁଧାକର ଦାସ, ସଦାଶିବ ବିଶ୍ୱାଳ, ନିର୍ମଳ କୁମାର ଜେନା, ବରିଷ୍ଠ ସାମ୍ବାଦିକ ବିଜୟ କୁମାର ସ୍ୱାଇଁ, ପ୍ୟାରୀମୋହନ ପଟ୍ଟନାୟକ, ସୁଶ୍ରୀ ଗୀତା ରଥ, ପ୍ରଫେସର ଶରତ ଚନ୍ଦ୍ର ରାଉତରାୟ, ଅଧ୍ୟାପକ ଦେବେନ୍ଦ୍ର ନାଥ ବାରିକ, ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଶେଖର ଆଚାର୍ଯ୍ୟ, ପୂର୍ବତନ ସରପଞ୍ଚ ବସନ୍ତ କୁମାର ସ୍ୱାଇଁ, ଅନ୍ତର୍ଯ୍ୟାମୀ ରାଉତ, ଡ. ବାବାଜୀ ଚରଣ ପଟ୍ଟନାୟକ, ଜ୍ଞାନରଞ୍ଜନ ପଟ୍ଟନାୟକ, ଦିଲ୍ଲୀପ କୁମାର ରଥ, କେଦାରନାଥ ପରିଜା, ବିଜନ ମହାପାତ୍ର, ପ୍ରଫୁଲ୍ଲ କୁମାର ମହାନ୍ତି, ଅୟର ସରପଞ୍ଚ ମାନସ କୁମାର ବିଶ୍ୱାଳ, ଶିକ୍ଷାବିତ ଦେବେନ୍ଦ୍ର ନାଥ ରଥ, ସର୍ବେଶ୍ୱର ପଣ୍ଡା, କୈଳାସ ଚନ୍ଦ୍ର ମଲ୍ଲିକ, ନିମାନନ୍ଦ ଦାସ, ସରୋଜ କୁମାର ନାୟକ, ବାବା ମଙ୍ଗଳ ଦାସ ମହାରାଜ, ତୋଫାନ ଚରଣ ନାୟକ,ଅରୁଣ କୁମାର ରାଉତରାୟ, ଶୁଭ୍ରାଂଶୁ ଆଚାର୍ଯ୍ୟ, ପ୍ରତିଭାରାଣୀ ରାୟ, ଗୋବିନ୍ଦ ଓଝା, ରବି ମହାନ୍ତି, ତପନ କୁମାର ରାଉତରାୟ, ସରୋଜ କୁମାର ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସ୍ୱର୍ଗତ ବିଶ୍ୱାଳଙ୍କ ସୁପୁତ୍ର ଅଜିତ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଶହୀଦ ସ୍ମୃତି ସଂସଦ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା




ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ାରେ ଶହୀଦ ସ୍ମୃତି ସଂସଦ ପକ୍ଷରୁ ସ୍ମୃତି ସଂସଦର ସଭାପତି ତଥା ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ତ୍ରିରଙ୍ଗା ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଶାନ୍ତିର ପ୍ରତିଷ୍ଠା ପାଇଁ ଆବଶ୍ୟକ ହେଲେ ଯୁଦ୍ଧ କରିବାକୁ ପଡ଼େ। ଦେଶ ଭିତରେ ହେଉ ବା ସୀମାରେ ହେଉ ସନ୍ତ୍ରାସବାଦର ସମ୍ପୂର୍ଣ୍ଣ ଲୋପ କରିବା ପାଇଁ ଭାରତର ସେନା ସକ୍ଷମ। ନିମାପଡ଼ାରେ ନିମାପଡ଼ା ଶହୀଦ ସ୍ମୃତି ସଂସଦ ଦ୍ୱାରା ଆୟୋଜିତ ଏହି ବିଶାଳ ତ୍ରିରଙ୍ଗା ଯାତ୍ରକୁ ଉଦ୍‌ଘାଟନ କରି କହିଛନ୍ତି ପୂର୍ବତନ ମନ୍ତ୍ରୀ ତଥା ସଂସଦର ସଭାପତି ସମୀର ରଂଜନ ଦାଶ। ନିମାପଡ଼ା ଶହୀଦ ସ୍ମୃତି ସଂସଦ ଦ୍ୱାରା ନିମାପଡ଼ାରେ ଆୟୋଜିତ ଏହି ତ୍ରିରଙ୍ଗା ଯାତ୍ରା ପରିପ୍ରେକ୍ଷୀରେ ନିମାପଡ଼ାବାସୀ ସେହି ବୀର ଯବାନମାନଙ୍କ ବରଗାଥାକୁ ପ୍ରଣାମ କରୁଛୁ ବୋଲି କାର୍ଯ୍ୟକ୍ରମରେ ଯୋଗଦେଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମତବ୍ୟକ୍ତ କରିଛନ୍ତି। ଏହି ତ୍ରିରଙ୍ଗା ଯାତ୍ରାରେ ନିମାପଡ଼ା ଅଂଚଳରେ ସମସ୍ତ ରାଜନୈତିକ ଦଳ, ସାମାଜିକ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ ସମେତ ବହୁ ଜନସାଧାରଣ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂସଦର ସଂସଦର ସମ୍ପାଦକ, ଡ ବେଣୁଧର ସେନାପତି, ସଦସ୍ୟ ରାମଚନ୍ଦ୍ର ସାହୁ, ଦୟାନିଧି ସାହୁ, ଅଭିରାମ ମଲିକ, ଜୀବନାନନ୍ଦ ମହାପାତ୍ର, ପଂଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଉପାଧ୍ୟକ୍ଷା ଅନୁସୟା ମହାନ୍ତି, ଏନ୍‌ଏସି ଉପାଧ୍ୟକ୍ଷ ସନ୍ତୋଷ କୁମାର ଦାଶ ପ୍ରମୁଖ ଯୋଗ ଦେଇ ଭାରତୀୟ ଯବାନ୍ ମାନଙ୍କ ପରାକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ।

# ଅପରେସନ ସିନ୍ଦୂରର ସଫଳତା ନେଇ ଶୋଭାଯାତ୍ରା

ଆଳି, (ଭାସ୍କର ନ୍ୟୁଜ୍) ଆତଙ୍କବାଦୀ ବିରୋଧୀ ଅଭିଯାନ 'ଅପରେସନ ସିନ୍ଦୁର'ର ସଫଳତା ଓ ଭାରତୀୟ ବୀର ସେନା ମାନଙ୍କର ବୀରତ୍ୱର ଗାଥାକୁ ସମ୍ମାନ ଜଣାଇ ରାଷ୍ଟ୍ରୀୟ ସୁରକ୍ଷା ନାଗରିକ ସମାଜ ତରଫରୁ ରବିବାର ଆଳିରେ ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରବିବାର ଆଜି ଅପରାହ୍ନରେ ଆଳି ନୂଆ ବସଷ୍ଟାଣ୍ଡରୁ ବାହାରି ଆଳି ବଜାର ଦେଇ ଭେଟନାରୀ ଛକ ଦେଇ ଆଳି ଲକ୍ଷ୍ମୀ ବରାହ ଜୀଉ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ତ୍ରିରଙ୍ଗା ପତକା ଧରିଥିବା ପୁଲିସ କର୍ମଚାରୀ, ଲୋକପ୍ରତିନିଧି, ବୁଦ୍ଧିଯିବି, ଛାତ୍ରଛାତ୍ରୀ, ସାଧାରଣ ଜନତା, ଆଳି ନାଗରିକ ମଞ୍ଚ, ଓକିଲ ସଙ୍ଘ, ଅବସରପ୍ରାପ୍ତ ସୈନିକ ଓ ପ୍ରଶାସନ ଅଧିକାରୀ, ଦଳଗତ ନିର୍ବିଶେଷରେ ସବୁ ସମ୍ପ୍ରଦାୟର ଲୋକେ ବନ୍ଦେ ମାତରମ୍, ଭାରତ ମାତାକି ଜୟ ଧ୍ୱନି ଦେବା ସହ ଦେଶଭକ୍ତି ଗୀତ ଗାଇ ଆଳି ଅଞ୍ଚଳ ପରିକ୍ରମା କରିଥିଲେ। ଏହି କାର୍ଯ୍ୟକ୍ରମରେ କୃଷ୍ଣ ଚନ୍ଦ୍ର ପଣ୍ଡା, ଅନନ୍ତ ରଥ, ବରାହ ଚରଣ ପଣ୍ଡା, ପ୍ରିୟଦର୍ଶିନୀ ନନ୍ଦ, ତପନ ପରିଡା, ଅକ୍ଷୟ ବେହେରା, ଲକ୍ଷ୍ମୀପ୍ରିୟା ଜେନା, ଅବସରପ୍ରାପ୍ତ ସେନା ଅଧିକାରୀ ଅକ୍ଷୟ କୁମାର ନାଥ, କେତନ କୁମାର ଦାସ, ଅମୁଲ୍ୟ କୁମାର ବାରିକ, ଦର୍ପ ନାରାୟଣ ରାଉତ, ଅଭିରାମ ବାରିକ, ହରିଶ ଚନ୍ଦ୍ର ବେହେରା, ଆଳି ନାଗରିକ ମଞ୍ଚ ର ସଦସ୍ୟ ପ୍ରମୁଖ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ସଡ଼କ ବନ୍ଧୁ ସୁଶାନ୍ତ ତରାଇ ଅପରେସନ ସିନ୍ଦୁରକୁ ନେଇ ଏକ ଦେଶାତ୍ମକ କବିତା ପାଠ କରିଥିଲେ।

ଓଡିଶା ଭାସ୍କର
ODISHA BHASKAR
# ରାଜ୍ୟ ଖବର



କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : ଟାଟା ଷ୍ଟିଲ୍ ପକ୍ଷରୁ ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ ଯୋଡା ମୁଖ୍ୟ ଚିକିତ୍ସାଳୟ ଠାରେ ପାଳିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଟାଟା ମୁଖ୍ୟ ଚିକିତ୍ସାଳୟ, ଯୋଡା ସମେତ ଖଣ୍ଡବନ୍ଧ, ଯୋଡା ଇଷ୍ଟ, ଯୋଡା ୱେଷ୍ଟ, ବାମେବାରି ଏବଂ ଯୋରିବାହାଲ ଖଣି ସମୂହ ରେ ଅଭିଜ୍ଞ ଡାକ୍ତର ମାନଙ୍କ ତରଫରୁ କର୍ମଚାରୀ ମାନଙ୍କ ମଧ୍ୟରେ ଏ ସମ୍ପର୍କିତ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା । ଟାଟା ମୁଖ୍ୟ ଚିକିତ୍ସାଳୟ, ଯୋଡା ଠାରେ ଏହାର ମୁଖ୍ୟ ଚିକିତ୍ସାଧିକାରୀ ଡା: ସୁଚିସ୍ମିତା ଦାସ କର୍ମଚାରୀ ମାନଙ୍କୁ ଉଚ୍ଚ ରକ୍ତଚାପ ଏବଂ ଏହାର ନିଦାନ ବିଷୟରେ ଅବଗତ କରାଇଥିଲେ । ଆମ୍ଭମାନଙ୍କର ଦୈନନ୍ଦିନ ଜୀବନଶୈଳୀରେ ଅସାମଞ୍ଜସ୍ୟତା, ମେଦବହୁଳତା ଏବଂ ମୋଟାପଣ ଯୋଗୁଁ ବହୁ ମାତ୍ରାରେ ଏହି ରୋଗ ହେବାର ପରିଲକ୍ଷିତ ହେଉଥିବାରୁ, ଏ ସବୁଥିରେ ପରିବର୍ତ୍ତନ କରିବାର ନିତାନ୍ତ ଆବଶ୍ୟକତା ରହିଛି ବୋଲି ଡା: ସୁଚିସ୍ମିତା ଦାସ କହିଥିଲେ । ଦୈନିକ ସୁଷମ ଖାଦ୍ୟ ସହ ଶାରୀରିକ ବ୍ୟାୟମ, ଯୋଗ, ଧୂମ୍ରପାନରୁ ନିବୃତ୍ତ ଏବଂ ସୁନିଦ୍ରା ହେବା ଦ୍ୱାରା ବହୁ ମାତ୍ରାରେ ଉଚ୍ଚ ରକ୍ତଚାପ ରୋଗକୁ ହ୍ରାସ କରାଯାଇପାରିବ ବୋଲି ସେ କହିଥିଲେ । ଏହି ରୋଗ ଶରୀରର ପ୍ରମୁଖ ଅଙ୍ଗ ଯଥା ହୃଦୟ, ମସ୍ତିଷ୍କ, ଯକୃତ ଏବଂ ଆଖିକୁ ପ୍ରଭାବିତ କରୁଥିବାରୁ ଏହାର ନିରାକରଣ କରିବା ଜରୁରୀ ବୋଲି ଅନ୍ୟ ମତ ପ୍ରକାଶ ପାଇଥିଲା । ଶେଷରେ ସମସ୍ତେ ଦିନଚର୍ଯ୍ୟାକୁ ଅନୁସରଣ କରି ସୁସ୍ଥ ଏବଂ ନିରୋଗ ରହିବା ପାଇଁ ପ୍ରବୃତ୍ତ ହେବେ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ ।



## ସ୍ୱଦେଶୀ ଜାଗରଣ ମଞ୍ଚର ବିକ୍ଷୋଭ

# ତୁର୍କୀ, ଚୀନ ସାମଗ୍ରୀ ବର୍ଜନକୁ ଆହ୍ୱାନ



କୋରାପୁଟ, (ଭାସ୍କର ନ୍ୟୁଜ) : ସ୍ୱଦେଶୀ ଜାଗରଣ ମଂଚ ତୁର୍କୀ, ଚୀନ ଏବଂ ଆଜେରବାଇଜାନ ଭଳି ଦେଶ ବିରୁଦ୍ଧରେ ଦେଶବ୍ୟାପୀ ବର୍ଜନ ଅଭିଯାନକୁ ସମ୍ପୂର୍ଣ୍ଣ ସମର୍ଥନ କରୁଛି । ଏହି ପରିପ୍ରେକ୍ଷୀରେ କୋରାପୁଟ ଜଗନ୍ନାଥ ମନ୍ଦିର ଛକରେ କୋରାପୁଟ ସ୍ୱଦେଶୀ ଜାଗରଣ ମଂଚ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ନିକଟରେ ଭାରତ-ପାକିସ୍ତାନ ଉତ୍ତେଜନା ସମୟରେ ତୁର୍କୀ ଏବଂ ଆଜେର ବାଇଜାନ୍ ଦ୍ୱାରା ଆତଙ୍କବାଦୀଙ୍କ ଦେଶ ପାକିସ୍ତାନକୁ ଖୋଲାଖୋଲି ସମର୍ଥନ ଏବଂ ତୁର୍କୀର ସାମରିକ ଡ୍ରୋନ୍ ବ୍ୟବହାର ବିରୋଧରେ ଏହି ପଦକ୍ଷେପ ନିଆଯାଇଛି ବୋଲି ସ୍ୱଦେଶୀ ଜାଗରଣ ମଂଚର ଓଡିଶା ପ୍ରଦେଶ ସହ ସଂଯୋଜକ ମନୋରଜନ ରାଉତରାୟ କହିଛନ୍ତି । ଜାରା, ଆଡିଡାସ, ନାଇକ ଭଳି ବଡ ବିଦେଶୀ କମ୍ପାନିଗୁଡିକ ଦ୍ୱାରା ତୁର୍କୀରେ ତିଆରି ରେଡିମେଡ ପୋଷାକକୁ ଭାରତରେ ଆଣି ବିକ୍ରି କରାଯାଉଥିବାରୁ ଏହା ଉପରେ ରୋକ ଲଗାଇବା ଏବଂ ବର୍ଜନ କରିବାକୁ ନିବେଦନ କରିଛନ୍ତି । ୨୦୨୩ରେ ଭୂକମ୍ପ ସମୟରେ ଭାରତ ତୁର୍କୀକୁ ମାନବୀୟ ସହାୟତା ପ୍ରଦାନ କରିଥିଲେ । ବର୍ତ୍ତମାନ ତୁର୍କୀର ପାକିସ୍ତାନ ସହିତ ବଢୁଥିବା ସାମରିକ ସମ୍ପର୍କ ଭାରତର ଜାତୀୟ ସୁରକ୍ଷା ପାଇଁ ପ୍ରତ୍ୟକ୍ଷ ବିପଦ ସୃଷ୍ଟି କରୁଛି । ତେଣୁ ତୁର୍କୀ ଏବଂ ଆଜେରବାଇଜାନ୍ ବିରୁଦ୍ଧରେ ତୁରନ୍ତ ଆର୍ଥିକ ପ୍ରତିବନ୍ଧକ, ବିମାନର ଚଳାଚଳ ବନ୍ଦ, ପର୍ଯ୍ୟଟନ ଏବଂ ଆମଦାନୀ ଉପରେ ରୋକ ଲଗାଇବାକୁ ଦାବି କରିଛି । ଏହି ବିକ୍ଷୋଭ ପ୍ରଦର୍ଶନରେ ମଂଚର ଜିଲ୍ଲା ସଂଯୋଜକ ମୃତ୍ୟୁଞ୍ଜୟ ଶତପଥୀ, ରବିନାରାୟଣ ମିଶ୍ର, ସୌମେନ୍ଦ୍ର ସ୍ୱାଇଁ, କୋରାପୁଟ ନଗରପାଳ ଲଲାଟ ରନ ସେଠୀ, ଶୁଭ୍ରଜିତ ଲେଙ୍କା, କେଶବ ପଟ୍ଟନାୟକ, ପ୍ରିୟରନ ଦାସ, ଶ୍ରୀନିବାସ ରାଓ, ପ୍ରଶାନ୍ତ ପାତ୍ର, ନୀଳମଣୀ ଦାସ, ଲଲାଟେନ୍ଦୁ ପାଠୀ, ବିଭୁ ମହାପାତ୍ର, ରାମ ସାହୁ, ମହିପାଲ ସିଂ, କୈବର୍ତ୍ତ ସାମନ୍ତରାୟ, ବିଶ୍ୱନାଥ କାଡ୍ରାକା, ଦିଗାମ୍ବର ଷଡଙ୍ଗୀ, ସନ୍ତୋଷ ଜେନା, ଦୁଷ୍ମନ୍ତ ପାଢି, ରାଜେନ୍ଦ୍ର ରଥ, ରାଜକୁମାର ପ୍ରହଲ୍ଲାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ପୋଖରୀର ପୁନରୁଦ୍ଧାର ଦାବି

ବୋଲଗଡ,(ଭାସ୍କର ନ୍ୟୁଜ୍ ) : ବେଗୁନିଆ ବ୍ଲକ ବଡବେରଣା ପଂଚାୟତ ଅନ୍ତର୍ଗତ କୋଲୁହାପାଟଣା ଗ୍ରାମର ଦୁଇଟି ପୋଖରୀ ପୁନରୁଦ୍ଧାର ନ ହୋଇ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି । ସୂଚନା ଅନୁଯାୟୀ କୋଲୁହାପାଟଣା, ନରସିଂହପୁର ଓ କୁଶପଲା ମୌଜାର ସ୍ଥାନୀୟ ଲୋକମାନେ ମାଟିଗାଡିଆ ଓ ବାରି ପୋଖରୀର ପାଣିକୁ ଶୌଚ ଓ ସ୍ନାନ କରିବା ପାଇଁ ବ୍ୟବହାର ହେଉଥିବା ବେଳେ ପୁନରୁଦ୍ଧାର ହୋଇ ନ ପାରି ଅପରିଷ୍କାର ପରିବେଶ ସୃଷ୍ଟି ହୋଇଛି । ଏହି ଗ୍ରାମର ଜନ ସଂଖ୍ୟା ଦୃଷ୍ଟିରୁ ଦେଖିବାକୁ ଗଲେ ଏକ ହଜାରରୁ ଊର୍ଦ୍ଧ୍ୱ ହେବ । ଗ୍ରୀଷ୍ମ ଦିନରେ ପୋଖରୀ ଗୁଡ଼ିକ ଶୁଖିଯିବା ସହ ଅପରିଷ୍କାର ଜଳ ମଧ୍ୟରେ ଜନସାଧାରଣ ମାନେ ଦୈନନ୍ଦିନ ପୋଖରୀକୁ ବ୍ୟବହାର କରି ଚର୍ମ ଜନିତ ରୋଗ କାଛୁ ଓ କୁଣ୍ଡିଆ ରୋଗରେ ପୀଡିତ ହୋଇ ପ୍ରତ୍ୟହ ଚିକିତ୍ସିତ ହେଉଥିବାରୁ ସାଧାରଣରେ ଅସନ୍ତୋଷ ବ୍ୟାପିବାରେ ଲାଗିଛି । ଏପରିକି ଗୃହ ପାଳିତ ପଶୁ ଓ ପକ୍ଷୀ ମାନେ ତୃଷା ନିବାରଣ ପାଇଁ ପୋଖରୀ ଉପରେ ମଧ ନିର୍ଭର କରିଥାନ୍ତି । ତେବେ ଏହାକୁ ପୁନରୁଦ୍ଧାର ନାମରେ ପୂର୍ବରୁ କେତେବେଳେ କେମିତି ଅନୁଦାନ ଅର୍ଥ ରାଶିରୁ ନାମକୁ ମାତ୍ର ଖର୍ଚ୍ଚ କରାଯାଇ ହଡ଼ପ ହୋଇଛି ବୋଲି ସଚେତନ ନାଗରିକ ମାନେ କହିଛନ୍ତି ।

## ମହିଳାଙ୍କୁ ଦିଆଗଲା ମୃତ୍ତିକା ନମୁନା ସଂଗ୍ରହ ପ୍ରଶିକ୍ଷଣ




ବନ୍ଧୁଗାଁ, (ଭାସ୍କର ନ୍ୟୁଜ୍ ) : ଜଳବାୟୁ ପରିବର୍ତ୍ତନ ହେଉଥିବା ଯୋଗୁଁ ଆଦିବାସୀଙ୍କ ପାରମ୍ପାରିକ ଚାଷ ପ୍ରଭାବିତ ହେଉଛି । ଗାଁ ଗହଳିରେ ରସାୟନ ଯୁକ୍ତ ସାର ଓ ଔଷଧ ବିଶେଷ ଭାବେ ପାରମ୍ପାରିକ ଚାଷକୁ ପ୍ରଭାବିତ କରୁଛି । ଲୋକେ ଜୈବିକ ଖତ ଓ ସାର ବ୍ୟବହାର କରି ଆଦିବାସୀ ଚାଷୀ ନିଜ ପାରମ୍ପାରିକ ଜୈବିକ ପଦ୍ଧତିର କୃଷିକୁ ଯେପରି ଫେରି ଆସିବେ, ଏଥିପାଇଁ ବନ୍ଧୁଗାଁ ବ୍ଲକ ଜାଗୁଗୁଡା ପଞ୍ଚାୟତ ପାର୍ଡିଙ୍ଗି ଗାଁରେ ୩ ଟି ଗାଁ ର ୫୦ ଜଣ ମାଆଙ୍କୁ ନେଇ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଗତ ଶନିବାର ଦିନ ଆଇସିଏଆର୍ ଓ ନବ ନିର୍ମାଣ ସମିତିଙ୍କ ମିଳିତ ଆନୁକୂଲ୍ୟରେ ଡେମ ପ୍ରସ୍ତୁତ କରି ଏକ ଦିବସୀୟ ତାଲିମ ପ୍ରଦାନ କରିଥିଲେ । ଏଥିରେ ଆଇସିଏଆରରୁ ଶ୍ରୀ ଜି ବି ନାୟକ ସମେତ ୪ ଜଣ ଷ୍ଟାଫ ତାଲିମ ପ୍ରଦାନ କରିଥିବା ବେଳେ ତାଙ୍କ ସହଯୋଗୀ ପ୍ରକାଶ ଜେନା, ସଚିନ ଓ କିଛି କର୍ମୀ ଯୋଗଦେଇ ଥିଲେ । ଆଗାମୀ ଦିନରେ କୁମ୍ଭାରିପୁଟ ଓ ଜାଗୁଗୁଡା ପଞ୍ଚାୟତର ୨୦୦୦ ହଜାର ଚାଷୀଙ୍କ ଜମିରୁ ମାଟି ନମୁନା ସଂଗ୍ରହ କରିବାକୁ ସ୍ଥିର କରାଯାଇଛି ।

## ଆର୍ଟ ଅଫ ଗିଭିଂର ଦ୍ୱାଦଶ ବାର୍ଷିକୀ ପାଳିତ

ଫୁଲବାଣୀ, (ଭାସ୍କର ନ୍ୟୁଜ୍ ) : ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନଠାରେ ଶନିବାର ଆର୍ଟ ଅଫ ଗିଭିଂ ଯୋଜନାର ଦ୍ୱାଦଶ ବାର୍ଷିକୀ ପାଳିତ ହୋଇଯାଇଛି । ଶିକ୍ଷାବିତ ଅଚ୍ୟୁତ ସାମନ୍ତଙ୍କ ପ୍ରଚେଷ୍ଟାରେ ଚାଲିଥିବା ଏହି ପରିକଳ୍ପନାର ବାର୍ଷିକୀ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା ପ୍ରତ୍ୟେକ ମଣିଷ ନିକଟରେ ଦାନର ଭାବନା ଜାଗ୍ରତ କରିବା ପାଇଁ ଆହ୍ୱାନ ଦେଇଥିଲେ । ମୁଖ୍ୟବକ୍ତା ଆଇନଜୀବୀ ବିଜୟ କୃଷ୍ଣ ପଟ୍ଟନାୟକ ଦାନର ପରମ୍ପରା ଭାରତ ବର୍ଷରେ ଅତି ପୁରୁଣା ବୋଲି କହିବା ସହ ଏଭଳି ଏକ ପ୍ରୟାସ ସମାଜରେ ସମ୍ବେଦନଶୀଳତା ବୃଦ୍ଧି କରିବାରେ ସହାୟକ ହୋଇଛି ବୋଲି କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା କ୍ରୀଡା ସଂସଦ ସମ୍ପାଦକ ଶିବ ପ୍ରସାଦ ତ୍ରିପାଠୀ, ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ସର୍ବେଶ୍ୱର ମିଶ୍ର ଏବଂ ଏଏନଏମ ଟ୍ରେନିଂ ସେଣ୍ଟରର ବରିଷ୍ଠ ଟ୍ୟୁଟର ମମତା ତ୍ରିପାଠୀ ପ୍ରମୁଖ ବକ୍ତବ୍ୟ ରଖି ଏହି ଉଦ୍ୟମର ଭୂୟସୀ ପ୍ରଶଂସା କରିଥିଲେ । ଜିଲ୍ଲା ସଂଯୋଜକ ଭାଗିରଥୀ ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସାମ୍ବାଦିକ ଶିବପ୍ରସାଦ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

## କୁଡୁମୁଲୁଗୁମ୍ମାରେ ତ୍ରିରଙ୍ଗା ଶୋଭାଯାତ୍ରା



ଖଇରପୁଟ, (ଭାସ୍କର ନ୍ୟୁଜ୍ ) : କୁଡୁମୁଲୁଗୁମ୍ମା ଗ୍ରାମ ପଞ୍ଚାୟତର ପୋଲିସ ଫାଣ୍ଡି ଠାରେ ଗ୍ରାମ ଯୁବମଞ୍ଚର ଆବାହକ ଅକ୍ଷୟ କୁମାର ହୋତାଙ୍କ ଆବାହକତ୍ୱରେ ଭାରତୀୟ ସେନାର ମନୋବଳ ଓ ପରାକ୍ରମ ଦୃଢ଼ ଉଦ୍ଦେଶ୍ୟରେ ଏକ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଶୋଭାଯାତ୍ରାରେ ମାନ୍ୟବର ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ ଯୋଗଦେଇଥିବା ବେଳେ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଡମ୍ବରୁ ଶିଷା, ପୋଲିସ ଫାଣ୍ଡି ଅଧିକାରୀ କୃଷ୍ଣ ଚନ୍ଦ୍ର ହିଆଲ୍, ଖଇରପୁଟ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ବଳୀ ମାଝୀ, ଲ୍ୟାମ୍ପ ସଭାପତି ଗୋପୀ ପାଙ୍ଗୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଜ୍ୟୋତି ରଞ୍ଜନ ସେଠୀ, ମହାବିଦ୍ୟାଳୟ ଅଧକ୍ଷ ଅଶୋକ କୁମାର ପ୍ରଧାନ,ଓଏଲଏମ୍ ଅଧିକାରୀ ଚିନ୍ମୟ କୁମାର ସିଂ, ସମାଜସେବୀ ଅଶୋକ କୁମାର ପରିଡ଼ା, ପଦ୍ମ ଚରଣ ପଣ୍ଡା, ଭଗବାନ ସାହୁ, ପ୍ରଭାକର ସୁନା , ବିଦ୍ୟାଧର ସାହାଣୀ, ରବି ଧାକଡ, ଭବତୋଷ ମଣ୍ଡଳ, ମଣ୍ଟୁ ଜେନା ପ୍ରମୁଖ ଉପସ୍ଥିତ ଥିଲେ । ଶୋଭାଯାତ୍ରା ଟି କୁଡୁମୁଲୁଗୁମ୍ମା ପୋଲିସ ଫାଣ୍ଡିରୁ ଆରମ୍ଭ ହୋଇ ଝାଡେଶ୍ୱର ମନ୍ଦିର ନିକଟରେ ପରିସମାପ୍ତି ଘଟିଥିଲା ଓ ଏଥିରେ ସରକାରୀ କର୍ମଚାରୀ ଓ ବେସରକାରୀ ଜନସାଧାରଣଙ୍କୁ ମିଶାଇ ପ୍ରାୟ ଦୁଇଶହରୁ ଅଧିକ ଲୋକ ସାମିଲ ହେବା ସହ ଭାରତର ସାର୍ବଭୌମତ୍ୱ ସୁରକ୍ଷା ଦାୟିତ୍ୱରେ ଥିବା ଭାରତୀୟ ସେନା ବାହିନୀର ମନୋବଳ ଓ ପରାକ୍ରମ ଦୃଢ଼ ଉଦ୍ଦେଶ୍ୟରେ ବିଭିନ୍ନ ପ୍ରକାରର ସ୍ଲୋଗାନମାନ ଦିଆଯାଇଥିଲା । ମାନ୍ୟବର ସାଂସଦ ଶ୍ରୀ ମାଝୀ କହିଥିଲେ ଯେ ଦେଶର ସୁରକ୍ଷାପାଇଁ ଅହରହ ନିଜ ଜୀବନକୁ ବାଜି ଲଗାଇ ଦେଶର ସେନାବାହିନୀ 'ଅପରେସନ ସିନ୍ଦୂର'କୁ ସାକାର କରିବାରେ ଯେଉଁଭଳି ଭାବରେ ଅତର୍କିତ ଆକ୍ରମଣ ପାକିସ୍ତାନ ଉପରେ କରିଛି ତାହା ଯୁଗ ଯୁଗ ପାଇଁ ଲିପିବଦ୍ଧ ହୋଇ ରହିବାସହ ଆତଙ୍କବାଦ ର ସମାପ୍ତ ହେବା ପର୍ଯ୍ୟନ୍ତ ଏହିଭଳି ଭାବେ ଅନବରତ ଆକ୍ରମଣ ପାକିସ୍ତାନ ଉପରେ ଜାରି ରଖିବ ବୋଲି ନିଜର ଅଭିମତ ରଖିବା ସହ ସମସ୍ତଙ୍କୁ ଏହିପରି ତ୍ରିରଙ୍ଗା ଶୋଭାଯାତ୍ରାରେ ସାମିଲ୍ ହେବାପାଇଁ ଆହ୍ୱାନ ଜଣାଇଛନ୍ତି ।

# ପାଣି ପାଇଁ ଡହଳବିକଳ ସ୍ୱାଭିମାନ ଅଞ୍ଚଳବାସୀ

ମାଲକାନାଗିରି, (ଭାସ୍କର ନ୍ୟୁଜ୍ ) : ମୁଦାଏ ପାଣି ପାଇଁ ଡହଳବିକଳ ସ୍ୱାଭିମାନ ଅଞ୍ଚଳବାସୀ । ଅଧିକାଂଶ ଗ୍ରାମରେ ପାନୀୟ ଜଳ ସମସ୍ୟା ଲାଗି ରହିଥିଲେ ମଧ ପ୍ରଶାସନ ଏହାର କୌଣସି ପଦକ୍ଷେପ ନେଉନି । ଫଳରେ ଲୋକେ ଚୁଆ ପାଣି ଉପରେ ନିର୍ଭର କରିଥାନ୍ତି । କିଛି ଗ୍ରାମରେ ବୋରୱେଲ୍ ନିର୍ମାଣ କରାଯାଇଥିଲେ ମଧ ସେଥିରୁ ଅଧିକାଂଶ ଖରାପ ହୋଇ ପଡ଼ିଛି । ଯେଉଁ କେତୋଟି କାମ କରୁଛି ସେଥିରୁ ଖରାପ ପାଣି ବାହାରୁଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି । ପାଣି ପାଇଁ ଗ୍ରାମର ମହିଳାମାନେ ଦୁଇ କିଲୋମିଟର ଦୂରରେ ଥିବା ଚୁଆରେ ହାଣ୍ଡି, ମାଠିଆ ଧରି ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରୁଛନ୍ତି । ଯାହାର ଉଦାହରଣ ଯୋଡ଼ାଆମ୍ବ ପଞ୍ଚାୟତ ଜାଜପାଲେମ ଗ୍ରାମରେ ଦେଖିବାକୁ ମିଳିଛି । ଗ୍ରାମରେ ୩୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି । ଗ୍ରାମର ମହିଳା ଦୈନିକ ଦୁଇ କିମି ପାଦ ଚଲା ରାସ୍ତା ଅତିକ୍ରମ କରି ପିଇବା ପାଣି ଆଣୁଛନ୍ତି । ଚୁଆ ପାଣି ବିଶୁଦ୍ଧ ହୋଇନଥିଲେ ମଧ ବିକଳ୍ପ ନଥିବାରୁ ଗ୍ରାମବାସୀ ବ୍ୟବହାର କରିବାକୁ ବାଧ ହେଉଛନ୍ତି । ବର୍ଷା ଏବଂ ଶୀତ ଦିନରେ ଚୁଆରେ ଆବଶ୍ୟକ ପରିମାଣର ପାଣି ମିଳିଥାଏ । ଗ୍ରୀଷ୍ମରେ ଚୁଆ ଶୁଖି ଯାଉଛି । ଯେଉଁ ମହିଳା ଭୋରରେ ଚୁଆ ନିକଟରେ ପହଞ୍ଚନ୍ତି ସେମାନେ ପାଣି ପାଅନ୍ତି ବିଳମ୍ବରେ ଆସିଥିବା ମହିଳା ଗରାଏ ପାଣି ପାଇଁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଚୁଆ ପାଣି ପିଇବା ସହିତ ଗାଧୋଇବା ଓ ଶୌଚ ପାଇଁ ବ୍ୟବହାର ହୋଇଥାଏ । ପ୍ରଶାସନ ପାନୀୟ ଜଳ ସମସ୍ୟାର ସମାଧାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## କୃତି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ୍ ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ବାଣୀପଦାସ୍ଥିତ ଉତ୍କଳ ଇଣ୍ଟରନେସନାଲ ସ୍କୁଲ ଚଳିତ ବର୍ଷ ସିବିଏସଇ ମାଟ୍ରିକ୍ ଓ ଦ୍ୱାଦଶ ପରୀକ୍ଷାରେ ଶତପ୍ରତିଶତ ସଫଳତା ହାସଲ କରିଛି । ସିବିଏସଇର ଦଶମ ଶ୍ରେଣୀରେ ପରୀକ୍ଷା ଦେଇଥିବା ମୋଟ ୨୫୫ଜଣ ପିଲାଙ୍କ ମଧ୍ୟରୁ ୨୪ଜଣ ୯୦ପ୍ରତିଶତରୁ ଊର୍ଦ୍ଧ୍ୱ ମାର୍କ ରଖିଛନ୍ତି । ପରୀକ୍ଷାରେ ପ୍ରସନଜିତ ଜେନା ୯୮, ବାସୁଦେବ ବରାଳ ୯୬ ଓ ଜିଜ୍ଞାଂଶୁ ରଞ୍ଜନ ବେହେରା ୯୬ ପ୍ରତିଶତ ମାର୍କ ରଖିଛନ୍ତି । ଏହି ଉପଲକ୍ଷେ ଶନିବାରଦିନ ବିଦ୍ୟାଳୟ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ପ୍ରତିନିଧି ତୀର୍ଥାନନ୍ଦ ସୁବୁଦ୍ଧିରାୟ, ଲକ୍ଷ୍ମଣ ରାଉତ, ସ୍କୁଲ ପରିଚାଳନା କମିଟି ସଦସ୍ୟ ସୁବ୍ରତ ସାମଲ, ଅଧକ୍ଷ ବୈକୁଣ୍ଠ ନାଥ ତାରେଣିଆ ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତି ଛାତ୍ରଛାତ୍ରୀ ମାନଙ୍କୁ ଟ୍ରଫି ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଛାତ୍ରଛାତ୍ରୀ ମାନେ ଏହି ସଫଳତାର ଶ୍ରେୟ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ବିଦ୍ୟାଳୟର ପ୍ରତିଷ୍ଠାତା ଗଣେଷ ପ୍ରସାଦ ବେହେରାଙ୍କୁ ପ୍ରଦାନ କରିଛନ୍ତି ।

## ୬ ଶିଶୁ ଶ୍ରମିକ ଉଦ୍ଧାର

ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲାର କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ଦୋରଗୁଡ଼ା ଅଞ୍ଚଳରେ ଏକ ବାଦାମ କ୍ଷେତରେ ଶିଶୁ ଶ୍ରମିକଙ୍କୁ କାମରେ ଲଗାଯାଇଥିବା ସୂଚନା ମିଳିଥିଲା । ଏହି ସୂଚନା ପାଇବା ପରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ସୁପରଭାଜର ସୋନୁ ମଲାଲି ଓ କେଶ୍ ୱର୍କର ମୁଟୋମ ସୋମେଶ ଘଟଣାସ୍ଥଳରେ ପହଞ୍ଚି ଏମଭି ୩୧ ଗ୍ରାମର ପ୍ରତାପ ବିଶ୍ୱାସଙ୍କ ଜମିରୁ ୬ ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଛନ୍ତି । ସୂଚନା ଥାଉକି ଉକ୍ତ ସମସ୍ତ ଶିଶୁ ଶ୍ରମିକ ଦୀର୍ଘ ଦିନଧରି ଉକ୍ତ କାର୍ଯ୍ୟରେ ନିୟୋଜିତ ଥିବା ସ୍ଥାନୀୟ ବାସିନ୍ଦା ସୂଚନା ଦେଇଛନ୍ତି । ଉଦ୍ଧାର ପରେ ଏହି ଶିଶୁମାନଙ୍କୁ ଶିଶୁ କଲ୍ୟାଣ କମିଟିଙ୍କୁ ହସ୍ତାନ୍ତର କରାଯାଇଛି ଓ ଶିଶୁ ଯତ୍ନ ପ୍ରତିଷ୍ଠାନ ପରିବର୍ତ୍ତନ ସଂସ୍ଥା ରେ ରଖାଯାଇଛି । ଏହି ଶିଶୁମାନେ କୋରୁକୋଣ୍ଡା ବ୍ଲକର ନାକାମାମୁଡ଼ି ପଞ୍ଚାୟତ ଅନ୍ତର୍ଗତ କେନ୍ଦୁଗୁଡ଼ା ଗ୍ରାମର ବସିନ୍ଦା । ପ୍ରକଳ୍ପ ସଂଯୋଜକ ଶ୍ୟାମ ସଗରିଆ କହିଛନ୍ତି ଯେ, ଏହି ଶିଶୁମାନଙ୍କୁ ପରବର୍ତ୍ତୀ ସମୟରେ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯିବ ଓ ତାଙ୍କ ପାଇଁ ସରକାରୀ ସହଯୋଗ ଯଥାସମୟରେ ଯୋଗାଇ ଦିଆଯିବ ଶିଶୁ ଶ୍ରମିକଙ୍କୁ ନିୟୋଜିତ କରୁଥିବା ମାଲିକଙ୍କ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେଉନଥିବା କାରଣରୁ ଶିଶୁ ଶ୍ରମିକ କମିବା ପରିବର୍ତ୍ତେ ବଢିବାରେ ଲାଗିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

# ଚିକିତ୍ସା ଅବହେଳାରେ ବ୍ୟକ୍ତିଙ୍କ ମୃତ୍ୟୁ, ଅଭିଯୋଗ ଆଣିଲେ ପରିବାର ଲୋକେ

ବ୍ରଜରାଜନଗର, (ଭାସ୍କର ନ୍ୟୁଜ୍ ) : ଝାରସୁଗୁଡା ଜିଲ୍ଲା ବାଗଡ଼ିହି ପ୍ରାଥମିକ ଚିକିତ୍ସା କେନ୍ଦ୍ରରେ ଚିକିତ୍ସା ଅବହେଳାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି । ମୃତ ବ୍ୟକ୍ତି ଜଣକ ବାଗଡ଼ିହି ଷ୍ଟେସନପଡାର କନହେଇ ମହାନନ୍ଦିଆ । କନହେଇଙ୍କ ମୃତ୍ୟୁ ପରେ ସ୍ଥାନୀୟ ଅଂଚଳରେ ଉତ୍ତେଜନା ଦେଖା ଦେଇଥିବାବେଳେ ଆଜି ତାଙ୍କ ଘରକୁ ଯାଇ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି ଝାରସୁଗୁଡା ପୂର୍ବତନ ବିଧାୟିକା ଦୀପାଳି ଦାସ । ସେ ଆଜି କନହେଇଙ୍କ ଘରକୁ ଯାଇ ଚିକିତ୍ସା ଅବହେଳାରେ ମୃତ୍ୟୁ ହୋଇଥିବାରୁ ପରିବାର ଲୋକଙ୍କୁ ସରକାର କ୍ଷତିପୂରଣ ଦେବା ସହ ଏହି ଘଟଣାର ତଦନ୍ତ କରି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି କହିଛନ୍ତି ଦୀପାଳି । ଅନ୍ୟପଟେ ଚିକିତ୍ସା ଅବହେଳା ଏବେ ବାରମ୍ବାର ଦେଖିବାକୁ ମିଳୁଛି । ଯାହା ଫଳରେ ନିରୀହ ଜନ ସାଧାରଣ ପ୍ରାଣ ହରାଉଛନ୍ତି । ଏହି ପରି ଅବହେଳା କରି ନିରୀହ ବ୍ୟକ୍ତିଙ୍କ ଜୀବନ ସହ ଖେଳିବା ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି ଦୀପାଳି । ସ୍ୱାସ୍ଥ୍ୟ ବିଭାଗ, ଏବଂ ରାଜ୍ୟ ସରକାର ଏହି ପରି ଅବହେଳା ଜନିତ ମୃତ୍ୟୁର ଜବାବ ଦିଅନ୍ତୁ ବୋଲି ଦୀପାଳି କହିଛନ୍ତି । ସୂଚନା ଅନୁଯାୟୀ ଗୋଡ଼ରେ ଘା ହୋଇଥିବା ଯୋଗୁଁ ଡ୍ରେସିଂ କରିବାକୁ ବାଗଡ଼ିହି ପ୍ରାଥମିକ ଚିକିତ୍ସା କେନ୍ଦ୍ରକୁ ଯାଇଥିଲେ କହ୍ନେଇ । ସେଠାରେ ଡାକ୍ତର ତାଙ୍କୁ ଆଣ୍ଟିବାୟୋଟିକ ଇଂଜେକସନ ଦେବା ପରେ କିଛି ସମୟ ମଧ୍ୟରେ କହେଇଙ୍କ ମୃତ୍ୟୁ ହୋଇଥିଲା । ମୃତ୍ୟୁ ପରେ ଡାକ୍ତରଖାନା କର୍ତ୍ତୃପକ୍ଷ ମୃତକର ଶବ ବ୍ୟବଚ୍ଛେଦ ପାଇଁ ଝାରସୁଗୁଡା ପଠାଉ ଥିବା ବେଳେ ସ୍ଥାନୀୟ ଲୋକେ ପହଂଚି ଶବକୁ ଅଟକାଇ ରଖିବା ସହ ଚିକିତ୍ସାର ତଦନ୍ତ ଓ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି କରିଥିଲେ । ଘଟଣାସ୍ଥଳରେ ଲାଇକେରା ପୋଲିସ ପହଂଚି ବୁଝାସୁଝା କରିଥିଲା । ଆଜିର କାର୍ଯ୍ୟକ୍ରମରେ ସୁଶ୍ରୀ ଦିପାଳୀ ଦାସଙ୍କ ସମେତ ପିଣ୍ଟୁ ପାଢ଼ୀ, ଜଗନ୍ନାଥ ଜେନା, ନକୁଳ ସାହୁ, ମାନସ ସାହୁ ଏବଂ ବିଜୁ ଜନତା ଦଳର ବହୁ କର୍ମୀ ଯୋଗ ଦେଇଥିଲେ ।

## ରାଜସ୍ୱ ବିଭାଗ ସୁପର ଭାଇଜରଙ୍କ ପରଲୋକ

ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍ ) : କୋରାପୁଟ ଜିଲ୍ଲା ନାରାୟଣପାଟଣା ତହସିଲ କାର୍ଯ୍ୟାଳୟର କାର୍ଯ୍ୟରତ ସୁପରଭାଇଜର ବୃନ୍ଦାବନ ନାୟକଙ୍କ ୫୮ ବର୍ଷ ବୟସରେ ଅକାଳ ବିୟୋଗ ଘଟିଛି । ତାଙ୍କୁ ପରିବାର ବର୍ଗ ଗତ ବର୍ଷ ଅଗଷ୍ଟ ମାସରୁ ଅସୁସ୍ଥତା ଦେଖି ରାଜ୍ୟ ବାହାର ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଚିକିତ୍ସା ରାଇଥିଲେ । ହେଲେ ମଧ ତାଙ୍କର ମୃତ୍ୟୁ ଘଟିଛି । ଏନେଇ ପରିବାର ବର୍ଗ ଦୁଃଖରେ ଭାଙ୍ଗି ପଡିଥିବା ବେଳେ ତାଙ୍କ ସହ କର୍ମୀ ସମବେଦନା ଜଣାଇଛନ୍ତି । ସିଏ ଜଣେ ଅତି ଭଦ୍ର ଓ ମେଳାପୀ ଲୋକ ଥିବାରୁ ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସମସ୍ତେ ମର୍ମାହତ ହୋଇପଡିଛନ୍ତି । ଘରେ ତାଙ୍କ ବିଧବା ପତ୍ନୀ ଓ ବଡ ପୁଅ ଝିଅ ଦୁଃଖରେ ଭାଙ୍ଗି ପଡିଛନ୍ତି ।

## ଯୁବକଙ୍କୁ ଆକ୍ରମଣ ଘଟଣାର ପର୍ଦ୍ଦାଫାଶ

ବଲାଙ୍ଗୀର, (ଭାସ୍କର ନ୍ୟୁଜ୍ ) : ଗତ ୭ ତାରିଖ ଦିନ ବଲାଙ୍ଗୀର ସହର ମହାଦେବ ମନ୍ଦିର ଛକରେ ଜଣେ ଯୁବକଙ୍କୁ କିଛି ଦୁର୍ବୃତ୍ତ ଖଣ୍ଡାଧରି ଗୋଡ଼ାଇ ଥିଲେ । ଯୁବକ ଜଣକ ହେଲେ ରାମେଶ୍ୱର ନଗରର ସୋନୁ ପଟ୍ଟନାୟକ । ତାଙ୍କୁ ଖଣ୍ଡା, ଭୁଜାଲି ଭଳି ଅନେକ ମାରଣାସ୍ତ୍ରରେ ରାସ୍ତା ଉପରେ ଗୋଡ଼ାଇ ଗୋଡ଼ାଇ ହତ୍ୟା ଉଦ୍ୟମ କରାଇଥିଲା । କିନ୍ତୁ ସୋନୁ ନିକଟସ୍ଥ ଏକ ଦୋକାନକୁ ପଶିଯାଇ ନିଜ ଜୀବନ ବଞ୍ଚାଇଥିଲେ ।ପରଦିନ ସକାଳେ ସେ ଟାଉନ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ଏହି ଘଟଣାରେ ସଂପୃକ୍ତ ଥିବା ତିନିଜଣ ଅପରାଧୀକୁ ଆଜି ଧରିବାରେ ସକ୍ଷମ ହୋଇଛି ବଲାଙ୍ଗୀର ଟାଉନ ଥାନା ପୋଲିସ ।ଗିରଫ ଅଭିଯୁକ୍ତମାନେ ହେଲେ ହାଟପଦା ପଡ଼ାର ବିଶାଳ ପଶାୟତ, ଗନ୍ଧରେଲର ତୁଷାର ବାରିକ ଏବଂ ବୈଜୟନ୍ତି ପଡାର ସାହିଦ ପାତ୍ରକୁ ଗିରଫ କରିଛି । ଏହି ମାମଲାରେ ୪ଜଣ ନାବାଳକ ମଧ ସଂପୃକ୍ତ ଥିବା ସୂଚନା ରହିଛି । ପୋଲିସ ହତ୍ୟା ଉଦ୍ୟମ ବେଳେ ବ୍ୟବହୃତ ମାରଣାସ୍ତ୍ର ଜବତ କରିଛି । ସାମାନ୍ୟ କମେଣ୍ଟ ମରାକୁ କେନ୍ଦ୍ରକରି ଏହି ଘଟଣା ଘଟିଛି । ତେବେ ଆକ୍ରମଣର ଶିକାର ହେଇଥିବା ସୋନୁ ପଟ୍ଟନାୟକ ଏବଂ ବିଶାଳ ପଶାୟତ ମଧ୍ୟରେ ପୂର୍ବ ଶତ୍ରୁତା ଲାଗି ରହିଥିଲା । ଯାହାକୁ ନେଇ ବିଶାଲ୍ ଓ ତା ସାଥୀ ମାନେ ସୋନୁକୁ ଆକ୍ରମଣ କରିଥିବା ନେଇ ପ୍ରକାଶ ।

## କୂଅରେ ପଡି ମହିଳା ମୃତ

କୋରାପୁଟ, (ଭାସ୍କର ନ୍ୟୁଜ) : କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକ ଟିକରପଡା ପଂଚାୟତ ଅଧୀନସ୍ଥ ଦେବତା ହର ଗ୍ରାମର ଜଣେ ମହିଳା କୂଅରେ ପଡି ମୃତ୍ୟୁବରଣ କରିଛନ୍ତି । ସୂଚନା ଅନୁଯାୟୀ, ଦେବତା ହର ଗ୍ରାମର ଦଶୁ ଶୁକ୍ରି(୫୦) ଗାଁ ନିକଟରେ ଥିବା କୂଅରୁ ପାଣି କାଢୁଥିଲେ । ତେବେ ଅସାବନତା ଯୋଗୁଁ କୂଅରେ ପଡି ଯିବାରୁ ଶୁକ୍ରିଙ୍କ ମୃତ୍ୟୁ ହୋଇଯାଇଥିଲା । ଖବରପାଇ ନନ୍ଦପୁର ଓ ସେମିଳିଗୁଡା ଅଗ୍ନିଶମ ବାହିନୀ ପହଂଚି କୂଅରୁ ଦଶୁଙ୍କ ମୃତଦେହ ଉଦ୍ଧାର କରି ନନ୍ଦପୁର ପୋଲିସକୁ ହସ୍ତାନ୍ତର କରିଥିଲା । ମୃତ ଦଶୁଙ୍କ ଲିଖିତ ଅଭିଯୋଗକୁ ଆଧାର କରି ନନ୍ଦପୁର ପୋଲିସ କେସ୍ ନଂ ୮/୨୫ ଅନୁଯାୟୀ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏଏସଆଇ ଆର.ଏନ ଭକ୍ତ ଏହି ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ ମମତା ପଣ୍ଡା ସୂଚନା ଦେଇଛନ୍ତି । ପୋଲିସ ଓ ରାଜସ୍ୱ ନିରୀକ୍ଷକଙ୍କ ତଦନ୍ତ ରିପୋର୍ଟ ଆଧାରରେ ମୃତକଙ୍କ ପରିବାରକୁ ସହାୟତା ପ୍ରଦାନ କରାଯିବ ବୋଲି ମାଛକୁଣ୍ଡ ତହସିଲଦାର ଦିବାକର ବାଗ କହିଛନ୍ତି ।

## ଜାଲ ସାର୍ଟିଫିକେଟ ଦେଇ ନିଯୁକ୍ତି

# ବଢୁଛି ନକଲି ଶିକ୍ଷକଙ୍କ ସଂଖ୍ୟା

କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : ଓଡିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟରତ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ପ୍ରମାଣପତ୍ର ବା ସାର୍ଟିଫିକେଟ ଯାଂଚ କରାଯାଇଥିଲେ ମଧ ଏବେ ବି କେନ୍ଦୁଝର ଜିଲ୍ଲାରେ ଶହ ଶହ ନକଲି ସାର୍ଟିଫିକେଟ ଦେଇ ଶିକ୍ଷକତା କରୁଛନ୍ତି । ପୂର୍ବରୁ ଅନେକ ଥର ନିୟମିତ ଶିକ୍ଷକ, କନିଷ୍ଠ ଶିକ୍ଷକ, କନିଷ୍ଠ ଶିକ୍ଷକ(ଚୁକ୍ତିଭିତ୍ତିକ)ଙ୍କ ପୁନଃ ମାଟ୍ରିକ, ଯୁକ୍ତ୨, ଯୁକ୍ତ ୩, ଜାତି ପ୍ରମାଣ ପତ୍ର, ଭିନ୍ନକ୍ଷମ ସାର୍ଟିଫିକେଟ, ଓଟି ଇଟି / ଓ ଏ ସ୍ ଏ ସ୍ଟି ଇଟି , ମାଇଗ୍ରେସନ, ସିଟି ଓ ବିଇଡି ସାର୍ଟିଫିକେଟ ଯାଂଚ କରାଯାଇଥିଲା । ତେବେ ଯାଂଚ ପରେ ବି ଶହ ଶହ ନକଲି ଶିକ୍ଷକ କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବଙ୍କ ଆଦେଶ ଅନୁସାରେ ଯାଂଚ ପରେ ନକଲି ସାର୍ଟିଫିକେଟଧାରୀ ଶିକ୍ଷକ/ଶିକ୍ଷୟିତ୍ରୀ ଧରା ନପଡିଲେ ସେଥିପାଇଁ ଯାଂଚ କରୁଥିବା ଅଧିକାରୀ ଓ କର୍ମଚାରୀ ଦାୟୀ ରହିବେ ବୋଲି ନିର୍ଦ୍ଦେଶ ଥିଲା । ତେବେ ଉପରସ୍ଥ ଅଧିକାରୀଙ୍କୁ ନିର୍ଦ୍ଦେଶକୁ ବେଖାତିର କରି ନକଲି ଶିକ୍ଷକଙ୍କୁ ଯାଂଚ ବେଳେ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ । ଏହି ଶିକ୍ଷକମାନଙ୍କ ସାର୍ଟିଫିକେଟ ପୁନଃ ଯାଂଚ କରି ନକଲି ସାର୍ଟିଫିକେଟ ଦେଇ ଚାକିରୀ କରୁଥିବା କର୍ମଚାରୀଙ୍କ ସମେତ ଯାଂଚ କରିଥିବା ଅଧିକାରୀଙ୍କ ବିରୁଦ୍ଧରେ ପଦକ୍ଷେପ ନେବାକୁ ଦାବି ହୋଇଛି । କେନ୍ଦୁଝର ଜିଲ୍ଲାର ସମସ୍ତ ବ୍ଲକରେ ଜାଲ ସାର୍ଟିଫିକେଟଧାରୀଙ୍କ ଯାଂଚ ସଠିକ୍ ଭାବେ ହେଉନଥିବାରୁ ଏବେବି ସେମାନେ ଶିକ୍ଷକତା କରୁଛନ୍ତି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶ ଅନୁସାରେ କୌଣସି ସାର୍ଟିଫିକେଟ ନକଲି ବୋଲି ଜଣାପଡିଲେ ବ୍ଲକ ଶିକ୍ଷା ଅଧିକାରୀ ଥାନାରେ ଏତଲା ଦେବା ପରେ ଚାକିରୀରୁ ବରଖାସ୍ତ କରିବା କଥା । ଅନେକ କ୍ଷେତ୍ରରେ ନକଲି ସାର୍ଟିଫିକେଟଧାରୀ ଯାଂଚ ସମୟରେ ଧରା ପଡିଲେ କେବଳ ଚାକିରୀରୁ ବରଖାସ୍ତ କରାଯାଉଛି । ମାତ୍ର ଥାନାରେ ଏତଲା ଦିଆଯାଉନାହିଁ । ଅନେକ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ତାଲିମ ସାର୍ଟିଫିକେଟ ଯାଂଚ ପାଇଁ ବାହାର ବିଶ୍ୱ ବିଦ୍ୟାଳୟକୁ ପଠାଯାଉଥିଲେ ମଧ ଆସୁନଥିବାରୁ ସେମାନଙ୍କ ସାର୍ଟିଫିକେଟ ନକଲି ବୋଲି ସନ୍ଦେହ ହେଉଛି । ଏନେଇ ଶିକ୍ଷା ବିଭାଗ ପଦକ୍ଷେପ ନେଉନଥିବାରୁ ନକଲି ଶିକ୍ଷକ/ଶିକ୍ଷୟିତ୍ରୀ ଦୀର୍ଘବର୍ଷ ହେବ ଶିକ୍ଷକତା କରୁଛନ୍ତି । କେନ୍ଦ୍ରାପଡା, ବରଗଡ, କେନ୍ଦୁଝର ସମେତ ୬ଟି ଜିଲ୍ଲାରେ ଜାଲ୍ ସାର୍ଟିଫିକେଟ ଦେଇ ନିଯୁକ୍ତି ପାଇଥିବା ୨୮ ଜଣ ଶିକ୍ଷକ ଚିହ୍ନଟ ହୋଇଥିଲେ । ଚିହ୍ନଟ ଶିକ୍ଷକଙ୍କ ମଧ୍ୟରୁ ୨୦ ଜଣଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି । ୬ ଜଣ ଶିକ୍ଷକଙ୍କୁ ଚାକିରୀରୁ ବିଦା କରି ଦିଆଯାଇଛି । ବାକି ୨ ଜଣଙ୍କ ମଧ୍ୟରୁ ଜଣେ ନିଜ ଆଡୁ ଚାକିରୀ ଛାଡି ଦେଇଥିବାବେଳେ ଅନ୍ୟ ଜଣଙ୍କ ସାର୍ଟିଫିକେଟ ଠିକ୍ ଥିବା ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟରେ ଦାଖଲ ସତ୍ୟପାଠରେ ଦର୍ଶାଯାଇଛି । ସମଗ୍ର ରାଜ୍ୟରେ ଜାଲ ଶିକ୍ଷକ ନିଯୁକ୍ତି ନେଇ ଯାଂଚ ଚାଲିଛି । କେବଳ ୬ଟି ଜିଲ୍ଲା ନୁହେଁ ବିଭିନ୍ନ ଜିଲ୍ଲାରେ ପ୍ରାୟ ୪୨୪ ଜଣ ଜାଲ୍ ଶିକ୍ଷକ ଚିହ୍ନଟ ହୋଇଛନ୍ତି । କେନ୍ଦୁଝର ଜିଲ୍ଲାରେ ନୂତନ ଅନୁଦାନପ୍ରାପ୍ତ ହାଇସ୍କୁଲରେ ଏବେ ବି ବହୁ ସଂଖ୍ୟାରେ ନକଲି ଶିକ୍ଷକ ଅଛନ୍ତି । ଅଭିଯୋଗ ହେଲେ ସଠିକ୍ ତଦନ୍ତ ହେଉନାହିଁ । ଗତ ସପ୍ତାହରେ ୪ଜଣ ଶିକ୍ଷକ ଜାଲ ପ୍ରମାଣପତ୍ର ଦେଇ ଚାକିରୀ କରିଥିବା ଅଭିଯୋଗ ପରେ ତଦନ୍ତ ଆରମ୍ଭ ହୋଇଛି । ଶିକ୍ଷା ବିଭାଗର ସ୍ଥାଣୁତା ଏବଂ ଇଚ୍ଛା ଶକ୍ତି ଅଭାବରୁ ଏବେ ବି ଶହ ଶହ ନକଲି ଶିକ୍ଷକ ଶିକ୍ଷାଦାନ କରୁଛନ୍ତି । ଯେଉଁ ସ୍ଥାନରେ ନକଲି ଶିକ୍ଷକ ଧରା ପଡିଛନ୍ତି ସେମାନଙ୍କ ବିରୁଦ୍ଧରେ ମାମଲା ରୁଜୁ କରାଯାଉନାହିଁ କିମ୍ବା ନେଇଥିବା ଦରମା ଆଦାୟ ପାଇଁ ଆଇନଗତ ପଦକ୍ଷେପ ନିଆଯାଉନାହିଁ । ଫଳରେ ନକଲି ବୋଲି ଧରା ପଡିବା ପରେ ଗିରଫ ହେବା ଭୟରେ ବିନା ଛୁଟିରେ ମାସ ମାସ ଅନୁପସ୍ଥିତ ରହୁଛନ୍ତି । କେନ୍ଦ୍ରାପଡା,ବରଗଡ ଏବଂ କେନ୍ଦୁଝର ଜିଲ୍ଲାରେ ଅଧିକ ସଂଖ୍ୟକ ଜାଲ୍ ଶିକ୍ଷକ ନିଯୁକ୍ତି ହାତେଇଥିବା ଜଣାପଡିବା ପରେ ଏହା ଉପରେ କି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ସେ ସଂକ୍ରାନ୍ତରେ ହାଇକୋର୍ଟ ରାଜ୍ୟ ସରକାରଙ୍କଠାରୁ ରିପୋର୍ଟ ତଲବ କରିଥିଲେ । ଏହା ଉପରେ ରାଜ୍ୟ ସରକାର ଜବାବ ରଖି ଉପରୋକ୍ତ ତଥ୍ୟ ଦାଖଲ କରିଛନ୍ତି । ତେବେ ଦୀର୍ଘ ବର୍ଷ ଧରି ନକଲି ଶିକ୍ଷକ କିପରି ଧରା ପଡୁନାହାଁନ୍ତି ସେଥିପାଇଁ ସରକାର ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ଜରୁରୀ ଅଟେ ।

# ଅବସରକାଳୀନ ସମ୍ବର୍ଦ୍ଧନା ସଭା



ବେତନଟୀ, (ଭାସ୍କର ନ୍ୟୁଜ୍) : ସମାଜରେ ଶିକ୍ଷକ ମାନଙ୍କ ଛାତ୍ର ଛାତ୍ରୀଙ୍କ ଭବିଷ୍ୟତ ନିର୍ମାଣର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଆଜି ଏହି ବ୍ଲକ ଅନ୍ତର୍ଗତ ମହୁଲିଆ ଉ:ପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ରୁଦ୍ରପ୍ରସାଦ ନାୟକଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସଭାରେ ମତ ପ୍ରକାଶ ପାଇଛି । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଭାନୁ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଅବସରକାଳୀନ ସଭାରେ ବେତନଟୀ ବିଇଓ ବିପ୍ଲବ କୁମାର କର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଶିକ୍ଷକଙ୍କ ସମସ୍ୟା ଓ ସମାଧାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଏବିଇଓ ରମାକାନ୍ତ ମହାନ୍ତ, ସମ୍ମାନିତ ବକ୍ତାଭାବେ ବେତନଟୀ ସରପଞ୍ଚ ପାନମଣି ମୁର୍ମୁ, ସମ୍ମାନିତ ଅତିଥି ରୂପେ ଆମ୍ଭେ-୮୩ର ସଭାପତି ସତୀଶ କୁମାର ସାହୁ ଯୋଗଦାନ କରିଥିଲେ । ସଭାରେ ବକ୍ତାଭାବେ ମହୁଲିଆ ଗ୍ରାମର ଦୈତ୍ୟାରୀ ମହାନ୍ତ, ମଦନ ମହାନ୍ତ, ଭକ୍ତ ହରି ମୁର୍ମୁ, ଉମାକାନ୍ତ ମହାନ୍ତ, ଅନ୍ନଦା ମହାନ୍ତ, ଉତ୍ତମ କୁମାର ମହାନ୍ତ ନିଜ ନିଜର ବକ୍ତବ୍ୟ ମାଧମରେ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ସମ୍ବନ୍ଧରେ କହିଥିଲେ । ମଞ୍ଚପରିଚାଳନା କରିଥିଲେ ଆମ୍ଭେ-୮୩ ସଦସ୍ୟ ନରହରି ମହାନ୍ତ ଓ ସଂପାଦକ ସଂଜୟ କୁମାର ଭୂୟାଁ ଓ ଆରମ୍ଭରେ ଶିକ୍ଷକ ଶ୍ୟାମ ପ୍ରସାଦ ମଢୁଆଳ ଅତିଥି ପରିଚୟ ସହ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ସଭାରେ ମୁଖ୍ୟଅତିଥି ଶ୍ରୀଯୁକ୍ତ କର ବିଦାୟୀ ପ୍ରଧାନଶିକ୍ଷକ ରୁଦ୍ରପ୍ରସାଦ ନାୟକଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ମାନପତ୍ର ପାଠ କରିଥିଲେ ଆମ୍ଭେ-୮୩ର ଉପସଭାପତି ତଥା ବେତନଟୀ ବ୍ଲକ ଓଷ୍ଟା ସଂପାଦକ ସୂର୍ଯ୍ୟାନନ୍ଦ ନାୟକ । ସମ୍ବର୍ଦ୍ଧନାର ଉତ୍ତର ରୁଦ୍ରପ୍ରସାଦ ନାୟକ ଦୀର୍ଘ ୩୨ ବର୍ଷର କର୍ମମୟ ଜୀବନ ସଂପର୍କରେ କହିଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ୟାମ ସୁନ୍ଦର ଗନ୍ତାୟତ, ସହଯୋଗ କରିଥିଲେ ଆମ୍ଭେ-୮୩ର ସଦସ୍ୟ ସୁକାନ୍ତ କୁମାର ବେହେରା, କ୍ଷେତ୍ରମୋହନ ବେହେରା, ମନୋରଞ୍ଜନ ସାହୁ, ଶିକ୍ଷୟିତ୍ରୀ ସାଗରିକା ମହାପାତ୍ର, ଭାରତୀ ମହାନ୍ତ ପ୍ରମୁଖ ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଗ୍ରାମରେ ବିଭିନ୍ନ ପର୍ବପର୍ବାଣୀ ଅଦ୍ୟାବଧି ପାଳିତ ହେଉଥିବା ବେଳେ, ପବିତ୍ର ଶ୍ରୀଗୁଣ୍ଡିଚା ଯାତ୍ରା ଅନ୍ୟତମ ଅଟେ। ପ୍ରତ୍ୟେକ ବର୍ଷ ଗଡ଼ପରଜଙ୍ଗ ଗ୍ରାମ ଚଉପାଢ଼ୀ ପ୍ରାଙ୍ଗଣରେ ପତିତପାବନ ମନ୍ଦିର ରହିଥିବାରୁ ରଥଯାତ୍ରା ଦିନ ଏହି ଠାରୁ ରଥ ଟଣା ଆରମ୍ଭ ହୋଇ ବଜାର ମଧ୍ୟରେ ରହିଥିବା ମାଉସୀ ମା' ମନ୍ଦିର ପର୍ଯ୍ୟନ୍ତ ରଥ ଟଣା ହୋଇଥାଏ। ହେଲେ ଦୁଇ ବର୍ଷରୁ ଊର୍ଦ୍ଧ୍ୱ ହେବ ମାଉସୀ ମା' ମନ୍ଦିର ନୂତନ ଭାବେ ନିର୍ମିତ ହେଉଥିବା ବସ୍ଷ୍ଟାଣ୍ଡ ସହିତ ମିଶ୍ରଣ କରାଯାଇଛି। ଫଳରେ ସେହି ବର୍ଷ ଠାରୁ ମାଉସୀ ମା' ମନ୍ଦିର ନଥିବାରୁ ଅନ୍ୟତ୍ର ସୁଚାରୁରୂପେ ନଅଦିନ ଧରି ତିନି ଠାକୁର ପୂଜା ପାଇ ବାହୁଡ଼ା ଯାତ୍ରାରେ ନିଜ ମନ୍ଦିରକୁ ବାହୁଡ଼ି ଯାଇଥାନ୍ତି। ଏହାକୁ ଦୃଷ୍ଟିରେ ରଖି ବଜାର ନିକଟରେ ଠାକୁରଙ୍କ ନିଜସ୍ୱ ଜମି ଉପରେ କିପରି ମାଉସୀ ମା' ମନ୍ଦିର ସ୍ଥାୟୀ ଭାବେ ନିର୍ମାଣ କରାଯିବ ସେଥିପାଇଁ ରବିବାର ଦିନ ସାଧୁ ଗୋଷ୍ଠୀ ପ୍ରାଙ୍ଗଣରେ ଗ୍ରାମ୍ୟ କମିଟି ସଭାପତି ଶାନ୍ତନୁ କୁମାର ସାମଲ (ଜିତୁ)ଙ୍କ ଆହ୍ୱାନ କ୍ରମେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ନୂତନ ମାଉସୀ ମା' ମନ୍ଦିର ନିର୍ମାଣ କିପରି କରାଯିବ ସେ ଦିଗରେ ନିଜସ୍ୱ ମତପ୍ରକାଶ ପାଇଥିଲା ବେଳେ ନୂତନ ମନ୍ଦିର ନିର୍ମାଣ ପାଇଁ ସଭାପତି ଶ୍ରୀ ସାମଲ ଗ୍ରାମବାସୀ ତଥା ଅଞ୍ଚଳର ସ୍ୱେଚ୍ଛାକୃତ ଭାବେ ସମସ୍ତ ଜଗନ୍ନାଥ ପ୍ରେମୀ ଶ୍ରଦ୍ଧାଳୁଙ୍କୁ ପୂର୍ଣ୍ଣ ମାତ୍ରାରେ ସହଯୋଗ ରଖିବା ପାଇଁ ନିବେଦନ ରଖିଛନ୍ତି।



## ତହସିଲଦାରଙ୍କ ଦମନଗିରି

# ଦଳିତଙ୍କ ଘର ଭାଙ୍ଗିବାକୁ ଯାଇ ଅସଦାଚରଣ ଅଭିଯୋଗ

କଣ୍ଟାପଡା (ଭାସ୍କର ନ୍ୟୁଜ୍) : କଣ୍ଟାପଡା ତହସିଲଦାର ପ୍ରସନ କୁମାର ସାମନ୍ତରାୟଙ୍କ ଦମନଗିରି କରିବା ମହାଙ୍ଗା ପଡିଛି। ସରକାରୀ ଜାଗାରୁ ଦଳିତ ପରିବାରଙ୍କ ଘର ଉଚ୍ଛେଦ କରିବାକୁ ଯାଇ ଦଳିତ ମହିଳାଙ୍କୁ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଏହି ଘଟଣା ଆଜି କଣ୍ଟାପଡାରେ ଚର୍ଚ୍ଚାର ବିଷୟ ପାଲଟିଛି। ମିଳିଥିବା ସୂଚନା ଅନୁଯାଇ କଣ୍ଟାପଡା ତହସିଲଦାର ପ୍ରସନ କୁମାର ସାମନ୍ତରାୟ ନିଜ ତହସିଲ ଅଧୀନ ଅଢେଶପୁର ପଞ୍ଚାୟତ ସକେଇ ବେଦପୁର ଗ୍ରାମରେ ସରକାରୀ ଜାଗାରେ ୫୦ ବର୍ଷରୁ ଊର୍ଦ୍ଧ୍ୱ ହେବ ୪୦ରୁ ଊର୍ଦ୍ଧ୍ୱ ଦଳିତ ପରିବାର ଚାଳ ଶୁଣାଣି ଘର କରି ସପରିବାର ରହି ଆସୁଛନ୍ତି। ଆଜି ଦିନ ୧୨ ଘଟିକା ସମୟରେ ଶ୍ରୀ ସାମନ୍ତରାୟ ତହସିଲ କାର୍ଯ୍ୟାଳୟର ସୁପରଭାଇଜର ଓ ଅଡଶପୁର କାର୍ଯ୍ୟାଳୟର ନିରୀକ୍ଷକଙ୍କୁ ନେଇ ବୋଲଡଜର ସହାୟତାରେ ବିନା ପୋଲିସ ଓ ମହିଳା କର୍ମଚାରୀରେ ଘର ଭାଙ୍ଗୁଥିବା ବେଳେ ସେମାନଙ୍କୁ ନୋଟିସ୍ ନକରାଯାଇ ଭଙ୍ଗା ଯାଉଥିବାର ଅଭିଯୋଗ ଆଣି ପ୍ରତିବାଦ କରିଥିଲେ। ପ୍ରତିବାଦ ସମୟରେ ଶ୍ରୀ ସାମନ୍ତ ରାୟ ବାସନ୍ତୀ କାଣ୍ଡି ନାମକ ଜଣେ ୩୪ବର୍ଷ ମହିଳାଙ୍କୁ ତହସିଲଦାର ଅସଦାଚରଣ କରିଥିବା ଓଲଟପୁର ଥାନାରେ ଅଭିଯୋଗ ହୋଇଛି। ଦଳିତଙ୍କୁ ଏଭଳି



ଅତ୍ୟାଚାର କରାଯାଉଥିବା ଖବର ପାଇ ରାଜ୍ୟ ଦଳିତ ଆଦିବାସୀ ଅଧିକାର ମହାସଂଘ ଓଡିଶା ରାଜ୍ୟ ସଭାପତି ବିଜୟ କୁମାର ଭୋଇ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ତହସିଲଦାରଙ୍କ ଏଭଳି କାର୍ଯ୍ୟକୁ ନିନ୍ଦା କରିବା ସହ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ରାଜ୍ୟ ସରକାରଙ୍କ ପାଖରେ ଦାବି କରିଛନ୍ତି। ଆପରପକ୍ଷରେ ତହସିଲଦାର ଶ୍ରୀ ସାମନ୍ତରାୟଙ୍କୁ ପଚାରିବାରୁ ଏଭଳି ଅଭିଯୋଗ ଭିତ୍ତିହୀନ, ଏଥିରେ କୌଣସି ସତ୍ୟତା ନାହିଁ ଓ ବସ୍ଷ୍ଟାଣ୍ଡ ନିର୍ମାଣ କରିବା ପାଇଁ ଜାଗା ସଫା କରିବାକୁ ଯାଇଥିଲୁ ବୋଲି କହିଛନ୍ତି।

# ଯଖଲା ମହାବୀର ମନ୍ଦିର ରାସ୍ତା ପାଲଟିଛି ମରଣଯନ୍ତା

ବୋଲଗଡ (ଭାସ୍କର ନ୍ୟୁଜ୍) : ବୋଲଗଡ ବ୍ଲକ ଖଙ୍ଗୁରିଆ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗବଡିହ ସ୍ଥିତ ଯଖଲା ମହାବୀର ମନ୍ଦିର ରାସ୍ତା ଦୀର୍ଘବର୍ଷ ଧରି ମରଣଯନ୍ତା ପାଲଟିଛି। ଶାସନ ଗ୍ରାମ ଠାରୁ ବନ୍ଧଦେଇ ମହାବୀର ମନ୍ଦିର ସଂଯୋଗ କରୁଥିବା ପାହାଡିଆ ରାସ୍ତାଟି ମରଣଯନ୍ତାରେ ପରିଣତି ହୋଇ ପଡିରହିଛି। ସଂଯୋଗ କରୁଥିବା କଚ୍ଚା ରାସ୍ତାଟି ବର୍ଷା ପାଣି ବୋହିବା ଫଳରେ ପାହାଡିଆ ପଥର ସହିତ ଖାଲଖମା ସୃଷ୍ଟି ହେବା ଫଳରେ ଶ୍ରଦ୍ଧାଳୁ ଭକ୍ତମାନେ ଯାତାୟତରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସ୍ଥାନଟି ପ୍ରଭୁ ଶ୍ରୀ ଶ୍ରୀ ମହାବୀରଙ୍କ ମନ୍ଦିର ତଥା ପ୍ରାକୃତିକ ସୌନ୍ଦର୍ଯ୍ୟଭରା ମନୋରମା ପରିବେଶ ହୋଇଥିବାରୁ



ପ୍ରତିଦିନ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ପ୍ରତିଦିନ ଲୋକମାନେ ଯାତାୟତରେ ଏହି ମରଣଯନ୍ତା ରାସ୍ତାଟି ବାଧକ ସାଜିଛି। ବର୍ଷଯାକର ମଙ୍ଗଳବାର, ଶନିବାର, ସଂକ୍ରାନ୍ତି, କାର୍ତ୍ତିକ ମାସରେ ଶତାଧିକ ଶ୍ରଦ୍ଧାଳୁ ଯାତାୟତ କରୁଥିବାବେଳେ ପ୍ରଭୁ ଶ୍ରୀ ମହାବୀରଙ୍କ ଜନ୍ମ ଜୟନ୍ତୀ ମହାଯାତ୍ରାରେ ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ବିଗତ ସରକାରରେ ମଠ, ମନ୍ଦିର, ମସଜିଦର ଉନ୍ନତିକରଣ ପାଇଁ କୋଟି କୋଟି ଟଙ୍କା ମିଳିଥିଲେ ମଧ୍ୟ ଯଖଲା ମହାବୀର ମନ୍ଦିର ଏଥିରୁ ବାଦ୍ ପଡିଛି। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଧ୍ୟାନ ଦେବା ସହିତ ରାଜ୍ୟ ସରକାର ତଥା ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣା ଦୃଷ୍ଟି ଦେବା ପାଇଁ ଜନସାଧାରଣ ଦୃଢ ଦାବି କରିଛନ୍ତି।

# କାଳବୈଶାଖୀ ଓ ବଜ୍ରପାତର ଭୟାନକ ତାଣ୍ଡବ

ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ୍) : କୋରାପୁଟ ଜିଲ୍ଲା ନାରାୟଣପାଟଣା ବ୍ଲକର ଉପରଗୁମାଣ୍ଡି ଗାଁର ଶନିବାର ଦିନ ହୋଇଥିବା କାଳ ବୈଶାଖୀର ପ୍ରଭାବରେ ନାହିଁ ନଥିବା ଅଘଟଣ ଘଟି



ଯାଇଛି। ଝଡ଼ିପଦର ଗ୍ରାମରେ କାନ୍ଥ ଭୁଷୁଡ଼ି ଜୁଡୁଙ୍ଗି ସିରିକା ନାମକ ଜଣେ ମହିଳା ଗୁରୁତର ଆହତ ହୋଇଥିବା ବେଳେ ତଳଗୁମାଣ୍ଡି ପଞ୍ଚାୟତର ଭିତରପଡ଼ା ଓ ଚିକଲ୍ ଗୁମାଣ୍ଡି ରାସ୍ତା ସମେତ ଅନେକ ଚାଷ ଜମିରେ ମାଟି ଚରି ଅନେକ କ୍ଷୟକ୍ଷତି ଘଟିଛି। ଏଥିସହ ଉପର ଗୁମାଣ୍ଡି ଅଞ୍ଚଳରେ ବଜ୍ରପାତରେ ୨୦ଟି ଛେଳି ଓ ମେଣ୍ଢାଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ଖବର ମୁତାବକ ଶନିବାର ସନ୍ଧ୍ୟାରେ ନାରାୟଣ ପାଟଣା ବ୍ଲକରେ ପ୍ରବଳ ବର୍ଷା ସାଙ୍ଗକୁ ଘଡ଼ଘଡ଼ି ସହ ବଜ୍ରପାତ ହୋଇଥିଲା। ସେହି ସମୟରେ ଉପର ଗୁମାଣ୍ଡି ଗ୍ରାମର ଏକ ଗଛ ମୂଳେ ଛିଡା ହୋଇଥିବା ଛେଳି ଓ ମେଣ୍ଢା ବଜ୍ରପାତରେ ଟଳିପଡିଥିଲେ। ସେଥି ମଧ୍ୟରେ ସାନ୍ତା ତାଡିଙ୍ଗିଙ୍କର ନଅଟି, ବୁଦ୍ରା ତାଡିଙ୍ଗିଙ୍କର ତିନୋଟି, ରେଲି ତାଡିଙ୍ଗିଙ୍କର ଚାରୋଟି, ଲଦେୟା ତାଡିଙ୍ଗିଙ୍କ ଦୁଇଟି ଓ କସମା ତାଡିଙ୍ଗିଙ୍କର ଦୁଇଟି ଛେଳି ଓ ମେଣ୍ଢାଥିବା ଜଣାପଡିଛି। ମୃତ ଛେଳି ଓ ମେଣ୍ଢା ଗୁଡିକର ମୂଲ୍ୟ ଏକ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାଯାଇଛି। ସମସ୍ତେ ଗରିବ ଆଦିବାସୀ ହୋଇଥିବାରୁ କ୍ଷତିପୂରଣ ପାଇଁ ନିବେଦନ କରିଛନ୍ତି।

# ଖବର ପ୍ରସାରଣ ପରେ ଦିନ ତମାମ ବନ୍ଦ ରହିଲା ଔଷଧ ଦୋକାନ

ନିଆଳି (ଭାସ୍କର ନ୍ୟୁଜ୍) : ନିଆଳି ମେଡିକାଲ ଛକ ଆଜି ଦିନ ତମାମ ଖାଁ ଖାଁ ଲାଗୁଥିଲା। ସତେ ଯେମିତି ଆଜି ବଜାର ବନ୍ଦ ପରି ଲାଗୁଥିଲା। ସରକାରୀ ଜାଗାରେ ଔଷଧ ଦୋକାନ କରି ବେପାର କରୁଥିବା ଦୋକାନୀମାନେ କିଛି ଦୋକାନୀ ଚାନ୍ଦା ଆଦାୟ କରି ମୋଟାଅଙ୍କର ଅର୍ଥ ଡ୍ରଗ୍ସ କର୍ମଚାରୀଙ୍କୁ ଦେବା ପାଇଁ ନେଇଥିବା ବେଳେ ଖବର ପ୍ରସାରଣ ହୋଇଥିବାରୁ ଡ୍ରଗ୍ସ କର୍ମଚାରୀ ଟଙ୍କା ଧରି ନଥିଲେ। ନିରାଶ ହୋଇ ଫେରିବା ପରେ ଏବେ ଭାଲେଣି ପଡିଛି




ଔଷଧ ଦୋକାନୀମାନଙ୍କର। ଏଭଳି ତଥ୍ୟ ଜଣେ ଔଷଧ ଦୋକାନୀ ନିଜ ନାମ ଗୋପନ ରଖି କହିଛନ୍ତି। ଦିନ ତମାମ ଔଷଧ ଦୋକାନ ବନ୍ଦ ରହିଥିବାରୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ଭୟରେ ଦିନ ତମାମ ଦୋକାନ ଗୁଡିକ ବନ୍ଦ ରଖିଥିଲେ। ସରକାରୀ ଜାଗାରେ ଚଞ୍ଚକତା କରି ଡ୍ରଗ୍ସ ଲାଇସେନ୍ସ ହତାଇ ସରକାରୀ ନିୟମକୁ ଉଲ୍ଲଙ୍ଘନ କରି ଦିନ ତମାମ ଖୁଲମ ଖୁଲା ବିକୁଥିଲେ ଔଷଧ। ଏହି ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ସତର୍କ ହେଇଯାଇଥିଲେ ଦୋକାନୀ। ଭୟରେ ଦିନ ତମାମ ଦୋକାନ ବନ୍ଦ କରି ମାରିଥିଲେ ଚମ୍ପଟ। ଜିଲ୍ଲା ଡ୍ରଗ୍ସ ଅଧିକାରୀ ଆକ୍ସନ ନେବା ଭୟରେ ବେପାରୀମାନେ ଏଭଳି ପଦକ୍ଷେପ ନେଇଥିବା ଶୁଣିବାକୁ ମିଳୁଛି। ରୋଗୀମାନେ ଔଷଧ ନପାଇ ଦୂରରେ ଥିବା ଔଷଧ ଦୋକାନରୁ ଖରାରେ ଚାଲି ଚାଲି ଯାଇ ଔଷଧ କିଣିବାକୁ ବାଧ ହେଉଥିବା ଦେଖିବାକୁ ମିଳିଥିଲା। ଅପର ପକ୍ଷରେ ଏଭଳି ଚଞ୍ଚକତା କରି ଡ୍ରଗ୍ସ ଲାଇସେନ୍ସ ହାତେଇଥିବା ଦୋକାନୀଙ୍କ ଉପରେ ଜିଲ୍ଲା ଡ୍ରଗ୍ସ ଅଧିକାରୀ କାର୍ଯ୍ୟାନୁଷ୍ଠାନ ନେବାକୁ ବିଳମ୍ବ କରୁଥିବାରୁ ଏହି ଘଟଣାକୁ ନେଇ ଓଡ଼ିଶାର ଉଚ୍ଚତମ ନ୍ୟାୟାଳୟରେ ଅଭିଯୋଗ କରିବେ ବୋଲି ସମାଜସେବୀ ବସନ୍ତ ବେହେରା ସୂଚନା ଦେଇଛନ୍ତି।

# ପାରାଦୀପରେ ଗାୟତ୍ରୀ ପରିବାର ତାଲିମ ଶିବିର ଉଦ୍‌ଯାପିତ

ପାରାଦୀପ (ଭାସ୍କର ନ୍ୟୁଜ୍) : ପାରାଦୀପ ବନ୍ଦର ଉପକଣ୍ଠସ୍ଥିତ ବିଜୟଚନ୍ଦ୍ରପୁରର ଗାୟତ୍ରୀ ନଗରରେ ଗତ ୧୦ ମଇରୁ ଆରମ୍ଭ ହୋଇଥିବା ୯ ଦିନ ବ୍ୟାପି 'ସାଧନା ଶିବିର' ଓ ଆଧ୍ୟାତ୍ମିକ ତାଲିମ ଶିବିର ୧୮ ମଇରେ ସମାପ୍ତ ହୋଇଛି। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା ନିକଟବର୍ତ୍ତୀ ଅଞ୍ଚଳରେ ପ୍ରଶିକ୍ଷିତ ଗାୟତ୍ରୀ ପରିବାର ସଦସ୍ୟଙ୍କ ମାଧ୍ୟମରେ ଗାୟତ୍ରୀ ଉପାସନାର ଅଭ୍ୟାସ, ଆଧ୍ୟାତ୍ମିକ ଉନ୍ନତି ଏବଂ ନୈତିକ ବିକାଶର ପ୍ରସାର ଏବଂ ପ୍ରୋତ୍ସାହନ କରିବା। ସକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ ଏହି ନଅ ଦିନିଆ ତାଲିମ ଅଧିବେଶନରେ ଏହି ଅଞ୍ଚଳର ୧୫୦ରୁ ଅଧିକ ଗାୟତ୍ରୀ ପରିବାର ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ। ଶାନ୍ତିକୁଞ୍ଜ ହରିଦ୍ୱାର ଏବଂ ଓଡ଼ିଶା ରାଜ୍ୟର ସଂଯୋଜକ ଏବଂ ଜ୍ଞାନୀ ବିଶେଷଜ୍ଞମାନେ ଶେଷଦେବ ବଡ଼େଇ, ବଳରାମ ସାହୁ ଗୌତମ, ରବିନ୍ଦ୍ର କୁମାର ଗୌଡ଼ ଏବଂ ସରୋଜ କୁମାର ପ୍ରଧାନ ଉପସ୍ଥିତ ଥିଲେ ଏବଂ ଅଂଶଗ୍ରହଣକାରୀମାନଙ୍କୁ ନୈତିକ ଗାୟତ୍ରୀ ଉପାସନା, ବୌଦ୍ଧିକ ସଂସ୍କାର, ବ୍ୟକ୍ତିତ୍ୱ ବିକାଶ, ସଙ୍ଗୀତ, ଦଫଲି, ହାରମୋନିୟମ, ଧ୍ୟାନ, ସାଧନା,



ଯୋଗ, କର୍ମକାଣ୍ଡ ଭାସ୍କର, ବୌଦ୍ଧିକ ସଂସ୍କାର ଯଥା ଅନ୍ନପ୍ରାସନ, ବିଦ୍ୟାରମ୍ଭ, ବିବାହ ଏବଂ ଶ୍ରାଦ୍ଧକର୍ମ ବିଷୟରେ ତାଲିମ ଦେଇଥିଲେ। ପ୍ରତିଦିନ ସତସଙ୍ଗ କାର୍ଯ୍ୟକ୍ରମ ସ୍ଥିର କରାଯାଇଥିଲା ଯେଉଁଠାରେ ସାଧାରଣ ଜନତା, ସ୍ଥାନୀୟ ବୁଦ୍ଧିଜୀବୀ ଏବଂ ଅନ୍ୟାନ୍ୟ ଭକ୍ତମାନେ ଅଂଶଗ୍ରହଣ କରିଥିଲେ। ନିମନ୍ତ୍ରିତ ସଂଯୋଜକମାନେ ଗାୟତ୍ରୀ ମନ୍ତ୍ରର ଆଧ୍ୟାତ୍ମିକ ଶୁଦ୍ଧିକରଣ, ମାନସିକ ଏବଂ ଶାରୀରିକ ସୁସ୍ଥତା, ମସ୍ତିଷ୍କ କାର୍ଯ୍ୟ ଉପରେ ସକାରାତ୍ମକ ପ୍ରଭାବ, ନିଷ୍ପତ୍ତି ଗ୍ରହଣକୁ ତୀକ୍ଷ୍ଣ କରିବା ଏବଂ ଚାପ ଏବଂ ଚିନ୍ତା ହ୍ରାସ କରିବା ଭଳି ଅନେକ ଲାଭ କିପରି ଅଛି ତାହା ଶିଖାଇଥିଲେ। ଶେଷ ଦିନ ସନ୍ଧ୍ୟାରେ ରବୀନ୍ଦ୍ର ଗୁରୁଜୀଙ୍କ ନିର୍ଦ୍ଦେଶନାରେ ଅନେକ ଦେଶପ୍ରେମୀ ତଥା ଡ୍ରଗ୍ସ ବିରୋଧୀ ଅଭିଯାନ ସମ୍ବନ୍ଧୀୟ ଗୋଷ୍ଠୀ ନୃତ୍ୟ, ସଂଗୀତ ଏବଂ ନାଟକ ରାଜା ହରିଶଚନ୍ଦ୍ର ମଞ୍ଚସ୍ଥ କରିଥିଲେ, ଯାହା ଅତ୍ୟନ୍ତ ପ୍ରଶଂସନୀୟ ଥିଲା। ପାରାଦ୍ୱୀପ ଗାୟତ୍ରୀ ପରିବାରର ମୁଖ୍ୟ ପ୍ରଫେସର ପ୍ରଦୀପ କୁମାର ମହାନ୍ତି, ସହ ସଂଯୋଜକ ପ୍ରସନ୍ନ କୁମାର ରାଉତରାୟ, ପ୍ରକାଶ ରାଉତରାୟ, ବାବୁଲାଲ ହାତୀ, ଦିବାକର ବାଲିୟାର ସିଂ, ଦେବଗୁରୁ ନାୟକ, ଅଶୋକ କୁମାର ଦତ୍ତ, କାର୍ତ୍ତିକ ଚନ୍ଦ୍ର ମହାନ୍ତି, ପ୍ରଦିପ କୁମାର ପରିଡା, ଦେବଗୁରୁ ନାୟକ ଏବଂ ସଂଯୁକ୍ତା ରାଉତ ଉକ୍ତ କାର୍ଯ୍ୟ କ୍ରମକୁ ସୁଚାରୁ ରୂପେ ସଫଳତାର ସହ ପରିଚାଳନା କରିଥିଲେ।

# କିଡ଼ନୀ ରୋଗରେ ପୀଡିତ ଗୌତମଙ୍କୁ ଆର୍ଥିକ ସହାୟତା

କୁଜଙ୍ଗ (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ନାରଦିଆ ଗ୍ରାମର କିଡ଼ନୀ ରୋଗରେ ପୀଡିତ ଗୌତମ ସ୍ୱାଇଁଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ଓଡ଼ିଶାର ପ୍ରମୁଖ ଦାତବ୍ୟ ଟ୍ରଷ୍ଟ ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସ। ସୂଚନାଯୋଗ୍ୟ କି, ଗୌତମ ଜଣେ ଗରିବ ଶ୍ରେଣୀର ପିଲା। ରଙ୍ଗ କାମ କରି ପରିବାର ପ୍ରତିପୋଷଣ କରନ୍ତି। ଗତ କିଛିମାସ ହେବ ଗୌତମ କିଡ଼ନୀ ରୋଗରେ ପୀଡିତ ହୋଇ ବର୍ତ୍ତମାନ ସେ ଚଲାବୁଲା ଠିକ ସେ କରିପାରୁନାହାନ୍ତି। ଗୋଡ ହାତ ସବୁ ଫୁଲି ଯାଉଛି। ଡାକ୍ତରଙ୍କ କହିବା ଅନୁସାରେ ତାଙ୍କର ଦୁଇଟି ଯାକ କିଡନୀ ଖରାପ ହୋଇ ଯାଇଛି। ଅର୍ଥାଭାବରୁ ଚିକିତ୍ସାରେ ଅର୍ଥ ସାଜିଛି ବାଧକ। ବିଭିନ୍ନ ଗଣମାଧ୍ୟମରୁ ଏହି ଦୁଃଖଦ ଖବର ପାଇ ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସର ସଭାପତି ତଥା ସମାଜସେବୀ ଇଂ ଶଙ୍ଖେଶ୍ୱର ପ୍ରସାଦ ମହାନ୍ତିଙ୍କ ପରାମର୍ଶ କ୍ରମେ ବରିଷ୍ଠ ସଦସ୍ୟ ନନ୍ଦନନ୍ଦନ ଜୟସିଂ, ଜୀବନଜ୍ୟୋତି ଜୟସିଂ, ସୁଧାକର ମହାନ୍ତି ଓ ସତ୍ୟବ୍ରତ ଦାସ ପ୍ରମୁଖ ଗୌତମଙ୍କ ବାସଭବନରେ ପହଞ୍ଚି ତାଙ୍କ ମା'ଙ୍କୁ ଦଶ ହଜାର (୧୦,୦୦୦/-) ଟଙ୍କାର ଆର୍ଥିକ ସହାୟତା ଦେବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ। ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସର ଏଭଳି ବଦାନ୍ୟତା ପାଇଁ ଗୌତମଙ୍କ ମା' ଏବଂ ତାଙ୍କ ପରିବାର କୃତଜ୍ଞତା ଜଣାଇଥିବା ବେଳେ ଅନୁଷ୍ଠାନର ଏହି କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ଭୂୟସୀ ପ୍ରଶଂସା କରାଯାଇଛି।



## ଅଞ୍ଚଳବାସୀଙ୍କ ଅସନ୍ତୋଷ

# ଲୋକଙ୍କ ପିଇବା ପାଣିରେ ଗାଧୋଉଛନ୍ତି ମଇଁଷି

କଣ୍ଟାପଡା (ଭାସ୍କର ନ୍ୟୁଜ୍) : କଣ୍ଟାପଡା ବ୍ଲକ ଜୋହଳ ଗ୍ରାମରେ ଲୋକମାନେ କିଭଳି ଭାବରେ ସ୍ୱଚ୍ଛ ପାନୀୟ ଜଳ ପାଇପାରିବେ ସେଥି ନିମନ୍ତେ ଲକ୍ଷାଧିକ ଟଙ୍କା ବ୍ୟୟ ବରାଦ କରାଯାଇ ସୋଲାର ନଳକୂପ ବସା ଯାଇଛି କିନ୍ତୁ ଏହି ନଳକୂପ ଲୋକମାନେ ପିଇବା



ପାଇଁ ପାଣି ନେବା ନିମନ୍ତେ ଘଣ୍ଟା ଘଣ୍ଟା ଧରି ଖରାରେ ଅପେକ୍ଷା କରିଥିବା ବେଳେ ସ୍ଥାନୀୟ ଅଞ୍ଚଳର ଜଣେ ପ୍ରଭାବଶାଳୀ ବ୍ୟକ୍ତି ନିଜର ୨୦ରୁ ଊର୍ଦ୍ଧ୍ୱ ମଇଁଷିଙ୍କୁ ନେଇ ପାଇପ ସହାୟତାରେ ଗାଧୋଇ ଦେଉଛି। ଲୋକଙ୍କୁ ପିଇବା ପାଣି ମିଳୁ ନଥିବାବେଳେ ମଇଁଷି ଗାଧୋଇବାକୁ ନେଇ ଲୋ ମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏଥିପ୍ରତି କଣ୍ଟାପଡା ଜଳ ଓ ପରିମଳ ବିଭାଗ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି।

# ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ମୟୂରଭଞ୍ଜ ଗସ୍ତ

ବାରିପଦା (ଭାସ୍କର ନ୍ୟୁଜ୍) : ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୟୂରଭଞ୍ଜ ଜିଲ୍ଲାକୁ ଦୁଇ ଦିନିଆ ଗସ୍ତରେ ଆସି ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷ ଠାରେ ଏକ ସମୀକ୍ଷା ବୈଠକରେ ଆଜି ଯୋଗ ଦେଇଥିଲେ। ଉକ୍ତ ବୈଠକରେ ମାନ୍ୟବର ମନ୍ତ୍ରୀ ଗୃହ ନିର୍ମାଣ ଓ ନଗର ଉନ୍ନୟନ ଡ଼. କୃଷଚନ୍ଦ୍ର ମହାପାତ୍ର, ଲୋକ ସଭା ସାଂସଦ ନବ ଚରଣ ମାଝୀ, ରାଜ୍ୟ ସଭା ସାଂସଦ ମମତା ମହାନ୍ତ, କରଞ୍ଜିଆ ବିଧାୟକ ପଦ୍ମ ଚରଣ ହାଇବୁରୁ, ସାରସକଣା ବିଧାୟକ ଭାଦବ ହାଁସଦା, ଉଦଳା ବିଧାୟକ ଭାସ୍କର ମଢେଇ, ବାରିପଦା ବିଧାୟକ ପ୍ରକାଶ ସୋରେନ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ବାଙ୍ଗରିପୋଷୀ ବିଧାୟକ ସୁଶ୍ରୀ ସଞ୍ଜଳୀ ମୁର୍ମୁଙ୍କ ସମେତ ଜିଲ୍ଲାପାଳ ହେମକାନ୍ତ ସୟ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲି ଯୋଗ ଦେଇଥିଲେ। ଉକ୍ତ ସମୀକ୍ଷା ବୈଠକରେ ଜିଲ୍ଲାରେ ପୂର୍ତ୍ତ ବିଭାଗର ୨ଟି ଡିଭିଜନ ଯଥା ବାରିପଦା ଓ ରାଇରଙ୍ଗପୁର, ଏନଏଚ ଏବଂ



ଏନଏଚଏଆଇ ଅଧୀନରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ ଯଥା ରାସ୍ତା, ପୋଲ, ଗୃହ ନିର୍ମାଣ ଇତ୍ୟାଦି ପ୍ରକଳ୍ପ ଗୁଡିକର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଯେଉଁ ପ୍ରକଳ୍ପ ଗୁଡିକ କାର୍ଯ୍ୟକାରୀ ବା ସମ୍ପୂର୍ଣ୍ଣ ହେବାରେ ଯାହା ଯାହା ପ୍ରତିବନ୍ଧକ ଅଛି ସେ ସମ୍ପର୍କରେ ଆଲୋଚନା କରାଯାଇ ଏହାର କିପରି ସମାଧାନ ହେବ ସେ ସମ୍ବନ୍ଧରେ ପରାମର୍ଶ ଦେଇଥିଲେ। ଏଥିସହିତ ଜିଲ୍ଲାରେ ଆଗକୁ କାର୍ଯ୍ୟକାରୀ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପ ଗୁଡିକ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଯେଉଁ ଗ୍ରାମ୍ୟ ସଡ଼କ ଗୁଡିକ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ହେବାକୁ ଅଛି, ତୁରନ୍ତ ତାହାର ଏକ ତାଲିକା ପ୍ରସ୍ତୁତ କରିବା ପାଇଁ ମାନ୍ୟବର ପରାମର୍ଶ ଦେଇଥିଲେ। ଜିଲ୍ଲାରେ ପ୍ରକଳ୍ପ ଗୁଡିକ କାର୍ଯ୍ୟକାରିତାର ଅଗ୍ରଗତି ନେଇ ମନ୍ତ୍ରୀ ସନ୍ତୋଷ ପ୍ରକାଶ କରିବା ସହ ଲୋକଙ୍କ ମୌଳିକ ଆବଶ୍ୟକତା ଗମନାଗମନର ସୁବିଧା ପାଇଁ ଦାୟିତ୍ୱର ସହିତ ପ୍ରକଳ୍ପ କାର୍ଯ୍ୟ ଗୁଡିକ ଧାର୍ଯ୍ୟ ସମୟ ଅବଧି ଭିତରେ ସମ୍ପୂର୍ଣ୍ଣ କରାଇବା ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଅନୁଷ୍ଠିତ ବୈଠକରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ସଚିବ ରାମ ଚନ୍ଦ୍ର ସୋରେନ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ବାରିପଦା ଉପ ଜିଲ୍ଲାପାଳ ଡ଼. ଦୟାସିନ୍ଧୁ ପରିଡା, ବାରିପଦା ପୂର୍ତ୍ତ ଡିଭିଜନର ଅଧିକ୍ଷଣ ଯନ୍ତ୍ରୀ ରୋହନ ରୟ, ରାଇରଙ୍ଗପୁର ଡିଭିଜନର ଅଧିକ୍ଷଣ ଯନ୍ତ୍ରୀ ସୁମିତ କୁମାର ସାହୁ, ରାଇରଙ୍ଗପୁର ଡିଭିଜନର ଏସ୍‌ଡିଓ ଶ୍ୟାମ ସୁନ୍ଦର ହେମ୍ବ୍ରମଙ୍କ ସମେତ ଭଦ୍ରକ ପୂର୍ତ୍ତ ଡିଭିଜନ ଅଧିକ୍ଷଣ ଯନ୍ତ୍ରୀ ଦେବୀ ପ୍ରସନ୍ନ ଘୋଷ ଏନ୍‌ଏଚ୍‌ର ଅଧିକ୍ଷଣ ଯନ୍ତ୍ରୀ ରାଜେଶ୍ୱରୀ ପୃଷ୍ଟି, ପିଡି ଏନଏଚଏଆଇର ପ୍ରତିନିଧିଙ୍କ ସମେତ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଆତଙ୍କବାଦ ବିରୋଧରେ ଭାରତୀୟ ସେନାବାହିନୀଙ୍କ ଅପରେସନ ସିନ୍ଦୁରର ସଫଳତା ପାଇଁ ରାଷ୍ଟ୍ରୀୟ ସୁରକ୍ଷା ନାଗରିକ ସମାଜ ପକ୍ଷରୁ ଆୟୋଜିତ ତ୍ରିରଙ୍ଗା ପଦଯାତ୍ରାରେ ମାନ୍ୟବର ମନ୍ତ୍ରୀ ବୃନ୍ଦ, ସାଂସଦ ଓ ବିଧାୟକ ବୃନ୍ଦ ଯୋଗ ଦେଇଥିଲେ।

# ନିଖୋଜ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ନିଖୋଜ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ତାଳଦା ପଞ୍ଚାୟତ ଅଧୀନ କୁଳସାହି ଗ୍ରାମର ପଙ୍କଜ ବିଶ୍ୱାଳଙ୍କ ପତ୍ନୀ ହାରାମଣି ବିଶ୍ୱାଳ ଦୀର୍ଘ ୧୫ଦିନ ହେବ ନିଖୋଜ ଥିଲେ। ମାନସିକ ବିକୃତ ଥିବାରୁ ଘରୁ କୁଆଡେ ପଳାଇ ଯାଇଥିଲେ। ପୁଅ କଳ୍ପତରୁ ଓ ବୋହୂ ପରିବାର ଗୁଜୁରାଣ ମେଣ୍ଟାଇବାକୁ ପାରାଦ୍ୱୀପରେ ରୁହନ୍ତି। କିନ୍ତୁ ଶନିବାର ଦିନ ଜଙ୍ଗଲ ମଧ୍ୟରୁ ନର କଙ୍କାଳ ଉଦ୍ଧାର। ପୁରୀ ଜିଲ୍ଲା କାକଟପୁର ଥାନା ଅନ୍ତର୍ଗତ ଲତାହରଣ ପଞ୍ଚାୟତ ଅଧୀନ ବାଲାପଡିଆ ଜଙ୍ଗଲ ବେଣାବୁଦା ମଧ୍ୟରେ ଶନିବାର ଦିନ ଏକ ନରକଙ୍କାଳ ଉଦ୍ଧାର କରାଯାଇଛି। ଶନିବାର ସକାଳୁ ସକାଳୁ କିଛି ବ୍ୟକ୍ତି ଉକ୍ତ କଙ୍କାଳକୁ ଦେଖିବା ପରେ କାକଟପୁର ପୁଲିସକୁ ଜଣାଇଥିଲେ। ପାରିପାର୍ଶ୍ୱିକ ସ୍ଥିତିରୁ ଉକ୍ତ କଙ୍କାଳ ଜଣେ ମହିଳାଙ୍କର ବୋଲି ଜଣାପଡିଛି। ପ୍ରାପ୍ତ ସୂଚନା ଅନୁଯାଇ କାକଟପୁର ଥାନା ଅନ୍ତର୍ଗତ ଲତାହରଣ ପଞ୍ଚାୟତ ବାଙ୍କେଶ୍ୱର ଗାଁରୁ ପ୍ରାୟ ୨୦୦ ମିଟର ଦୂର ନିକଟସ୍ଥ ବାଲାପଡିଆ ଦଣ୍ଡା ବେଣା ଜଙ୍ଗଲ ଭିତରେ ଏକ ନରକଙ୍କାଳ ପଡ଼ିଥିବାର ସ୍ଥାନୀୟଲୋକେ ଦେଖିବାକୁ ପାଇଥିଲେ। ପରେ ସେମାନେ ପଡ଼ିଥିବା ନରକଙ୍କାଳ ଠାରୁ ଅନତି ଦୂରରେ ସବୁଜ ରଙ୍ଗର ଲୁଗା, ଠେଙ୍ଗା ଏବଂ ମହିଳାଙ୍କ ଧଳା ମୁଣ୍ଡ କେଶ ପଡ଼ିଥିବାର ଦେଖିଥିଲେ, ଯେଉଁଥି ପାଇଁ ଏହା ଜଣେ ମହିଳାଙ୍କ କଙ୍କାଳ ବୋଲି ଅନୁମାନ କରାଯାଉଛି। ତେବେ ପାଖରେ ପଡ଼ିଥିବା ଆନୁସଙ୍ଗିକ ସାମଗ୍ରୀ ଓ ଲୁଗାରୁ ସମ୍ପୃକ୍ତ କଙ୍କାଳଟି ଜଣେ ମହିଳାଙ୍କର ବୋଲି ସନ୍ଦେହ କରାଯାଉଛି। ଖବର ପାଇ ଘଟଣାସ୍ଥଳରେ କାକଟପୁର ଥାନା ଅଧିକାରୀ ଉମେଶ କୁମାର ସାହୁ, ସବଇନ୍ସପେକ୍ଟର ଗୌରୀ ଶଙ୍କର ସେଠୀ ପହଞ୍ଚି ଅନୁଧ୍ୟାନ




କରିବା ସହ କାକଟପୁର ଥାନାରେ ଅପମୃତ୍ୟୁ ମାମଲା ୯/୨୫ରେ ମାମଲା ରୁଜୁ କରିଥିବା ବେଳେ ଶନିବାର ଅପରାହ୍ନରେ ସାଇଣ୍ଟିଫିକ ଟିମ୍ ଅଧିକାରୀ ଆଦିତ୍ୟ ରଞ୍ଜନ ନାୟକ ଓ ସହଯୋଗୀ ରମେଶ ଚନ୍ଦ୍ର ବାରିକି ପହଞ୍ଚି ଯାଞ୍ଚ ସମୟରେ ଖବର ପାଇ ନିକଟସ୍ଥ ଅସ୍ତରଙ୍ଗ ବ୍ଲକ ତାଳଦା ପଞ୍ଚାୟତ କୁଳସାହି ଗ୍ରାମର ହାରାମଣି ବିଶ୍ୱାଳ (୭୦)ବୋଲି ତାଙ୍କ ପୁଅ କଳ୍ପତରୁ ଆନୁସଙ୍ଗିକ ସାମଗ୍ରୀ ଦେଖି ସୂଚନା ଦେଇଛନ୍ତି କଙ୍କାଳ ହେଉଛି ହାରାମଣି ବିଶ୍ୱାଳଙ୍କର। ଉକ୍ତ କଙ୍କାଳ ଓ ଆନୁସାଙ୍ଗିକ ସାମଗ୍ରୀକୁ ପୁରୀ ଏଫଏମ୍‌ଟିକୁ ପଠାଇ ଦିଆଯିବାକୁ ଥିବାବେଳେ ପୁଅ କଳ୍ପତରୁ ଘଟଣାସ୍ଥଳରୁ ଏକ ଜରି ବସ୍ତାରେ ପୁରାଇ ମା'ର ନର କଙ୍କାଳକୁ ଆଣିଲା ଥାନାକୁ। ଆର୍ଥିକ ପରିସ୍ଥିତି ଦୁର୍ବଳ ପାଇଁ ପୁରୀ ନନେବାକୁ ଅଡ଼ି ବସିଛନ୍ତି। ତେବେ ପ୍ରକୃତରେ ଏହି ନରକଙ୍କାଳ କାହାର। ଅନ୍ୟପଟେ ଠାବ ହୋଇଥିବା କଙ୍କାଳ ମହିଳାଙ୍କର ନା ଆଉ କାହାର ତଥା ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ନା ଅନ୍ୟ କିଛି ତାହା ଶବ ବ୍ୟବଛେଦ ପରେ ହିଁ ଜଣାପଡିବ ବୋଲି ପୁଲିସ ତରଫରୁ ସୂଚନା ମିଳିଛି।

# ରାଶିଫଳ


**ସୋମବାର, ୧୯ ମଇ ୨୦୨୫**



**ମେଷ:** ଆପଣଙ୍କ ଆୟରେ ବୃଦ୍ଧି ଦେଖାଦେବ, ଯେଉଁଥିପାଇଁ ଆପଣଙ୍କ ଚେହେରାରେ ଖୁସିର ଅନୁଭବ ଆସିବ। ଆପଣ ଆଜି ଅଫିସରେ ବସଙ୍କ ସହିତ କଥା ହେବେ। କେହି ଶଶୂର ଘର ଲୋକ ଭେଟିବାକୁ ଆସିପାରନ୍ତି। ଜୀବନସାଥୀ ବହୁତ ଖୁସି ହେବେ।




**ବୃଷ:** ଖର୍ଚ୍ଚର ହଠାତ୍ ବୃଦ୍ଧି ଚିନ୍ତା କରିପାରେ। ଘରର ବୃଦ୍ଧମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ, ଏହା ଖରାପ ହୋଇପାରେ। ଅତୀତରେ କିଛି କାମ ପାଇଁ କରାଯାଇଥିବା କାର୍ଯ୍ୟ ଆଜି ଫଳ ଦେବାକୁ ଯାଉଛି। ଦାମ୍ପତ୍ୟ ଜୀବନରେ ସୁଖ ରହିବ।



**ମିଥୁନ:** ଆଜି ଲୋକଙ୍କ ପ୍ରତି ଭଲ କାମ କରିବାର ଅନୁଭବ ଜାଗ୍ରତ ହେବ। ଆପଣ କିଛି ଅସମାପ୍ତ କାର୍ଯ୍ୟ ମଧ୍ୟ ସଂପୂର୍ଣ୍ଣ କରିବେ। ବ୍ୟବସାୟୀମାନଙ୍କ ପାଇଁ ଆଜି ମଧ୍ୟ ଏକ ଭଲ ଦିନ ହେବ। ଆପଣ ଆପଣଙ୍କ ପ୍ରିୟଜନଙ୍କ ପ୍ରେମ ଜିତିବାକୁ ଚେଷ୍ଟା କରୁଥିବା ଦେଖାଯିବ।



**କର୍କଟ:** ଆଜି ଆପଣଙ୍କର ଧ୍ୟାନ ପରିବାରର ଆବଶ୍ୟକତା ପୂରଣ ଉପରେ ରହିବ। ଅଫିସରେ ଜୁନିଅର ଯେ କୈଣସି କାର୍ଯ୍ୟରେ ଆପଣଙ୍କଠାରୁ ସାହାଯ୍ୟ ନେଇପାରେ, ଆପଣ ସେମାନଙ୍କୁ ସାହାଯ୍ୟ କରନ୍ତୁ। ବିବାହିତ ସାଥୀଙ୍କ ପତି କୈଣସି ଇଚ୍ଛା ପୂରଣ କରିବାକୁ ଯାଉଛନ୍ତି।



**ସିଂହ:** ଏହି ବ୍ୟସ୍ତତା ମଧ୍ୟରେ ଆପଣଙ୍କର ଖାଦ୍ୟର ଯତ୍ନ ନିଅ, ନଚେତ୍ ଆପଣଙ୍କର ସ୍ୱାସ୍ଥ୍ୟ ଖରାପ ହୋଇପାରେ। କୋର୍ଟ ସହ ଜଡିତ ମାମଲାଗୁଡ଼ିକରେ ସଫଳତା ପାଇବାର ସମ୍ଭାବନା ଅଛି। ପ୍ରେମ ଜୀବନରେ ଆପଣଙ୍କର ପ୍ରିୟ କିଛି ବିଷୟ ଉପରେ କ୍ରୋଧ ଦେଖାଇପାରେ, ତଥାପି ପ୍ରେମ ସଂପର୍କରେ ରହିବ।




**କନ୍ୟା:** ଆପଣଙ୍କ ବନ୍ଧୁ କିଛି କଥା ଆପଣଙ୍କୁ କହିପାରନ୍ତି,ଯାହା ଆପଣଙ୍କୁ ଖରାପ ଲାଗିପାରେ। ଆପଣ ଆପଣଙ୍କ କଥାକୁ ସଠିକ୍ ଉପାୟରେ ରଖିବା ଉଚିତ୍। କାର୍ଯ୍ୟଭାର ଅଧିକ ହେବ, ଚାପ ନିଅନ୍ତୁ ନାହିଁ। ବିବାହିତ ଲୋକମାନଙ୍କ ପାଇଁ ଦିନଟି ଶୁଭ ଅଟେ।




**ତୁଳା:** କାର୍ଯ୍ୟରେ ଭଲ ଫଳାଫଳ ସହିତ ଆପଣ ସନ୍ତୁଷ୍ଟ ଅନୁଭବ କରିବେ। ଆଜି ଆପଣ କିଛି ପବିତ୍ର ସ୍ଥାନ ଦେଖିବାର ସୁଯୋଗ ପାଇବାକୁ ଯାଉଛନ୍ତି। ପ୍ରେମ ଜୀବନରେ ପ୍ରିୟଙ୍କ ସଚ୍ଚୋଟତା ଉପରେ ସନ୍ଦେହ କରିବା ଦ୍ୱାରା ସମ୍ପର୍କ ଗୁରୁତର ହୋଇପାରେ।



**ବିଛା:** ଆଜି ଆପଣଙ୍କ ସାମ୍ନାରେ ଅନେକ କାର୍ଯ୍ୟର ସମ୍ମୁଖୀନ ହେବ, ଯେଉଁ କାରଣରୁ ଆପଣ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ଆପଣ ଚିନ୍ତା କରୁଥିବା କାମ ପ୍ରତି ଧ୍ୟାନ ଦେବା ଭଲ ହେବ। ଆଜି ଘରର ଜଣେ ସଦସ୍ୟ ଆପଣଙ୍କଠାରୁ କିଛି ଆଶା କରିବେ। ଆଜି, ଜୀବନ ସାଥୀର ବୁଦ୍ଧି ଆପଣଙ୍କୁ ବହୁତ ଲାଭ କରିବାକୁ ଯାଉଛି।



**ଧନୁ:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ। ବ୍ୟବସାୟୀମାନେ ଆଜି ବଡ଼ ଲାଭ କରିବାକୁ ଯାଉଛନ୍ତି, ଆପଣ ଏଥିରେ ଖୁସି ହେବେ। କାର୍ଯ୍ୟରତ ଲୋକମାନେ ସେମାନଙ୍କର କାର୍ଯ୍ୟକୁ ମନେ ରଖିବା ପରି କାମ କରିବେ। ପାରିବାରିକ ପରିବେଶ ସୁଖ ଏବଂ ଶାନ୍ତିରେ ପରିପୂର୍ଣ୍ଣ ହେବ। ଉଲ୍ଲେଖଥାଉ କି, ବିବାହିତ ଦମ୍ପତି ଆଜି ସତର୍କ ରୁହନ୍ତି, ବିବାଦ ହେବାର ସମ୍ଭାବନା ଅଛି।



**ମକର:** ଆଜି ଆପଣଙ୍କ ଦିନଟି ଭଲ ରହିବ। କୈଣସି ଭୁଲ ନିଷ୍ପତ୍ତି ନେବା ଠାରୁ ଦୂରେଇ ରୁହନ୍ତୁ, ନଚେତ୍ ଆପଣ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବେକାରୀମାନେ ଆଜି ସାଧାରଣ ଅପେକ୍ଷା ଅଧିକ ବ୍ୟସ୍ତ ଦେଖାଯିବେ। ଆଜି ପ୍ରେମ ଜୀବନରେ, ପ୍ରିୟ ହୃଦୟରୁ ପ୍ରେମ ପାଇବ।



**କୁମ୍ଭ:** ଆଜି ଆପଣଙ୍କର ସାଧାରଣ ଦିନ ହେବ। କିଛି ବିଷୟରେ ଚିନ୍ତା କରି ଅନାବଶ୍ୟକ ଭାବରେ ଆପଣଙ୍କୁ ବ୍ୟଥିତ କରିବ। ବର୍ଜ୍ୟବସ୍ତୁରୁ ଦୂରେଇ ରୁହନ୍ତୁ। ଆର୍ଥିକ ପ୍ରସଙ୍ଗରେ ଆପଣ ଜଣେ ବନ୍ଧୁଙ୍କଠାରୁ ପରାମର୍ଶ ପାଇପାରିବେ। ସ୍ୱାସ୍ଥ୍ୟ କାରଣରୁ ଦିନଟି ଟିକିଏ ଦୁର୍ବଳ ମନେହୁଏ। ପ୍ରେମ ଦାମ୍ପତ୍ୟ ଜୀବନରେ ରହିବ।



**ମୀନ:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବ। ଅଫିସ୍ କାର୍ଯ୍ୟକୁ ସହଜରେ ମୁକାବିଲା କରିପାରିବେ। କିନ୍ତୁ ସହକର୍ମୀଙ୍କ ସହ କିଛି ବିଷୟରେ ବିତର୍କ ହୋଇପାରେ। ସେଥିପାଇଁ ଆପଣ ସାବଧାନ ହେବା ଉଚିତ୍। ଜୀବନସାଥୀ ଏକ କାମ କରିବାକୁ ଇଚ୍ଛା କରିପାରନ୍ତି। ପ୍ରେମରେ ଆଜି ଆପଣ ଆପଣଙ୍କ ପ୍ରିୟଙ୍କ ସହିତ ଭଲ ସମୟ ଅତିବାହିତ କରିବେ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରିବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଲହୁଣୀପଡା(ଭାସ୍କର ନ୍ୟୁଜ୍): ସୁନ୍ଦରଗଡ଼ ଜିଲ୍ଲା ବିମିଲାଗଡ ରେଲୱେ ଷ୍ଟେସନ ଡ୍ୟାମ୍ ବସ୍ତି ନିକଟରେ ମାଲବାହୀ ଟ୍ରେନ୍‌ର ଚାରୋଟି ବଗି ଲାଇନଚ୍ୟୁତ ହୋଇଥିବା ଜଣାପଡ଼ିଛି । ମାଲବାହୀ ଟ୍ରେନ୍ ନମ୍ବର ବିଓଏସ୍ଏମ୍୭୭୯ ଟ୍ରେନ୍ ରକ୍ସି ରେଲୱେ ସାଇଡିଙ୍ଗରୁ ଲୁହା ପଥର ବୋଝେଇ କରି ବିମଲାଗାଡ ପଟକୁ ଯାଉଥିବାବେଳେ ଡ୍ୟାମ୍ ବସ୍ତି ନିକଟରେ କୌଣସି କାରଣରୁ ଲାଇନଚ୍ୟୁତ ହୋଇଛି । ଏଥିରେ କାହାର କୌଣସି କ୍ଷତି ହୋଇନଥିବା ସୂଚନା ମିଳୁଛି। ତେବେ ଘଟଣା ସମ୍ପର୍କରେ ଜାଣିବା ପରେ କର୍ମଚାରୀମାନେ ଘଟଣା ସ୍ଥଳରେ ପହଁଚି ବଗି ଗୁଡ଼ିକୁ ଟ୍ରାକ୍‌କୁ ଆଣିବାକୁ ଚେଷ୍ଟା କରୁଛନ୍ତି । ଏଇ ଲାଇନ୍‌ରେ ସମସ୍ତ ରେଳ ଚଳାଚଳ ବର୍ତ୍ତମାନ ବନ୍ଦ ରହିଛି ।ତେବେ କେଉଁ କାରଣରୁ ଚାରୋଟି ବଗି ଲାଇନ୍‌ଚ୍ୟୁତ୍ ହେଲା ରେଲୱେ ବିଭାଗ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ଚକ୍ରଧରପୁର ରେଳ ମଣ୍ଡଳ ଡିଆରଏମ୍ ଘଟଣା ସ୍ଥଳରେ ପହଞ୍ଚି କାହିଁକି ଏମିତି ଅଘଟଣ ହେଲା ପଚାରି ବୁଝୁଛନ୍ତି।




## ସାର ବୋଝେଇ ଟ୍ରକ ଓଲଟିବା ଘଟଣାରେ ପୋଲିସର ତଦନ୍ତ ଆରମ୍ଭ

ବୌଦ୍ଧ (ଭାସ୍କର ନ୍ୟୁଜ୍): ଶନିବାର ସକାଳ ୯ ଘଣ୍ଟା ସମୟରେ ବାଉଁଶୁଣୀ ପୋଲିସ ପକ୍ଷରୁ ତାଳସରଡା ନିକଟରେ ଭାରସାମ୍ୟ ହରାଇ ସାର ବୋଝେଇ ଟ୍ରକ ଓଲଟିବା ଘଟଣାର ତଦନ୍ତ ଆରମ୍ଭ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ ଆଜି ଭୋର ୪.୩୦ ମିନିଟ ସମୟରେ ପାରାଦ୍ୱୀପ ଠାରୁ ସାର ବୋଝେଇ କରି ନୂଆପଡ଼ାକୁ ଯାଉଥିବା ଏକ ଟ୍ରକ ଜାତୀୟ ରାଜପଥ ନଂ ୫୭ ର ବାଉଁଶୁଣୀ ଥାନା ତାଳସରଡା ନିକଟରେ ଭାରସାମ୍ୟ ହରାଇ ରାସ୍ତା ତଳକୁ ଓଲଟି ପଡିଥିଲା । ଦୁର୍ଘଟଣାରେ ଚାଳକ ବର୍ତ୍ତି ଯାଇଥିବା ବେଳେ ସାର ବସ୍ତା ଗୁଡିକ ବିଛାଡି ହୋଇ ପଡିଥିଲା । ବାଉଁଶୁଣୀ ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।



## ଦୁର୍ଘଟଣାରେ ଜଣେ ମୃତ, ଦୁଇ ଗୁରୁତର



ପାରଳାଖେମୁଣ୍ଡି () ଗଜପତି ଜିଲ୍ଲା ଆର,ଉଦୟଗିରି ଥାନାର ସୁଣ୍ଡୁରବା ଘାଟି ନିକଟରେ ଯାତ୍ରୀବାହୀ ବସ ସହ ଏକ ବାଇକି ଧକ୍କା ହେବାରୁ ଜଣେ ମୃତ ଏବଂ ଦୁଇ ଜଣ ଗୁରୁତର ଆହତ । ପୁଲିସ ସୂତ୍ରରୁ ପ୍ରକାଶ ବ୍ରହ୍ମପୁର ରୁ କେରେଡାଙ୍ଗ ଯାଉଥିବା ଏକ ରସିକା ନାମକ ଘରୋଇ ବସ୍ ବିପରୀତ ପଟୁ ଆସୁଥିବା ଆର,ଉଦୟଗିରି ରୁ ନିଜ ଗ୍ରାମ କୁଲାପଥର ଯାଉଥିବା ବେଳେ ସୁଣ୍ଡୁରବା ନିକଟସ୍ଥ ଚମ୍ପା ଘାଟି ଠାରେ ଏକ ହାଇୱାଇ ଗାଡିକୁ ଓଭରଟେକ କରି ଯାଉଥିବା ସମୟରେ ବିପରୀତ ପଟୁ ଆସୁଥିବା ରସିକା ଘରୋଇ ବସ ସହ ଧକ୍କା ହୋଇଥିଲା । ଏହି ବାଇକରେ ଛେଳିଗଡ ପଞ୍ଚାୟତର କୁଲାପଥର ଗ୍ରାମର ସଞ୍ଜୟ ବଡ ରଇତ , ଜ୍ୟେଷ୍ଠ ବଡ ରଇତ ଓ ମୁନିକା ଡିଅ ଗ୍ରାମର ରିଙ୍କୁ ରଇତ ମିଶି ବସି ଗ୍ରାମକୁ ଫେରୁଥିଲେ । ବାହାଘର ନିମନ୍ତଣ ପତ୍ର ବାଣ୍ଟି ଗ୍ରାମକୁ ଫେରୁ ଥିବା ସମୟରେ ସୁଣ୍ଡୁରବା ନିକଟସ୍ଥ ଚମ୍ପାଘାଟି ଠାରେ ବିପରୀତ ଦିଗରୁ ଏକ ଘରୋଇ ବସ୍ ବିକ୍ରାନ୍ତ ନାମକ ଗାଡି ଆସୁଥିବା ସମୟରେ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା । ସଞ୍ଜୟ ଓ ଅନ୍ୟ ଦୁଇ ଜଣ ରାସ୍ତାରେ ଛିଟିକି ହୋଇ ପଡି ସଞ୍ଜୟର ମୁଣ୍ଡକୁ ଜୋରରେ ଗାଡି ହୋଇ ଥିବା ଯୋଗୁଁ ଘଟଣାସ୍ଥଳରେ ମୃତ୍ୟୁ ବରଣ କରିଥିଲେ । ଅନ୍ୟ ୨ଜଣ ଗୁରୁତର ଆହତ ହୋଇ ରାସ୍ତାରେ ପଡିଥିଲେ । ସ୍ଥାନୀୟ ଲୋକଙ୍କ ସହାୟତାରେ ଆର,ଉଦୟଗିରି ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା । ଚିକିତ୍ସା ଡକ୍ତର ସଞ୍ଜୟକୁ ମୃତ୍ୟୁ ଘୋଷଣା କରିଥିଲେ । ଅନ୍ୟ ଗୁରୁତର ଆହତକୁ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ ମେଡିକଲକୁ ସ୍ଥାନାନ୍ତର କରାଯାଉଛି । ମୃତ୍ୟୁ ବ୍ୟକ୍ତିଙ୍କ ଭାଇ ଗୋବିନ୍ଦ ବଡ ରଇତ ଆର,ଉଦୟଗିରି ଥାନାରେ ଲିଖିତ ଅଭିଯୋଗ ପରେ ଘଟଣାସ୍ଥଳକୁ ସ୍ଥାନୀୟ ପୋଲିସ ପହଞ୍ଚିବା ପରେ ଦୁର୍ଘଟଣା ଗାଡି ୨ଟି ଜବତ କରିବା ସହ ଶବକୁ ବ୍ୟବଛେଦ ପାଇଁ ପାରଳାଖେମଣ୍ଡି ପଠାଇବା ବ୍ୟବସ୍ଥା କରାଯାଉଛି । ଏନେଇ ଆର,ଉଦୟଗିରି ଥାନାରେ ଏହାର ଏକ ମାମଲା ରୁଜୁ କରି ଏହାର ଅଧିକ ତଦନ୍ତ ଚାଲିଛି ।

## ଖ୍ରୀଷ୍ଟିଆନଙ୍କୁ ମିଳିଲା ନାହିଁ କଲ୍ୟାଣ ମଣ୍ଡପ
### କାଳବୈଶାଖୀରେ ନଷ୍ଟହେଲା ଲକ୍ଷାଧିକ ଟଙ୍କାର ଖାଦ୍ୟ



ବନ୍ଧୁଗାଁ (ଭାସ୍କର ନ୍ୟୁଜ ) ବନ୍ଧୁଗାଁ ବ୍ଲକ ନିଲାବାଡି ପଞ୍ଚାୟତରେ ଥିବା କଲ୍ୟାଣ ମଣ୍ଡପରେ ଖ୍ରୀଷ୍ଟିଆନ ଲୋକଙ୍କ ବିବାହ ଭୋଜି କରିବାକୁ କମିଟି ତରଫରୁ ବିରୋଧ କରିବାରୁ ବାହାରେ ଭୋଜି କରିବା ସମୟରେ କାଳବୈଶାଖୀ ବର୍ଷା ଓ ପ୍ରବଳ ପବନ ହେବାରୁ ଲକ୍ଷାଧିକ ଟଙ୍କାର ଭୋଜିଭାତ ଖାଦ୍ୟ ନଷ୍ଟ ହୋଇଯାଇଛି। ସୂଚନା ଅନୁଯାୟୀ ନିଲାବାଡି ଗାଁର ଭେମୋଲା ଶ୍ରୀନିବାସ ରାଓ ବହୁବର୍ଷ ତଳେ ଖ୍ରୀଷ୍ଟିଆନ ହୋଇଥିଲେ। ଗତ ଶୁକ୍ରବାର ଦିନ ପୁଅର ଆନ୍ଧ୍ରପ୍ରଦେଶର ବିଜୟୱାଡ଼ା ରେ ବିବାହ କାର୍ଯ୍ୟ ଶେଷ କରାଯାଇଥିଲା। ନିଜ ଗାଁରେ ଛୋଟ ବେଳରୁ ଲୋକଙ୍କ ସହିତ ରହି ଆସୁଥିଲେ। ଏଥିପାଇଁ ଭି ଶ୍ରୀନୁ ନିଜ ପୁଅର ଏକ ବିବାହ ଭୋଜି କରିବାକୁ ସ୍ଥିର କରି ୭୦୦ ଲୋକଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରିଥିଲେ। ଏଥିପାଇଁ ସରକାରଙ୍କ ଦ୍ୱାରା ସର୍ବସାଧାରଣ ନିମନ୍ତେ ତିଆରି କଲ୍ୟାଣ ମଣ୍ଡପରେ ଭୋଜି ପାଇଁ ଟେଣ୍ଟ ସଜାଇବା କାମ ଗୁରୁବାର ଦିନ ଆରମ୍ଭ କରି ଶୁକ୍ରବାର ଦିନ ଭୋଜି ପାଇଁ ଆୟୋଜନ କରୁଥିଲେ। ଏହି ସମୟରେ ନିଲାବାଡି ପୂଜା କମିଟିର ଜନାର୍ଦ୍ଦନ ସାହୁକାର ଓ ତାଙ୍କ ପୁଅ କାମେଶ୍ୱର ସାହୁକାର ରାତିରେ ଆସି କଲ୍ୟାଣ ମଣ୍ଡପର ଗେଟକୁ ଚାବି ଦେଇଥିଲେ। ଭି ଶ୍ରୀନୁ କାହିଁକି ଗେଟ ତାଲା ଦେଇଛ କଲ୍ୟାଣ ମଣ୍ଡପ ପାଇଁ କିଛି ଟଙ୍କା ଦେବା ପାଇଁ କହିଲେ ଦେବି କହିବାରୁ ତୁମେ ଖ୍ରୀଷ୍ଟିଆନ ଲୋକ ମନ୍ଦିରରେ ପୂଜା, ନଡ଼ିଆ ମାରି ଆସ। ଏଠାରେ ପ୍ରାର୍ଥନା କରିବ। ତେଣୁ ଆମେ ଏଇ କଲ୍ୟାଣ ମଣ୍ଡପ ଦେବୁ ନାହିଁ କହି ବାହାର କରି ଦେଇଥିଲେ। କଲ୍ୟାଣ ମଣ୍ଡପରେ କେବଳ ଭୋଜି କରାଯିବ। ଏହା ସର୍ବସାଧାରଣଙ୍କ ପାଇଁ ଏଥିପାଇଁ କଲ୍ୟାଣ ମଣ୍ଡପ ଦେବା ପାଇଁ ଗାଁ ବୁଦ୍ଧିଜୀବି ପ୍ରସନ୍ନ ପଟ୍ଟନାୟକ ଓ ସଞ୍ଜୟ କୁମାର ପାଣି କହିଥିଲେ ମଧ୍ୟ କିଛି ଅସାମାଜିକ ବ୍ୟକ୍ତିମାନଙ୍କୁ ନେଇ ଟେଣ୍ଟ ବାହାର କରି ଦେଇଥିଲେ। ଭୋଜି ପାଇଁ ଅନେକ କାକୁତି ମିନତି ହୋଇଥିଲେ ମଧ୍ୟ କିଏ ତାଙ୍କ ଗୁହାରି ଶୁଣିନଥିଲେ। ବାଧ୍ୟ ହୋଇ ଭି ଶ୍ରିନୁ ଏକ ଆମ୍ବତୋଟା ରେ ଟେଣ୍ଟ କରି ୨ ଲକ୍ଷ ୫୦ ହଜାର ଟଙ୍କା ଖର୍ଚ୍ଚ କରି ଭୋଜିଭାତ ଆୟୋଜନ କରିଥିଲେ। ଏହି ସମୟରେ କାଳବୈଶାଖୀ ବର୍ଷା ପବନରେ ଟେଣ୍ଟ ଉଡ଼ାଇବା ସହ ସମସ୍ତ ଭୋଜି ଭାତ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି। କିଏ ଏହି କ୍ଷତିପୂରଣ ଦେବ ? ସରକାର ସମସ୍ତ ଜାତି ଓ ଧର୍ମର ଲୋକଙ୍କ ସୁବିଧା ନିମନ୍ତେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି କଲ୍ୟାଣ ମଣ୍ଡପ ନିର୍ମାଣ କରିଛନ୍ତି । ଏହାର ତଦନ୍ତ କରି ଜିଲ୍ଲା ଓ ବ୍ଲକ ପ୍ରଶାସନ ତରଫରୁ ପଦକ୍ଷେପ ନେବାକୁ ଭି ଶ୍ରିନୁ ଗୁହାରି କରିଛନ୍ତି।

## ମାଟ୍ରିକ୍ ଟପ୍ପରଙ୍କୁ ସମ୍ବର୍ଦ୍ଧନା



ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଶନିବାର ଦିନ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର (ପାରଳାଖେମୁଣ୍ଡି) ଠାରେ ଏମ୍‌ବିଡ଼ି ପବ୍ଲିସର୍ ତରଫରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ ଆରମ୍ଭରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶ୍ରୀଯୁକ୍ତ ସରୋଜ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ।ଏହି ଅବସରରେ ଚଳିତ ବର୍ଷର ଗଜପତି ଜିଲ୍ଲା ମାଟ୍ରିକ ଟପର୍ ବିଦ୍ୟାଳୟର ଛାତ୍ରୀ ସୁଶ୍ରୀ ପ୍ରଜ୍ୟୋତି ଚୌଧୁରୀ ତଥା ପିତା ନିତ୍ୟାନନ୍ଦ ଚୌଧୁରୀ ଓ ମାତା ନମିତା ଚୌଧୁରୀଙ୍କୁ ମୁଖ୍ୟଅତିଥି ସ୍ଥାନୀୟ ଦେବୀ ମଠର ମହନ୍ତ ପୂଜ୍ୟ ରାମାନନ୍ଦ ଦାସ ମହାରାଜ ଉପଢୌକନ, ଫୁଲତୋଡ଼ା ଓ ପ୍ରମାଣ ପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମଟି ଏମ୍‌ବିଡିର ଗଜପତି, ଗଞ୍ଜାମ ଓ କନ୍ଧମାଳର ମାର୍କେଟିଙ୍ଗ୍ ମ୍ୟାନେଜର ଶ୍ରୀଯୁକ୍ତ ନିହାର ରଞ୍ଜନ ପଣ୍ଡା ସହଯୋଗରେ ଓ ବିଦ୍ୟାଳୟର ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କ ସହଯୋଗରେ ସଫଳ ମଣ୍ଡିତ ହୋଇଥିଲା। ଏହି ଅବସରରେ ଏମ୍‌ବିଡ଼ି ଶିକ୍ଷାବର୍ଷ ୨୦୨୫-୨୬ର ନବମ ଶ୍ରେଣୀ ନିମନ୍ତେ ସାମ୍ପଲ ଟେଷ୍ଟ ପେପର ମୁଖ୍ୟ ଅତିଥି ଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମ ଶେଷରେ ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ଦୁର୍ଗା ପ୍ରସାଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଇନ ସଚେତନତା କାର୍ଯ୍ୟକ୍ରମ



ରାୟଗଡ଼ା (ଭାସ୍କର ନ୍ୟୁଜ୍): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରା ଜଜ୍ ଶ୍ରୀ ସତ୍ୟନାରାୟଣ ଷଡଙ୍ଗୀଙ୍କ ପରାମର୍ଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ଶ୍ରୀ ସୁବ୍ରତ ଆଚାର୍ଯ୍ୟ ଙ୍କ ଅଧ୍ୟକ୍ଷତାରେ ଅଦ୍ୟ ତା ୧୭.୦୫.୨୦୨୫ ରିଖ ଶନିବାର ଅପରାହ୍ନ ୫.୦୦ ସମୟରେ ସ୍ଥାନୀୟ ରାୟଗଡା ମ୍ୟୁନିସିପାଲିଟି ପରିସରରେ ଥିବା ଶ୍ରୀରାମ ନଗରରେ ଜାତୀୟ ଆଇନ ସେବା ପ୍ରାଧିକରଣର ଟୋଲଫ୍ରି ନମ୍ବର, ଅନଲାଇନ ଠିକଣା ଓ ରାଜ୍ୟ ଆଇନ ସେବା ପ୍ରାଧିକରଣ ଦ୍ୱାରା ପ୍ରଦାନ କରାଯାଉଥିବା ବିଭିନ୍ନ ସହାୟତା ଉପରେ ଏକ ଆଇନ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନ୍ୟ ପ୍ରମୁଖ ଅତିଥି ମାନଙ୍କ ମଧ୍ୟରେ ରାୟଗଡା ବାର ଆସୋସିଏସନର ଆଇନଜୀବୀ ସାମୁଏଲ ତାଣ୍ଡି, ଦେବରାଜ ନାୟକ, ଶ୍ରୀରାମନଗରର ସଭାପତି ଧନିରାମ ନାଏକ, ଉପସଭାପତି ବୃନ୍ଦାବନ ନାଏକ ଓ ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ଶ୍ରୀ ସୁବ୍ରତ ଆଚାର୍ଯ୍ୟ ନିଜର ବକ୍ତବ୍ୟରେ ଜାତୀୟ ଆଇନ ସେବା ପ୍ରାଧିକରଣର ଟୋଲଫ୍ରି ନମ୍ବର, ଅନଲାଇନରେ କେମିତି ନିଜର ଅଭିଯୋଗ ଦାଖଲ କରିବା ତାହା ଜନସାଧାରଣ ଙ୍କୁ ଜଣାଇଥିଲେ। ବିଭିନ୍ନ ଅସୁବିଧା ସମୟରେ ଏହାର ସୁବିଧା ନେବା ପାଇ କହିଥିଲେ। ସେହିପରି ଉପସ୍ଥିତ ଥିବା ସାମୁଏଲ ତାଣ୍ଡି ନିଜର ବକ୍ତବ୍ୟରେ ସରକାରଙ୍କ ତରଫରୁ ଉପଲବ୍ଧ ଥିବା ବିଭିନ୍ନ ଜନ କଲ୍ୟାଣକାରୀ କାର୍ଯ୍ୟକ୍ରମ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମ ପରିଶେଷରେ ଏକ ଖୋଲା ଆଲୋଚନାରେ ଉପସ୍ଥିତ ଅତିଥିମାନେ ଅଂଶଗ୍ରହଣକାରୀ ମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ପରିଶେଷରେ ଦେବରାଜ ନାୟକ ଉପସ୍ଥିତ ଅତିଥିମାନଙ୍କୁ ଧନ୍ୟବାଦ ପ୍ରଦାନ କରିବା ସହିତ ନିଜର ବକ୍ତବ୍ୟରେ ବିଭିନ୍ନ ଅସୁବିଧା ସମୟରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଦ୍ୱାରସ୍ଥ ହେବା ପାଇ ସମସ୍ତ ଜନସାଧାରଣ ମାନଙ୍କୁ ବୁଝାଇଥିଲେ । ସର୍ବୋପରି ଏହି କାର୍ଯ୍ୟକ୍ରମରେ ଶ୍ରୀରାମନଗର ର ସମସ୍ତ ଜନସାଧାରଣ ଓ ମାନ୍ୟବର ଅତିଥି ମାନଙ୍କର ଉପସ୍ଥିତି ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ସୁବ୍ରତ ଆଚାର୍ଯ୍ୟଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ସଫଳତାର ସହିତ ଶେଷ ହୋଇଛି

## ଯାଦବ ମହାସଭାର ସାମାଜିକ ସଚେତନତା କାର୍ଯ୍ୟକ୍ରମ



ମୁରିବାହାଲ (ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଅନ୍ତର୍ଗତ ଡଙ୍ଗରପଡା ଗ୍ରାମ ପଂଚାୟତ କୋକଡୁଙ୍ଗରି ଠାରେ ମୁରିବାହାଲ ବ୍ଲକ ଯାଦବ ମହାସଭା ଉପସଭାପତି ତେଜୁରାମ ବାଗଙ୍କ ନେତୃତ୍ୱରେ ଏକ ସାମାଜିକ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ମା' ଚଣ୍ଡୀ ସମଲେଇ ଓ ଶ୍ରୀକୃଷ୍ଣ ଙ୍କ ଫଟୋ ଚିତ୍ର ରେ ପୂଜାର୍ଚ୍ଚନା କରି ସଭା ଆରମ୍ଭ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁରିବାହାଲ ବ୍ଲକ ଯାଦବ ମହାସଭାର ସଭାପତି ଗଙ୍ଗାଧର ହେର୍ଣ୍ଣା,ସମ୍ମାନୀୟ ଅତିଥି ଭାବେ ସମ୍ପାଦକ ତରୁଣ ପୋଢ, ସହସମ୍ପାଦକ ପ୍ରଦୀପ ବଛା,ଲେବଡା ପଂଚାୟତ ସଭାପତି ମିନିକେତନ ବଗର୍ତ୍ତୀ, ପତ୍ରାପାଲି ସଭାପତି ଦକ୍ଷେଶ୍ୱର ନାଗ, ଯୁବ ସମାଜସେବୀ ଯୁଧିଷ୍ଠିର ଭରାସଗ୍ରୀଆ, ଉପଦେଷ୍ଟା ବାସୁଦେବ ନାଗ ଉପଦେଷ୍ଟା ମଧୁସୂଦନ ନାଗ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଶିକ୍ଷା, ଅର୍ଥନୀତି ଓ ସମାଜର ଏକତା ର ବିକାଶ ଉପରେ ଗୁରୁତ୍ୱ ଦେବାକୁ ଅତିଥିମାନେ ମତ ଦେଇଥିଲେ । ଏଥିରେ ମହାଦେବ ଟାହାଣି, ବିଜଲ ଟାହାଣି, ଜଗନ୍ନାଥ ବନଛୋର, ଗୀର ନାଗ, ମଦନ ବାଗ, ଅରକ୍ଷିତ ଠେଲା, ଦୈତାରୀ ଟାହାଣି, ମେନା ଟାହାଣି, ସୁପା ଟାହାଣି, ବୁଠି ଟାହାଣୀ,ଗୋପାଳ ବନଛୋର,ମଧୁ ଚନ୍ଦନ, ବଂଶୀ ବାଗ, ଡଙ୍ଗରପଡା ଗ୍ରାମ ପଂଚାୟତର ସମ୍ପାଦକ ରାଏଧର ମହାକୁଡ, ସନ୍ତୋଷ ଟାହାଣି, ପୂର୍ଣ୍ଣ ଟାହାଣି,ଅରକ୍ଷିତ ଠେଲା, ପରୀକ୍ଷିତ ବନଛୋର, ସୁର ଟାହାଣୀ,ବାହାଦୂର ବନଛୋର, ସାମାଜିକ ପିଅନ କଳିଙ୍ଗ ଗହିର,ଛତା ପରିହାଙ୍କ ସହ ମୁରିବାହାଲ ବ୍ଲକ ଅଞ୍ଚଳ ର ଶତାଧିକ ଯାଦବମାନେ ଉପସ୍ଥିତ ଥିଲେ । ଶେଷ ରେ ବ୍ଲକ ସହସମ୍ପାଦକ ପ୍ରଦୀପ ବଛା ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ ।

## ଦୁର୍ବୃତ୍ତଙ୍କ ଆକ୍ରମଣରେ ୨ ନାବାଳିକା ଗୁରୁତର



ଲହୁଣୀପଡ଼ା(ଭାସ୍କର ନ୍ୟୁଜ୍): ଲହୁଣୀପଡ଼ା ଥାନା ଟେନ୍ସା ଫାଣ୍ଡି ଅନ୍ତର୍ଗତ ଭୁତୁଡ଼ା ପଂଚାୟତ ଅଫିସ ପାଖ ଭୁତୁଡ଼ା ଗ୍ରାମରେ ଦୁର୍ବୃତ୍ତଙ୍କ ଆକ୍ରମଣରେ ୨ ଜଣ ନାବାଳିକା ଗୁରୁତର ଆହତ ହୋଇ ମୂର୍ଚ୍ଛିତ ଅବସ୍ଥାରେ ଏକ ଜଙ୍ଗଲରେ ପଡ଼ିରହିଥିଲେ। ଜାଣିବା ପରେ ତାଙ୍କୁ ବଣାଇଁ ଡାକ୍ତରଖାନା ଅଣାଯାଇଥିଲା । ମାତ୍ର ଅବସ୍ଥା ଗୁରୁତର ହେବାରୁ ରାଉରକେଲା ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି ଗୁରୁତର ଆହତ ୨ ଜଣ ହେଲେ ବାବୁଲୁ ମୁଣ୍ଡା ଙ୍କ ୫ ବର୍ଷ ର ଝିଅ (ମା ଙ୍ଗି ରି ମୁଣ୍ଡା (୫) ) ଏବଂ ମୋଟୁ ମୁଣ୍ଡା ଙ୍କ ଝିଅ ବୁଡୁମ୍ ମୁଣ୍ଡା (୬)। ମିଳିଥିବା ସୂଚନା ମୁତାବକ ବାଡ଼ିପଟେ ଥିବାବେଳେ ତାଙ୍କୁ ମରଣାନ୍ତକ ଆକ୍ରମଣ କରି ଦୁର୍ବୃତ୍ତ ଅପହରଣ ଉଦ୍ୟମ କରୁଥିବା ବେଳେ ଚିତ୍କାର କରିବାରୁ ଅନ୍ୟମାନେ ଆସିଯିବାରୁ ଦୁର୍ବୃତ୍ତ ଛାଡି ପଳାଇଥିଲେ । ତାଙ୍କୁ ଉଦ୍ଧାର କରାଯାଇ ଆମ୍ବୁଲାନ୍ସ ଯୋଗେ ବଣାଇଁ ଡାକ୍ତରଖାନା ଅଣାଯାଇଥିଲା । ମାତ୍ର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ରାଉରକେଲା ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି । ପୋଲିସ ଘଟଣାର ତଦନ୍ତ ଚଳାଇଛି। ତେବେ କେଉଁ କାରଣରୁ ଏହା ହୋଇଛି ତାହା ସଷ୍ଟ ଜଣାପଡ଼ିନାହିଁ।

## ମର୍ମନ୍ତୁଦ ଦୁର୍ଘଟଣା: ୩ ମୃତ, ୩ ଆହତ

ଖଇରପୁଟ(ଭାସ୍କର ନ୍ୟୁଜ୍): ନୟାଗଡ଼ରୁ ଗ୍ରୀଷ୍ମ ଛୁଟି ବିତାଇବା ପାଇଁ ବଡଭାଇ ଘରକୁ ମାଲକାନଗିରିକୁ କାର ଯୋଗେ ଆସୁଥିବା ବେଳେ ବୈପାରୀଗୁଡା ନିକଟରେ ଡ୍ରାଇଭରର ଆଖି ଲାଗିଯିବାରୁ ଗଛଦେହରେ ଗାଡିଟି କ୍ଷିପ୍ର ଗତିରେ ଧକ୍କା ଦେଇଥିଲା। ଯାହାଫଳରେ ଘଟଣାସ୍ଥଳରେ ୩ ଜଣଙ୍କରର ମୃତ୍ୟୁଘଟିଥିବା ବେଳେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ବର୍ତ୍ତମାନ ୩ ଜଣଙ୍କ ମୃତଦେହ ବୈପାରିଗୁଡା ହସ୍ପିଟାଲରେ ରହିଥିବା ବେଳେ ଗୁରୁତରମାନଙ୍କୁ କୋରାପୁଟ ହସ୍ପିଟାଲକୁ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଆହତଙ୍କ ମଧ୍ୟରୁ ଜଣଙ୍କ ର ଅବସ୍ଥା ସଂକଟାପନ୍ନ ରହିଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ ନୟାଗଡ଼ରୁ ଏକ କାର ଯୋଗେ ସୁଜିତ କୁମାର ସିଂହ ସାମନ୍ତ (୪୫), ପଦ୍ମିନୀ ସିଂହ ସାମନ୍ତ (୪୨),ପ୍ରିୟାଂଶୁ(୧୦),ଅମ୍ବିକାବାଳା ଦାସ(୬୫), ଶଶି ବେହେରା(୬୫)ଏକ କାର ଯୋଗେ ଗ୍ରୀଷ୍ମ ଛୁଟି କଟାଇବା ପାଇଁ ବଡ ଭାଇ ପ୍ରଦୀପ୍ତ କୁମାର ସିଂହ ସାମନ୍ତ ଘରକୁ ଆସୁଥିଲେ। ଏହି ଗାଡିକୁ ଡ୍ରାଇଭର ବିଭୂତି ଭୂଷଣ ବେହେରା ଚଳାଉଥିବାବେଳେ ବୈପାରିଗୁଡା ନିକଟରେ ଗାଡିଟି ଏକ ଗଛ ଦେହରେ ଧକ୍କା ହୋଇଥିଲା। ଏହି ଦୁର୍ଘଟଣା ଭୋର ୪ଟା ସମୟରେ ହୋଇଥିବାବେଳେ ଡ୍ରାଇଭରର ଆଖି ଲାଗିଯିବା ଯୋଗୁଁ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ହୋଇ ୩ ଜଣ ବ୍ୟକ୍ତି ଘଟଣା ସ୍ଥଳରେ ମୃତ୍ୟୁବରଣ କରିଥିଲେ। ସେମାନେ ହେଲେ ଡ୍ରାଇଭର ବିଭୂତି ଭୂଷଣ ବେହେରା, ଅମ୍ବିକାବାଳା ଦାସ ଓ ଶଶି ବେହେରା। ଏହି ୩ ଜଣଙ୍କ ମୃତଦେହ ବୈପାରିଗୁଡା ସ୍ୱାସ୍ଥ୍ୟ କେନ୍ଦ୍ରରେ ରହିଛି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ଅନ୍ୟ ପକ୍ଷରେ ୩ ଜଣ ଗୁରୁତର ଆହତଙ୍କୁ ଚିକିତ୍ସା ଲାଗି କୋରାପୁଟ ଲକ୍ଷ୍ମଣ ନାୟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସୁଜିତଙ୍କ ହାତ ଭାଙ୍ଗି ଯାଇଥିବା ବେଳେ ପ୍ରିୟାଂଶୁଙ୍କ ଗୋଡ ଭାଙ୍ଗି ଯାଇଛି। ସେହିପରି ପଦ୍ମିନୀ ବର୍ତ୍ତମାନ ସୁଦ୍ଧା ଗୁରୁତର ଆହତ ହୋଇ ଚେତାଶୂନ୍ୟ ଥିବା ସୂଚନା ମିଳିଛି। ଏହି ଦୁଃଖଦ ଖବର ପାଇ ବଡ ଭାଇ ପ୍ରଦୀପ୍ତ ଏବଂ ତାଙ୍କ ଜ୍ୱାଇଁ ରାଜେନ୍ଦ୍ର ଜେନାସାମନ୍ତ ଘଟଣା ସ୍ଥଳରେ ପହଞ୍ଚିଛନ୍ତି।

## ଆର୍ଟ ଅଫ ଗିଭିଂ କାର୍ଯ୍ୟକ୍ରମ




ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ଠାରେ କିଟ୍, କିସ୍ ଓ କିମ୍ସ ପକ୍ଷରୁ ଆର୍ଟ ଅଫ ଗିଭିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସହକାରୀ ପ୍ରାଧ୍ୟାପକ ଡ.ସମୀର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ ପାଣିଗ୍ରାହୀ ଯୋଗ ଦେଇଥିବା ବେଳେ ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାଶ ଏବଂ ଏସପି ଯତୀନ୍ଦ୍ର ନାଥ ପଣ୍ଡା ସ୍ୱତନ୍ତ୍ର ଅତିଥି ଓ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୁରୁ ମୂର୍ତ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତିଷ୍ଠାତା ଡ.ଅଚ୍ୟୁତ ସାମନ୍ତଙ୍କ ଏହି ଅଭିନବ ପରିକଳ୍ପନାର ପ୍ରଶଂସା କରିବା ସହ ସମାଜ ଆମକୁ ବହୁତ ଦେଇଛି, ତେଣୁ ବର୍ତ୍ତମାନ ଆମେ ସମାଜକୁ ନିଜ ସାଧ ମତେ ଦାନ କରିବା ଆବଶ୍ୟକ ବୋଲି କହିଥିଲେ। ଆର୍ଟ ଅଫ ଗିଭିଂର ଦ୍ୱାଦଶ ବର୍ଷ ପାଳନ ଅବସରରେ 'ନେବରହୁଡ' ଶୀର୍ଷକ ସାଂପ୍ରତିକ ପରିସ୍ଥିତିରେ ଗୁରୁତ୍ୱପୂର୍ଣ୍ଣ। ସମାଜରେ ଭାଇଚାରାର ଅଭାବ ପରିଲକ୍ଷିତ ହେଉଛି। ତେଣୁ ଏଭଳି କାର୍ଯ୍ୟକ୍ରମ ଲୋକଙ୍କୁ ସଚେତନ କରିବ ବୋଲି ଅତିଥି ମାନେ କହିଥିଲେ। ଶେଷରେ ସହକାରୀ ପ୍ରାଧ୍ୟାପକ ବିରଞ୍ଚି ନାରାୟଣ ଦାଶ ଧନ୍ୟବାଦ ଅର୍ପଣ କରିଥିବା ବେଳେ ସହକାରୀ ପରିଚାଳକ ଧିରଜ ପଟ୍ଟନାୟକ ଓ ଗିରିଧର ପଣ୍ଡା ସହଯୋଗ କରିଥିଲେ।

## ବାଲି ମାଫିଆ ସକ୍ରିୟ, କାର୍ଯ୍ୟାନୁଷ୍ଠାନ ଶୂନ



ଉମରକୋଟ(ଭାସ୍କର ନ୍ୟୁଜ୍): ଦିନ କୁ ଦିନ ଅଞ୍ଚଳରେ ଥିବା ଖଣିଜ ସମ୍ପଦ କ୍ଷୟ ହେବାରେ ଲାଗିଛି। କିଛି ମାଫିଆଙ୍କ ସହ ମିଶି ଖଣି ବିଭାଗର ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଖଣିଜ ସମ୍ପଦ କ୍ଷୟ ହେବାରେ ଲାଗିଛି। ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ଅନ୍ତର୍ଗତ ନନ୍ଦପୁରା ପଂଚାୟତରେ। ସୂଚନା ଅନୁଯାୟୀ ନନ୍ଦପୁରା ଗ୍ରାମରୁ ଅଳ୍ପ ଦୂରରେ ଥିବା ଏକ ବାଲିଘାଟରୁ ପ୍ରାୟ ୧୫ ରୁ ୨୦ ଟି ଟ୍ରାକ୍ଟର ବାଲି ନେଉଥିବା ଦୃଶ୍ୟ ଦେଖିବାକୁ ମିଳିଛି। ଏବିଷୟରେ ଖଣି ବିଭାଗ ଅଧିକାରୀଙ୍କୁ ସୂଚନା ଦେବାରୁ ସେ ଜିପିଏସ ଲୋକେସନ ସହ ଫଟୋ ପଠାନ୍ତୁ ବୋଲି କହିଥିଲେ। ଏହାପରେ ଆମ ପ୍ରତିନିଧି ଫୋଟୋ ପଠାଇବା ସହ ଫୋନ ଯୋଗେ ଯୋଗାଯୋଗ କରିଥିଲେ। ଏହା ଶୁଣି ଖଣି ବିଭାଗୀୟ ଅଧିକାରୀ ଜିଲ୍ଲା ମୁଖ୍ୟାଳୟରୁ ବାହାରିବେ ବୋଲି କହିଲେ। ଏହା ପୂର୍ବରୁ ଅନେକ ଥର ବାଲି, ମୁରୁମ, ପଥର ଇତ୍ୟାଦି ମାଫିଆଙ୍କ ବିଷୟରେ ଜଣେଇଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇନାହ। ଆଜି ମଧ୍ୟ ଏହି ବାଲି ମାଫିଆ ତଥା ବାଲି ବୋଝେଇ ଟ୍ରାକ୍ଟର ଉପରେ କୌଣସି ପଦକ୍ଷେପ ନିଆଗଲା ଭଳି ଲାଗୁ ନାହିଁ। ଏଥିରୁ ସ୍ପଷ୍ଟ ହେଉଛି ଯେ ଖଣି ବିଭାଗ ଓ ବାଲି ମାଫିଆଙ୍କ ମଧୁଚନ୍ଦ୍ରିକା ରେ ଖଣିଜ ସମ୍ପଦର କ୍ଷୟ ହେଉଛି।

## ତ୍ରିରଙ୍ଗା ପଦଯାତ୍ରା

ଖଡ଼ିଆଳ (ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲା ଖଡ଼ିଆଳ ନିର୍ବାଚନ ମଣ୍ଡଳୀର ପାଞ୍ଚ ନମ୍ବର ଜୋନ ସୁନାରି ସିକୁଆ ଗ୍ରା.ପ.ରେ ତ୍ରୀରଙ୍ଗା ପଦ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପାକିସ୍ତାନ ରେ ପଶି ଆତଙ୍କବାଦୀ ଆଡ୍ଡା କୁ ଧ୍ୱଂସ କରିଥିବା ସୈନ୍ୟ ବାହିନୀକୁ ସମ୍ମାନ ଦେଇ ଉତ୍ସାହିତ କରାଯାଇଛି। ଏହି ପଦଯାତ୍ରାରେ ଗ୍ରାମ ପଞ୍ଚାୟତର ଅନେକ ପଂଚାୟତ ପ୍ରତିନିଧି, ଜିପିଏଲଏଫର ପ୍ରତିନିଧି ଓ ଗ୍ରାମର ସ୍ୱେଚ୍ଛାସେବୀ ମାନେ ସାମିଲ ହୋଇ ଦେଶର ମାନ, ସମ୍ମାନ ଓ ସ୍ୱାଭିମାନ ଆମ ସୈନ୍ୟ ବାହିନୀ ଙ୍କ ସହ ୧ଶହ ୪୦କୋଟି ଜନତାଙ୍କ ସମର୍ଥନ ରହିଥିବା ବେଳେ ତାଙ୍କ ପରିବାର ଙ୍କୁ ମଧ୍ୟ ସମର୍ଥନ ରହିଥିବା ମତବ୍ୟକ୍ତ କରି ଭାରତୀୟ ବାୟୁସେନା, ପାକିସ୍ତାନ ରେ ପଶି ଉପଯୁକ୍ତ ଯବାବ ଦେଇଥିବା ବେଳେ ୯ ଗୋଟି ଆତଙ୍କବାଦୀ ଆଡ୍ଡା କୁ ଧ୍ୱଂସ କରିଥିବା ସୈନ୍ୟ ବାହିନୀକୁ ସମ୍ମାନ ଓ ସମର୍ଥନ ଜଣାଇ ତାଙ୍କ କାର୍ଯ୍ୟରେ ପ୍ରଶଂସା କରାଯାଇଛି ! ଏହି ତ୍ରିରଙ୍ଗା ପଦଯାତ୍ରାରେ ସମାଜସେବୀ ତଥା ବରିଷ୍ଠ ବିଜେପି ନେତା ରାତ୍ରନନ୍ଦ ମନହିରା, ୱାର୍ଡ ସଭ୍ୟ/ସଭ୍ୟା ନରସିଂହ ନିଆଳ, ପ୍ରତିମା ବୈଠାରୁ, ଜୈମନୀ ମନହିରା ,ପ୍ରଣୟନୀ ଦାସ, ଜଗଦ୍ଧାତ୍ରୀ ବୈଠାରୁ,ଷଷ୍ଠି ବୈଠାରୁ,କ୍ଷୀର ମେହେର, ସମାଜସେବୀ ରାୟଧର ସୁନା,କେତନ ଜଗତ ପ୍ରମୁଖ ସାମିଲ ହୋଇଥିଲେ



## କୁକୁଡାଖଣ୍ଡିରେ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା



କୁକୁଡାଖଣ୍ଡି (ଭାସ୍କର ନ୍ୟୁଜ୍): ଅପରେସନ ସିନ୍ଦୂରର ସଫଳତାକୁ ନେଇ ଗୁରୁବାର ଦିନ କୁକୁଡାଖଣ୍ଡି ବ୍ଲକ ପରିସରରୁ ସ୍ଥାନୀୟ ତହସିଲ ପର୍ଯ୍ୟନ୍ତ ବିଶାଳ ବାଇକ୍ ତ୍ରିରଙ୍ଗା ଶୋଭାଯାତ୍ରା(ପରାକ୍ରମ) ଅନୁଷ୍ଠିତ ହୋଇଥିଲା । କୁକୁଡ଼ାଖଣ୍ଡି ବିଡ଼ିଓଙ୍କ ଅନୁପସ୍ଥିତିରେ ବ୍ଲକ ଭାରପ୍ରାପ୍ତ ଅଧ୍ୟକ୍ଷା ବିଷ୍ଣୁପ୍ରିୟା ପାତ୍ର ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଭାରତୀୟ ସଶସ୍ତ୍ର ବାହିନୀର ମନୋବଳକୁ ବୃଦ୍ଧି କରିବା ପାଇଁ ଏହି ତ୍ରିରଙ୍ଗା ରାଲି ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣକାରୀ ମାନେ ତ୍ରିରଙ୍ଗା ଧରି ଦେଶାତ୍ମବୋଧକ ଗୀତ ଗାଇବା ସହ 'ଭାରତ ମାତା କି ଜୟ' ଓ 'ଭାରତୀୟ ସଶସ୍ତ୍ର ବାହିନୀ ଜିନ୍ଦାବାଦ' ଭଳି ସ୍ଲୋଗାନ ଦେଇ ଶୋଭାଯାତ୍ରାରେ ବାହାରିଥିଲେ। 'ଅପରେସନ୍ ସିନ୍ଦୂର'ରେ ଭାରତୀୟ ସଶସ୍ତ୍ର ବାହିନୀର ସଫଳତା ପରେ ଆମେ ଜବାନ ମାନଙ୍କୁ ସଲାମ୍ କରୁଛୁ ଏବଂ ତ୍ରିରଙ୍ଗାକୁ ସମ୍ମାନ କରୁଅଛୁ । ଆମେ ଭାରତୀୟ ସଶସ୍ତ୍ର ବାହିନୀଙ୍କ ନିକଟରେ ଚିରଋଣୀ ।ଆମର ଜବାନ୍ ମାନେ ସୀମାରେ ନିରନ୍ତର ଜଗି ରହୁଥିବାରୁ ଲୋକମାନେ ଭାରତରେ ଶାନ୍ତିପୂର୍ଣ୍ଣ ଭାବରେ କାମ କରୁଛନ୍ତି। ସେମାନେ ଆତଙ୍କବାଦୀ ଏବଂ ପାକିସ୍ତାନକୁ ଶିକ୍ଷା ଦେଇଛନ୍ତି । ତେଣୁ ତାଙ୍କରି ମହାନ ଉଦ୍ଦେଶ୍ୟରେ ଏହି ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଆୟୋଜନ କରାଯାଇଥିଲା ବୋଲି ବ୍ଲକ ଉପାଧ୍ୟକ୍ଷା ଶ୍ରୀମତୀ ପାତ୍ର କହିଥିଲେ । ଉକ୍ତ କାର୍ଯ୍ୟକ୍ରମରେ କୁକୁଡ଼ାଖଣ୍ଡି ତହସିଲଦାର ରାଜକିଶୋର ପଟ୍ଟନାୟକ, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ମନୋଜ ପ୍ରଧାନ, ଏଇଇ ଅନୁରାଗ ରଥ, ସିଡ଼ିପିଓ କୁସୁମ ସାହୁ, ସମାଜସେବୀ ଉଦୟ ବେହେରା, ସନାତନ ସଂଗ୍ରାମ ସିଂ, ସଞ୍ଜୟ ସାହୁ, ଚଣ୍ଡୀ ଚରଣ ସାହୁ, କୈଳାସ ବିଷୋୟୀ, ବଶିଷ୍ଠ ଜେନା, ଅକ୍ଷୟ କୁମାର ଦାସଙ୍କ ସମେତ ବ୍ଲକ ଓ ତହସିଲର ସମସ୍ତ କର୍ମଚାରୀ, ଏବଂ ବିଭିନ୍ନ ପଞ୍ଚାୟତରୁ ଆସିଥିବା ସରପଞ୍ଚ, ସମିତି ସଭ୍ୟ ମାନେ ଯୋଗ ଦେଇଥିଲେ ।

## ସୁନୀଲ ଦାଶଙ୍କ ଜୟନ୍ତୀ ପାଳିତ

ଗୁଣପୁର(ଭାସ୍କର ନ୍ୟୁଜ୍):ଶିକ୍ଷକ ମାନଙ୍କ ଦରଦୀ ବନ୍ଧୁ ତଥା ସାମ୍ବାଦିକ ଙ୍କ ଭୀଷ୍ମ ପିତାମହ କୁହାଯାଉଥିବା ସ୍ୱ. ସୁନୀଲ ଦା ଙ୍କ ୬୪ତମ ଜନ୍ମ ଜୟନ୍ତୀ ଗୁଣପୁର ଠାରେ ପାଳିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଗୁଣପୁର ପୌରପରିଷଦ ଅଧ୍ୟକ୍ଷା ମମତା ଗୌଡ଼, ସମ୍ମାନିତ ଅତିଥି ଗାନ୍ଧୀ ଯାନ୍ତ୍ରିକ ବିଶ୍ୱବିଦ୍ୟାଳୟର ଉପସଭାପତି ଡ଼ ଚନ୍ଦ୍ରଧ୍ୱଜ ପଣ୍ଡା, ପୂର୍ବତନ ବିଇଓ ସୁବାଷ ଶବର, ସୁନୀଲ ଦାଶ ଜଣେ ଶିକ୍ଷକ ନେତା ଭାବେ ସର୍ବଦା ଶିକ୍ଷକ ଙ୍କ ସମସ୍ୟାକୁ ନେଇ ଲଢେଇ କରିବା, ଓ ନିର୍ଭିକ ଓ ସାମ୍ବାଦିକତାକୁ ନେଇ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ମୁନିଗୁଡା ଇନାଡୁ ପତ୍ରିକା ର ସାମ୍ବାଦିକ ସି ଏଚ ଗଣେଶ, ଗୁଣପୁରର ବରିଷ୍ଠ ସାମ୍ବାଦିକ ଲୋକନାଥ ପାଣିଗ୍ରାହୀ, ବରିଷ୍ଠ ସାମ୍ବାଦିକ ଦେବୀ ଚୌଧୁରୀଙ୍କୁ ୨୦୨୪-୨୫ ବର୍ଷ ର ସାମ୍ବାଦିକ ସମ୍ମାନ ଓ ବରିଷ୍ଠ ଶିକ୍ଷୟିତ୍ରୀ ସଂଯୁକ୍ତା ତ୍ରିପାଠୀ, ବରିଷ୍ଠ ଶିକ୍ଷକ ବିନାୟକ ଷଡ଼ଙ୍ଗୀ, ବରିଷ୍ଠ ଶିକ୍ଷକ ନୀଳମାଧବ ଦାଶଙ୍କୁ ୨୦୨୪-୨୫ ବର୍ଷ ର ଶିକ୍ଷକ ସମ୍ମାନ ସୁନୀଲ ମେମୋରିଆଲ ଚାରିଟେବଲ ଫାଉଣ୍ଡେସନ ତରଫରୁ ଦିଆଯାଇଥିଲା । ସୁନୀଲ ଦାଶଙ୍କ ପ୍ରତିମୂର୍ତ୍ତିରେ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗଙ୍କ ଦ୍ୱାରା ମାଲ୍ୟାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ନୀଳାଞ୍ଚଳ ମିଶ୍ର ସ୍ୱାଗତ ଭାଷଣ କରିଥିଲେ। କାର୍ଯ୍ୟକୁ ବରିଷ୍ଠ ଶିକ୍ଷକ ଜଗନ୍ନାଥ ପଟନାୟକ ପରିଚାଳନା କରିଥିଲେ। ଶେଷରେ ଅନନ୍ତ ପାତ୍ର ଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇଥିଲା ।ଏହି ସମସ୍ତ କାର୍ଯ୍ୟକ୍ରମକୁ ସ୍ୱ ସୁନୀଲ ଦାଶଙ୍କ ଦୁଇ ପୁଅ ଶକ୍ତି ଦାଶ, ସିଦ୍ଧାର୍ଥ ଦାଶ, କଳିଙ୍ଗ ସାମ୍ବାଦିକ ସଙ୍ଘର ପ୍ରଶାନ୍ତ କୁମାର କର, ସୂର୍ଯ୍ୟ ପଟ୍ଟନାୟକ , ହରି ଶତପଥୀ, ରଂଜିତ ପାଢ଼ୀ, ସୁନୀଲ ସାବ, ସତ୍ୟ ସାହୁ, ସୀମାଞ୍ଚଳ ଗୌଡ, ଅଶୋକ ପଟ୍ଟନାୟକ ପ୍ରମୁଖ ତୁଲାଇଥିଲେ।



ବୋଲଗଡ (ଭାସ୍କର ନ୍ୟୁଜ): ରାଜ୍ୟ ସରକାରଙ୍କ ଜାତୀୟ ସ୍ୱାସ୍ଥ୍ୟ ମିଶନ ବିଭାଗର ସରକାରୀ ୫୦ ଲକ୍ଷ ଆର୍ଥିକ ଅନୁଦାନରେ ବୋଲଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଡାକ୍ତର ରହିବା ପାଇଁ ଏକ ସରକାରୀ ବାସଗୃହ ନିର୍ମାଣ କରାଯାଇଥିଲା । ବାଙ୍ଗୋଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିନସ୍ଥ ଡାବରଧୁଆ ପାଟଣା ସ୍ୱାସ୍ଥ୍ୟ ଉପକେନ୍ଦ୍ରର ବହୁମୁଖୀ ମହିଳା ସ୍ୱାସ୍ଥ୍ୟ କର୍ମୀ ସୁକାନ୍ତି ସେଠୀ ଆଜକୁ ୧୦ବର୍ଷ ଧରି ଜବରଦସ୍ତ ବେନିୟମ ଭାବେ ଏହି ସରକାରୀ ବାସଗୃହରେ ମନଇଛା ରହି ଆସୁଅଛନ୍ତି ଏ ସମ୍ପର୍କରେ ବାଂକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଆଶିଷ କୁମାର ମହାପାତ୍ରଙ୍କୁ ଲିଖିତ ଭାବେ ସୂଚନା ଅଧିକାର ନିୟମ ଅନୁସାରେ ତଥ୍ୟ ମଗାଯିବାରୁ ବହୁମୁଖୀ ଯୋଜନା ମହିଳା ସ୍ୱାସ୍ଥ୍ୟ କର୍ମୀ ସୁକାନ୍ତି ସେଠୀଙ୍କୁ କୌଣସି ସରକାରୀ ବାସଗୃହ ଯୋଗାଇ ଦିଆଯାଇନାହିଁ ବୋଲି ସେ ଲିଖିତ ଆକାରରେ ଜଣାଇ ଅଛନ୍ତି । ବହୁ ମୁଖୀ ସ୍ୱାସ୍ଥ୍ୟ କର୍ମୀ ଶ୍ରୀମନ୍ତୀ ସେଠୀ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ମାସିକ ଘରଭଡ଼ା ପାଉଅଛନ୍ତି । ତେଣୁ ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣା, ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶକ ଏହାକୁ ଶୀଘ୍ର ତଦନ୍ତ କରି ବହୁ ମୁଖୀ ମହିଳା ସ୍ୱାସ୍ଥ୍ୟ କର୍ମୀ ଶ୍ରୀମନ୍ତୀ ସେଠୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସଙ୍ଗେ ସଙ୍ଗେ ଡାକ୍ତର ମାନଙ୍କୁ ସରକାରୀ ବାସଗୃହ ଯୋଗାଇ ଦେବାକୁ ବୋଲଗଡ ବ୍ଲକ ଅଞ୍ଚଳ ବାସୀମାନେ ଦୃଢ଼ ଦାବୀ କରିଅଛନ୍ତି ।



# ଶ୍ରୀଜଗନ୍ନାଥ ମନ୍ଦିରରେ ପିଙ୍କ ହେଲ୍ପ ଡେସ୍କ




ପୁରୀ (ଭାସ୍କର ନ୍ୟୁଜ): ଆରକ୍ଷୀ ଅଧିକ୍ଷକ ବିନୀତ ଅଗ୍ରୱାଲ ଏହାକୁ ଗଭୀର ଆଶା ବ୍ୟକ୍ତ କରିଛନ୍ତି ଯେ, ଏହି ମାଧ୍ୟମରେ ମହିଳା ଭକ୍ତମାନଙ୍କ ସୁରକ୍ଷା ସୁନିଶ୍ଚିତ ହେବା ସହିତ ସେମାନଙ୍କ ପାଇଁ ଏକ ସ୍ନେହଭରା ସନ୍ଦେଶ ଦେବାରେ ପିଙ୍କ ହେଲ୍ପ ଡେସ୍କ ସହାୟତା ହେବ ।ଶ୍ରୀଜଗନ୍ନାଥ ଧାମକୁ ପ୍ରତିଦିନ ଲକ୍ଷେ ଲକ୍ଷେ ଭକ୍ତ ଓ ପର୍ଯ୍ୟଟକ ପହଞ୍ଚନ୍ତି, ଯାହା ମଧ୍ୟରୁ ବଡ଼ ଅଂଶ ହେଉଛନ୍ତି ମହିଳା ଭକ୍ତ। ସେମାନଙ୍କ ସୁରକ୍ଷା ଓ ସୁବିଧା ପାଇଁ - 'ପିଙ୍କ ହେଲ୍ପ ଡେସ୍କ' ଆରକ୍ଷୀ ଅଧିକ୍ଷକ ଭିନୀତ ଅଗ୍ରୱାଲଙ୍କ ଦ୍ୱାରା ଶୁଭଆରମ୍ଭ ହୋଇଅଛି । ଚାରି ଧାମ ମଧ୍ୟରେ ଶ୍ରେଷ୍ଠ ଧାମ ପୁରୀ ଶ୍ରୀ ଜଗନ୍ନାଥ ଧାମ ଏହି କାର୍ଯ୍ୟକ୍ରମ ଧାମ ମଧ୍ୟରେ ପୁରୀ ପୋଲିସ ପ୍ରଥମ । ଆରକ୍ଷୀ ଅଧିକ୍ଷକ ବିନୀତ ଅଗ୍ରୱାଲ ସେବା ପାଇଁ ନିଯୁକ୍ତ ମହିଳା କନ୍‌ଷ୍ଟେବଲ ମାନେ ପିଙ୍କ ହେଲ୍ପ ଡେସ୍କକୁ ସକ୍ରିୟ କାର୍ଯ୍ୟକ୍ଷମ କରିବା ପାଇଁ ମୋଟ ୬ ଜଣଙ୍କୁ ନିଯୁକ୍ତ କରିଛନ୍ତି। ଯଦି କୌଣସି ଅସୁବିଧାର ସମ୍ମୁଖୀନ ହୁଅନ୍ତି, ସେମାନଙ୍କ ଦୟାଳୁ ଓ ପେଶାଦାର ଭାବେ ସହଯୋଗ କରିବେ ।ଭକ୍ତମାନଙ୍କ ମତାମତ, ଅଭିଯୋଗ ଓ ପ୍ରତିକ୍ରିୟା ସଂଗ୍ରହ। ଆବଶ୍ୟକ ପରିସ୍ଥିତିରେ ଥାନା ବା ଚଉଜ ସହ ଯୋଗାଯୋଗ କରିବେ ।ଏହି ହେଲ୍ପ ଡେସ୍କ ଦ୍ୱାରା ପୁରୀ ପୁଲିସ ଏକ ଉତ୍ତରଦାୟୀ ଓ ଲୋକମୁଖୀ ପୋଲିସିଂ ବ୍ୟବସ୍ଥା ଉପସ୍ଥାପନ କରିବ। ପ୍ରତିଦିନ ଏଥିରେ ସଂଗ୍ରହ ହେଉଥିବା ଫିଡବ୍ୟାକ ଅନୁସାରେ ମନ୍ଦିର ପରିସରରେ ନିର୍ବିଘ୍ନ ଦର୍ଶନ ଓ ସୁବିଧା ବୃଦ୍ଧି ପାଇଁ କାର୍ଯ୍ୟ ଗ୍ରହଣ କରାଯିବ ।ଶ୍ରୀଜଗନ୍ନାଥ ଧାମ ଯାତ୍ରାକୁ ଅଧିକ ନିରାପଦ, ସମ୍ମାନଜନକ ଓ ଅଧ୍ୟାତ୍ମିକ ଅନୁଭବ କରାଇବାରେ ଏହି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ପିଙ୍କ ହେଲ୍ପ ଡେସ୍କ ମହିଳା ଓ ପର୍ଯ୍ୟଟକଙ୍କୁ ସ୍ୱାଗତ ଓ ସୁବିଧା ଦେବାରେ ପୁରୀ ପୁଲିସର ଏକ ଅନ୍ତରଙ୍ଗ ପ୍ରୟାସ ହେବ । ଏହି କର୍ଯ୍ୟକ୍ରମକୁ ଅନେକ ଭକ୍ତ ପୁରୀ ପୋଲିସକୁ ଧନ୍ୟବାଦ ଦେଇଛନ୍ତି ଏବଂ ଖୁସିବେକ୍ତ କରିଛନ୍ତି। ଏହି ଉଦଘାଟନରେ ଆରକ୍ଷୀ ଅଧିକ୍ଷକ ବିନୀତ ଅଗ୍ରୱାଲଙ୍କ ସହ ସିଟି ଡ଼ିସପି ପ୍ରଶାନ୍ତ କୁମାର ସାହୁ ଓ ସିଂହଦ୍ୱାର ଥାନା ଅଧିକାରୀ ଶ୍ୱେତପଦ୍ମା ଦାଶ ସହ ଅନ୍ୟ ଅଧିକାରୀ ଉପସ୍ଥିତ ରହିଥିଲେ।

# ବିଷ ପିଇ ମହିଳାଙ୍କ ଆତ୍ମହତ୍ୟା

ଶୁଳିଆପଦା (ଭାସ୍କର ନ୍ୟୁଜ): ଶୁଳିଆପଦା ଥାନା ଅଧିନ ପୋଖରିଆ ଗ୍ରାମର ସମାଇଁ ସୋରେନ୍ ଙ୍କ ସ୍ତ୍ରୀ ଛିତା ହେମ୍ବ୍ରମ(୩୦) ବିଷ ପିଇ ଆତ୍ମହତ୍ୟା କରିଥିବା ଖବର ମିଳିଛି। ଛିତା ଗତ ୧୪ ତାରିଖ ଦିନ ବିଷ ପାନ କରିଥିଲେ। ସେ ବିଷପାନ କରିଥିବା କଥା ଜାଣିବା ପରେ ଘରଲୋକ ତାଙ୍କୁ ବାରିପଦାସ୍ଥିତ ପିଆରଏମ୍ ମେଡିକାଲ କଲେଜ ଓ ହସ୍ପିଟାଲକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ୧୭ ତାରିଖ ରାତିରେ ତାଙ୍କର ମୃତ୍ୟୁ ହୋଇଛି। ଖବର ପାଇ ଶୁଳିଆପଦା ଏଏସଆଇ ସନ୍ତୋଷ କୁମାର ନାୟକ ଡାକ୍ତରଖାନାରେ ପହଞ୍ଚି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପଞ୍ଚନାମା କରି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ବେଳେ ଶୁଳିଆପଦା ଥାନା କେସ୍ ନଂ.୨୨/୨୫ ରେ ଏକ ମାମଲା ରୁଜୁ ହୋଇଛି।

# ଉଚ୍ଚ ନ୍ୟାୟାଳୟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ
# ଶ୍ରୀସମ୍ପତ୍ତିର ସୁରକ୍ଷା ପାଇଁ ପ୍ରଶାସନ ବଦ୍ଧପରିକର

ପୁରୀ (ଭାସ୍କର ନ୍ୟୁଜ) : ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଭୂସମ୍ପତ୍ତି ସମ୍ପର୍କିତ ମାମଲାରେ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ । ଶ୍ରୀମନ୍ଦିର ସମ୍ପତ୍ତି ହସ୍ତାନ୍ତର ପାଇଁ ଗାଇଡଲାଇନ ଆଣିବାକୁ ଜାରି କଲେ ନିର୍ଦ୍ଦେଶନାମା । ପୁରୀ ଜଗନ୍ନାଥ ମନ୍ଦିରର ସମ୍ପତ୍ତିର ସୁରକ୍ଷା ଏବଂ ପରିଚାଳନା ସମ୍ପର୍କରେ ଓଡ଼ିଶା ହାଇକୋର୍ଟ ଓଡ଼ିଶା ସରକାରଙ୍କୁ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି । ଯେଉଁଥିରେ ମନ୍ଦିରର ସମ୍ପତ୍ତିର ବିକ୍ରୟ, ଲିଜ୍, ହସ୍ତାନ୍ତର ଏବଂ ପରିବର୍ତ୍ତନକୁ ନିୟନ୍ତ୍ରଣ କରିବା ପାଇଁ ସ୍ପଷ୍ଟ ଏବଂ ବ୍ୟାପକ ନିର୍ଦ୍ଦେଶନାମା ପ୍ରସ୍ତୁତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଇଛି । ଶ୍ରୀମନ୍ଦିରର ସମ୍ପତ୍ତି ବିବାଦ ସହିତ ଜଡିତ ଏକ ମାମଲାର ଶୁଣାଣି କରି ବିଚାରପତି ଡକ୍ଟର ସଞ୍ଜୀବ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ଗଠିତ ଏକ ଡିଭିଜନ ବେଞ୍ଚ ଏହି ନିର୍ଦ୍ଦେଶନାମା ପ୍ରଦାନ କରିଛନ୍ତି। ତେବେ ଏହାକୁ ନେଇ ଶ୍ରୀମନ୍ଦିର ପ୍ରଶାସନ କହିଛି, କୌଣସି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ବା ଅନୁଷ୍ଠାନର ଲୋଲୁପ ଦୃଷ୍ଟିକୁ ବରଦାସ୍ତ କରାଯିବ ନାହିଁ। ଶ୍ରୀମନ୍ଦିର ଭୂସମ୍ପତ୍ତି ଗୁଡିକର କମ୍ପ୍ୟୁଟରୀକରଣ ସହ ସଂପୂର୍ଣ୍ଣ ସ୍ୱଚ୍ଛତାର ସହ ରାଜ୍ୟ ସରକାରଙ୍କ ସମାନ ନୀତିରେ ଜମିର ସୁରକ୍ଷା କରାଯିବ । ଶ୍ରୀଜଗନ୍ନାଥ ମନ୍ଦିର ଆଇନ୍ ୧୯୫୫ ଅନୁଯାୟୀ ସମସ୍ତ ଜମିର ସୁରକ୍ଷା କରାଯିବ। ଏହି ମାମଲାରେ ମାନ୍ୟବର କୋର୍ଟ ଦେଇଥିବା ନିର୍ଦ୍ଦେଶ ଆଗାମୀ ଦିନରେ ଶ୍ରୀମନ୍ଦିରର ଭୂସମ୍ପତ୍ତି ପରିଚାଳନା କ୍ଷେତ୍ରରେ ଏକ ମାର୍ଗଦର୍ଶକ ସାଜିବ ଏବଂ ଏହାକୁ କଡାକଡି ଭାବେ ଅନୁପାଳନ କରିବାକୁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ବଦ୍ଧପରିକର ବୋଲି ମୁଖ୍ୟ ପ୍ରଶାସକ ମତ ରଖିଛନ୍ତି ।ଖୋର୍ଦ୍ଧା ଜିଲ୍ଲା ଜଟଣି ତହସିଲ କନ୍ତିଆ ମୌଜାର ବହୁମୂଲ୍ୟ ୧୫ ଏକର ଜମିକୁ ନେଇ ନିର୍ଦ୍ଦିଷ୍ଟ ଏକ ସଂସ୍ଥା ପକ୍ଷରୁ ଦାଏର ଏହି ମାମଲାରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ରିଭ୍ୟୁ ପିଟିସନ ଦାଖଲ ହୋଇଥିଲା । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଆଡଭୋକେଟ୍ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ବଳିଷ୍ଠ ଯୁକ୍ତି ବାଢ଼ିଥିବା ବେଳେ, ନିଜେ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଅଦାଲତରେ ହାଜର ହୋଇ ମହାପ୍ରଭୁଙ୍କ ଭୂ-ସମ୍ପତ୍ତିର ସ୍ୱାର୍ଥ ରକ୍ଷା ପାଇଁ ପକ୍ଷ ରଖିଥିଲେ । ଆଡଭୋକୋଟ୍ ଆନନ୍ଦ ଚନ୍ଦ୍ର ସ୍ୱାଇଁ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ମାମଲାର ପରିଚାଳନା କରୁଥିଲେ। ଯାହାର ଶୁଣାଣି କରି ଶ୍ରୀମନ୍ଦିର ପ୍ରଶାସନ ସପକ୍ଷରେ ରାୟ ଦେଇ କୋର୍ଟ ଏଥିପାଇଁ ମାର୍ଗଦର୍ଶିକା ଜାରି କରିବାକୁ କହିଛନ୍ତି ।

# ବିଜେପିର କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ



ରାୟଗଡ଼ା (ଭାସ୍କର ନ୍ୟୁଜ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ବୁଢ଼ାଗୁଡ଼ା ପଞ୍ଚାୟତର କୁମ୍ଭାରଗୁଡ଼ା ଗ୍ରାମ ଛକ ଠାରେ ବିଜେପି ଦଳ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି ଏଥିରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରୀୟ ଜନଜାତି ମୋର୍ଚ୍ଚା ସମ୍ପାଦକ ତଥା କୋରାପୁଟ ଲୋକସଭା ବିଜେପି ସାଂସଦ ପ୍ରାର୍ଥୀ ଶ୍ରୀଯୁକ୍ତ କାଳିରାମ ମାଝୀ ଉପସ୍ଥିତ ରହିଥିବା ବେଳେ ସମ୍ମାନିତ ଅତିଥି ଭାବେ କଲ୍ୟାଣସିଂହପୁର ମଣ୍ଡଳ ସଭାପତି ଅଜିତ୍ ପାଣିଗ୍ରାହୀ, ମଣ୍ଡଳ ସଙ୍ଗଠନ ପ୍ରଭାରୀ ହଳଧର ହିମିରିକା, ସ୍ୱଚ୍ଛ ଭାରତ ଅଭିଯାନ ଜିଲ୍ଲା ସଂଯୋଜକ କୃଷ୍ଣ ସାମଲ , ପୂର୍ବତନ ଜନଜାତି ମୋର୍ଚ୍ଚା କୋଲନରା ମଣ୍ଡଳ ସଭାପତି ସହଦେବ ଜାନି, ଶିକରପାଇ ମଣ୍ଡଳ ସୁନାଖଣ୍ଡି ପଞ୍ଚାୟତ ର ଟାଣୁଆ ନେତା ତଥା ରାଷ୍ଟ୍ରୀୟ ସ୍ୱୟଂ ସହାୟକ ସଙ୍ଘ କର୍ମକର୍ତ୍ତା ଶ୍ରୀ ବିନାୟକ କୁଲିସିକା, ବରିଷ୍ଠ କାର୍ଯ୍ୟକର୍ତ୍ତା ଦାଶରିଆ ପ୍ରାସ୍କା, ପଞ୍ଚାୟତ ପ୍ରମୁଖ ଦାନୁ କାଡ୍ରାକା, କୁମ୍ଭାରଗୁଡ଼ା ଗ୍ରାମ ସାମ୍ନତା କାକାୟା ହିକକା ପ୍ରମୁଖ ମଞ୍ଚାସିନ ରହିଥିଲେ। ପ୍ରଥମେ ଅତିଥି ସ୍ୱାଗତ ସମ୍ବର୍ଦ୍ଧନା ସମାରୋହ ହେବା ପରେ ପ୍ରଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମ ହୋଇଥିଲା, ଏହା ପରେ ଉପସ୍ଥିତ ଅତିଥି ମାନେ ଦଳ ସମ୍ପର୍କିତ ନିଜ ନିଜର ଅଭିଭାଷଣ ରଖିଥିଲେ । ଏହା ପରେ ବୁଢ଼ାଗୁଡ଼ା ଗ୍ରାମ ପଞ୍ଚାୟତର କଣ୍ଡାକୋରା, ବଳଦିଆ, ଗୁରୁତୁଲୀ, କଦଳୀଚୁଆଁ, ଚାମରଯୋଡ଼ି, ଢେପାଗୁଡ଼ା, ପଣସଗୁଡ଼ା, ବୁଢ଼ାଗୁଡ଼ା, ଅଲଣ୍ଡା, କିରାଖାଲ ଗ୍ରାମରୁ ବିଜେଡ଼ି କଂଗ୍ରେସ ବିଏସପି ଦଳ ଛାଡ଼ି ଶତାଧିକ କାର୍ଯ୍ୟକର୍ତ୍ତା ବିଜେପି ଦଳର ଉତ୍ତରୀୟ ଏବଂ ଟୋପି ପିନ୍ଧି ଦଳରେ ସାମିଲ୍ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବୁଢ଼ାଗୁଡ଼ା ପଞ୍ଚାୟତର ବିଶ୍ୱନାଥ ହିକକା, ଗଙ୍ଗାରାଓ ପ୍ରାସ୍କା, ପ୍ରସାଦ ପେରିସିକା, ଚକ୍ରଧର ପ୍ରାସ୍କା, ଦିଲୁ କାଡ୍ରାକା , ନାଗେଶରାଓ କୁଲିସିକା, ହରିହର ହିକକା , ସିମାଞ୍ଚଳ ନାଡିମିଣ୍ଟି ,ସିରିପତି ପେରିଶିକା , ସୋମେଶ୍ୱର କୌଶଲ୍ୟା ବିଶେଷ ସହଯୋଗ କରିଥିବା ବେଳେ ସନ୍ତୋଷ କୁମାର ବଛା ମଞ୍ଚ ପରିଚାଳନା କରିଥିଲେ।

# ଏଫ୍ଏଫସିର ଆର୍ଟ ଅଫ ଗିଭିଙ୍ଗ୍ ଓ ବିଶ୍ୱ ମାତୃ ଦିବସ ପାଳିତ



ଭୁବନେଶ୍ୱର (ଭାସ୍କର ନ୍ୟୁଜ): ୱାକରସ୍ ଇଣ୍ଟରନ୍ୟାସନାଲ୍ ଦ୍ୱାରା ଅନୁବନ୍ଧିତ ଫନ ଆଣ୍ଡ ଫିଟ୍‌ନେସ୍ ୱାକର୍ସ କ୍ଲବ ଚଳିତ ବର୍ଷର ସର୍ଭିସ୍ ପ୍ରୋଜେକ୍ଟ ଆର୍ଟ ଅଫ ଗିଭିଙ୍ଗ ଓ ବିଶ୍ୱ ମାତୃ ଦିବସ ଗତ ୧୪ତାରିଖ ଦିନ ଏନ୍ - ୩ ପାର୍କରେ ଅନୁଷ୍ଠିତ ହୋଇଯାଇଛି। କିଟ୍ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠାତା ଡକ୍ଟର ଅଚ୍ୟୁତ ସାମନ୍ତଙ୍କ ପ୍ରେରଣାରେ ଅନୁପ୍ରାଣିତ ହୋଇ ବ୍ୟାପକ ବୃକ୍ଷ ରୋପଣର ପ୍ରୟାସ ଏବଂ ଅନ୍ୟକୁ କିଛି ସାହାଯ୍ୟ ଓ ସହାନଭୂତିର ବାର୍ତ୍ତା ଉଦ୍ଦେଶ୍ୟରେ କଳିଙ୍ଗ ଟିଭିର ଡେପୁଟି ଏଡ଼ିଟର ସୋମ୍ୟା ପରିଡ଼ାଙ୍କ ସହିତ ଏଫଏଫ୍‌ସି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛି । ଏଥିରେ ୱାକରସ୍ ଇଣ୍ଟରନ୍ୟାସନାଲ୍ ଜୋନ ଚେୟାରପର୍ସନ କେଦାର ପଟ୍ଟନାୟକ, ଏଫଏଫସିର ସଭାପତି ଆଶିଷ ପଟ୍ଟନାୟକ, ବରିଷ୍ଠ ଉପଦେଷ୍ଟା ନିକୁଞ୍ଜ ଛୋଟରାୟ, ପ୍ରେମାନନ୍ଦ ପୃଷ୍ଟି, ଭବାନୀ ପଟ୍ଟନାୟକ, ଭାଇସ ପ୍ରେସିଡେଣ୍ଟ, ପ୍ରଦୀପ ପଣ୍ଡା, ସହ ସଂପାଦକ ସୌଭାଗ୍ୟ ନାୟକ, କୋଷାଧକ୍ଷ ପ୍ରଦୀପ ରାଉତ, ଜଲି ୱାକର ସୁରେନ୍ଦ୍ର ନାଥ ସେଠୀ, ବୈଷ୍ଣବ ଓଝା, କିଷ୍ଟା ନାୟକ, ମନ୍ଦାକିନି ସାହୁ, ସୁମିତ୍ରା ବେହେରା, ମୋନାଲିସା ମହାନ୍ତି, ସଚ୍ଚିଦାନନ୍ଦ ବେହେରା, ରଚେନ୍ଦ୍ର ମହାପାତ୍ର, ସିଦ୍ଧାର୍ଥ ଚୌଧୁରୀ, ପି. ଆର. ଓ ଅମିତା ଜେନା, ସଲମାନ ଖାନ, ବାବୁରାମ ସେଠୀ, ସତ୍ୟବ୍ରତ କାଳିଆ, ତପସ୍ୱିନୀ ସାହୁ, ମୁନିରାମ ମୁଣ୍ଡାରି, ଯଶୋଦା ଭଞ୍ଜ, ପ୍ରତାପ ରାଉତରାୟ, କପିଳାସ ସ୍ୱାଇଁ, ପ୍ରଦୀପ ମହାନ୍ତି, ପ୍ରଫୁଲ୍ଲ ଲେଙ୍କା, ପ୍ରଫୁଲ୍ଲ ବେହେରା, ଡ଼ଃ ଗୋବିନ୍ଦ ଦାସ, ଡ଼ଃ ଶଶିକାନ୍ତ ମିଶ୍ର, ପ୍ରମୁଖ କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତରେ ଉଦ୍‌ଘାଟନ ହୋଇଅଛି। ନିଜ ଆୟର କିଛିକାଂଶ ଅସହାୟ ବ୍ୟକ୍ତିମାନଙ୍କୁ ସାହାଯ୍ୟ ଦେବା, ପକ୍ଷୀ ଓ ପଶୁମାନଙ୍କ ପାଇଁ ଖାଦ୍ୟ ଓ ପାନୀୟ, ପକ୍ଷୀ ମାନଙ୍କ ପାଇଁ କୁତ୍ରିମ ବସା ଓ ମାଙ୍କଡମାନଙ୍କୁ ଫଳ ଯୋଗାଇ ଦିଆଯାଉଛି । ଆର୍ଟ ଏଫ ଗିଭିଙ୍ଗ୍ ଯଦ୍ୱାରା ସମାଜରେ ଏକ ବ୍ୟାପକ ଜନ ସଚେତନତା କରିପାରିବ ବୋଲି କର୍ମକର୍ତ୍ତା ମତ ପ୍ରକାଶ କରିଛନ୍ତି । ବିଶ୍ୱ ମାତୃଦିବସ ସପ୍ତାହ ପାଳନ ଅବସରରେ ଏଫଏଫସିର ଅମିତା ଜେନା, ପ୍ରଣତି ଶତପଥି, ସଂଯୁକ୍ତା ପଣ୍ଡା, ସୁକୁମାର ପରିଡ଼ା, ଡକ୍ଟର ଗୋବିନ୍ଦ ଦାସ, ଡକ୍ଟର ଶଶିକାନ୍ତ ମିଶ୍ର, ଯୋଗ ପ୍ରଶିକ୍ଷକ ମମତା ମହାପାତ୍ର ପ୍ରମୁଖ ମାତୃଜାତି ଉଦ୍ଦେଶ୍ୟରେ ପ୍ରେରଣାତ୍ମକ ଭାଷଣ ଦେଇଥିଲେ ଏବଂ ସମସ୍ତ ଉପସ୍ଥିତ ମାଆ ମାନଙ୍କୁ ବୃକ୍ଷ ପ୍ରଦାନ କରାଯାଇ ଆଗାମୀ ଦିନରେ ବ୍ୟାପକ ବୃକ୍ଷ ରୋପଣ କରାଯିବ ବୋଲି ଏଫଏଫସିର ସଂପାଦକ ସୁଧାକର ଷଡ଼ଙ୍ଗୀ ଜଣାଇଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୧୭ ଜୀବନ୍ତ...

ତାରରୁ ନିଆଁଲାଗି ଅନ୍ୟଆଡକୁ ବ୍ୟାପୀ ଯାଇଥିଲା। ସ୍ଥିତି ଏପରି ହୋଇଥିଲା ଯେ ଲୋକେ ପଦାକୁ ବାହାରି ପାରିନଥିଲେ। ଏହି ଘଟଣାରେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ.ରେବନ୍ତ ରେଡ୍ଡୀ ଗଭୀର ଦୁଃଖ ପ୍ରକାଶ କରିବା ସହ ଆହତମାନଙ୍କୁ ସମସ୍ତ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଘଟଣାରେ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାର ପାଇଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି।

### ଏବେ ଶାନ୍ତି...

କୁହାଯାଇଛି ଯେ ପାକିସ୍ତାନର ଆଚରଣ ଉପରେ ଏହି ଅସ୍ତ୍ରବିରତିର ଭବିଷ୍ୟତ ନିର୍ଭର କରୁଛି। ଅନ୍ୟପକ୍ଷରେ ପାକିସ୍ତାନର ବୈଦେଶିକ ମନ୍ତ୍ରୀ ଇଶାକ ଦାର୍ କହିଛନ୍ତି ଯେ ପାକିସ୍ତାନ ଏହି ଯୁଦ୍ଧବିରତି ପ୍ରତି ପ୍ରତିବଦ୍ଧ ରହିବ ଓ ଦୀର୍ଘକାଳୀନ ଶାନ୍ତି ଆଲୋଚନା ପାଇଁ ବାଟ ଖୋଲିବ। ତେବେ ଏହି ଯୁଦ୍ଧବିରତି ସଫଳ ହେବ କି ନାହିଁ ତାହା ଉଭୟ ଦେଶର ପାରସ୍ପରିକ ସହଯୋଗ ଓ ସୀମାରେ ଶାନ୍ତି ବଜାୟ ରଖିବା ଉପରେ ନିର୍ଭର କରୁଛି ବୋଲି ସେନା ପକ୍ଷରୁ କୁହାଯାଇଛି।

### ୧୭ ସାଂସଦଙ୍କୁ...

ସମ୍ମାନିତ କରାଯିବ। ପ୍ରଥମଟି ଆର୍ଥିକ ସ୍ଥାୟୀ କମିଟି ଓ ଦ୍ୱିତୀୟଟି କୃଷି ଉପରେ ଗଠିତ ହୋଇଥିବା ସ୍ଥାୟୀ କମିଟି। ତେବେ ୧୭ଜଣ ସାଂସଦଙ୍କ ମଧ୍ୟରୁ ସର୍ବାଧିକ ମହାରାଷ୍ଟ୍ରର ୭ଜଣ ସାଂସଦ ଏହି ସମ୍ମାନରେ ସମ୍ମାନିତ ହେବେ। ସୂଚନାଯୋଗ୍ୟ ଯେ ଅର୍ଥକମିଟିର ନେତୃତ୍ୱ ଭର୍ତ୍ତୃହରି ମହତାବଙ୍କ ହାତରେ ଥିବାବେଳେ କୃଷି କମିଟିର ନେତୃତ୍ୱ କଂଗ୍ରେସର ଚରଣଜିତ ସିଂ ଚଇନିଙ୍କ ହାତରେ ରହିଛି।

### ପାକିସ୍ତାନ ସେନା...

ଆର୍ମି ଅଫିସରଙ୍କ ସହ ମିଶି ବିଦେଶ ଟ୍ରିପ୍ କରୁଥିଲେ। ଇଣ୍ଡୋନେସିଆରୁ ଆରମ୍ଭ କରି ଦୁବାଇ, ଭୁଟାନ, ବାଂଲାଦେଶ ଏବଂ ନେପାଳ ଟ୍ରିପ୍‌ରେ ପାକିସ୍ତାନୀ ଅଧିକାରୀଙ୍କ ସହ ଯାଇଥିବା ସୂଚନା ମିଳିଛି। ନିଜ ୟୁଟ୍ୟୁବ ଚାନେଲ ପାଇଁ ଭିଡିଓ ସୁଟ୍ କରିବା କଥା କହି ବିଦେଶ ବୁଲୁଥିଲେ। ହରିଆଣା ହିସାରର ଏହି ଝିଅ ୨୦୨୩ରେ ପ୍ରଥମ ଥର ପାକିସ୍ତାନ ଯାଇଥିଲେ ଓ ଏହାପରଠାରୁ ହିଁ ସେଠାରେ ଗୁଇନ୍ଦାଗିରି କାମ କରୁଥିଲେ। ପ୍ରଥମେ ପୋଲିସକୁ ସେ ବ୍ଲଗର ବୋଲି କହୁଥିଲେ ମଧ୍ୟ ପରେ ତାଙ୍କର ମୁଖା ଖୋଲି ଯାଇଥିଲା। ପାକିସ୍ତାନୀ ଗୁଇନ୍ଦା ସଂସ୍ଥା ସହ ସଂପର୍କ ଥିବା କଥା ସ୍ୱୀକାର କରିଥିଲେ। ତାଙ୍କ ଉପରେ ଅଭିଯୋଗ ଲାଗିଛି କି ଅପରେସନ ସିନ୍ଦୂର ଏବଂ ସେନା ସମ୍ବନ୍ଧୀୟ ଗୋପନୀୟ ତଥ୍ୟ ପାକିସ୍ତାନକୁ ଯୋଗାଉଥିଲେ ଜ୍ୟୋତି। ତେବେ ପୋଲିସ ଅଧିକ ତଦନ୍ତ ପାଇଁ ଅଦାଲତଙ୍କ ଅନୁମତିକ୍ରମେ ତାଙ୍କୁ ୫ ଦିନିଆ ରିମାଣ୍ଡରେ ନେଇଥିବା ସୂଚନା ମିଳିଛି।

### ଗୁଣବତ୍ତା ସହ...

ବିକାଶମୂଳକ ପ୍ରକଳ୍ପ ଯଥା ରାସ୍ତା ଓ ପୋଲ ନିର୍ମାଣ, ପାନୀୟ ଜଳ ଯୋଗାଣ, ଶିକ୍ଷା ଓ ସ୍ୱାସ୍ଥ୍ୟ ଭିତ୍ତିଭୂମି ନିର୍ମାଣରେ ଉଲ୍ଲେଖନୀୟ ପ୍ରଗତି ହୋଇଛି। ଏହା ସହିତ ଜନ ଶୁଣାଣି, ଭତ୍ତା ବଣ୍ଟନ, ବରିଷ୍ଠ ଅଧିକାରୀ ଓ ମନ୍ତ୍ରୀଙ୍କ ପରିଦର୍ଶନ, ମଧ୍ୟାହ୍ନ ଭୋଜନ ଯୋଜନା, ମୁଖ୍ୟମନ୍ତ୍ରୀ ଅନ୍ତ୍ୟୋଦୟ ଯୋଜନା, ମିଶନ ଶକ୍ତି ଇତ୍ୟାଦିରେ ଉଲ୍ଲେଖନିୟ ସଫଳତା ପାଇଁ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ମୁଁ ଅଭିନନ୍ଦନ ଜଣାଉଛି। ଏହି କାର୍ଯ୍ୟଗୁଡ଼ିକ ଜନସାଧାରଣଙ୍କ ଜୀବନଧାରାକୁ ଉନ୍ନତ କରୁଛି। କିଛି ପ୍ରକଳ୍ପରେ ବିଳମ୍ବ ହେଉଥିବା ଜଣାପଡୁଛି। ମୁଁ ନିର୍ଦ୍ଦେଶ ଦେଉଛି ଯେ ସମସ୍ତ ପ୍ରକଳ୍ପ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଶେଷ ହେବା ଆବଶ୍ୟକ। ପ୍ରକଳ୍ପ ସମ୍ପର୍କରେ ସ୍ଥାନୀୟ ଲୋକଙ୍କୁ ଅବଗତ କରାଯାଉ ଏବଂ ସେମାନଙ୍କ ମତାମତକୁ ଗ୍ରହଣ କରାଯାଉ। ଏହା ଦ୍ୱାରା ପ୍ରକଳ୍ପଗୁଡ଼ିକ ଅଧିକ ସ୍ୱଚ୍ଛ ଓ ଲୋକାଭିମୁଖୀ ହେବ ବୋଲି ସେ କହିଥିଲେ। ଜମି ଅଧିଗ୍ରହଣ, ଅର୍ଥ ଯୋଗାଣ ଓ ଜନବଳ ଅଭାବ ଭଳି ଚାଲେଞ୍ଜଗୁଡ଼ିକ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ତେଣୁ, ମୁଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଉଛି ଯେ ଏହି ସମସ୍ୟାଗୁଡ଼ିକର ତୁରନ୍ତ ସମାଧାନ ପାଇଁ ରାଜ୍ୟ ସରକାରଙ୍କ ସହ ସମନ୍ୱୟ କରନ୍ତୁ। ଆବଶ୍ୟକ ହେଲେ ମୁଁ ନିଜେ ଏହି ବିଷୟରେ ହସ୍ତକ୍ଷେପ କରିବି। ବୌଦ୍ଧ ଜିଲ୍ଲାରେ ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା ଓ କୃଷି କ୍ଷେତ୍ରରେ ଅଧିକ ଧ୍ୟାନ ଦେବାର ଆବଶ୍ୟକତା ରହିଛି। ସ୍କୁଲ ଓ ହସ୍ପିଟାଲଗୁଡ଼ିକରେ ଭିତ୍ତିଭୂମି ଉନ୍ନତି ଏବଂ କୃଷକମାନଙ୍କ ପାଇଁ ଆଧୁନିକ ସୁବିଧା ଯୋଗାଇ ଦିଆଯାଉ। ଏହି କ୍ଷେତ୍ରଗୁଡ଼ିକୁ ଅଗ୍ରାଧିକାର ଦିଆଯାଇ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ସମସ୍ତ ସରକାରୀ ଯୋଜନା ଓ ପ୍ରକଳ୍ପଗୁଡ଼ିକରେ ସ୍ୱଚ୍ଛତା ବଜାୟ ରଖିବା ଆମର ମୁଖ୍ୟ ଲକ୍ଷ୍ୟ। ସମସ୍ତ ଅଧିକାରୀ ଏହା ନିଶ୍ଚିତ କରନ୍ତୁ ଯେ ସରକାରୀ ଅର୍ଥର ସଠିକ ବ୍ୟବହାର ହେଉଛି ଏବଂ ଜନସାଧାରଣଙ୍କୁ ଏହାର ସୁଫଳ ମିଳୁଛି। କୌଣସି ଅନିୟମିତତା ଦୃଷ୍ଟିଗୋଚର ହେଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେ ପୁଣି କହିଥିଲେଯେ, ପୂର୍ବ ସରକାର ଏହି ଜିଲ୍ଲା ପ୍ରତି ପାତର ଅନ୍ତର କରିଥିଲେ କିନ୍ତୁ ଆମ ସରକାର, ଏଇ ମୋହନ ସରକାର ପ୍ରତିଶ୍ରୁତିବଦ୍ଧ ଯେ, ଆମେ ବୌଦ୍ଧ ଜିଲ୍ଲାକୁ ଉନ୍ନତିରା ଶିଖର ରେ ପହଞ୍ଚାଇବୁ। ଆଗାମୀ ଦିନରେ ବୌଦ୍ଧ ଜିଲ୍ଲାକୁ ଏକ ଆଦର୍ଶ ଜିଲ୍ଲା ଭାବେ ଗଢ଼ି ତୋଳିବା ଆମର ଲକ୍ଷ୍ୟ। ଏଥିପାଇଁ ନୂଆ ପ୍ରକଳ୍ପ ଯଥା ଶିଳ୍ପ ସ୍ଥାପନ, ପର୍ଯ୍ୟଟନ ବିକାଶ ଓ ନବୀକରଣୀୟ ଶକ୍ତି ଉପରେ ଧ୍ୟାନ ଦିଆଯାଉ। ଏହା ସମ୍ପର୍କରେ ଏକ ବିସ୍ତୃତ ଯୋଜନା ଆଗାମୀ ଏକ ମାସ ମଧ୍ୟରେ ପ୍ରସ୍ତୁତ କରନ୍ତୁ। ଉକ୍ତ ସମୀକ୍ଷା ବୈଠକ କାର୍ଯ୍ୟକ୍ରମରେ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ବିଧାୟକ, ବୌଦ୍ଧ ତଥା ସରକାରୀ ଦଳ ମୁଖ୍ୟ ସଚେତକ, ସରୋଜ କୁମାର ପ୍ରଧାନ, ବିଧାୟକ, କନ୍ଧମାଳ, କହ୍ନାଇ ଚରଣ ଡାଙ୍ଗ, ଆରକ୍ଷୀ ମହା ନିରୀକ୍ଷକ, ନୀତି ଶେଖର, ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା, ଆରକ୍ଷୀ ଅଧିକ୍ଷକ ରାହୁଲ ଗୋଏଲ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ସିଡିଓ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ପ୍ରଶାସନିକ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ପୋଲିସର ତନାଘନା...

ଅନ୍‌ଲାଇନ୍‌ରେ ସାଙ୍ଗ ହୋଇଛି ଏବଂ ଆମେ ଏସମସ୍ତ ଘଟଣାରେ ପୋଲିସକୁ ତଦନ୍ତରେ ନିଶ୍ଚିତ ସହଯୋଗ କରିବୁ। ସେହିପରି ପ୍ରିୟଙ୍କା ନିଜ ଇନଷ୍ଟାଗ୍ରାମରେ ସ୍ପଷ୍ଟିକରଣ ଦେଇ ଲେଖିଛନ୍ତି, ୟୁଟ୍ୟୁବ ମାଧ୍ୟମରେ ମୁଁ ଜ୍ୟୋତିଙ୍କୁ ଚିହ୍ନିଥିଲି। ତାଙ୍କ ସଂପର୍କରେ ଏତେମାତ୍ରାରେ ଅବଗତ ନଥିଲି। ସେ ପାକିସ୍ତାନ ପାଇଁ ଗୁପ୍ତଚର ବୃତ୍ତି କରୁଥିବା ଜାଣିଥିଲେ ମୁଁ କେବେ ବି ତାଙ୍କ ଯୋଗାଯୋଗରେ ଆସିନଥାନ୍ତି। ଏସବୁ ଘଟଣା ଜାଣିବା ପରେ ମୁଁ ଆଶ୍ଚର୍ଯ୍ୟ ଚକିତ ହେଉଛି। ଯଦି କୌଣସି ତଦନ୍ତକାରୀ ସଂସ୍ଥା ମୋତେ ପ୍ରଶ୍ନ ପଚାରନ୍ତି ତେବେ ମୁଁ ସଂପୂର୍ଣ୍ଣ ସହଯୋଗ କରିବି। ଅନ୍ୟପକ୍ଷରେ ପୁରୀ ପୋଲିସ ମଧ୍ୟ ଘଟଣାକୁ ଗୁରୁତ୍ୱର ସହ ନେଇଛି। ପୁରୀ ଏସ୍‌ପି କହିଛନ୍ତି ଯେ ଘଟଣାର ସବୁ ଦିଗକୁ ନେଇ ତଦନ୍ତ କରାଯାଉଛି। ରାଜ୍ୟ ଏବଂ କେନ୍ଦ୍ର ଗୁଇନ୍ଦା ବିଭାଗ ସହ ଆମେ ଯୋଗାଯୋଗରେ ରହିଛୁ। ତଦନ୍ତ ପରେ ସବୁକିଛି ସତ୍ୟ ସାମ୍ନାକୁ ଆସିବ। ପ୍ରିୟଙ୍କାଙ୍କୁ ଏକ ଗୁପ୍ତ ସ୍ଥାନରେ ରଖାଯାଇ ଜେରା କରାଯାଉଛି। ଜ୍ୟୋତିଙ୍କ ଘଟଣା ନେଇ ହରିଆଣା ପୋଲିସ ସହ ମଧ୍ୟ ଯୋଗାଯୋଗରେ ରହିଛୁ। ଏ କ୍ଷେତ୍ରରେ ସାଇବର ଏକ୍ସପର୍ଟଙ୍କ ପରାମର୍ଶ ନିଆଯାଇପାରେ ବୋଲି ଏସ୍‌ପି କହିଛନ୍ତି। ସେହିପରି ପ୍ରିୟଙ୍କାଙ୍କ ପରିବାରବର୍ଗ କହିଛନ୍ତି ଯେ ଆଗେ ଦେଶ, ପରେ ଆମ ଝିଅ। ଯଦି ମୋ ଝିଅ ଦୋଷ କରିଥିବ, ତେବେ ଦଣ୍ଡ ପାଇବା ଉଚିତ ବୋଲି ବାପା କହିଛନ୍ତି। ସେହିପରି ସ୍ଥାନୀୟ ସାହି ବାସିନ୍ଦା କହିଛନ୍ତି ଯେ ଘଟଣାର ଉପଯୁକ୍ତ ତଦନ୍ତ କରାଯାଉ ଏବଂ କାର୍ଯ୍ୟାନୁଷ୍ଠାନ ନିଆଯାଉ।

### ସଫଳ ହେଲାନି...

ପର୍ଯ୍ୟନ୍ତ ଠିକ୍‌ଭାବେ କାର୍ଯ୍ୟ କରିଥିଲା। ମାତ୍ର ତୃତୀୟ ସୋପାନରେ ବାଧା ଉପୁଜିଥିଲା। ସେଥିପାଇଁ ମିଶନ ସଂପୂର୍ଣ୍ଣ ହୋଇପାରି ନଥିଲା। ତେବେ କେଉଁଠି ତ୍ରୁଟି ରହିଲା ତାହା ନିରୀକ୍ଷଣ କରାଯିବା ପରେ ପୁନର୍ବାର ପ୍ରୟାସ କରାଯିବ ବୋଲି ଅଧ୍ୟକ୍ଷ ସୂଚନା ଦେଇଛନ୍ତି। ତୃତୀୟ ପର୍ଯ୍ୟାୟରେ ଯାନ୍ତ୍ରିକ ସମସ୍ୟା ଚିହ୍ନଟ କରାଯାଇଥିଲା। ଫଳରେ ଏହା ଅସଫଳ ହୋଇଥିଲା। ଇସ୍ରୋ ଅଧ୍ୟକ୍ଷ କହିଛନ୍ତି ଯେ ବିଶ୍ଳେଷଣ ପରେ ଆମେ ପୁଣି ଧାରାକୁ ଫେରିଆସିବୁ। ଏହି ଉପଗ୍ରହ ଘନ ବାଦଲ ଏବଂ ରାତି ସମୟରେ ନିରୀକ୍ଷଣ କାର୍ଯ୍ୟ ସଫଳତାର ସହ କରିପାରିବ। ଏହା ଭାରତର ଉପଗ୍ରହ ଆଧାରିତ ନିରୀକ୍ଷଣ କ୍ଷମତାକୁ ମଧ୍ୟ ଅଧିକ ସୁଦୃଢ଼ କରିପାରିବ। ୧୬୯୬ କିଲୋଗ୍ରାମ ଓଜନ ବିଶିଷ୍ଟ ଇଓଏସ୍-୯ ରାଡାର ଇମେଜିଂ ଉପଗ୍ରହ ପୃଥିବୀ ପୃଷ୍ଠରୁ ୫୦୦ କିମି ଉପରେ ଅବସ୍ଥାପିତ ହେବ। ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏହି ଗୁପ୍ତଚର ଉପଗ୍ରହ ବେଙ୍ଗାଲୁରୁରେ ଥିବା ଇସ୍ରୋର ୟୁଆରରାଓ ଉପଗ୍ରହ କେନ୍ଦ୍ରଦ୍ୱାରା ଡିଜାଇନ କରାଯାଇଛି। ଏଥିରେ ଏକ ସି-ବ୍ୟାଣ୍ଡ ସିନ୍ଥେଟିକ ଆର୍ପେଚର ରାଡାର ଲଗାଯାଇଛି, ଯାହା ସମସ୍ତ ପାଣିପାଗ ସ୍ଥିତିରେ ଏବଂ କମ୍ ଆଲୋକରେ ମଧ୍ୟ ପୃଥିବୀ ପୃଷ୍ଠର ଉଚ୍ଚ ରିଜୋଲ୍ୟୁସନ ଫଟୋ ଉଠାଇବାରେ ସକ୍ଷମ ହୋଇପାରିବ।

# ଆଇନ ସଚେତନତା କାର୍ଯ୍ୟକ୍ରମ



ରାୟଗଡ଼ା (ଭାସ୍କର ନ୍ୟୁଜ): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରା ଜଜ୍ ସତ୍ୟନାରାୟଣ ଷଡଙ୍ଗୀଙ୍କ ପରାମର୍ଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଆନୁକୁଲ୍ୟରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ର ସଚିବ ସୁବ୍ରତ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଶନିବାର ଅପରାହ୍ନ ୫.୦୦ ସମୟରେ ସ୍ଥାନୀୟ ରାୟଗଡା ମୁନିସିପାଲିଟି ପରିସରରେ ଥିବା ଶ୍ରୀରାମନଗରରେ ଜାତୀୟ ଆଇନ ସେବା ପ୍ରାଧିକରଣର ଟୋଲଫ୍ରି ନମ୍ବର, ଅନଲାଇନ ଠିକଣା ଓ ରାଜ୍ୟ ଆଇନ ସେବା ପ୍ରାଧିକରଣ ଦ୍ୱାରା ପ୍ରଦାନ କରାଯାଉଥିବା ବିଭିନ୍ନ ସହାୟତା ଉପରେ ଏକ ଆଇନ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅନ୍ୟ ପ୍ରମୁଖ ଅତିଥି ମାନଙ୍କ ମଧ୍ୟରେ ରାୟଗଡା ବାର ଆସୋସିଏସନର ଆଇନଜୀବୀ ସାମୁଏଲ ତାଣ୍ଡି, ଦେବରାଜ ନାୟକ, ଶ୍ରୀରାମନଗର ର ସଭାପତି ଧନିରାମ ନାଏକ, ଉପସଭାପତି ବୃନ୍ଦାବନ ନାଏକ ଓ ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ସୁବ୍ରତ ଆଚାର୍ଯ୍ୟ ନିଜର ବକ୍ତବ୍ୟରେ ଜାତୀୟ ଆଇନ ସେବା ପ୍ରାଧିକରଣର ଟୋଲଫ୍ରି ନମ୍ବର, ଅନଲାଇନରେ କେମିତି ନିଜର ଅଭିଯୋଗ ଦାଖଲ କରିବା ତାହା ଜନସାଧାରଣଙ୍କୁ ଜଣାଇଥିଲେ । ବିଭିନ୍ନ ଅସୁବିଧା ସମୟରେ ଏହାର ସୁବିଧା ନେବା ପାଇ କହିଥିଲେ । ସେହିପରି ଉପସ୍ଥିତ ଥିବା ସାମୁଏଲ ତାଣ୍ଡି ନିଜର ବକ୍ତବ୍ୟରେ ସରକାରଙ୍କ ତରଫରୁ ଉପଲବ୍ଧ ଥିବା ବିଭିନ୍ନ ଜନ କଲ୍ୟାଣକାରୀ କାର୍ଯ୍ୟକ୍ରମ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ । କାର୍ଯ୍ୟକ୍ରମ ପରିଶେଷରେ ଏକ ଖୋଲା ଆଲୋଚନାରେ ଉପସ୍ଥିତ ଅତିଥିମାନେ ଅଂଶଗ୍ରହଣକାରୀ ମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ ଓ ପରିଶେଷରେ ଦେବରାଜ ନାୟକ ଉପସ୍ଥିତ ଅତିଥିମାନଙ୍କୁ ଧନ୍ୟବାଦ ପ୍ରଦାନ କରିବା ସହିତ ନିଜର ବକ୍ତବ୍ୟରେ ବିଭିନ୍ନ ଅସୁବିଧା ସମୟରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ର ଦ୍ୱାରସ୍ଥ ହେବା ପାଇ ସମସ୍ତ ଜନସାଧାରଣ ମାନଙ୍କୁ ବୁଝାଇଥିଲେ । ସର୍ବୋପରି ଏହି କାର୍ଯ୍ୟକ୍ରମରେ ଶ୍ରୀରାମନଗର ର ସମସ୍ତ ଜନସାଧାରଣ ଓ ଅତିଥି ମାନଙ୍କର ଉପସ୍ଥିତି ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ସୁବ୍ରତ ଆଚାର୍ଯ୍ୟଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ସଫଳତାର ସହିତ ଶେଷ ହୋଇଛି ।

# ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବୈଠକ

କାକଟପୁର (ଭାସ୍କର ନ୍ୟୁଜ): କାକଟପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରାଙ୍ଗଣରେ ପୁରୀ ଜିଲ୍ଲା ର କାକଟପୁର ଓ ଗୋପ ଖଣ୍ଡ ର ପ୍ରାରମ୍ଭିକ ବର୍ଗ ବୈଠକ ତିନି ଦିନ ବ୍ୟାପି ଅନୁଷ୍ଠିତ ହୋଇଯାଇଛି। ଏଥିରେ (୫୦) ଉର୍ଦ୍ଧ ଶିକ୍ଷାର୍ଥୀ ଯୋଗ ଦେଇ ଶାରୀରିକ, ମାନସିକ ଓ ବୌଦ୍ଧିକ ସମ୍ବନ୍ଧୀୟ ଶିକ୍ଷା ଗ୍ରହଣ କରିଥିଲେ । ଅବସର ପ୍ରାପ୍ତ ଶିକ୍ଷକ ନଟବର ସ୍ୱାଇଁ ସମସ୍ତ କାର୍ଯ୍ୟ ତୁଲାଇ ଥିଲେ । କାକଟପୁର ଓ ଗୋପ ର ରାଷ୍ଟ୍ରୀୟ ସ୍ୱୟଂ ସେବକ ଭାଇ ମାନେ ଓ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିଚାଳନା କମିଟି ର ସଭ୍ୟ ମାନେ କାର୍ଯ୍ୟକ୍ରମ କୁ ସଫଳ କରିବା ପାଇଁ ପୂର୍ଣ୍ଣ ସହଯୋଗ କରିଥିଲେ ।

# ମୋଟର ସାଇକେଲରୁ ପଡି ଦୁଇ ଆହତ

ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ): ଲକ୍ଷ୍ମୀପୁର ବ୍ଲକ କେସକାପାଡ଼ି ଅଞ୍ଚଳରେ ଆଜି ର୍କ ଅଘଟଣ ଘଟି ଯାଇଛି। ତିନିଜଣ ଏକ ମାଟର ସାଇକଲରୁ ପଡି ଗୁରୁତର ଆହତ ହୋଇଛନ୍ତି। ଘଟଣା ଟି କେସ୍କାପାଡ଼ି ମେଡିକାଲ ଆଗରେ ଘଟିଛି। ଘଟଣା ସ୍ଥଳରେ ତିନିଜଣ ଯାକ ରାସ୍ତାରେ ପଡି ଛଟପଟ ହେଉଥିବା ଦେଖି କିଛି ଲୋକ ସେମାନଙ୍କୁ ଉଦ୍ଧାର କରି ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ଆହତ ମାନଙ୍କ ମଧ୍ୟରେ ସରୋଜ ମାଣ୍ଡିଙ୍ଗା ଓ ପିଣ୍ଟୁ ମାଣ୍ଡିଙ୍ଗା ଙ୍କୁ ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ଗୁରୁତର ଥିବା ରଞ୍ଜନ ମାଣ୍ଡିଙ୍ଗାଙ୍କୁ କୋରାପୁଟ ଏସଏଲଏନ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିବା ଜଣା ପଡିଛି ।ଆହତ ମାନଙ୍କ ଘର ଭିତରଗୁଡା ଗାଁ ବୋଲି ଜଣାପଡିଛି। ଭିତରଗୁଡା ଗ୍ରାମର ଅନେକ ଲୋକ କେସକାପାଡ଼ି ଗାଁ ରେ ଚାଲିଥିବା ଏକ ଭୋଜିରେ ଯୋଗ ଦେଇ ଥିବା ବେଳେ ସରୋଜ,ପିଣ୍ଟୁ ଓ ରଞ୍ଜନ ଭୋଜି ଖାଇ ଫେରିବା ବାଟରେ ମୋଟର ସାଇକେଲ ଦୁର୍ଘଟଣା ହୋଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି।

# ବାପାର ଟାଙ୍ଗିଆ ଚୋଟରେ ଝିଅ ଗୁରୁତର

ଲହୁଣୀପଡ଼ା (ଭାସ୍କର ନ୍ୟୁଜ): ଘରୋଇ କଳି କୁ କେନ୍ଦ୍ର କରି ହତ୍ୟା ଉଦ୍ୟମ। ଅଳ୍ପକେ ବର୍ତ୍ତିଛନ୍ତି ଝିଅ। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ସୁନ୍ଦରଗଡ଼ ଜିଲ୍ଲାର ଲହୁଣୀପଡ଼ା ବ୍ଲକ ଗଦାପାଲି ଗ୍ରାମ ରେ। ମିଳିଥିବା ସୂଚନା ରୁ ପ୍ରକାଶ ଯେ ଲହୁଣୀପଡ଼ା ଥାନା ଅନ୍ତର୍ଗତ ଗଦାପାଲି ଗ୍ରାମ ଅର୍ଜୁନ ରଣା (୬୦) ଓ ତାଙ୍କର ସ୍ତ୍ରୀ ଙ୍କ ମଧ୍ୟ ରେ କୌଣସି କାରଣରୁ ଝଗଡ଼ା ହୋଇ ଥିଲା। ଝଗଡ଼ା ଉଗ୍ରରୂପ ନେଇ କଥା ଟାଙ୍ଗିଆ ପର୍ଯ୍ୟନ୍ତ ଯାଇଥିଲା। ଅର୍ଜୁନ ଉତ୍ୟକ୍ତ ହୋଇ ଏକ ଟାଙ୍ଗିଆ ରେ ନିଜ ସ୍ତ୍ରୀଙ୍କୁ ଜାଣିବାକୁ ଉଦ୍ୟମ କରୁଥିବା ବେଳେ (୧୨) ର ଝିଅ ସସ୍ମିତା ଆଗକୁ ଆସିଯାଇଥିଲା ଫଳରେ ଝିଅର ବେକ ପଛ ପଟକୁ ଟାଙ୍ଗିଆ ଚୋଟ ବାଜି ଯାଇଥିଲା। ଏବଂ ଝିଅ ତଳେ ପଡ଼ିଯାଇଥିଲା ।ସଙ୍ଗେ ସଙ୍ଗେ ତାକୁ ବଣାଇ ଡାକ୍ତର ଖାନା କୁ ପାଠ ଯାଇଥିବା ବେଳେ ପ୍ରାଥମିକ ଚିକିତ୍ସା କରି ଅବସ୍ଥା ସଂକଟାପନ୍ନ ହେବାରୁ ତୁରନ୍ତ ରାଉରକେଲା ଆର୍ ଜି ଏଚ କୁ ସ୍ଥାନାନ୍ତରିତ କରାଯାଇଥିଲା। ଘଟଣା ସଂପର୍କରେ ପୋଲିସ ଖବର ପାଇ ଘଟଣା ସ୍ଥଳକୁ ପହଞ୍ଚି ଘଟଣା ତଦନ୍ତ ଜାରିରଖିଛି।

**AFFIDAVIT**

By virtue of an affidavit sworn before the Executive Magistrate, Chilika, dated: 16.05.2025, I, Rajani Rani Sahoo, Address: At-Khadikapalli, Po- Barkul, Ps-Balugaon, Dist-Khordha, Odisha, PIN-752030, declare that I have changed my son's name from Abhijeet Shoo to Abhijeet Sahoo. Henceforth, he shall be known as Abhijeet Sahoo for all purposes.

**Sd/- Rajani Rani Sahoo**

**AFFIDAVIT**

By virtue of an affidavit sworn before the Executive Magistrate, Puri, dated: 07.05.2025, I, Prasadini Bej, Address: At- Swetaganga Lane, Balisahi, Po- Puri, Ps-Puri Town, Dist- Puri, Odisha, PIN-752001, declare that I have changed my daughter's name from Rupashree Beja to Itishree Beja. Henceforth, She shall be known as Itishree Beja for all purposes.

**Sd/- Prasadini Bej**

**OFFICE OF THE NOTIFIED AREA COUNCIL, RAMBHA** C-346
**Tender Reference No. RMB-02-NAC/2025-26**

**Letter No 1032** **Date: 15.05.2025**

The Rambha NAC invites online bid in single cover system through e-procurement as mentioned below.

- Total number of works: 12 Nos
- Value of works- Rs.92873/- to Rs. 1986770/-
- Date and time of availability of bid documents in the portal from 10AM of 19.05.2025 to 5 PM of 29.05.2025
- Last date of receipt of bids in the portal dt. 29.05.2025 upto 5.00 PM
- Last date of submission of documents in the office of Rambha NAC is upto 11.00 AM of Dt. 30.05.2025 however participation on line is mandatory.
- Date of opening of e-tender: Dt. 30.05.2025 at 11.00 AM
- Further details can be seen from the website: https://tendersodisha.gov.in

**Sd/- Executive Officer**
**NAC, Rambha**

**OIPR 13114/11/0034/2526**



ନୂଆଦିଲ୍ଲୀ: ଆମେରିକାରେ ଭୟଙ୍କର ଘୂର୍ଣ୍ଣିଝଡ଼। କେଣ୍ଟୁକି ଓ ମିସୌରୀ ଅଧିକ ପ୍ରଭାବିତ ହୋଇଛନ୍ତି । ୨୭ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୨ରୁ ଅଧିକ ଆହତ ହୋଇଛନ୍ତି । ଶୁକ୍ରବାର ବିଳମ୍ବିତ ରାତିରେ ଲରେଲ୍ କାଉଣ୍ଟିରେ ଏକ ଘୂର୍ଣ୍ଣିବାତ୍ୟା ଆସିବା ପରେ ଅନେକ ଲୋକ ଗୁରୁତର ଆହତ ହୋଇଥିବା କେଣ୍ଟୁକି ଅଧିକାରୀମାନେ କହିଛନ୍ତି। ଦକ୍ଷିଣ ଆମେରିକାର କେଣ୍ଟକିରେ ୧୮ ଜଣଙ୍କ ମୃତ୍ୟୁ ହୋଇଥିଲା ବେଳେ ମିସୌରୀରେ ୯ଜଣଙ୍କ ଜୀବନ ଯାଇଛି । ମୃତ୍ୟୁସଂଖ୍ୟା ଆହୁରି ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି। ଫସିଥିବା ଲୋକଙ୍କର ଉଦ୍ଧାରକାର୍ଯ୍ୟ ଜାରି ରହିଛି । ୫ ହଜାର କୋଠା କ୍ଷତିଗ୍ରସ୍ତ ଓ ବିଦ୍ୟୁତ ଖୁଣ୍ଟ ଉପୁଡ଼ି ପଡ଼ିଥିଲା । ସହରରେ ଜରୁରିକାଳୀନ ପରିସ୍ଥିତି ଘୋଷଣା ପ୍ରକ୍ରିୟା ଚାଲିଛି ଏବଂ ସର୍ବାଧିକ କ୍ଷତିଗ୍ରସ୍ତ ଅଞ୍ଚଳରେ କର୍ଫ୍ୟୁ ଜାରି କରାଯାଇଛି। କେଣ୍ଟକୀ ଗଭର୍ଣ୍ଣର ଆଣ୍ଡି ବେସିୟର ନିଜ ସୋସିଆଲ ମିଡିଆ ଏକ୍ସରେ ଏହି ସୂଚନା ଦେଇଛନ୍ତି । ସେଥିରେ ସେ ଲେଖିଛନ୍ତି ଘୂର୍ଣ୍ଣିଝଡ ଯୋଗୁ ବ୍ୟାପକ କ୍ଷୟକ୍ଷତି ଘଟିଛି । ଘରଦ୍ୱାର ଭାଙ୍ଗିବା ସହ ଗଛ ଉପୁଡ଼ି ପଡ଼ିଛି ।

## ପାକିସ୍ତାନ ଆଗରେ ୧୧ କଡ଼ା ସର୍ତ୍ତ ରଖିଲା ଆଇଏମ୍ଏଫ୍




ନ୍ୟୁୟର୍କ: ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମଏଫ) ପାକିସ୍ତାନ ଉପରେ ଏହାର ରିଲିଫ୍ କାର୍ଯ୍ୟକ୍ରମର ପରବର୍ତ୍ତୀ ପର୍ଯ୍ୟାୟ ଜାରି କରିବା ପାଇଁ ୧୧ଟି ନୂତନ ସର୍ତ୍ତ ଲାଗୁ କରିଛି। ଏହା ସହିତ, ଆଇଏମଏଫ ପାକିସ୍ତାନକୁ ଚେତାବନୀ ଦେଇଛି ଯେ ଭାରତ ସହିତ ଉତ୍ତେଜନା ଯୋଜନାର ଆର୍ଥିକ, ବାହ୍ୟ ଏବଂ ସଂସ୍କାର ଲକ୍ଷ୍ୟ ପ୍ରତି ବିପଦ ବୃଦ୍ଧି କରିପାରେ। ରବିବାର ଏକ ଗଣମାଧ୍ୟମ ରିପୋର୍ଟରେ ଏହି ସୂଚନା ଦିଆଯାଇଛି। ନୂଆ ସର୍ତ୍ତ ମଧ୍ୟରେ ପାକିସ୍ତାନ ଉପରେ ଲାଗୁ ହୋଇଥିବା ନୂତନ ସର୍ତ୍ତଗୁଡ଼ିକ ମଧ୍ୟରେ ୧୭,୬୦୦ ବିଲିୟନ ଟଙ୍କାର ନୂତନ ବଜେଟକୁ ସଂସଦର ଅନୁମୋଦନ, ବିଦ୍ୟୁତ୍ ବିଲ୍ ଉପରେ ଋଣ ପରିଶୋଧ ସରଚାର୍ଜ ବୃଦ୍ଧି ଏବଂ ତିନି ବର୍ଷରୁ ପୁରୁଣା କାର ଆମଦାନୀ ଉପରେ ପ୍ରତିବନ୍ଧକ ଉଠାଇବା ଅନ୍ତର୍ଭୁକ୍ତ। ପାକିସ୍ତାନ ଉପରେ ଲାଗୁ ହୋଇଥିବା ନୂତନ ସର୍ତ୍ତଗୁଡ଼ିକ ମଧ୍ୟରେ ୧୭,୬୦୦ ବିଲିୟନ ଟଙ୍କାର ନୂତନ ବଜେଟକୁ ସଂସଦର ଅନୁମୋଦନ, ବିଦ୍ୟୁତ୍ ବିଲ୍ ଉପରେ ଋଣ ପରିଶୋଧ ସରଚାର୍ଜ ବୃଦ୍ଧି ଏବଂ ତିନି ବର୍ଷରୁ ପୁରୁଣା କାର ଆମଦାନୀ ଉପରେ ପ୍ରତିବନ୍ଧକ ଉଠାଇବା ଅନ୍ତର୍ଭୁକ୍ତ। ଏକ୍ସପ୍ରେସ୍ ଟ୍ରିବ୍ୟୁନ୍ ଖବରକାଗଜ ରିପୋର୍ଟ କରିଛି ଯେ ଶନିବାର (୧୭ ମଇ, ୨୦୨୫) ଆଇଏମଏଫ ଦ୍ୱାରା ପ୍ରକାଶିତ କର୍ମଚାରୀ ସ୍ତରୀୟ ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ବଢ଼ୁଥିବା ଉତ୍ତେଜନା କାର୍ଯ୍ୟକ୍ରମର ଆର୍ଥିକ, ବାହ୍ୟ ଏବଂ ସଂସ୍କାର ଲକ୍ଷ୍ୟ ପ୍ରତି ବିପଦ ବଢ଼ାଇପାରେ।

## ଆରମ୍ଭ ହେବ କୈଳାଶ ମାନସରୋବର ଯାତ୍ରା



ନୂଆଦିଲ୍ଲୀ: କୈଳାଶ ମାନସରୋବର ଯାତ୍ରା ଚଳିତ ବର୍ଷ ପୁଣି ଆରମ୍ଭ ହେବ। ଏହି ଯାତ୍ରା ଜୁନ ମାସରେ ନାଥୁଲା ରୁଟ ଦେଇ ଆରମ୍ଭ ହେବ। ଏଥି ପାଇଁ ଏବେ ଯୁଦ୍ଧକାଳୀନ ଭିତ୍ତିରେ ପ୍ରସ୍ତୁତି ଚାଲିଛି। ୨୦୧୭ରେ ଡୋକଲାମ ଗତିରୋଧ ଓ ୨୦୧୯ କୋଭିଡ ମହାମାରୀ ଲାଗି କୈଳାଶ ମାନସରୋବର ଯାତ୍ରା ୫ ବର୍ଷ ଧରି ବନ୍ଦ ଥିଲା। ତେବେ ଚଳିତବର୍ଷରୁ ଯାତ୍ରା ପୁଣି ଆରମ୍ଭ ହେବ ଏଥି ପାଇଁ ସିକ୍କିମରେ ଭାରତ-ଚୀନ୍ ସୀମା ମଧ୍ୟରେ ଚୂଡ଼ାନ୍ତ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭିତ୍ତିଭୂମି ସଂରଚନା ଉପରେ ଗୁରୁତ୍ୱ ଦିଆଯାଇଥିବା ବେଳେ ନିର୍ମାଣ କାମ ଶ୍ରମ ଅଧିକାରୀ ସୁନୀଲ କୁମାରଙ୍କ ଦ୍ୱାରା ଜାରି ରହିଛି । ଏଥିରେ ଅନୁକୂଳନ କେନ୍ଦ୍ରଗୁଡିକର ପୁନରୁଦ୍ଧାର ଆଗାମୀ ୩ରୁ ୪ ଦିନରେ ସରିଯିବ ବୋଲି ସେ କହିଛନ୍ତି। ଏଥର ଯାତ୍ରା ନିମନ୍ତେ ରାସ୍ତା ସମେତ ଅନୁକୂଳନ କେନ୍ଦ୍ର ସ୍ଥାପିତ କରାଯାଉଛି। ଏହି ସବୁ କେନ୍ଦ୍ରମାନଙ୍କରେ୫୦ରୁ ୬୦ ଜଣ ଲୋକ ରହି ପାରିବେ। ଏଥି ପାଇଁ ମାର୍ଗରେ ଦୁଇଟି ଅନୁକୂଳନ କେନ୍ଦ୍ର ସ୍ଥାପନ କରାଯାଇଛି। ଏଥିରୁ ଗୋଟିଏ ୧୬ ମାଇଲ (୧୦,୦୦୦ ହଜାର ଫୁଟ) ଉପରେ ସ୍ଥାପିତ ହୋଇଥିବା ବେଳେ ଅନ୍ୟଟି ୧୪ହଜାର ଫୁଟ ଉପରେ ହଙ୍ଗୁ ପୁଷ୍କରିଣୀ ନିକଟ କୁପୁ ରୋଡରେ ସ୍ଥାପିତ ହୋଇଛି। ପ୍ରତ୍ୟେକ କେନ୍ଦ୍ରରେ ଦୁଇଟି ପାଞ୍ଚ ଶଯ୍ୟାର ଓ ୨ଟି ଦୁଇ ଶଯ୍ୟାର ଘର ରହିବ। ଏହା ସହିତ ତୀର୍ଥ ଯାତ୍ରୀଙ୍କ ଲାଗି ଗୋଟିଏ ଚିକିତ୍ସା କେନ୍ଦ୍ର, କାର୍ଯ୍ୟାଳୟ ଓ ରୋଷେଇ ସମେତ ଅନ୍ୟ ଆବଶ୍ୟକ ସୁବିଧା ମଧ୍ୟ ରହିବ। ୨୦୧୬ ଯାତ୍ରାରେ ଅଂଶଗ୍ରହଣ କରିଥିବା ଆଇ.କେ. ରସୈଲୀ ଯାତ୍ରା ପୁଣି ଆରମ୍ଭ ହୋଇଥିବାରୁ ଖୁସି ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ପର୍ଯ୍ୟଟନ ପୁଣି ଆରମ୍ଭ ହେବ ଓ ସ୍ଥାନୀୟ ଲୋକଙ୍କ ଜୀବିକା ସୁଗମ ହେବ। ଭଲ ସଡ଼କ ଯୋଗାଯୋଗ କାରଣରୁ ସିକ୍କିମ ମାର୍ଗ ସବୁଠୁ ସୁରକ୍ଷିତ ଓ ସୁଲଭ ବୋଲି କୁହାଯାଉଛି। ଯାତ୍ରା ନିମନ୍ତେ ନାଥୁଲା ମାର୍ଗକୁ ପୁଣି ଖୋଲିବା ପାଇଁ ସିକ୍କିମ ରାଜ୍ୟସଭା ସାଂସଦ ଡି.ଟି.ଲେପଚା ସଂସଦରେ ଉଠାଇଥିଲେ। ଭାରତ ସରକାର ଓ ସିକ୍କିମ ସରକାରଙ୍କ ପକ୍ଷରୁ ସମନ୍ୱିତ ପ୍ରୟାସ ଆରମ୍ଭ ହୋଇଥିଲା। ନାଥୁଲା ରାସ୍ତାରେ ଯାତ୍ରା ପୁଣି ଆରମ୍ଭ କରିବା ନା କେବଳ ତୀର୍ଥ ଯାତ୍ରୀଙ୍କ ନିମନ୍ତେ ଏକ ଆଧ୍ୟାତ୍ମିକ ମାର୍ଗ ଖୋଲିବ ବରଂ ପର୍ଯ୍ୟଟନକୁ ପ୍ରୋତ୍ସାହନ ମଧ୍ୟ ମିଳିବ।

## ଦୁର୍ଘଟଣାରେ ଗଲା ୩ ଜୀବନ

ରାଞ୍ଚି: ବିହାରର ନୱାଡାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ରବିବାର ଅର୍ଥାତ୍ ୧୮ ମେ'ରେ ଦ୍ରୁତ ଗତିରେ ଆସୁଥିବା ଟ୍ରକଟି କାରଟିକୁ ଜୋରରେ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ତିନି ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଦୁଇ ଜଣ ଆହତ ହୋଇଛନ୍ତି। କୁହାଯାଉଛି ଯେ କାରରେ ପାଞ୍ଚ ଜଣ ଥିଲେ। ଧକ୍କାର ଶବ୍ଦ ଶୁଣି ଗାଁ ଲୋକଙ୍କ ଭିଡ଼ ଜମିଗଲା। କାର ଭିତରେ ଫସି ରହିଥିବା ଲୋକଙ୍କୁ ବାହାର କରାଯାଇଥିଲା। ଗାଁ ଲୋକେ ଦୁର୍ଘଟଣା ବିଷୟରେ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଡାକ୍ତରଖାନାକୁ ନେଇଥିଲା। ଘଟଣାସ୍ଥଳରୁ ତିନୋଟି ମୃତଦେହ ଉଦ୍ଧାର କରାଯାଇଛି। ପୋଲିସ ମୃତଦେହ ଗୁଡ଼ିକୁ ପୋଷ୍ଟମର୍ଟମ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି।

## ୟୁକ୍ରେନ୍ ଉପରେ ୨୭୩ ଡ୍ରୋନ୍ ଆକ୍ରମଣ

କିବ୍: ରବିବାର ପ୍ରତ୍ୟୁଷରେ ରୁଷ ୟୁକ୍ରେନ ଉପରେ ଏପର୍ଯ୍ୟନ୍ତର ସବୁଠାରୁ ବଡ଼ ଏବଂ ଆକ୍ରମଣାତ୍ମକ ଡ୍ରୋନ୍ ଆକ୍ରମଣ କରିଛି। ଏହି ଆକ୍ରମଣ ଡ୍ନିପ୍ରୋପେଟ୍ରୋଭସ୍କ ଏବଂ ଡୋନେସ୍କ ଅଞ୍ଚଳକୁ ଦୋହଲାଇ ଦେଇଥିଲା। ଏହି ଆକ୍ରମଣ ୟୁକ୍ରେନର ପ୍ରତିରକ୍ଷା ବ୍ୟବସ୍ଥା ପାଇଁ ସମସ୍ୟା ସୃଷ୍ଟି କରିଥିଲା ଏବଂ ସାଧାରଣ ନାଗରିକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଥିଲା। ଏହି ସମୟରେ, ରୁଷ ରାଷ୍ଟ୍ରପତି ପୁଟିନ କହିଛନ୍ତି ଯେ ସେ ୟୁକ୍ରେନରେ 'ସଂଘର୍ଷର କାରଣଗୁଡ଼ିକୁ ଦୂର କରିବାକୁ' ଏବଂ ରୁଷର ସୁରକ୍ଷା ସୁନିଶ୍ଚିତ କରିବାକୁ ଚାହାଁନ୍ତି। ୟୁକ୍ରେନର ବାୟୁସେନା ପ୍ରକାଶ କରିଛି ଯେ ରୁଷ ରାତାରାତି ମୋଟ ୨୭୩ଟି ବିସ୍ଫୋରକ ଡ୍ରୋନ୍ ଏବଂ ଡିକଏ ମାଡ଼ କରିଛି, ଯାହା ଯୁଦ୍ଧ ଆରମ୍ଭ ହେବା ପରଠାରୁ ଗୋଟିଏ ରାତିରେ ସବୁଠାରୁ ବଡ଼ ଡ୍ରୋନ୍ ଆକ୍ରମଣ। ଏଥିମଧ୍ୟରୁ ୮୮ଟି ଡ୍ରୋନକୁ ୟୁକ୍ରେନୀୟ ପ୍ରତିରକ୍ଷା ବାହିନୀ ଗୁଳି କରି ଖସାଇ ଦେଇଥିଲା, ଯେତେବେଳେ ଅନ୍ୟ ୧୨୮ଟି ଇଲେକ୍ଟ୍ରୋନିକ୍ ଜାମିଂ ଯୋଗୁଁ ନିଖୋଜ ହୋଇଯାଇଥିଲା। ୟୁକ୍ରେନର ବାୟୁସେନା ପ୍ରକାଶ କରିଛି ଯେ ରୁଷ ରାତାରାତି ମୋଟ ୨୭୩ଟି ବିସ୍ଫୋରକ ଡ୍ରୋନ୍ ଏବଂ ଡିକଏ ମାଡ଼ କରିଛି, ଯାହା ଯୁଦ୍ଧ ଆରମ୍ଭ ହେବା ପରଠାରୁ ଗୋଟିଏ ରାତିରେ ସବୁଠାରୁ ବଡ଼ ଡ୍ରୋନ୍ ଆକ୍ରମଣ। ଏଥିମଧ୍ୟରୁ ୮୮ଟି ଡ୍ରୋନକୁ ୟୁକ୍ରେନୀୟ ପ୍ରତିରକ୍ଷା ବାହିନୀ ଗୁଳି କରି ଖସାଇ ଦେଇଥିଲା, ଯେତେବେଳେ ଅନ୍ୟ ୧୨୮ଟି ଇଲେକ୍ଟ୍ରୋନିକ୍ ଜାମିଂ ଯୋଗୁଁ ନିଖୋଜ ହୋଇଯାଇଥିଲା। ଆକ୍ରମଣରେ ବ୍ୟବହୃତ ଡ୍ରୋନ ସଂଖ୍ୟା ରୁଷର ପୂର୍ବ ବୃହତ୍ତମ ଡ୍ରୋନ ଆକ୍ରମଣ ରେକର୍ଡକୁ ମଧ୍ୟ ଅତିକ୍ରମ କରିଛି। ଯୁଦ୍ଧ ଆରମ୍ଭର ତୃତୀୟ ବାର୍ଷିକୀ ପୂର୍ବରୁ ରୁଷ ୟୁକ୍ରେନ ଉପରେ ୨୬୭ ଡ୍ରୋନ ମାଡ କରିଥିଲା। କିଭ୍ ଅଞ୍ଚଳର ରାଜ୍ୟପାଳ ମାଇକୋଲା କାଲାଶ୍ନିକ୍ କହିଛନ୍ତି ଯେ ଆକ୍ରମଣରେ ଜଣେ ୨୮ ବର୍ଷୀୟା ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ତିନି ଜଣ ଆହତ ହୋଇଛନ୍ତି। ଆହତମାନଙ୍କ ମଧ୍ୟରେ ଏକ ୪ ବର୍ଷର ନିର୍ଦ୍ଦୋଷ ଶିଶୁ ମଧ୍ୟ ରହିଛି। ଏହି ଆକ୍ରମଣ କେବଳ ୟୁକ୍ରେନର ସାମରିକ ଶକ୍ତିକୁ ଟାର୍ଗେଟ କରିନଥିଲା ବରଂ ସାଧାରଣ ନାଗରିକଙ୍କ ଜୀବନକୁ ମଧ୍ୟ ନଷ୍ଟ କରିଥିଲା।



## ମଦ୍ରାସା ସାମ୍ନାରେ କ୍ୟୁଆର କୋଡ୍ ଲଗାଇ ୬୮ ଲକ୍ଷର ଚାନ୍ଦା ଆଦାୟ

ନୂଆଦିଲ୍ଲୀ: ମହାରାଷ୍ଟ୍ରର ନାଗପୁର ପୋଲିସ ଦେଶର ସୁରକ୍ଷାକୁ ବିପଦରେ ପକାଇଥିବା ଏକ ରାକେଟର ପର୍ଦ୍ଦାଫାସ କରିଛି। ଏହି ରାକେଟରେ, ବ୍ୟକ୍ତିଗତ କ୍ୟୁଆର କୋଡ୍ ମାଧ୍ୟମରେ ମଦ୍ରାସା ବାହାରେ ଦାନ ନିଆଯାଉଥିଲା। ପୋଲିସର ସୂଚନା ଅନୁଯାୟୀ, ଏହି ରାକେଟର ମୁଖ୍ୟ ଅଭିଯୁକ୍ତ ହେଉଛନ୍ତି ମହମ୍ମଦ ଏଜାଜ୍ ଅନସାରି ଏବଂ ମହମ୍ମଦ ମୁସ୍ତାକିମ୍ ଅନସାରି, ଯେଉଁମାନେ ଦାରୁଲ୍ ଉଲୁମ୍ ଗୌସିଆ ଇନ୍ତଜାମିଆ ନାମକ ଏକ ପଞ୍ଜିକୃତ ସଂଗଠନ ସହିତ ଜଡ଼ିତ ଥିଲେ। ଅଭିଯୁକ୍ତମାନେ ନାଗପୁରର ଅନେକ ମଦ୍ରାସା ଏବଂ ଦରଘା ଏବଂ ଏକ ନିର୍ମାଣାଧୀନ କୋଠାରେ ପୋଷ୍ଟର ଲଗାଇଥିଲେ। ଏହା ସହିତ, ସଂଗଠନର ଏକ ବ୍ୟାନର ଲଗାଯାଇଥିଲା ଏବଂ ତା' ତଳେ ଏକ କ୍ୟୁଆର କୋଡ୍ ଲଗାଯାଇଥିଲା ଏବଂ ଲୋକମାନଙ୍କୁ ଏହି ମଦ୍ରାସାକୁ ପାଣ୍ଠି ଯୋଗାଇବା ପାଇଁ ଅନୁରୋଧ କରାଯାଇଥିଲା। ଲୋକମାନେ ଯାଞ୍ଚ ନକରି ଏହି କ୍ୟୁଆର କୋଡ୍ ମାଧ୍ୟମରେ ଦାନ ମଧ୍ୟ କରୁଥିଲେ। କିନ୍ତୁ ମହାରାଷ୍ଟ୍ର ଏଟିଏସର ଜଣେ କର୍ମଚାରୀଙ୍କୁ ଏହି କ୍ୟୁଆର କୋଡ୍ ସନ୍ଦେହ ହୋଇଥିଲା ଏବଂ ସେ ୫୦ ଟଙ୍କା ଦାନ କରିଥିଲେ। କିନ୍ତୁ ଏହି ରାଶି କୌଣସି ସଂସ୍ଥାର ଆକାଉଣ୍ଟକୁ ଯାଇ ନଥିଲା ବରଂ ଷ୍ଟାର କମ୍ପ୍ୟୁଟର ସଲ୍ୟୁସନ୍ସ ନାମକ ଏକ ଘରୋଇ କମ୍ପାନୀର ଆକାଉଣ୍ଟରେ ଜମା ହୋଇଥିଲା। ଏହା ପରେ, ତଦନ୍ତରୁ ଜଣାପଡିଲା ଯେ ଗତ ଦୁଇ ବର୍ଷ ମଧ୍ୟରେ ଏହି ଆକାଉଣ୍ଟରେ ୬୮ ଲକ୍ଷ ଟଙ୍କାରୁ ଅଧିକ ଜମା ହୋଇଛି, ଯାହା ବିଭିନ୍ନ ଲୋକଙ୍କଠାରୁ ଗ୍ରହଣ କରାଯାଇଛି। ନାଗପୁରର କପିଳ ନଗର ପୋଲିସ ଏହି ମାମଲାରେ ଏକ ମାମଲା ରୁଜୁ କରିଛି। ଏହି ଟଙ୍କାର ଉତ୍ସ କ'ଣ ଏବଂ କେଉଁ ଉଦ୍ଦେଶ୍ୟରେ ଏହି ଟଙ୍କା ବ୍ୟବହାର କରାଯାଉଥିଲା, ସେ ବିଷୟରେ ପୋଲିସ ଏବେ ତଦନ୍ତ କରୁଛି। ସେହି ସମୟରେ, ପୋଲିସ ଏବଂ ଏଟିଏସ ଏହି ଦୃଷ୍ଟିକୋଣରୁ ମଧ୍ୟ ତଦନ୍ତ କରୁଛନ୍ତି ଯେ ଏହି ଟଙ୍କା ଆତଙ୍କବାଦ ପାଣ୍ଠି ପାଇଁ ବ୍ୟବହୃତ ହେଉଥିଲା କି ନାହିଁ। ପୋଲିସ ଅଭିଯୁକ୍ତ ମହମ୍ମଦ ଏଜାଜ୍ ଅନସାରୀଙ୍କ ବ୍ୟାଙ୍କ ଆକାଉଣ୍ଟ ଷ୍ଟେଟମେଣ୍ଟ ଯାଞ୍ଚ କରୁଛି ଏବଂ ଜାଣିବାକୁ ଚେଷ୍ଟା କରୁଛି ଯେ ଏହି ଟଙ୍କା କାହାକୁ ପଠାଯାଇଥିଲା ଏବଂ ଏହା ପଛରେ କ'ଣ ଉଦ୍ଦେଶ୍ୟ ଥିଲା ?

## ଆତଙ୍କବାଦୀ ଆଡ୍ଡାକୁ ପୁଣି ନିର୍ମାଣ କରିବାକୁ ଚେଷ୍ଟା କରୁଛି ପାକିସ୍ତାନ

ନୂଆଦିଲ୍ଲୀ: ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଅପରେସନ୍ ସିନ୍ଦୂରକୁ ଆଧାର କରି ଭାରତ ନଅଟି ଆତଙ୍କବାଦୀ ଆଡ୍ଡାକୁ ଟାର୍ଗେଟ କରିଥିଲା। ପାକିସ୍ତାନକୁ କଡ଼ା ଜବାବ ଦେଇ ନଅଟି ଆତଙ୍କବାଦୀ ଆଡ୍ଡାକୁ ସମ୍ପୂର୍ଣ୍ଣ ଭାବେ ଧ୍ୱଂସ କରି ଦେଇଥିଲା ଭାରତ। ଭାରତର ଏହି ଶକ୍ତିଶାଳୀ ଆକ୍ରମଣରେ ଆତଙ୍କବାଦୀ ମାସୁଦ ପରିବାରର ୧୪ଜଣ ସଦସ୍ୟ ନିହତ ହୋଇଥିଲେ। ମାସୁଦ ଆତଙ୍କବାଦୀ ସଂଗଠନ ଜୈଶ-ଏ-ମହମ୍ମଦର ପ୍ରତିଷ୍ଠାତା ଏବଂ ସେ ନିଜେ ମୋଷ୍ଟ ୱାଣ୍ଟେଡ୍ ଆତଙ୍କବାଦୀଙ୍କ ତାଲିକାରେ ସାମିଲ ଅଛି। ବିଶେଷ ସୂତ୍ରରୁ ଖବର ମିଳିଛି କି ଭାରତର ଆକ୍ରମଣରେ ନଷ୍ଟ ହୋଇଥିବା ଆତଙ୍କବାଦୀ ଆଡ୍ଡାକୁ ପାକିସ୍ତାନ ପୁନଃନିର୍ମାଣ କରିବାକୁ ଚେଷ୍ଟା କରୁଛି। ଏଥିପାଇଁ ପାକିସ୍ତାନ ସରକାର ମାସୁଦକୁ ୧୪ କୋଟି ଟଙ୍କା କ୍ଷତିପୂରଣ ମଧ୍ୟ ଦେଇପାରନ୍ତି।

## ବିଷ୍ଣୁଦେବଙ୍କ ଘୋଷଣା ପରେ କାର୍ଯ୍ୟ ଆରମ୍ଭ



ରାୟପୁର: ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏଙ୍କ ପକ୍ଷରୁ ସୁଶାସନ ଚେୟାର ମାଧ୍ୟମରେ ଛତିଗଶଡ଼ର ଦାନ୍ତେୱାଡା ଜିଲ୍ଲାରେ ଥିବା ସମ୍ବେଦନଶୀଳ ଗ୍ରାମ ପାଇଁ କେତେକ ଘୋଷଣା କରିଛନ୍ତି । ଏହି ଘୋଷଣା ପରେ ପ୍ରଶାସନ ପକ୍ଷରୁ ତୁରନ୍ତ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଏଠାରେ ଏକ ଉପସ୍ୱାସ୍ଥ୍ୟକେନ୍ଦ୍ରର ସ୍ଥାପନ, ତିନି ଥାକିଆ ରାସ୍ତା ନିର୍ମାଣ ଏବଂ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ୨୧.୫୪ଲକ୍ଷ ଟଙ୍କାର ଅନୁଦାନ ବିଷ୍ଣୁଦେବ ଘୋଷଣା କରିଥିଲେ । ଉଲ୍ଲେଖନୀୟ ଯେ, ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ସୁଶାସନ ଚେୟାର ଅନ୍ତର୍ଗତ ମୁଲେର ଗ୍ରାମରେ ବିକାଶ ଶିବିରର ନିରୀକ୍ଷଣ କରିଥିଲେ । ମୁଖ୍ୟମନ୍ତ୍ରୀ ସେଠାକୁ ଯାଇ ଗ୍ରାମବାସୀଙ୍କ ସହିତ କଥାବାର୍ତ୍ତା ହେବା ସହ ସେମାନେ ଉତ୍ସାହିତ ଥିବା ଅନୁଭବ କରିଥିଲେ । ଏହି ଗ୍ରାମରେ ସ୍ୱାସ୍ଥ୍ୟ, ଯୋଗାଯୋଗ, ପାନୀୟ ଜଳ, ଶିକ୍ଷା ଓ କୃଷି କ୍ଷେତ୍ରରେ ଅଗ୍ରଣୀ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ସେ କହିଥିଲେ ଏହି ଗ୍ରାମର ସମସ୍ତ ଆବଶ୍ୟକତାକୁ ରାଜ୍ୟ ସରକାର ଖୁବ୍‌ଶୀଘ୍ର ପୂରଣ କରିବେ । ଯାହା ତୁରନ୍ତ କରାଯାଇପାରିବ ସେ ନେଇ ପଦକ୍ଷେପ ନିଆଯିବ । ମୁଲେର ଗ୍ରାମରେ ବିକାଶମୂଳକ କାର୍ଯ୍ୟ ଜୋରଦାର ଚାଲୁରହିଛି । ପ୍ରଶାସନ ମଧ୍ୟ ସମ୍ବେଦନଶୀଳ ସହ ପ୍ରତି କାର୍ଯ୍ୟକୁ ନିରୀକ୍ଷଣ କରୁଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ କହିଛନ୍ତି ।

# ବାଣିଜ୍ୟ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶାରେ ଟେଲିକମ୍ କମ୍ପାନୀଙ୍କ ମାସିକ ଆୟ ପ୍ରାୟ ୬୮୮ କୋଟି ଟଙ୍କା ରହିଛି। ଗତବର୍ଷ ଜୁଲାଇରେ ପ୍ରମୁଖ ଘରୋଇ ଟେଲିକମ୍ କମ୍ପାନୀଗୁଡ଼ିକ ମୋବାଇଲ ଶୁଳ୍କ ବୃଦ୍ଧି କରିବା ପରେ ସେମାନଙ୍କ ଆୟ ବଢ଼ିଛି। ୨୦୨୪ ମସିହାର ଅକ୍ଟୋବର-ଡିସେମ୍ବର ଅବଧିରେ ରାଜ୍ୟରେ ଟେଲିକମ୍ କମ୍ପାନୀଗୁଡ଼ିକର ମୋଟ ଆୟ ୨୦୬୪.୮ କୋଟି ଟଙ୍କାରେ ପହଞ୍ଚିଛି। ପ୍ରଥମ ଥର ପାଇଁ ଟେଲିକମ୍ ସେବା ପ୍ରଦାନକାରୀଙ୍କ ରାଜସ୍ୱ ଓଡ଼ିଶାରେ ୨୦୦୦ କୋଟି ଟଙ୍କା ଟପିଛି। ରାଷ୍ଟ୍ରାୟତ୍ତ କମ୍ପାନୀ ବିଏସ୍ଏନ୍ଏଲ୍ ସମେତ ଘରୋଇ କମ୍ପାନୀ ଜିଓ, ଏୟାଟେଲ, ଭୋଡାଫୋନ ଆଇଡିଆ ଏବଂ ଟାଟା ଟେଲିସର୍ଭିସେସ୍ ରାଜ୍ୟରେ ଟେଲିକମ୍ ବ୍ୟବସାୟ କରୁଛନ୍ତି। ଟ୍ରାଇର ଆର୍ଥିକ ରିପୋର୍ଟରୁ ଏହା ଜଣାଯାଇଛି ଯେ ଓଡ଼ିଶାରେ ୨୦୨୪ ମସିହାର ଅକ୍ଟୋବର-ଡିସେମ୍ବର ତ୍ରୟମାସରେ ଟେଲିକମ୍ କମ୍ପାନୀଗୁଡ଼ିକ କରିଥିବା ମୋଟ ୨୦୬୪ କୋଟି ଆୟ ମଧ୍ୟରୁ ଜିଓର ରାଜସ୍ୱ ସର୍ବାଧିକ ୧୦୧୫.୮୪ କୋଟି ରହିଛି। ଏହା ପଛକୁ ଏୟାରଟେଲ୍‌ର ରାଜସ୍ୱ ୮୧୮.୬୮ କୋଟି, ବିଏସ୍ଏନ୍ଏଲ୍‌ର ରାଜସ୍ୱ ୧୭୩.୨୯ କୋଟି, ଭୋଡାଫୋନ ଆଇଡିଆର ୫୨.୭୮ କୋଟି ଏବଂ ଟାଟା ଟେଲିସର୍ଭିସେସ୍‌ର ଆୟ ୪.୨୧ କୋଟି ଟଙ୍କା ରହିଛି। ଅର୍ଥାତ୍ ଟେଲିକମ୍ କମ୍ପାନୀଙ୍କ ମାସିକ ହାରାହାରି ଆୟ ପ୍ରାୟ ୬୮୮ କୋଟି ଟଙ୍କାରେ ପହଞ୍ଚିଛି।

### ଆଲେନ୍ ଟ୍ୟାଲେଣ୍ଟେକ୍ସ: ଛାତ୍ରଛାତ୍ରୀଙ୍କୁ ୨୫୦ କୋଟି ଟଙ୍କାର ଛାତ୍ରବୃତ୍ତି

## ଆଲେନ୍ ଟ୍ୟାଲେଣ୍ଟେକ୍ସ ପାଇଁ ଅଫ୍‌ଲାଇନ୍ ପଞ୍ଜିକରଣ ଆରମ୍ଭ




କୋଟା : ପ୍ରତିଭାକୁ ପ୍ରୋତ୍ସାହିତ କରିବା ପାଇଁ ଦେଶର ସବୁଠାରୁ ବଡ଼ ପରୀକ୍ଷା ମଧ୍ୟରୁ ଗୋଟିଏ, ଆଲେନ୍ ଟ୍ୟାଲେଣ୍ଟେକ୍ସର ଦ୍ୱାଦଶ ସଂସ୍କରଣ, ରବିବାର ଆଲେନ୍ କ୍ୟାରିଅର୍ ଇନଷ୍ଟିଚ୍ୟୁଟ୍ ଦ୍ୱାରା ଆଲେନ୍ ସଂକଳ୍ପରେ ଘୋଷଣା କରାଯାଇଛି। ଟ୍ୟାଲେଣ୍ଟେକ୍ସ-୨୦୨୬ର ପୁସ୍ତିକା, ୱେବସାଇଟ୍ ଏବଂ ପୋଷ୍ଟର ଏଠାରେ ଉନ୍ମୋଚିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ଡକ୍ଟର ଗୋବିନ୍ଦ ମାହେଶ୍ୱରୀ, ଡକ୍ଟର ନବୀନ ମାହେଶ୍ୱରୀ, ଡକ୍ଟର ବ୍ରିଜେଶ ମାହେଶ୍ୱରୀ, ଏଚ୍‌ଓଡି ପିବି ସକ୍ସେନା ଏବଂ ପ୍ରତିଷ୍ଠାନର ବରିଷ୍ଠ ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ନିର୍ଦ୍ଦେଶକ ଡକ୍ଟର ବ୍ରିଜେଶ ମାହେଶ୍ୱରୀ କହିଥିଲେ ଯେ ପ୍ରତିଭାବାନ ଛାତ୍ରଛାତ୍ରୀମାନଙ୍କୁ ଆଗକୁ ଆଣିବା ଏବଂ ସେମାନଙ୍କ କ୍ୟାରିଅରକୁ ବୃଦ୍ଧି କରିବା ପାଇଁ ଟ୍ୟାଲେଣ୍ଟେକ୍ସ ଏକ ଶକ୍ତିଶାଳୀ ପ୍ଲାଟଫର୍ମ। ଏହି ପରୀକ୍ଷା ଦେଇ, ଛାତ୍ରଛାତ୍ରୀମାନେ କୋଚିଂ ଫିରେ ରିହାତି ପାଇ ସେମାନଙ୍କର ସ୍ୱପ୍ନ ପୂରଣ କରିପାରିବେ। ଆରମ୍ଭ ହେବା ପରଠାରୁ, ୧୮.୨୫ ଲକ୍ଷ ଛାତ୍ରଛାତ୍ରୀ ଆଲେନ୍ ଟ୍ୟାଲେଣ୍ଟେକ୍ସରେ ଯୋଗ ଦେଇଛନ୍ତି। ପଞ୍ଚମ ଶ୍ରେଣୀରୁ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନେ ଏହି ପରୀକ୍ଷାରେ ଅଂଶଗ୍ରହଣ କରିପାରିବେ ଯାହା ଅନଲାଇନ୍ ଏବଂ ଅଫଲାଇନ୍ ଉଭୟ ମୋଡରେ ଅନୁଷ୍ଠିତ ହେବ। ପରୀକ୍ଷା ଅକ୍ଟୋବର ୫ ଏବଂ ୧୨ ତାରିଖରେ ଅନୁଷ୍ଠିତ ହେବ। ଜୁନ୍ ୩୦ ସୁଦ୍ଧା ଆବେଦନ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ପଞ୍ଜିକରଣ ଫି'ରେ ବିଶେଷ ରିହାତି ମିଳିବ। ସେ କହିଛନ୍ତି ଯେ ଟ୍ୟାଲେଣ୍ଟେକ୍ସରେ ଜାତୀୟ ଏବଂ ରାଜ୍ୟ ରାଙ୍କ ସହିତ ଛାତ୍ରଛାତ୍ରୀମାନଙ୍କୁ ୧.୨୫ କୋଟି ଟଙ୍କାର ନଗଦ ପୁରସ୍କାର ଏବଂ ୨୫୦ କୋଟି ଟଙ୍କା ପର୍ଯ୍ୟନ୍ତ ଛାତ୍ରବୃତ୍ତି ପ୍ରଦାନ କରାଯିବ। ଟ୍ୟାଲେଣ୍ଟେକ୍ସ ଅଫଲାଇନରେ ୪୭୫୦ ଟଙ୍କା ପୁରସ୍କାର ଦିଆଯିବ। ଏହାସହିତ ଆପଣ ଆଲେନ୍ କ୍ଲାସରୁମ୍ ଏବଂ ଡିଜିଟାଲ୍ ପାଠ୍ୟକ୍ରମରେ ପ୍ରବେଶ ଉପରେ ୯୦ ପ୍ରତିଶତ ପର୍ଯ୍ୟନ୍ତ ସ୍କଲାରସିପ୍ ପାଇପାରିବେ। ପ୍ରତ୍ୟେକ ଛାତ୍ରଙ୍କୁ ପୃଥକ ଭାବରେ ଏକ ପ୍ରତିଯୋଗିତାମୂଳକ ସଫଳତା ସୂଚକାଙ୍କ ମଧ୍ୟ ଜାରି କରାଯିବ। ଆଲେନର ଉପାଧ୍ୟକ୍ଷ ଏବଂ ଟ୍ୟାଲେଣ୍ଟେକ୍ସର ଜାତୀୟ ମୁଖ୍ୟ ପଙ୍କଜ ଅଗ୍ରୱାଲ କହିଛନ୍ତି ଯେ ଆଲେନର ଶ୍ରେଣୀଗୃହ ପାଠ୍ୟକ୍ରମରେ ପ୍ରବେଶ କରିଥିବା ଛାତ୍ରଛାତ୍ରୀ ମଧ୍ୟ ପରୀକ୍ଷା ଦେଇପାରିବେ। ଦେଶର ଯେକୌଣସି ଆଲେନ୍ କେନ୍ଦ୍ରରେ ପ୍ରବେଶ କରାଯାଇପାରିବ। ଟ୍ୟାଲେଣ୍ଟେକ୍ସରେ ପଞ୍ଜୀକରଣ ସହିତ ଛାତ୍ରଛାତ୍ରୀଙ୍କୁ ଅଭ୍ୟାସ ପାଇଁ ୱେବସାଇଟରେ ପରୀକ୍ଷା ପତ୍ର ଉପଲବ୍ଧ କରାଯିବ । ଯାହାଦ୍ୱାରା ସେମାନେ ପରୀକ୍ଷାର ସ୍ତର ବୁଝି ପ୍ରସ୍ତୁତି କରିପାରିବେ।

## ବ୍ରିଟେନ୍‌ର ଧନୀ ତାଲିକା ଶୀର୍ଷ ସ୍ଥାନରେ ହିନ୍ଦୁଜା

ନୂଆଦିଲ୍ଲୀ: ୧୧୦ ବର୍ଷ ପୁରାତନ ବହୁରାଷ୍ଟ୍ରୀୟ ବ୍ୟବସାୟିକ ସଂସ୍ଥା ହିନ୍ଦୁଜା ଗ୍ରୁପର ଅଧ୍ୟକ୍ଷ ଗୋପିଚନ୍ଦ ହିନ୍ଦୁଜାଙ୍କ ନେତୃତ୍ୱରେ ହିନ୍ଦୁଜା ପରିବାର ଚତୁର୍ଥ ବର୍ଷ ପାଇଁ ୩୫.୩ ବିଲିୟନ ପାଉଣ୍ଡ ସହିତ ସଣ୍ଡେ ଟାଇମ୍ସ ଧନୀ ତାଲିକାରେ ଶୀର୍ଷ ସ୍ଥାନରେ ରହିଛନ୍ତି । ସଣ୍ଡେ ଟାଇମ୍ସ ଧନୀ ତାଲିକା ହେଉଛି ବ୍ରିଟେନରେ ରହୁଥିବା ଧନୀ ବ୍ୟକ୍ତିଙ୍କ ଏକ ବାର୍ଷିକ ତାଲିକା ଯାହାର ୨୦୨୫ ସଂସ୍କରଣରେ ୩୫୦ ରହିଛନ୍ତି । ବିଶ୍ୱବ୍ୟାପୀ ସାଂପ୍ରତିକ ଅସ୍ଥିରତା ଏବଂ ନୀତିଗତ ପରିବର୍ତ୍ତନ ସତ୍ତ୍ୱେ ହିନ୍ଦୁଜା ପରିବାର ବ୍ୟବସାୟିକ ସ୍ଥିରତା ଏବଂ ବିଶ୍ୱସ୍ତରୀୟ ନେତୃତ୍ୱ ପ୍ରଦର୍ଶନ କରିଛି। ବ୍ରିଟେନର ଏହି ପରିବାରର ଗ୍ରୁପ କମ୍ପାନିଗୁଡ଼ିକ ଅଧ୍ୟକ୍ଷ ଜି.ପି. ହିନ୍ଦୁଜାଙ୍କ ନେତୃତ୍ୱରେ ୩୮ ଦେଶରେ କାର୍ଯ୍ୟ କରୁଛି। ଗମନାଗମନ, ଡିଜିଟାଲ୍ ପ୍ରଯୁକ୍ତି, ବ୍ୟାଙ୍କିଂ ଏବଂ ଆର୍ଥିକ ସେବା, ମିଡିଆ, ପ୍ରକଳ୍ପ ବିକାଶ, ଲୁବ୍ରିକାଣ୍ଟ ଏବଂ ସ୍ପେସିଆଲିଟି କେମିକାଲ୍, ଶକ୍ତି, ରିଅଲ୍ ଇଷ୍ଟେଟ୍, ବ୍ୟବସାୟ ଏବଂ ସ୍ୱାସ୍ଥ୍ୟ ସେବା ଭଳି କ୍ଷେତ୍ରରେ ଏହାର କାରବାର ବ୍ୟାପିଛି। ଗତ ବର୍ଷ ମଧ୍ୟରେ ହିନ୍ଦୁଜା ଗ୍ରୁପ ଭାରତରେ ଇଲେକ୍ଟ୍ରିକ୍ ଗମନାଗମନ କ୍ଷେତ୍ରରେ ମଧ୍ୟ ଧ୍ୟାନ ଦେଇଛି ଯାହା ଚାର୍ଜିଂ ଭିତିଭୂମିରେ ବିନିଯୋଗ କରୁଛି । ଏହା ସ୍ଥିରତା ଏବଂ ଭବିଷ୍ୟତ-ପ୍ରସ୍ତୁତ ନବସୃଜନ ଆଡକୁ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନକୁ ଇଙ୍ଗିତ କରୁଛି। ତାଲିକାରେ ଅନ୍ୟାନ୍ୟ ସମ୍ମାନନୀୟ ନାମଗୁଡ଼ିକ ମଧ୍ୟରେ ଡେଭିଡ୍ ଏବଂ ସାଇମନ୍ ରୁବେନ୍ ଏବଂ ପରିବାର (୨୬.୮୭୩ ବିଲିୟନ ପାଉଣ୍ଡ), ସାର୍ ଲିଓନାର୍ଡ୍ ବ୍ଲାଭାଟନିକ୍ (୨୫.୭୨୫ ବିଲିୟନ ପାଉଣ୍ଡ), ସାର୍ ଜେମ୍ସ ଡାଇସନ୍ ଏବଂ ପରିବାର (୨୦.୮ ବିଲିୟନ ପାଉଣ୍ଡ), ଇଦାନ୍ ଓଫର୍ (୨୦.୧୨୧ ବିଲିୟନ ପାଉଣ୍ଡ), ଗାୟ, ଜର୍ଜ, ଆଲାନା ଏବଂ ଗାଲେନ୍ ୱେଷ୍ଟନ୍ ଏବଂ ପରିବାର (୧୭.୭୪୬ ବିଲିୟନ ପାଉଣ୍ଡ), ସାର୍ ଜିମ୍ ରାଟକ୍ଲିଫ୍ (୧୭.୦୪୬ ବିଲିୟନ ପାଉଣ୍ଡ), ଲକ୍ଷ୍ମୀ ମିତଲ୍ ଏବଂ ପରିବାର (୧୫.୪୪୪ ବିଲିୟନ ପାଉଣ୍ଡ ନିଟ୍ ୱର୍ଥ) ରହିଛନ୍ତି।

## ଏଆଇ ଶକ୍ତି ସମ୍ପନ୍ନ ସାଇଡ୍-ବାଏ-ସାଇଡ୍ ରେଫ୍ରିଜ୍‌ରେଟରର ଶୁଭାରମ୍ଭ



ମୁମ୍ବାଇ: ହୋମ ଆପ୍ଲାଏନସେସ ଆଉ କେବଳ ଏକ ଜିନିଷ ହୋଇ ରହିନାହିଁ। ଏହା ଷ୍ଟାଇଲ ଓ ସ୍ମାର୍ଟ ଚଳନୀର ଏକ ଅଙ୍ଗରେ ପରିଣତ ହୋଇଛି । ଗ୍ରାହକମାନେ ପ୍ରିମିୟମ ଓ ଅଧିକ କ୍ଷମତାର ରେଫ୍ରିଜରେଟର ଚାହୁଁଛନ୍ତି ଯେଉଁଥିରେ ପ୍ରଯୁକ୍ତି ଦ୍ୱାରା ଚାଳିତ ସୁବିଧା ସୁଯୋଗ ରହିଥିବ। ତାହାକୁ ଦୃଷ୍ଟିରେ ରଖି ଗୋଦରେଜ ଏଣ୍ଟରପ୍ରାଇଜେସ ଗ୍ରୁପର ଅଂଶ ଗୋଦରେଜ ଆଣ୍ଡ ବଏସର ଆପ୍ଲାଏନସେସ ବ୍ୟବସାୟ ପକ୍ଷରୁ ଏଆଇର ଶକ୍ତି ଥିବା ଇଅନ ଭେଲଭେଟ ସାଇଡ-ବାଏ-ସାଇଡ ରେଫ୍ରିଜରେଟର ଶୁଭାରମ୍ଭ କରାଯାଇଛି ଯେଉଁଥିରେ ପ୍ରଯୁକ୍ତି ଓ ସୌନ୍ଦର୍ଯ୍ୟର ମିଶ୍ରଣ ରହିଛି। ଏହା ହେଉଛି ଏଆଇର ଶକ୍ତି ଥିବା ଏକ ୬୦୦ ଲିଟରର ବଡ଼ ରେଫ୍ରିଜରେଟର ଯାହା ଭିତରେ ଥିବା ଜିନିଷ, ଡୋର ଖୋଲିବା ଆଦିକୁ ବିଚାରକୁ ନେଇ ସ୍ୱୟଂକ୍ରିୟ ଭାବେ ଶୀତଳତା ପ୍ରଦାନ ଓ ଶକ୍ତି ଉପଯୋଗିତାରେ ଉନ୍ନତି ଆଣିବ। ସ୍ୱୟଂକ୍ରିୟ ତାପମାତ୍ରା ନିୟନ୍ତ୍ରଣ ପାଇଁ ଏଥିରେ ଇକୋ ମୋଡ ରହିଛି। ବାହାରେ ଥିବା ବେଳେ ଏହାର ହଲିଡେ ମୋଡ ଶକ୍ତି ସଂରକ୍ଷଣ କରିବ ଏବଂ ସୁପର ଫ୍ରିଜ ମୋଡ ଶୀଘ୍ର ଶୀତଳତା ପ୍ରଦାନ କରିବ। ଗ୍ରାହକଙ୍କ ଆବଶ୍ୟକତା ଅନୁସାରେ ଏହି ଭାରତ ତିଆରି ରେଫ୍ରିଜରେଟର ଅତୁଳନୀୟ ସୁବିଧା ପ୍ରଦାନ କରିବ। ଏଥିରେ ସ୍ମାର୍ଟ କନଭର୍ଟିବଲ ଜୋନ ରହିଛି ଯେଉଁଥିରେ ତାପମାତ୍ରା ମାଇନସ ୩ରୁ ୫ ଡିଗ୍ରି ମଧ୍ୟରେ ରହିଛି ଯାହାକୁ ଫ୍ରିଜର, ଚିଲର କିମ୍ବା ପାଣ୍ଟ୍ରି ସେକ୍ସନ ଭାବେ ବ୍ୟବହାର କରିହେବ। ଶ୍ରେଷ୍ଠ ଦକ୍ଷତା, ଦୀର୍ଘସ୍ଥାୟିତ୍ୱ ଓ ନିରବ ପରିଚାଳନା ପାଇଁ ଏହାର ଉନ୍ନତ ଇନଭର୍ଟର କମ୍ପ୍ରେସର ପରିଚାଳନାକୁ ପରିଚାଳିତ କରିବ। ଗୋଦରେଜ ଏଣ୍ଟର ପ୍ରାଇଜେସ ଗ୍ରୁପର ଆପ୍ଲାଏନସେସ ବ୍ୟବସାୟର ଉତ୍ପାଦ ମୁଖ୍ୟ ଅନୁପ ଭାର୍ଗବ କହିଛନ୍ତି ଯେ, ଗ୍ରାହକମାନେ ଏଭଳି ପ୍ରିମିୟମ କିଚେନ ଆପ୍ଲାଏନସେସ ଚାହୁଁଛନ୍ତି ଯାହା ଉଚ୍ଚ ପ୍ରଦର୍ଶନ କରୁଥିବ ଏବଂ ସ୍ମାର୍ଟ ସୁବିଧାସୁଯୋଗ ସହ ଜୀବନଶୈଳୀକୁ ବଢ଼ାଉଥିବ। ଅଗ୍ରଣୀ ଇ-କମର୍ସ ପ୍ଲାଟଫର୍ମ ଓ ସର୍ବଭାରତୀୟ ସ୍ତରରେ ଥିବା ଷ୍ଟୋରରେ ଏହି ବର୍ଗମାଳା ୧,୧୫,୯୯୦ ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ଉପଲବ୍ଧ ହୋଇଛି।

## ମେହସାଣାରେ ଫାଲକନ୍ ଏଗ୍ରିଫ୍ରିଜ୍‌ର ଅତ୍ୟାଧୁନିକ ଆଳୁ ଉତ୍ପାଦନ ସୁବିଧା କେନ୍ଦ୍ର ଉଦ୍‌ଘାଟିତ




ମେହସାଣା/ଗୁଜୁରାଟ: ଭାରତର ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ପାଇଁ ଫାଲକନ୍ ଏଗ୍ରିଫ୍ରିଜ୍ ଫୁଡ୍ସ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଗୁଜୁରାଟର ମେହସାଣାରେ ଅତ୍ୟାଧୁନିକ, ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ଫ୍ରୋଜେନ୍ ଆଳୁ ଉତ୍ପାଦ ଉତ୍ପାଦନ ସୁବିଧା ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ଲାଣ୍ଟକୁ କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଗୁଜୁରାଟ ସରକାରଙ୍କ ଶିଳ୍ପମନ୍ତ୍ରୀ ବଳବନ୍ତସିଂହ ରାଜପୁତ ଏବଂ ଫାଲକନ୍ ଗ୍ରୁପ୍ ଅଧ୍ୟକ୍ଷ ତାରାରଞ୍ଜନ ପଟ୍ଟନାୟକ ଉପସ୍ଥିତ ଥିଲେ। ଫାଲକନ୍ ଗ୍ରୁପ୍ ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ କହିଛନ୍ତି, ଗୁଜରାଟ ସର୍ବଦା ଭାରତର କୃଷି କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଆସିଛି ଏବଂ ଫାଲକନ୍ ପାଇଁ ଏହା ଏକ ପ୍ରାକୃତିକ ପସନ୍ଦ ଥିଲା। ଏହି ପ୍ଲାଣ୍ଟ ଉତ୍ପାଦନ ଅପେକ୍ଷା ଅଧିକ ପ୍ରତିନିଧିତ୍ୱ କରେ, ଏହା ଭବିଷ୍ୟତର ଆଗାମୀ ଦାୟିତ୍ୱପୂର୍ଣ୍ଣ ଅଭିବୃଦ୍ଧିର ଦର୍ଶନକୁ ମୂର୍ତ୍ତିମନ୍ତ କରେ। ଆମେ ଦକ୍ଷତାର ସହ ସ୍ଥାୟୀ ଭାବେ ଏବଂ ସର୍ବୋଚ୍ଚ ବିଶ୍ୱ ମାନଦଣ୍ଡ ସହ ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖିଛୁ। ଆମର ମହତ୍ତ୍ୱାକାଂକ୍ଷା ହେଉଛି ନୂତନ ବଜାରର ବିସ୍ତାର କରି ନବସୃଜନ ଚଳାଇ ଏବଂ ଆମର ମୂଲ୍ୟବୋଧ ପ୍ରତି ପ୍ରତିବଦ୍ଧତା ରହିବା ଦ୍ୱାରା ଫାଲକନ୍‌କୁ ଖାଦ୍ୟ ପ୍ରକ୍ରିୟାକରଣରେ ବିଶ୍ୱସ୍ତରରେ ଅଗ୍ରଣୀ କରିବା। ଫାଲକନ୍ ଗ୍ରୁପ୍‌ର ଉପାଧ୍ୟକ୍ଷ ପାର୍ଥଜିତ ପଟ୍ଟନାୟକ ଉଦ୍‌ଘାଟନକୁ ଏକ ନିର୍ଣ୍ଣାୟକ ପଦକ୍ଷେପ ବୋଲି କହିଛନ୍ତି। ଆମେ ଆମର କୃଷକଙ୍କ ଶକ୍ତି, ପ୍ରଯୁକ୍ତିବିଦ୍ୟାର ଶକ୍ତି ଏବଂ ଖାଦ୍ୟ ପ୍ରକ୍ରିୟାକରଣର ଭବିଷ୍ୟତକୁ ଗଢ଼ିତୋଳିବା ପାଇଁ ଏକ ନୂତନ ଭାରତର ଦୃଷ୍ଟିକୋଣକୁ ଉପଯୋଗ କରୁଛୁ। କମ୍ପାନୀର ଭବିଷ୍ୟତ ଲକ୍ଷ୍ୟକୁ ପ୍ରତିଫଳିତ କରି ଫାଲକନ୍ ଏଗ୍ରିଫ୍ରିଜ୍‌ର ନିର୍ଦ୍ଦେଶକ ଏବଂ ସିଇଓ ମନୀଷ ଟିବ୍ରେୱାଲ୍ କହିଛନ୍ତି, ଏହି ସୁବିଧା ଭିତ୍ତିଭୂମିରେ ନିବେଶ ଅପେକ୍ଷା ଅଧିକ କିଛି-ଏହା ଭାରତର ଖାଦ୍ୟ ପ୍ରକ୍ରିୟାକରଣ ନେତୃତ୍ୱ ଆଡ଼କୁ ଏକ ନିର୍ଣ୍ଣାୟକ ଲମ୍ଫର ସଙ୍କେତ ଦିଏ। ବିଶ୍ୱସ୍ତରୀୟ ସ୍ୱୟଂଚାଳିତକରଣ ଏବଂ କୃଷକ-ପ୍ରଥମେ ପଦ୍ଧତି ସହ ଆମେ ଭାରତ ବିଶ୍ୱକୁ କ'ଣ ପ୍ରଦାନ କରିପାରିବ ତାହା ପୁନଃକଳ୍ପନା କରୁଛୁ। ଏହା ଏକ ଯାତ୍ରାର ଆରମ୍ଭ ଯାହା ଭାରତକୁ ବିଶ୍ୱ ଖାଦ୍ୟ ମାନଚିତ୍ରର ହୃଦୟରେ ରଖେ। ଫାଲକନ୍ ଏଗ୍ରିଫ୍ରିଜ୍ ପୂର୍ବରୁ ଏହାର ଉପସ୍ଥିତି ସୃଷ୍ଟି କରୁଛି। ଫାଲକନ୍ ଗ୍ରୁପ୍ ଏବଂ ଗୁଜୁରାଟ ସରକାରଙ୍କ ମଧ୍ୟରେ ସ୍ୱାକ୍ଷରିତ ବୁଝାମଣାପତ୍ର ଅନ୍ତର୍ଗତ ଅତ୍ୟାଧୁନିକ ସୁବିଧା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଏହି ଗୋଷ୍ଠୀ ରାଜ୍ୟରେ ପ୍ରାୟ ୧,୦୫୦ କୋଟି ନିବେଶ କରିଛି, ଯାହାର ଲକ୍ଷ୍ୟ ହେଉଛି ଗୁଜରାଟକୁ ଫ୍ରୋଜେନ୍ ଆଳୁ-ଭିତ୍ତିକ ଉତ୍ପାଦ ପାଇଁ ଏକ ବିଶ୍ୱସ୍ତରୀୟ କେନ୍ଦ୍ରରେ ପରିଣତ କରିବା। ଚାରି ଦଶନ୍ଧିରୁ ଅଧିକ ସମୟଧରି ଫାଲକନ୍ ଗ୍ରୁପ୍ ଗୁଣବତ୍ତା, ବିଶ୍ୱାସ ଏବଂ ନବସୃଜନରେ ମୂଳ ଅଭିବୃଦ୍ଧିକୁ ସମର୍ଥନ କରିଛି। ପ୍ରାଣୀ ପୁଷ୍ଟିସାର ଏବଂ ସାମୁଦ୍ରିକ ରପ୍ତାନିଠାରୁ ଆରମ୍ଭକରି ରିଅଲ୍ ଇଷ୍ଟେଟ୍, ଖଣି, ଖଣିଜ ରପ୍ତାନି, ବାଣିଜ୍ୟ, ସ୍ୱାସ୍ଥ୍ୟପ୍ରଯୁକ୍ତି ଏବଂ ରଣନୈତିକ ହୋଲ୍ଡିଂ ପର୍ଯ୍ୟନ୍ତ ଫାଲକନ୍‌ର ବିବିଧ ପୋର୍ଟଫୋଲିଓ ଏକ ସାଧାରଣ ଉଦ୍ଦେଶ୍ୟ ଦ୍ୱାରା ପରିଚାଳିତ। ଏଗ୍ରିଫ୍ରିଜ୍ ଏହି ଐତିହ୍ୟକୁ ଫ୍ରୋଜେନ୍ ଖାଦ୍ୟ କ୍ଷେତ୍ରରେ ବିସ୍ତାର କରେ ଯାହାର ଲକ୍ଷ୍ୟ ଭାରତକୁ ବିଶ୍ୱସ୍ତରୀୟ ସୁବିଧା ଖାଦ୍ୟ ରପ୍ତାନିରେ ସର୍ବୋଚ୍ଚ ସ୍ଥାନରେ ରଖିବା। ବିଶ୍ୱବ୍ୟାପୀ ଫ୍ରୋଜେନ୍ ଖାଦ୍ୟ ସେଗମେଣ୍ଟ ବୃଦ୍ଧି ପାଇବା ଏବଂ ଭାରତର କୃଷି ଶକ୍ତି ବିଶ୍ୱସ୍ତରୀୟ ସ୍ୱୀକୃତି ପାଇବା ସହ ଫାଲକନ୍ ଭାରତକୁ ପ୍ରକ୍ରିୟାକୃତ ଆଳୁ ରପ୍ତାନିରେ ଅଗ୍ରଣୀ ପାଇଁ ଲକ୍ଷ୍ୟ ରଖିଛି।



ଚେନ୍ନାଇ: ବିଗତ କିଛି ବର୍ଷ ହେବ ମହେନ୍ଦ୍ର ସିଂହ ଧୋନିଙ୍କ ଆଇପିଏଲ୍ ଅବସରକୁ ନେଇ ଢେର ଚର୍ଚ୍ଚା ହୋଇଥିଲେ ବି ଏହାର ଅନ୍ତ ଘଟିପାରିନାହିଁ। ପ୍ରତିଟି ସଂସ୍କରଣ ଶେଷ ଆଡ଼କୁ ଏହି ଚର୍ଚ୍ଚା ଜୋର ଧରିଥାଏ ଏବଂ ଧୋନିଙ୍କ ଶାନ୍ତ ସ୍ୱଭାବ ଭଳି ଏହି ଚର୍ଚ୍ଚା ବି ଶାନ୍ତ ପଡ଼ିଯାଏ। ଚଳିତ ଆଇପିଏଲ୍‌ରେ ସେହି ସମାନ ଅବସ୍ଥା ଦେଖିବାକୁ ମିଳିଛି। ସିଏସ୍‌କେ ଏଥର ୧୨ ମ୍ୟାଚ୍‌ରୁ ୯ ହାରି ପଏଣ୍ଟ ଟେବୁଲ୍‌ର ଶେଷରେ ରହିବା ସହ ପ୍ଲେ ଅଫ୍ ଦୌଡ଼ରୁ ବାଦ୍ ପଡ଼ିସାରିଛି। ଶେଷ ଦୁଇ ମ୍ୟାଚ୍ କେବଳ ଔପଚାରିକତା ରହିଛି। ତେବେ ଧୋନିଙ୍କ ଅବସର ଚଳିତ ସଂସ୍କରଣ ଶେଷରେ ହେବ ନାହିଁ ବୋଲି ସିଏସ୍‌କେର ଏକ ଆଭ୍ୟନ୍ତରୀଣ ସୂତ୍ର ପ୍ରକାଶ କରିଛି। 'ଥାଲା'ଙ୍କ ପକ୍ଷରୁ ସେଭଳି କୌଣସି ସଙ୍କେତ ମିଳିନାହିଁ। ଏଥି ପାଇଁ ଅଧିକ ସମୟ ଲାଗିବ ବୋଲି କୁହାଯାଇଛି। ସେ ଅଧିନାୟକ ପଦ ଛାଡ଼ିଲେ ବି ତାଙ୍କ ଅଭିଜ୍ଞତା ଓ ଫିଟନେସ୍ ଦଳ ପାଇଁ ବହୁମୂଲ୍ୟ ରହିଛି। କାରଣ ଦଳ ଏବେ ଋତୁରାଜ ଗାଏକ୍ୱାଡଙ୍କ ଅଧୀନରେ ପୁନର୍ଗଠନ ପ୍ରକ୍ରିୟାରେ ରହିଛି। ସୂଚନାଯୋଗ୍ୟ, ଧୋନିଙ୍କ ନେତୃତ୍ୱରେ ସିଏସ୍‌କେ ୨୦୨୩ରେ ପଞ୍ଚମ ଆଇପିଏଲ୍ ଟ୍ରଫି ଜିତିଥିଲା। ଚଳିତ ଋତୁ ପ୍ରାରମ୍ଭରୁ ଗାଏକ୍ୱାଡ ଆହତ ହୋଇପଡ଼ିବାରୁ ଧୋନିଙ୍କୁ ପୁଣି ନେତୃତ୍ୱ ଦାୟିତ୍ୱ ମିଳିଥିଲେ ବି ଦଳର ଦୟନୀୟ ପ୍ରଦର୍ଶନ ଜାରି ରହିଥିଲା। ଅନ୍ୟ ଏକ ସୂତ୍ରରୁ ପ୍ରକାଶ ଧୋନିଙ୍କ ଅବସର ଘୋଷଣା ଆଇପିଏଲ୍ ଚାଲିଥିବାବେଳେ ନୁହେଁ, ଅଫ୍ ସିଜନ୍‌ରେ ହେବାର ସମ୍ଭାବନା ଅଧିକ ରହିଛି।

### ସାଇ ସୁଦର୍ଶନଙ୍କ ଶତକ

# ଦିଲ୍ଲୀକୁ ୧୦ ୱିକେଟ୍‌ରେ ହରାଇଲା ଗୁଜରାଟ



ନୂଆଦିଲ୍ଲୀ: ଦିଲ୍ଲୀର ଅରୁଣ ଜେଟଲି ଷ୍ଟାଡିୟମଠାରେ ଚାଲିଥିବା ଆଇପିଏଲ ୨୦୨୫ର ୬୦ତମ ମ୍ୟାଚରେ ଦିଲ୍ଲୀକୁ ୧୦ ୱିକେଟରେ ହରାଇ ଦେଇ ପ୍ଲେଅପରେ ନିଜ ସ୍ଥାନ ସୁରକ୍ଷିତ କରିଛି । ୨୦୦ ରନର ଲକ୍ଷ୍ୟକୁ ଗୁଜରାଟ ୧୯ତମ ଓଭରରେ ହାସଲ କରିନେଇଥିଲା । ଦଳ ପକ୍ଷରୁ ସାଇ ସୁଦର୍ଶନ ୧୦୮ ରନ ଓ ଶୁଭମନ ଗିଲ୍ ୯୩ ରନ କରିଥିଲେ । ଏହି ମ୍ୟାଚରେ ଗୁଜରାଟ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ ଆରମ୍ଭରୁ ସତର୍କତାର ସହ ଖେଳିଥିଲା । ଦୁଇ ଓପନର କେଏଲ ରାହୁଲ ଓ ଫାଫ ଡୁପ୍ଲେସିସ୍ ଭଲ ଆରମ୍ଭ କରିଥିଲେ ବି ଡୁପ୍ଲେସିସ ମାତ୍ର ୫ ରନ କରି ଆଉଟ ହୋଇଥିଲେ । ଏହା ସତ୍ତ୍ୱେ ରାହୁଲ ଲଢୁଆ ବ୍ୟାଟିଂ କରି ସ୍କୋରକୁ ଆଗେଇ ନେଇଥିଲେ । ସେ ୬୦ ବଲରେ ନିଜର ଶତକ ପୂରଣ କରିଥିଲେ । ଅଭିଷେକ ପୋରେଲ ୩୦ ରନ ଓ ଅଧିନାୟକ ଅକ୍ଷର ପଟେଲ ୨୫ ରନ କରିଥିଲେ । ଦିଲ୍ଲୀ ନିର୍ଦ୍ଧାରିତ ୨୦ ଓଭରରେ ୧୯୯ ରନ କରିଥିଲା ।

### ଇନଟ୍ରାସ୍କୁଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ଜେଡି ହାଇସ୍କୁଲ ଚାମ୍ପିଆନ୍

ବୌଦ୍ଧ(ଭାସ୍କର ନ୍ୟୁଜ): ଜିଲ୍ଲା କ୍ରିକେଟ ଆସୋସିଏସନ ତରଫରୁ ଜିଲ୍ଲା ଷ୍ଟାଡିୟମ ବୌଦ୍ଧରେ ୭ଦିନ ଧରି ଚାଲିଥିବା ଇନଟ୍ରାସ୍କୁଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ମ୍ୟାଚ କେନ୍ଦ୍ରୀୟ ବିଦ୍ୟାଳୟ, ବୌଦ୍ଧ ଓ ଜେଡି ହାଇସ୍କୁଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ମ୍ୟାଚରେ ଜେଡି ହାଇସ୍କୁଲ ଟସ୍ ଜିଣି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମ ଇନିଙ୍ଗସରେ କେନ୍ଦ୍ରୀୟ ବିଦ୍ୟାଳୟ ୧୩.୩ ଓଭରରେ ସମସ୍ତ ୱିକେଟ ହରାଇ ୬୯ ରନ୍ କରିଥିଲା । ଏହାର ଜବାବରେ ଜେଡି ହାଇସ୍କୁଲ ୭.୩ ଓଭରରେ ୨ ୱିକେଟ ହରାଇ ୭୧ ରନ୍ କରି ଦଳକୁ ବିଜୟୀ କରିଥିଲେ । ଦଳ ତରଫରୁ ଏସକେ ଆଫ୍ରିଲ ୨୩ ବଲ୍‌ରୁ ୩୬ ରନ୍, ଶ୍ରବଣ କୁମାର ସାଥୁଆ ୧୫ ବଲ୍‌ରୁ ୧୮ ରନ୍ କରିଥିଲେ । ଏହାପରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଅତିଥିଭାବେ ଜିଲ୍ଲା କ୍ରିକେଟ ଆସୋସିଏସନପର ବରିଷ୍ଠ ସଦସ୍ୟ ସୁଶୀଳ କୁମାର ପରିଡା, କ୍ରୀଡା ଶିକ୍ଷକ ଅମ୍ବରୀଶ ପ୍ରଧାନ ଓ ସୁରେନ୍ଦ୍ର ନାଥ ସାହୁ ଯୋଗଦେଇ ବିଜେତା ଓ ଉପବିଜେତା ଦଳଙ୍କୁ ଟ୍ରଫି ଦେଇ ସମ୍ମାନିତ କରିଥିଲେ । ମ୍ୟାଚରେ ମ୍ୟାନ ଅଫ ଦି ମ୍ୟାଚ ଭାବେ ଓମ ପ୍ରକାଶ ବେହେରା ପୁରସ୍କୃତ ହୋଇଥିଲେ ।

# ରାଜସ୍ଥାନ ରୟାଲ୍ସକୁ ୧୦ ରନ୍‌ରେ ହରାଇଲା ପଞ୍ଜାବ କିଙ୍ଗସ୍



ଜୟପୁର : ଜୟପୁରର ସୱାଇ ମାନସିଂ ଷ୍ଟାଡିୟମଠାରେ ଖେଳାଯାଉଥିବା ଆଇପିଏଲ ୨୦୨୫ର ୫୯ତମ ମ୍ୟାଚରେ ରାଜସ୍ଥାନ ରୟାଲ୍ସକୁ ୧୦ ରନରେ ହରାଇଦେଇଛି ପଞ୍ଜାବ କିଙ୍ଗସ୍ । ୨୨୦ ରନର ପିଛା କରିବାକୁ ଯାଇ ରାଜସ୍ଥାନ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୨୦୯ ରନ ହିଁ କରିପାରିଥିଲା । ରାଜସ୍ଥାନ ପକ୍ଷରୁ ଯଶସ୍ୱୀ ଜୟସ୍ୱାଲ ୫୦ ରନ କରିଥିବାବେଳେ ବୈଭବ ସୂର୍ଯ୍ୟବଂଶୀ ୪୦ ରନ କରିଥିଲେ । ସେହିପରି ଧ୍ରୁବ ଜୁରେଲ ୫୩ ରନର ପାଳି ଖେଳିଥିଲେ । ଏହି ମ୍ୟାଚରେ ପଞ୍ଜାବ ଟସ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । କିନ୍ତୁ ଆରମ୍ଭରୁ ଦଳ ବେଶ କେତୋଟି ୱିକେଟ ହରାଇ ସଂକଟରେ ପଡ଼ିଥିଲା । ପ୍ରିୟାଂଶ ଆର୍ଯ୍ୟା ୯ ରନ, ପ୍ରଭସିମରନ ସିଂ ୨୧ ରନ ଓ ମିଚେଲ ଓୱେନ୍ ୦ ରନ କରି ଆଉଟ ହୋଇଥିଲେ । ତେବେ ନିହାଲ ୱାଧେରାଙ୍କ ୭୦ ରନର ଏକ ଲଢୁଆ ଇନିଂସ ପଞ୍ଜାବକୁ ବିପଦ ମୁକ୍ତ କରିଥିଲା ଓ ସ୍କୋରକୁ ଏକ ସୁରକ୍ଷିତ ସ୍ତରକୁ ନେଇଯାଇଥିଲା । ଅଧିନାୟକ ଶ୍ରେୟସ ଆୟର ୩୦ ରନ କରିଥିବାବେଳେ ଶଶାଙ୍କ ସିଂ ଅପରାଜିତ ୫୯ ରନ କରିଥିଲେ । ସେହିପରି ଅଜମାତୁଲ୍ଲା ଓମର୍ଜାଇ ୨୧ ରନ କରିଥିଲେ । ଦଳ ନିର୍ଦ୍ଧାରିତ ୨୦ ଓଭରରେ ୨୧୯ ରନ କରିଥିଲା । ରାଜସ୍ଥାନ ପକ୍ଷରୁ ତୁଷାର ଦେଶପାଣ୍ଡେ ୨ଟି ୱିକେଟ ନେଇଥିବାବେଳେ ରିୟାନ ପରାଗ, ଆକାସ ମାଧୱାଲ ଓ କ୍ୱେନା ମଫାକା ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ ।

## 'କେବଳ ଧୋନୀଙ୍କ ପ୍ରଶଂସକ ଅସଲି, ବାକି ସବୁ ପେଡ୍'



ନୂଆଦିଲ୍ଲୀ: ପୂର୍ବତନ ଭାରତୀୟ ଅଫ ସ୍ପିନର ହରଭଜନ ସିଂ ସର୍ବଦା ନିଜର ସ୍ପଷ୍ଟବାଦୀ ପାଇଁ ପରିଚିତ। ଏବେ ସେ ବିରାଟ କୋହଲିଙ୍କୁ ନେଇ ଏମିତି କିଛି ଟିପ୍ପଣୀ କରିଛନ୍ତି, ଯାହା ତାଙ୍କ ପ୍ରଶଂସକଙ୍କୁ ଖରାପ ଲାଗିଛି। କେବଳ ଏତିକି ନୁହେଁ ହରଭଜନ ନିଜ ବୟାନରେ ଏମଏସ ଧୋନୀଙ୍କ ନାଁ ମଧ୍ୟ ନେଇଛନ୍ତି। ଏହା ପରେ ସାମାଜିକ ଗଣମାଧ୍ୟମରେ ଚହଳ ପଡ଼ିଛି। ବିରାଟ କୋହଲିଙ୍କ ପ୍ରଶଂସକ ସାମାଜିକ ଗଣମାଧ୍ୟମରେ ହରଭଜନ ସିଂଙ୍କୁ ଟାର୍ଗେଟ୍ କରିଛନ୍ତି। ପ୍ରଶଂସକଙ୍କ କହିବା କଥା ପୂର୍ବତନ ଅଫସ୍ପିନର ବିରାଟ କୋହଲିଙ୍କୁ ଟାର୍ଗେଟ୍ କରିଛନ୍ତି। ହରଭଜନ ସିଂଙ୍କ ଏହି ପ୍ରତିକ୍ରିୟା ଶନିବାର ଆରସିବି ଓ କେକେଆର ମ୍ୟାଚ୍ ସମୟରେ ଆସିଛି। କମେଣ୍ଟ୍ରି ବକ୍ସରେ ଧୋନୀଙ୍କ ଆଇପିଏଲ୍ ଭବିଷ୍ୟତକୁ ନେଇ ଆଲୋଚନା ଚାଲିଥିଲା। କିଛି ମିଡିଆ ରିପୋର୍ଟରେ ଦାବି କରାଯାଇଥିଲା ଯେ, ଧୋନୀ ଆଉ ଏକ ଆଇପିଏଲ୍ ସିଜିନ ଖେଳି ପାରନ୍ତି। ଏହା ପରେ ହରଭଜନ ସ୍ଟାରସ୍ପୋର୍ଟ୍ସରେ କହିଛନ୍ତି, ଧୋନୀଙ୍କୁ ଯେ ପର୍ଯ୍ୟନ୍ତ ଇଚ୍ଛା ସେ ପର୍ଯ୍ୟନ୍ତ ଖେଳି ପାରିବେ। ଏହା ପରେ ପ୍ରଶଂସକଙ୍କୁ ଆଲୋଚନା ନେଇ ହୋଇଥିଲା। ଏହା ଉପରେ ହରଭଜନ କହିଛନ୍ତି, କେବଳ ଧୋନୀଙ୍କ ପାଖରେ ପ୍ରକୃତ ପ୍ରଶଂସକ ଅଛନ୍ତି। ବାକି ଲୋକଙ୍କ ପାଖରେ ତ ପେଡ୍ ପ୍ରଶଂସକ ଏବଂ ପିଆର ଅଛନ୍ତି। ହରଭଜନ କହିଛନ୍ତି, ବାସ୍ତବରେ ଧୋନୀଙ୍କ ପାଖରେ ହିଁ ବାସ୍ତବିକ ପ୍ରଶଂସକ ଅଛନ୍ତି। ବାକି ଲୋକଙ୍କର ତ କେବଳ ସୋସିଆଲ ମିଡିଆରେ ପ୍ରଶଂସକ ଅଛନ୍ତି। ଏପରିକି ଭଜି କହିଛନ୍ତି ଯେ, ଅଧିକାଂଶ ଖେଳାଳିଙ୍କ ସର୍ବଦା ପେଡ୍ ଫ୍ୟାନ୍ ଅଛନ୍ତି। ତେଣୁ ଏସବୁ କଥାକୁ ଛାଡ଼ି ଦିଅନ୍ତୁ। ଯଦି ମୁଁ କହିବା ଆରମ୍ଭ କରିବି ତେବେ କଥା ଅନ୍ୟ ଦିଗକୁ ଚାଲିଯିବ। ଏହି ସମୟରେ ଆକାଶ ଚୋପ୍ରା ମଧ୍ୟ ସେଠାରେ ଉପସ୍ଥିତ ଥିଲେ। ହରଭଜନଙ୍କ କଥା ଶୁଣି ସେ ବି ଚକିତ ହୋଇଗଲେ ଏବଂ କହିଛନ୍ତି ଭଜି ଏତେ ସତ କଥା କହିବାର ନ ଥିଲା। ହରଭଜନଙ୍କ ଏମିତି ଟିପ୍ପଣୀକୁ ନେଇ ଲୋକେ ତାଙ୍କ ଉପରେ କ୍ଷୁବ୍ଧ ଅଛନ୍ତି। ପ୍ରଶଂସକ କହିଛନ୍ତି ଯେ, ହରଭଜନ ପରୋକ୍ଷରେ କୋହଲିଙ୍କୁ ଟାର୍ଗେଟ୍ କରିଛନ୍ତି।

### ମହେଶ ଦାସ ମେମୋରିଆଲ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# କିସାନ ବ୍ରଦର୍ସ ଓ ଝାଞ୍ଜିଡ଼ାପାଳ ଚାମ୍ପିଅନ୍



ବାରିପଦା(ଭାସ୍କର ନ୍ୟୁଜ): ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମ ପଡିଆରେ ମହେଶ ଦାସ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ୪୦ ବର୍ଷରୁ କମ ଫାଇନାଲ ମ୍ୟାଚରେ କିସାନ ବ୍ରଦର୍ସ ଫୁଟବଲ କ୍ଲବ ଫ୍ରେଣ୍ଡସ ଉଇନାଇଟେଡ଼ ଫୁଟବଲ କ୍ଲବ, ଗୋପୀବଲ୍ଲଭପୁରକୁ ୧-୦ ଗୋଲରେ ପରାସ୍ତ କରି ଚାମ୍ପିୟାନ ହୋଇଛି । ସୋନୁ ହେମ୍ବ୍ରମ ଏକ ମାତ୍ର ଗୋଲ କରିଥିଲେ ଓ ୪୦ ବର୍ଷରୁ ଉର୍ଦ୍ଧ ଦ୍ୱିତୀୟ ଫାଇନାଲ ମ୍ୟାଚରେ ଝାଞ୍ଜିଡ଼ାପାଳ ଫୁଟବଲ କ୍ଲବ ଭେଟେରାନ ଫୁଟବଲ କ୍ଲବକୁ ୧-୦ ଗୋଲରେ ପରାସ୍ତ କରି ଚାମ୍ପିୟାନ ହୋଇଛି । ହିକିମ ମୁର୍ମୁ ଏକ ମାତ୍ର ଗୋଲ କରିଥିଲେ । ଶୈକତ ଗିରି, ଅମିତ ମାଇତି, ଚନ୍ଦନା ଘୋଷ ଓ ସୁଭଦ୍ରା ହେମ୍ବ୍ରମ ଖେଳ ପରିଚାଳନା କରିଥିବା ବେଳେ ମନୋଜ ପାତ୍ର ଧାରାବିବରଣୀ ପ୍ରଦାନ କରିଥିଲେ । ଏହି ଅବସରରେ ବରିଷ୍ଠ ଖେଳାଳି ଦିଗେଶ୍ୱର ମହାନ୍ତ, ସୁଶାନ୍ତ କରଣ, ମାଣିକ ରଣା, ପଟେଲ ଦାଙ୍କୁ ମୁଖ୍ୟ ଆୟୋଜକ ଲୋହିତ ଦାଶ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଅତିଥି ଭାବେ ଯୋଗଦେଇ ଫାଓ ଉପ ସଭାପତି ଅସିତ ପତି, ପୂର୍ବତନ କ୍ରୀଡା ଅଧିକାରୀ ପ୍ରଦୀପ କୁମାର ବେହେରା, ପୂର୍ବତନ ଫାଓ ଉପ ସଭାପତି ପ୍ରଦୀପ କିଶୋର ମହାନ୍ତି, ସେଙ୍ଗଲ ଦା, ଯଦୁନାଥ ମାଝୀ, କୁମାର ରଞ୍ଜନ ପଣ୍ଡା, ନନ୍ଦଲାଲ ମହାପାତ୍ର, କୈଳାଶ ବେହେରା, ବିଜୟ କୁମାର ଦାସ (ମଣ୍ଟୁ ଦା), ହରିଶ ଷଡ଼ଙ୍ଗୀ, ବୈଲୋଚନ ପାତ୍ର, ଲଲାଟେନ୍ଦୁ ବେହେରା ତପନ କୁମାର ସିନ୍‌ହା ପ୍ରମୁଖ ପୁରସ୍କାର ବିତରଣ କରିଥିଲେ । ଯୁବ ଦଳରେ ଚମ୍ପିୟାନ ଦଳକୁ ୩୦ ହଜାର ଓ ଟ୍ରଫି ଓ ରନର୍ସ ଅପ ଦଳକୁ ୨୫ ହଜାର ଓ ଟ୍ରଫି ପ୍ରଦାନ କରାଯାଇଥିବା ବେଳେ ଭେଟେରାନ ଦଳରେ ଚାମ୍ପିୟାନକୁ ୧୦ ହଜାର ଟଙ୍କା ଓ ଟ୍ରଫି ଏବଂ ରନର୍ସ ଅପକୁ ୮ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା । ସୋନୁ ହେମ୍ବ୍ରମ ଓ ହିକିମ ମୁର୍ମୁଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା । ରବୀନ୍ଦ୍ର ନାୟକ, ନୁରୁଲ ଇସଲାମ, ସୁକେନ୍ଦୁ ଦାସ ସହାୟତା କରିଥିଲେ ।

## ଭାରତରେ ଆୟୋଜିତ ହେବ ସୁଟିଂ ଲିଗ୍ ଏସ୍‌ଏଲ୍‌ଆଇ

ନୂଆଦିଲ୍ଲୀ: କ୍ରିକେଟ୍, ହକି, ଫୁଟବଲ୍ ଓ କବାଡ଼ି ଭଳି ସୁଟିଂରେ ମଧ୍ୟ ଏକ ପେସାଦାର ଲିଗ୍ ଆୟୋଜିତ ହେବ। ଯାହାର ନାଁ ସୁଟିଂ ଲିଗ୍ ଅଫ୍ ଇଣ୍ଡିଆ ବା ଏସ୍‌ଏଲ୍‌ଆଇ ରଖାଯାଇଛି। ଜାତୀୟ ରାଇଫଲ୍ ସଂଘ (ଏନ୍‌ଆରଏଆଇ)ର ପରିଚାଳନା ପରିଷଦ ଶନିବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ମିଳିତ ହୋଇ ଏହି ପେସାଦାର ଲିଗ୍‌ର ଢାଞ୍ଚା, ନୀତିନିୟମ, ବର୍ଗ, ପୁରସ୍କାର ରାଶି, ଖେଳାଳି ନିଯୁକ୍ତି ଏବଂ ଲୋଗୋ ଉନ୍ମୋଚନ ନେଇ ବିସ୍ତୃତ ଆଲୋଚନା କରିଛି। ସୁଟିଂକୁ ସାରା ଦେଶରେ ଲୋକପ୍ରିୟ କରାଇବା ନେଇ ଏଭଳି ଏକ ପେସାଦାର ଲିଗ୍‌ର ପରିକଳ୍ପନା କରାଯାଇଥିବା ସଂଘ ପକ୍ଷରୁ କୁହାଯାଇଛି। ଏହି ଅବସରରେ ସୁଟିଂ ବୈଷୟିକ କମିଟିର ଅନେକ ଗୁରୁତ୍ୱପୂର୍ଣ୍ଣ ସୁପାରିସକୁ ପରିଷଦ ଗ୍ରହଣ କରିଥିଲା। ସୂଚନା ଅନୁସାରେ ଏହି ପ୍ରତୀକ୍ଷିତ ଲିଗ୍‌ର ପ୍ରଥମ ସଂସ୍କରଣରେ ୧୦ ଓ ୨୫ ମିଟର ପିସ୍ତଲ, ୧୦ ଓ ୫୦ ମିଟର ରାଇଫଲ୍ ଥ୍ରୀ ପୋଜିସନ୍ ଏବଂ ସଟଗନ୍ (ଟ୍ରାପ୍ ଓ ସ୍କିଟ୍)ର ମିଶ୍ରିତ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା ହେବ। ଲିଗ୍ ନଭେମ୍ବର ୨୦ରୁ ୨ ଡିସେମ୍ବର ପର୍ଯ୍ୟନ୍ତ ଚାଲିବ। ୮ଟି ଦଳକୁ ଚାରିଟି ଲେଖାଏଁ ଦଳର ଦୁଇଟି ପୁଲ୍‌ରେ ବିଭକ୍ତ କରାଯିବ। ନଭେମ୍ବର ୨୧ରୁ ୨୬ ଲିଗ୍ ପର୍ଯ୍ୟାୟ ଖେଳାଯିବ। ପ୍ରତ୍ୟେକ ପୁଲ୍‌ର ଶୀର୍ଷ ଦୁଇ ଦଳ ନକ୍‌ଆଉଟ୍ ପର୍ଯ୍ୟାୟକୁ ଉନ୍ନୀତ ହେବେ। ଏଥିରେ ଭାରତ ଓ ଅନ୍ତର୍ଜାତୀୟସ୍ତରର ପ୍ରତିଷ୍ଠିତ ସୁଟିଂ ତାରକା ଅଂଶଗ୍ରହଣ କରିବେ। ସବୁ ଦଳରେ ସନ୍ତୁଳନ ରକ୍ଷା କରିବା ଲାଗି ଖେଳାଳିଙ୍କୁ ଚାରିଟି ସ୍ତର ଯଥା ଏଲିଟ୍ ଚାମ୍ପିଅନ୍ସ, ୱାର୍ଲଡ ଏଲିଟ୍, ନ୍ୟାସନାଲ ଚାମ୍ପିଅନ୍ସ ଏବଂ ଜୁନିଅର୍ ଓ ୟୁଥ୍ ଚାମ୍ପିଅନ୍ସରେ ବିଭକ୍ତ କରାଯିବ। ପ୍ରତିଯୋଗିତାର ଲୋଗୋ ନୂଆଦିଲ୍ଲୀରେ ଜୁନ୍ ୪ରେ ଉନ୍ମୋଚିତ ହେବ। ଏଥିନେଇ ପୂର୍ବତନ ଅନ୍ତର୍ଜାତୀୟ ସୁଟିଂ ତାରକା, ବଲାଙ୍ଗୀର ସାଂସଦ ତଥା ଏନ୍‌ଆରଏଆଇ ସଭାପତି କଳିକେଶ ନାରାୟଣ ସିଂହଦେଓ କହିଛନ୍ତି, ଏହା ହେଉଛି ଏକ ଶୀର୍ଷସ୍ତରୀୟ କ୍ରୀଡ଼ା ସହ ଲିଗ୍ ଶୈଳୀ ମନୋରଞ୍ଜନର ସମିଶ୍ରଣ। ଏସ୍‌ଏଲ୍‌ଆଇ, ସୁଟିଂକୁ ଏକ ଖେଳ ଭାବେ ନୂଆ ସ୍ତରକୁ ନେଇ ଆଗାମୀ ପିଢ଼ିଙ୍କୁ ଅନୁପ୍ରେରିତ କରିବ। ଏହାକୁ ଏବେ ଚାରିଆଡ଼ୁ ସମର୍ଥନ ମିଳୁଛି। ଏସ୍‌ଏଲ୍‌ଆଇ ଭାରତୀୟ ସୁଟିଂ ଦୃଶ୍ୟପଟ୍ଟରେ ବୈପ୍ଳବିକ ପରିବର୍ତ୍ତନ ଆଣି ନୂଆ ସୀମା ସରହଦ ଛୁଇଁବ। ପ୍ରଥମ ଥର ଲାଗି ଏଭଳି ଏକ ଲିଗ୍‌ର ପରିକଳ୍ପନା କରି ଆମେ ଗର୍ବିତ। ଫ୍ରାଞ୍ଚାଇଜ ଭିତ୍ତିକ ଲିଗ୍ ପାଇଁ ବହୁ ବିଶ୍ୱସ୍ତରୀୟ ସୁଟର ଗୋଟିଏ ଦଳରୁ ଖେଳିବାର ସୁଯୋଗ ପାଇବେ। ନିଜ ନିଜ ମଧ୍ୟରେ ଅଭିଜ୍ଞତା ବାଣ୍ଟିବାର ସୁଯୋଗ ବି ପାଇବେ। କେବଳ ଭାରତ ନୁହେଁ ସମଗ୍ର ବିଶ୍ୱରେ ସୁଟିଂର ଉନ୍ନତି ହେବ। ବହୁ ଯୁବ ପ୍ରତିଭା ମଧ୍ୟ ଏହି ଖେଳ ପ୍ରତି ଆକର୍ଷିତ ହେବେ।

## ଜିଲ୍ଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ : ଟିମ୍- ସି ବିଜୟୀ



ବାରିପଦା(ଭାସ୍କର ନ୍ୟୁଜ): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ଓଡିଶା କ୍ରିକେଟ ଏସୋସିଏସନ ଆନୁକୂଲ୍ୟରେ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ସହଯୋଗରେ ଆୟୋଜିତ ଜିଲ୍ଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୨ୟ ଦିନର ଖେଳରେ ମୟୁରଭଞ୍ଜ କମ୍ବାଇଣ୍ଡ ସ୍କୁଲ ଟିମ-ସି, ଟିମ-ବିକୁ ୩୭ ରନରେ ପରାସ୍ତ କରିଥିଲା ଓ ପ୍ରଥମେ ବ୍ୟାଟିଂ କରି ଟିମ- ସି ୨୦ ଓଭରରେ ୭ ଉଇକେଟ ହରାଇ ୧୧୩ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ବିଶ୍ୱ ପି ସାହୁ ୩୦ ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ସତ୍ୟମ ପାତ୍ର ୩ଟି ଉଇକେଟ ଅକ୍ତିଆର କରିଥିଲେ । ଟିମ୍ -ବି ୧୬. ୨ ଓଭରରେ ସମସ୍ତ ଉଇକେଟ ହରାଇ ୭୬ ରନ ସଂଗ୍ରହ କରିପାରିଥିଲେ । ବିପକ୍ଷ ଦଳର ତାଜ ରୋଶନ ପରିଡା ୪ଟି ଉଇକେଟ ଅକ୍ତିଆର କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ଗଣମାଧ୍ୟମ ସଂଯୋଜକ ତଥା ପୂର୍ବତନ କ୍ରିକେଟ ଖେଳାଳି ସୋମନାଥ ସିଂହ, କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର, ସହ ସମ୍ପାଦକ ବୈଦ୍ୟନାଥ ରଥ ଓ ଅଶୋକ ପଟ୍ଟନାୟକ ପ୍ରମୁଖ ଯୁବ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ଅମିତାଭ ପଟ୍ଟନାୟକ ଓ ସୁଶାନ୍ତ ମହାନ୍ତି ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ କୁମାର ମହାରଣା ସ୍କୋରିଂରେ ସହାୟତା ପ୍ରଦାନ କରିଥିଲେ । ଆସନ୍ତାକାଲି ମୟୁରଭଞ୍ଜ କମ୍ବାଇଣ୍ଡ ସ୍କୁଲ୍ ଟିମ୍-ଇ ଏବଂ ଟିମ-ସି ମଧ୍ୟରେ ଖେଳ ଅନୁଷ୍ଠିତ ହେବ ।

## ବଡ଼ି ବିଲ୍ଡିଂ ପ୍ରତିଯୋଗିତାରେ ବିଶ୍ୱଜିତ୍‌ଙ୍କ ସଫଳତା



କେନ୍ଦୁଝର(ଭାସ୍କର ନ୍ୟୁଜ): ମସଲ୍ ମାନିଆ ସଂସ୍ଥା ପକ୍ଷରୁ ଦିଲ୍ଲୀଠାରେ ଆୟୋଜିତ ବଡି ବିଲ୍ଡିଂ ସୋ ମେ ୧୦ ଓ ୧୧ ତାରିଖ ୨ ଦିନ ଧରି ଅନୁଷ୍ଠିତ ହୋଇଯାଇଛି । ପ୍ରତିଯୋଗିତାରେ କେନ୍ଦୁଝର ଜିଲ୍ଲାର ବିଶ୍ୱଜିତ୍ ଜେନା କନିଷ୍ଠ ବିଭାଗର କ୍ଲାସିକ୍ ଫିଜିକ୍‌ରେ ୪ର୍ଥ ସ୍ଥାନ ଅଧିକାର କରିଛନ୍ତି । ପ୍ରତିଯୋଗିତା ପାଇଁ ବିଶ୍ୱଜିତ୍ ଗତ ଡ଼ିସେମ୍ବର ମାସ ରୁ କେନ୍ଦୁଝର ମାଇନିଂ ରୋଡ୍ ସ୍ଥିତ ସଲିଡ଼ ଜିମ୍ ରେ ଅଭ୍ୟାସ ଜାରି ରଖିଥିଲେ । ଏହି ସଫଳତାର ଶ୍ରେୟ ସେ ତାଙ୍କ ପିତା ଯତିନ୍ଦ୍ର କୁମାର ଜେନା, ମା' ସ୍ୱର୍ଣ୍ଣପ୍ରଭା ଜେନାଙ୍କ ସହ ଶୁଭେଚ୍ଛୁଙ୍କୁ ପ୍ରଦାନ କରିଛନ୍ତି । ବିଶ୍ୱଜିତ୍ ବର୍ତ୍ତମାନ ପଞ୍ଜାବର ଲଭଲି ପ୍ରଫେସନାଲ୍ ବିଶ୍ୱବିଦ୍ୟାଳୟରେ କୃଷି ବିଜ୍ଞାନ ବିଭାଗର ଅଧ୍ୟୟନ କରିବା ପରେ ଉଚ୍ଚ ଶିକ୍ଷା ପାଇଁ ପ୍ରସ୍ତୁତ ହେଉଛନ୍ତି। ବିଶ୍ୱଜିତ୍ ପୂର୍ବରୁ ମିଷ୍ଟର ଓଡ଼ିଶା ଟାଇଟେଲ ଦୁଇଥର ହାସଲ କରିବା ସହ ଏକାଧିକ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ସଫଳତା ହାସଲ କରିଛନ୍ତି।

## ଇଣ୍ଡିଆନ୍ ଗ୍ରାଁ ପ୍ରି-୨ : ଅନିମେଷ ଦ୍ରୁତତମ



ଚେନ୍ନାଇ: କେରଳର ତ୍ରିଭେନ୍ଦ୍ରମଠାରେ ଆୟୋଜିତ ଇଣ୍ଡିଆନ୍ ଗ୍ରାଁପ୍ରି- ୨ରେ ଓଡ଼ିଶା ଖେଳାଳିମାନେ ଚମତ୍କାର ପ୍ରଦର୍ଶନ କରି ଉଚ୍ଚପ୍ରଶଂସିତ ହୋଇଛନ୍ତି। ବିଶେଷକରି ପୁରୁଷ ୧୦୦ ମିଟରର ପ୍ରଥମ ୩ସ୍ଥାନରେ ଓଡ଼ିଶାର ୩ଜଣ ଖେଳାଳି ରହିବା ଉଲ୍ଲେଖନୀୟ ରହିଛି। ୧୦.୩୧ ସେକେଣ୍ଡ୍ ସମୟ ସହ ଅନୀମେଷ କୁଜୁର ପ୍ରତିଯୋଗିତାର ଦ୍ରୁତତମ ଧାବକ ହୋଇଥିଲା ବେଳେ ତାଙ୍କ ପଛକୁ ରହିଛନ୍ତି ଲାଲୁ ପ୍ରସାଦ ଭୋଇ (୧୦.୫୬୫ ସେକେଣ୍ଡ) ଓ ଦଣ୍ଡପତି ମୃତ୍ୟମ ଜୟରାମ (୧୦.୫୬୯)। ଏହା ରାଜ୍ୟ ଦୌଡ଼କୁଦ ପାଇଁ ଗର୍ବ ଓ ଗୌରବର ବିଷୟ ହୋଇଛି। ଅନ୍ୟତମ ଓଡ଼ିଆ ଅଭିନାଶ ସାହୁ (୧୦.୭୪ ସେକେଣ୍ଡ) ନିଜ ଗ୍ରୁପ୍ (ସି)ର ପ୍ରଥମ ସ୍ଥାନରେ ରହିଥିଲେ ମଧ୍ୟ ମୋଟ ଉପରେ ସପ୍ତମ ସ୍ଥାନ ଅଧିକାର କରିଥିଲେ। ପୁରୁଷ ୨୦୦ ମିଟରରେ ମଧ୍ୟ ଅନିମେଷ ବାଜି ମାରି ନେଇଥିଲେ। ୨୦.୫୫ ସେକେଣ୍ଡ ସହ ସେ ପ୍ରଥମ ସ୍ଥାନରେ ରହିଥିଲା ବେଳେ ଲାଲୁପ୍ରସାଦ ଭୋଇ (୨୧.୨୩) ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ୮୦୦ ମିଟରରେ ଓଡ଼ିଶାର ଦୟାନିଧି ମୁଣ୍ଡା (୧:୫୨.୮୦) ତୃତୀୟ ସ୍ଥାନରେ ରହିଥିଲେ। ମହିଳା ୧୦୦ ମିଟରରେ କିନ୍ତୁ ଅଭିଜ୍ଞ ଓଡ଼ିଆ ଧାବିକା ଶ୍ରାବଣୀ ନନ୍ଦ ଆଶାଜନକ ପ୍ରଦର୍ଶନ କରି ପାରି ନଥିଲେ। ମହିଳା ୮୦୦ ମିଟରରେ କିନ୍ତୁ ଲକ୍ଷ୍ମୀପ୍ରିୟା କିଶାନ ଏହି ଦୁଃଖକୁ ଦୂର କରିଥିଲେ। ୨:୦୯.୧୦ ମିନିଟ୍ ସମୟ ସହ ସେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେହିଭଳି ମହିଳା ୧୧୦ ମିଟର ବାଧାଦୌଡ଼ରେ ପ୍ରଜ୍ଞା ପ୍ରଶାନ୍ତି ସାହୁ (୧୩.୨୭) ଓ ସବିତା ଟପ୍ପୋ (୧୪.୨୦) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିବା ଜାତୀୟ ଦୌଡ଼କୁଦ ଦୃଶ୍ୟପଟ୍ଟରେ ଓଡ଼ିଶାର ବର୍ଦ୍ଧିତ ଆକାରକୁ ଦର୍ଶାଇଥିଲା।

### ବିଜେତା କୋଲକାତାକୁ ବିଦା କଲା ବର୍ଷା

# ପ୍ଲେ ଅଫ୍‌ରେ ଖେଳିବେନି ଜୋସ୍ ବଟ୍‌ଲର



ବେଙ୍ଗାଲୁରୁ: ଗତ ବର୍ଷର ବିଜେତା କୋଲକାତା ନାଇଟ୍ ରାଇଡର୍ସ (କେକେଆର) ଏଥର ପ୍ଲେ ଅଫ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୋଇଛି। ଅସ୍ଥିର ପ୍ରଦର୍ଶନ ସାଙ୍ଗକୁ ଦୁଇ ଦୁଇଟି ମ୍ୟାଚ୍ ବର୍ଷା ଧୋଇ ନେବା ଅଜିଙ୍କ୍ୟ ରାହାଣେଙ୍କ ଦଳକୁ ଆଗୁଆ ବିଦାୟ ରାସ୍ତା ଦେଖାଇଛି। ଭାରତ-ପାକିସ୍ତାନ ଉତ୍ତେଜନା ପରିସ୍ଥିତି ପରେ ଶନିବାରଠାରୁ ଆଇପିଏଲ୍ ପୁଣି ଆରମ୍ଭ ହୋଇଥିଲେ ମଧ୍ୟ ପ୍ରତ୍ୟାବର୍ତ୍ତନର ପ୍ରଥମ ମ୍ୟାଚ୍‌କୁ ବର୍ଷା ଧୋଇ ନେଇଛି। ଫଳରେ କର ବା ମର ସ୍ଥିତିରେ ଥିବା କୋଲକାତା ନାଇଟ୍ ରାଇଡର୍ସ ଆଶା ପାଣିରେ ମିଶିଯାଇଛି। ବେଙ୍ଗାଲୁରୁର ଏମ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌କୁ ବର୍ଷା ଆଦୌ ବାଟ ଛାଡ଼ିନଥିଲା। ଫଳରେ ରାତି ସାଢ଼େ ଦଶଟାରେ ମ୍ୟାଚ୍‌କୁ ସମ୍ପୂର୍ଣ୍ଣ ବାତିଲ ଘୋଷଣା କରିଦିଆଯାଇଥିଲା। ଟେଷ୍ଟ ଅବସର ପରେ ବିରାଟ କୋହଲିଙ୍କ ତାଙ୍କ ଘରୋଇ ଗ୍ରାଉଣ୍ଡରେ ଦେଖିବାକୁ ଆସିଥିବା ପ୍ରଶଂସକମାନେ ବି ନିରାଶ ହୋଇ ଫେରିଥିଲେ। ଆରସିବି କିନ୍ତୁ ଆଉ ଏକ ପଏଣ୍ଟ ଯୋଡ଼ି ଶୀର୍ଷକୁ ଉଠିବା ସହ ପ୍ଲେ ଅଫ୍ ପ୍ରବେଶକୁ ନିଶ୍ଚିତ କରିନେଇଥିଲା। ଇଂଲଣ୍ଡ ଟ୍ୱେଣ୍ଟି-୨୦ ତାରକା ଜୋସ୍ ବଟ୍‌ଲର ଆଇପିଏଲ୍ ପ୍ଲେ ଅଫ୍‌ରେ ଖେଳିପାରିବେନି। ଚଳିତ ମାସ ୨୯ ତାରିଖରୁ ଆରମ୍ଭ ହେବାକୁ ଥିବା ୱେଷ୍ଟଇଣ୍ଡିଜ୍ ବିପକ୍ଷ ଧଳାବଲ୍ ଶୃଙ୍ଖଳା ଲାଗି ଏହି ଗୁଜରାଟ ଟାଇଟନ୍ସ ତାରକା ଦେଶ ପକ୍ଷରୁ ଖେଳିବାକୁ ନିଷ୍ପତ୍ତି ନେଇଛନ୍ତି। ଫଳରେ ଶେଷ ୩ ଲିଗ୍ ମ୍ୟାଚ୍ ଖେଳିବା ପରେ ସେ ସ୍ୱଦେଶ ଫେରିଯିବେ। ସଂପ୍ରତି ଗୁଜରାଟ ଦଳ ୧୧ ମ୍ୟାଚ୍‌ରୁ ୧୬ ପଏଣ୍ଟ ପାଇ ଟେବୁଲ ଶୀର୍ଷରେ ରହିଛି। ଏବେ ଦଳ ଶେଷ ୩ ଲିଗ୍ ମ୍ୟାଚ୍ ଚଳିତ ମାସ ୧୮, ୨୨ ଓ ୨୫ରେ ଯଥାକ୍ରମେ ଦିଲ୍ଲୀ କ୍ୟାପିଟାଲ୍ସ, ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ଓ ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷରେ ଖେଳିବ। ପ୍ଲେ ଅଫ୍‌ରେ ତାଙ୍କ ବଦଳ ଖେଳାଳି ଭାବେ ଶ୍ରୀଲଙ୍କା ବାମହାତୀ କୁଶାଲ ମେଣ୍ଡିସ୍‌ଙ୍କୁ ଗୁଜରାଟ ଦଳରେ ନେବା ସମ୍ଭାବନା ରହିଛି। ଅନ୍ୟ ଇଂଲଣ୍ଡ ଖେଳାଳି ମୋଇନ ଅଲୀ (କୋଲ୍‌କାତା ନାଇଟ୍ ରାଇଡର୍ସ), ଜୋଫ୍ରା ଆର୍ଚର (ରାଜସ୍ଥାନ ରୟାଲ୍ସ) ଏବଂ ସାମ କରନ୍ ଓ ଜାମି ଓଭରଟନ୍ (ଉଭୟ ସିଏସ୍‌କେ) ମଧ୍ୟ ଆଇପିଏଲର ଶେଷ ଭାଗରୁ ଓହରି ଯାଇଛନ୍ତି।



ଲୋକମାନେ ପ୍ରାୟତଃ ପିଲାକୁ ଶୋଇବା ସମୟରେ ତାଙ୍କ ସ୍ୱାସ୍ଥ୍ୟ ପ୍ରତି ଏପରି ଅବହେଳା କରନ୍ତି । ପ୍ରକୃତରେ, ପିଲାମାନଙ୍କର ରାତିରେ ଶୋଇବା ସେମାନଙ୍କ ମାନସିକ ଏବଂ ଶାରୀରିକ ବିକାଶ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ଲୋକମାନେ ପ୍ରାୟତଃ ସେମାନଙ୍କୁ ଶୋଇବା ସମୟରେ ଏକ ଭୁଲ କରନ୍ତି, ଯାହା ପାଇଁ ସେମାନଙ୍କୁ ପରେ ପଶ୍ଚାତାପ କରିବାକୁ ପଡ଼ିପାରେ । ଏକ୍ସପର୍ଟଙ୍କ ମତ କଣ- ପ୍ରକୃତରେ, ରାତିରେ ଏକାକୀତା କିମ୍ବା ଭୟରୁ ରକ୍ଷା କରିବା ପାଇଁ ପିତାମାତାମାନେ ପ୍ରାୟତଃ ସେମାନଙ୍କ ପିଲାମାନଙ୍କୁ କୋଠରୀରେ ଏକ ଡିମ୍ ଆଲୋକ ଜଳାଇ ଶୋଇବାକୁ ଦିଅନ୍ତି । ସେମାନେ ବିଶ୍ୱାସ କରନ୍ତି ଯେ ଯଦି ପିଲାଟି କୌଣସି କାରଣରୁ ରାତିରେ ଉଠିଯାଏ, ତେବେ ସେ ଅନ୍ଧାରରେ ଭୟଭୀତ ହେବା ଉଚିତ୍ ନୁହେଁ । ଏଥିପାଇଁ, ସେମାନେ ସେମାନଙ୍କ କୋଠରୀରେ ଏକ ଆଲୋକ ଜଳାଇ ଦିଅନ୍ତି । ତଥାପି, ବିଶେଷଜ୍ଞମାନେ କୁହନ୍ତି ଯେ ଏହି ଅଭ୍ୟାସ ପିଲାମାନଙ୍କ ପାଇଁ କ୍ଷତିକାରକ । ଶୋଇବା ସମୟରେ କୋଠରୀରେ ଆଲୋକ ରହିବା, ଯଦିଓ ଏହା ବହୁତ ମନ୍ଥର, ପିଲାର ଆଖି ଉପରେ ଖରାପ ପ୍ରଭାବ ପକାଇପାରେ । ଅନେକ ଅଧ୍ୟୟନର ଫଳାଫଳ ଦର୍ଶାଉଛି ଯେ ରାତିରେ ଆଲୋକ ଜଳାଇ ଶୋଇବା ଦ୍ୱାରା ପିଲାମାନଙ୍କ ମଧ୍ୟରେ ମାୟୋପିଆ ହେବାର ଆଶଙ୍କା ବଢ଼ିପାରେ । କାରଣ ପିଲାମାନଙ୍କର ଆଖିପତା, ଅର୍ଥାତ୍ ଆଖି ଉପର ଚର୍ମ ବହୁତ ପତଳା, ଯାହା ଯୋଗୁଁ ନୀଳ ଆଲୋକ ସହଜରେ ଆଖି ଭିତରକୁ ପ୍ରବେଶ କରିପାରେ ଏବଂ ମାୟୋପିଆ ହେବାର ଆଶଙ୍କା ବଢ଼ାଇପାରେ । ପିଲାର ଦୃଷ୍ଟିଶକ୍ତି ଦୁର୍ବଳ ହୋଇପାରେ ।



## ପୁଣି ଘର ତୋଳିବେ ସାମନ୍ଥା

ଦକ୍ଷିଣ ଭାରତୀୟ ଫିଲ୍ମ ଇଣ୍ଡଷ୍ଟ୍ରୀର ଲୋକପ୍ରିୟ ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁ ଏବଂ ପ୍ରଖ୍ୟାତ ନିର୍ଦ୍ଦେଶକ ରାଜ ନିଦିମୋରୁଙ୍କ ମଧ୍ୟରେ ଡେଟିଂ ଗୁଜବ ଦୀର୍ଘ ଦିନ ଧରି ଚର୍ଚ୍ଚାରେ ରହିଛି । ଏବେ ଏକ ସାମ୍ପ୍ରତିକ ରିପୋର୍ଟ ଅନୁଯାୟୀ, ଏହି ଦୁଇ ଜଣ ଏକାଠି ଘର କରିବାକୁ ଯାଉଛନ୍ତି, ଯାହା ସେମାନଙ୍କ ସମ୍ପର୍କକୁ ଆହୁରି ଗଭୀର କରିଛି ବୋଲି ଜଣାପଡୁଛି । ସାମନ୍ଥା ଓ ରାଜ ନିଦିମୋରୁଙ୍କ ସମ୍ପର୍କର ଗୁଜବ ସେତେବେଳେ ଆରମ୍ଭ ହୋଇଥିଲା ଯେତେବେଳେ ସାମନ୍ଥା ୨୦୨୫ ଫେବୃଆରୀ ୧ ତାରିଖରେ ଏକ ପିକଲବଲ ଟୁର୍ଣ୍ଣାମେଣ୍ଟରୁ କିଛି ଫଟୋ ଇନଷ୍ଟାଗ୍ରାମରେ ପୋଷ୍ଟ କରିଥିଲେ । ଏହି ଫଟୋ ମଧ୍ୟରେ ଗୋଟିଏ ଫଟୋରେ ସେ ରାଜଙ୍କ ହାତ ଧରିଥିବା ଦେଖାଯାଇଥିଲା, ଯାହା ପ୍ରଶଂସକଙ୍କ ମଧ୍ୟରେ ତୀବ୍ର ଚର୍ଚ୍ଚାର କାରଣ ହୋଇଥିଲା । ସାମନ୍ଥା ଚେନ୍ନାଇ ସୁପର ଚାମ୍ପସ ନାମକ ପିକଲବଲ ଟିମର ମାଲିକ ଅଟନ୍ତି, ଏବଂ ରାଜ ମଧ୍ୟ ଏହି ଇଭେଣ୍ଟରେ ତାଙ୍କ ସହ ଉପସ୍ଥିତ ଥିଲେ । ଏହା ପରେ ମାର୍ଚ୍ଚ ମାସରେ ଏକ ଜନ୍ମଦିନ ପାର୍ଟିରେ ଦୁହେଁ ଏକ, ଏକ ଫଟୋ ଭାଇରାଲ ହୋଇଥିଲା, ଯେଉଁଥିରେ ସାମନ୍ଥା ଏକ ସବୁଜ ଡ୍ରେସରେ ଓ ରାଜ ସାଧାରଣ ପୋଷାକରେ ଦେଖାଯାଇଥିଲେ । ସମ୍ପ୍ରତି, ଏକ ରିପୋର୍ଟ ଅନୁଯାୟୀ, ସାମନ୍ଥା ଓ ରାଜ ଏକାଠି ରହିବାକୁ ନିଷ୍ପତ୍ତି ନେଇଛନ୍ତି, ଯାହା ସେମାନଙ୍କ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିବେଚନା କରାଯାଉଛି । ଏହି ଖବର ସୋସିଆଲ ମିଡିଆରେ ତୀବ୍ର ଚର୍ଚ୍ଚାର ବିଷୟ ହୋଇଛି, ଯେଉଁଠାରେ ପ୍ରଶଂସକମାନେ ଏହି ଯୋଡ଼ିଙ୍କୁ "ସାମରାଜ" ନାମ ଦେଇ ସେମାନଙ୍କ ସମ୍ପର୍କକୁ ସମର୍ଥନ କରୁଛନ୍ତି । ସାମନ୍ଥା ଏବଂ ରାଜ ନିଦିମୋରୁ ପୂର୍ବରୁ ଦୁଇଟି ବଡ଼ ପ୍ରୋଜେକ୍ଟରେ ଏକାଠି କାମ କରିଛନ୍ତି । ରାଜ ଓ ତାଙ୍କ ସହଯୋଗୀ କ୍ରିଷ୍ଣା ଡିକେ (ରାଜ ଓ ଡିକେ ନାମରେ ପରିଚିତ) ନିର୍ଦ୍ଦେଶିତ 'ଦି ଫ୍ୟାମିଲି ମ୍ୟାନ ୨' ଏବଂ 'ସିଟାଡେଲ: ହନି ବନି'ରେ ସାମନ୍ଥା ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି । ଏବେ ସେମାନେ ଆଗାମୀ ସିରିଜ 'ରକ୍ତ ବ୍ରହ୍ମାଣ୍ଡ: ଦି ବ୍ଲଡି କିଙ୍ଗଡମ'ରେ ପୁଣି ଏକାଠି କାମ କରୁଛନ୍ତି, ଯେଉଁଥିରେ ସାମନ୍ଥା ଆଦିତ୍ୟ ରୟ କପୁରଙ୍କ ସହ ମୁଖ୍ୟ ଭୂମିକାରେ ଅଭିନୟ କରିବେ । ସାମନ୍ଥା ରାଜ ଓ ଡିକେଙ୍କୁ ତାଙ୍କ କ୍ୟାରିଅରରେ ନୂଆ ଚ୍ୟାଲେଞ୍ଜ ଗ୍ରହଣ କରିବା ପାଇଁ ପ୍ରେରଣା ଦେଇଥିବା ବୋଲି କ୍ରେଡିଟ ଦେଇଛନ୍ତି । ସାମନ୍ଥା ପୂର୍ବରୁ ୨୦୧୭ରେ ଅଭିନେତା ନାଗା ଚୈତନ୍ୟଙ୍କୁ ବିବାହ କରିଥିଲେ, କିନ୍ତୁ ୨୦୨୧ରେ ଉଭୟେ ଅଲଗା ହୋଇଯାଇଥିଲେ । ଅନ୍ୟପଟେ ରାଜ ନିଦିମୋରୁ ୨୦୧୫ ମସିହାରେ ଶ୍ୟାମଳୀ ଡେଙ୍କୁ ବିବାହ କରିଥିଲେ, ଯିଏ ଜଣେ ସାଇକୋଲୋଜି ଗ୍ରାଜୁଏଟ ଏବଂ ଫିଲ୍ମ ଇଣ୍ଡଷ୍ଟ୍ରୀରେ ସ୍କ୍ରିପ୍ଟ ରାଇଟର ଓ କ୍ରିଏଟିଭ କନସଲଟାଣ୍ଟ ଭାବେ କାମ କରିଛନ୍ତି । ସାମନ୍ଥା ଓ ରାଜଙ୍କ ଡେଟିଂ ଗୁଜବ ମଧ୍ୟରେ ଶ୍ୟାମଳୀଙ୍କର ଏକ ଇନଷ୍ଟାଗ୍ରାମ ଷ୍ଟୋରୀ ମଧ୍ୟ ଚର୍ଚ୍ଚାରେ ରହିଛି, ଯେଉଁଥିରେ ସେ ଆଶୀର୍ବାଦ ଏକ ଶାନ୍ତିପୂର୍ଣ୍ଣ ବାର୍ତ୍ତା ସହ ସମସ୍ତଙ୍କ ପାଇଁ କାମନା କରିଥିଲେ । କିଛି ପ୍ରଶଂସକ ଏହାକୁ ଗୁଜବର ପ୍ରତିକ୍ରିୟା ଭାବେ ଦେଖିଥିବା ବେଳେ ଅନ୍ୟମାନେ ଏହାକୁ ତାଙ୍କ ନିୟମିତ ସକାରାତ୍ମକ ପୋଷ୍ଟର ଏକ





## ରାମଚରଣଙ୍କ ନୂଆ ରେକର୍ଡ



ଫିଲ୍ମ 'ଆର୍‌ଆର୍‌ଆର୍' ପରେ ଗ୍ଲୋବାଲ୍ ଷ୍ଟାର୍ ବନିଯାଇଛନ୍ତି ଦକ୍ଷିଣୀ ସୁପରଷ୍ଟାର ରାମଚରଣ । ଏହି ଫିଲ୍ମ ତାଙ୍କୁ ବିଶ୍ୱସ୍ତରରେ ବେଶ୍ ପରିଚିତ କରାଇଛି । ଏହି ସଫଳତା ପରେ ଏବେ ତାଙ୍କ ସଫଳ କ୍ୟାରିୟରରେ ଆଉ ଏକ ଉପଲବ୍ଧି ଯୋଡ଼ି ହୋଇଛି । ଲଣ୍ଡନ୍‌ର ପ୍ରସିଦ୍ଧ ୱାକ୍ସ ମ୍ୟୁଜିୟମ୍ ମାଡାମ୍ ତୁସାଦ୍‌ରେ ପୋଷା କୁକୁର ରାଇମ ସହିତ ରାମଚରଣଙ୍କ ଏକ ମହମ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି । ପୂର୍ବରୁ ମଧ୍ୟ ବହୁ ଭାରତୀୟ କଳାକାରଙ୍କ ମହମ ପ୍ରତିମା ଉନ୍ମୋଚିତ ହୋଇଛି, ହେଲେ ରାମଚରଣଙ୍କ ପ୍ରତିମାଟି ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି । କାରଣ ଏହା ହେଉଛି କେ ?ଣସି ସେଲିବ୍ରିଟିଙ୍କର ପ୍ରଥମ ମହମ ପ୍ରତିମା, ଯେଉଁଥିରେ ସାଥିରେ ତାଙ୍କ ପୋଷାପ୍ରାଣୀ ଶୋଭା ପାଉଛି । ଏହା ପୂର୍ବରୁ କୌଣସି ଭାରତୀୟ କଳାକାରଙ୍କର ଏଭଳି ମହମ ପ୍ରତିମା ତିଆରି କରାଯାଇ ନଥିଲା । ଲଣ୍ଡନ୍‌ରେ ଅନୁଷ୍ଠିତ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବରେ ରାମଚରଣ, ତାଙ୍କ ପରିବାର ଓ ବନ୍ଧୁବର୍ଗ ଯୋଗ ଦେଇଥିଲେ । ଭାରତ-ପାକିସ୍ତାନ ମଧ୍ୟରେ ଚାଲିଥିବା ଉତ୍ତେଜନା ଯୋଗୁଁ ପ୍ରଥମେ ଉନ୍ମୋଚନ ସ୍ଥଗିତ ରହିବ ବୋଲି ଆଶଙ୍କା କରାଯାଉଥିଲା । କିନ୍ତୁ ସୀମାରେ ସ୍ଥିତି ଶାନ୍ତ ହେବା ପରେ ଅଭିନେତାଙ୍କ ପରିବାର ଉନ୍ମୋଚନ ଉତ୍ସବ କରିବାକୁ ନିଷ୍ପତ୍ତି ନେଇଥିଲେ । ଉନ୍ମୋଚନ ସମୟରେ ରାମଚରଣଙ୍କ ପରିବାର ଭାବବିହ୍ୱଳ ହୋଇପଡ଼ିଥିବା ଦେଖାଯାଇଥିଲା । ଉନ୍ମୋଚିତ ହୋଇଥିବା ମହମ ପ୍ରତିମୂର୍ତ୍ତିରେ ରାମଚରଣଙ୍କ ଓସ୍କାର ପୁରସ୍କାର ସମାରୋହରେ ଯୋଗ ଦେବା ସମୟର ଲୁକ୍ ରହିଛି । ଏହି ମହମ ମୂର୍ତ୍ତିଟି ମେ' ୧୯ ପର୍ଯ୍ୟନ୍ତ ଲଣ୍ଡନ୍‌ର ମାଡାମ୍ ତୁସାଦ୍‌ରେ ପ୍ରଦର୍ଶିତ ହେବ । ଏହାପରେ ଏହାକୁ ଜନସାଧାରଣଙ୍କ ପ୍ରଦର୍ଶନ ନିମିତ୍ତ ମାଡାମ୍ ତୁସାଦ୍ ସିଙ୍ଗାପୁରକୁ ସ୍ଥାନାନ୍ତରିତ କରାଯିବ ।

## 'ମେଗା ୧୫୭'ରେ ନୟନତାରାଙ୍କ ଏଣ୍ଟ୍ରି

ସାଉଥ ସୁପର କ୍ୱିନ୍ ନୟନତାରା ରୂପେଲି ପରଦାରେ ନଜରକୁ ଆସିବେ । ନୂତନ ପ୍ରୋଜେକ୍ଟ ଗରଶବ୧୫୭ ପାଇଁ ମେଗାଷ୍ଟାର ଚିରଞ୍ଜୀବୀଙ୍କ ସହ ହାତ ମିଳାଇଛନ୍ତି । ସେ ଅନୀଲ ରବିପୁଡିଙ୍କ ନିର୍ଦ୍ଦେଶିତ ଚିରଞ୍ଜୀବୀଙ୍କ ୧୫୭ତମ ଚଳଚ୍ଚିତ୍ରରେ ନଜର ଆସିବେ । ଗତ ଶନିବାର ତାମିଲ ସୁପରଷ୍ଟାରଙ୍କ ଏକ ଭିଡିଓ ମାଧ୍ୟମରେ ଏହି ଘୋଷଣା କରାଯାଇଛି । ଖୁବ୍‌ଶୀଘ୍ର ଏହି ଫିଲ୍ମର ସୁଟିଂ ଆରମ୍ଭ ହେବା ନେଇ ଆଶା କରାଯାଉଛି । ଚଳଚ୍ଚିତ୍ରର ନିର୍ଦ୍ଦେଶକ ଅନୀଲ ରବିପୁଡି ତାଙ୍କ ଢ (ପୂର୍ବରୁ ଟ୍ୱିଟର) ହ୍ୟାଣ୍ଡେଲରେ ଏକ ଭିଡିଓ ସେୟାର କରିବା ସହ କ୍ୟାପସନରେ ନୟନତାରାଙ୍କୁ ତାଙ୍କ ପ୍ରୋଜେକ୍ଟରେ ସ୍ୱାଗତ କରିଛନ୍ତି, 'ଆମର ମେଗା ୧୫୭ ଯାତ୍ରାରେ ସୁନ୍ଦର ରାଣୀ ନୟନତାରାଙ୍କୁ ସ୍ୱାଗତ । ସେ ପୁଣି ଥରେ ମେଗାଷ୍ଟାର ଚିରଞ୍ଜିବୀ ଗାରୁଙ୍କ ସହିତ ନଜର ଆସିବେ ।' ଏହା ନୟନତାରାଙ୍କ ଚିରଞ୍ଜିବୀଙ୍କ ସହିତ ତୃତୀୟ ପ୍ରୋଜେକ୍ଟ । ଚିରଞ୍ଜିବୀ ମଧ୍ୟ ନିର୍ଦ୍ଦେଶକଙ୍କ ପୋଷ୍ଟକୁ ରିଟ୍ୱିଟ୍ କରି ଲେଖିଛନ୍ତି, 'ହ୍ୟାଟ୍ରିକ୍ ଫିଲ୍ମ ନୟନତାରାକୁ ସ୍ୱାଗତ ।' ୨୦୨୬ ସଂକ୍ରାନ୍ତି ପାଇଁ ପ୍ରସ୍ତୁତ ହୁଅ ।' 'ମେଗା ୧୫୭' ଚଳିତ ବର୍ଷ ମାର୍ଚ୍ଚ ମାସରେ ଘୋଷଣା କରାଯାଇଥିଲା । ହେଲେ ନିର୍ମାତା ଫିଲ୍ମର ବିବରଣୀକୁ ଗୁପ୍ତ ରଖିଛନ୍ତି । ଏହି ଫିଲ୍ମକୁ ୨୦୨୬ରେ ମକର ସଂକ୍ରାନ୍ତି ଅବସରରେ ରିଲିଜ୍ କରିବାର ଯୋଜନା କରାଯାଇଛି । ଚିରଞ୍ଜୀବୀଙ୍କ ସହ ଏହି ଫିଲ୍ମ ଜରିଆରେ ତୃତୀୟ ଥର ପାଇଁ ଏକାଠି ସ୍କ୍ରିନ ସେୟାର କରିବେ ନୟନତାରା ।

ୱାସିଂ ମେସିନରେ କରନ୍ତୁ ଏହି କାମ

## କୁଞ୍ଚା ହେବନି ସଫା ଲୁଗା ଇସ୍ତ୍ରୀ କରିବାକୁ ପଡିବନି

*ଘରେ ପୋଷାକ ଧୋଇବା, ଶୁଖାଇବା ଓ ଇସ୍ତ୍ରୀ କରିବା ପାଇଁ ଆଜିକାଲି ସମସ୍ତଙ୍କ ଘରେ ୱାସିଂ ମେସିନ୍ ଅଛି । କିନ୍ତୁ ମେସିନରେ କପଡା ଧୋଇବା ଦ୍ୱାରା ସେଗୁଡିକ ଲୋଚାକୋଚା ହୋଇଯାଏ ଓ ସେଗୁଡିକୁ ଇସ୍ତ୍ରୀ କରିବାକୁ ପଡ଼ିଥାଏ । କିନ୍ତୁ ଏପରି ନହେବା ପାଇଁ ଆପଣାନ୍ତୁ ଏହି ଉପାୟ...*



କପଡା ଧୋଇବା ସମୟରେ ୱାସିଂ ମେସିନରେ ଗୋଟିଏ କପ ବରଫ ପକାଇଲେ ଆପଣଙ୍କ କପଡାରେ କୁଞ୍ଚନ ବହୁତ ହ୍ରାସ ପାଇବ । ସେଗୁଡିକୁ ପୃଥକ ଭାବରେ ଇସ୍ତ୍ରୀ କରିବାର ଆବଶ୍ୟକତା ଦୂର ହେବ । ଯେତେବେଳେ ଆପଣ କପଡା ଶୁଖାଇବା ପାଇଁ ୱାସିଂ ମେସିନରେ ବରଫ ଖଣ୍ଡ ରଖନ୍ତି ଓ ମେସିନକୁ ସ୍ପିନ୍ ମୋଡ୍‌ରେ ଚଲାନ୍ତି, ସେତେବେଳେ ବରଫ ଧୀରେ ଧୀରେ ତରଳିଯାଏ ଓ ବାଷ୍ପ ପରି କାର୍ଯ୍ୟ କରେ । ଏହି ବାଷ୍ପ ଡ୍ରାୟରରେ ଥିବା କୁଞ୍ଚନକୁ କମ କରିଥାଏ, ଯାହା ଦ୍ୱାରା ପୋଷାକ ନରମ ଓ ଇସ୍ତ୍ରୀ ହୋଇଥିବା ଦେଖାଯାଏ । ଏହି ପଦ୍ଧତି ବିଶେଷକରି ସିନଥେଟିକ୍, ରେୟନ୍, ପଲିଷ୍ଟର ଓ ହାଲୁକା ସୂତା କପଡ଼ା ଉପରେ ଭଲ କାମ କରେ । କେମିତି ବ୍ୟବହାର କରିବେ ଜାଣନ୍ତୁ..

- ପ୍ରଥମେ, ସବୁଦିନ ପରି ୱାସିଂ ମେସିନରେ ପୋଷାକ ଧୋଇ ଦିଅନ୍ତୁ ।
- ଏବେ ଯେତେବେଳେ ଆପଣ ଡ୍ରାଏର୍ ମୋଡ୍ କିମ୍ବା ସ୍ପିନ୍ ମୋଡ୍‌ରେ କପଡା ଶୁଖାଇବାକୁ ଯାଉଛନ୍ତି, ୪-୫ଟି ବରଫ ମେସିନରେ କ୍ୟୁବଗୁଡ଼ିକୁ, ଅର୍ଥାତ୍ ଗୋଟିଏ କପ୍ ବରଫ ରଖନ୍ତୁ ।



- ଡ୍ରାୟରକୁ ସାଧାରଣ ମୋଡରେ ୧୦-୧୫ ମିନିଟ୍ ପାଇଁ ଚଲାନ୍ତୁ ।
- ଡ୍ରାୟର ବନ୍ଦ କରିବା ପରେ, ତୁରନ୍ତ ପୋଷାକ କାଢି ଫୋଲ୍ଡ କରନ୍ତୁ ।

## ବିଳମ୍ବରେ ଉଠୁଥିଲେ ଭୋଗିବେ ଏହି ସମସ୍ୟା

ପ୍ରତିଦିନ ଭୋରରୁ ଉଠିବା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ । ହେଲେ ଏପରି କିଛି ବ୍ୟକ୍ତି ଅଛନ୍ତି, ଯେଉଁମାନେ ରାତିରେ ଡେରିରେ ଶୋଇଥାନ୍ତି ଓ ସକାଳୁ ବହୁ ବିଳମ୍ବରେ ଉଠିଥାନ୍ତି । 'ବିଳମ୍ବରେ ଉଠିବା ଅଭ୍ୟାସ ଏବଂ ଏହାର ଶରୀର ଉପରେ ପ୍ରଭାବ' ଶୀର୍ଷକ ବିଷୟକୁ ନେଇ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ନିକଟରେ ଏ ନେଇ ଏକ ଗବେଷଣା କରିଥିଲେ । ଏଥିରୁ ବିଶେଷଜ୍ଞମାନେ ଜାଣିବାକୁ ପାଇଥିଲେ ଏଭଳି ଅଭ୍ୟାସର ନକାରାତ୍ମକ ପ୍ରଭାବ ସେମାନଙ୍କ ମସ୍ତିଷ୍କ ଉପରେ ପଡିଥାଏ । ଏହି ଗବେଷଣା ପରିସରଭୁକ୍ତ କେତେକ ବ୍ୟକ୍ତିଙ୍କ ଜୀବନଶୈଳୀକୁ ଅନୁଧ୍ୟାନ କରି ସେମାନେ ଏଭଳି ସିଦ୍ଧାନ୍ତରେ ଉପନୀତ ହୋଇଥିଲେ । ବିଳମ୍ବରେ ଉଠିବା ଏକ ଧାରାରେ ପରିଣତ ହୋଇଗଲେ ଏହାଦ୍ୱାରା ମସ୍ତିଷ୍କରେ 'ଆମ୍ଲଏଡ୍' ନାମକ ଏକ ପ୍ରୋଟିନ୍‌ର ମାତ୍ରା ବୃଦ୍ଧିପାଇଥାଏ । ଭବିଷ୍ୟତରେ ଏହା ଆଲଜିମର୍ସ ପରି ସମସ୍ୟାର କାରଣ ସାଜିପାରେ ବୋଲି ସେମାନେ ସତର୍କ କରାଇ ଦେଇଛନ୍ତି । କେବଳ ସେତିକି ନୁହେଁ, ଏହାଦ୍ୱାରା ସ୍ମରଣଶକ୍ତି ପ୍ରଭାବିତ ହେବାର ଯଥେଷ୍ଟ ଆଶଙ୍କା ରହିଛି । ତେଣୁ ଏଭଳି ଅଭ୍ୟାସକୁ ଯେତେ ସମ୍ଭବ ପରିବର୍ତ୍ତନ କରିବାକୁ ସେମାନେ ପରାମର୍ଶ ଦେଇଛନ୍ତି ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik



କରଞ୍ଜିଆ, (ଭାସ୍କର ନ୍ୟୁଜ): କରଞ୍ଜିଆ ବ୍ଲକ ସମେତ ଉପଖଣ୍ଡରେ ବିଭିନ୍ନ ସ୍ଥାନରେ ବେଆଇନ ମହୁଲି ମଦ କାରବାର ଚାଲୁଥିବାର ବିଶେଷ ସୂତ୍ରରୁ ଖବର ପାଇ ଅବକାରୀ ବିଭାଗ ପୁଣି ଚଢ଼ାଉ କରି ବିପୁଳ ପରିମାଣର ମହୁଲି ମଦ ଓ ପୋଚ ନଷ୍ଟ କରିଛି। ଅବକାରୀ ଡେପୁଟି ସୁପରିଟେଣ୍ଡେଣ୍ଟ ସୋମ୍ୟରଞ୍ଜନ ବେହେରାଙ୍କ ନିର୍ଦ୍ଦେଶ ମତେ କରଞ୍ଜିଆ ଅବକାରୀ ଇନ୍ସପେକ୍ଟର ସଞ୍ଜୟ କୁମାର କାଣ୍ଡି, କରଞ୍ଜିଆ ଅବକାରୀ ଓଆଇସି ରଶ୍ମି ରଂଜନ ନାୟକ, ଶୁକୃଳି ଅବକାରୀ ଓଆଇସି କୃଷ୍ଣଚନ୍ଦ୍ର ବିଷାଣୀ,ଏଏସଆଇ ଫୁଲମଣି ନାଏକ,କନଷ୍ଟେବଳ ପିଥନାଥ ମୁର୍ମୁ, ଅଂଶୁମାନ ପରିଡ଼ା, ଆଲୋକ ସୁତାର, କରଞ୍ଜିଆ ଥାନା ସବ୍ ଇନ୍ସପେକ୍ଟର ବଳରାମ ମହାରଣାଙ୍କ ସହିତ ପୋଲିସବଳଙ୍କ ସହଯୋଗରେ କରଞ୍ଜିଆ ବ୍ଲକ ମିରଗିନ୍ଦି, ଖଡିକୁଦର ଓ ଝୁମକାକୁଦର ଗ୍ରାମ ନିକଟରେ ଥିବା ନଦୀ ଝରଣା ଓ ପାହାଡ଼ ପାର୍ଶ୍ୱରେ ଚଢ଼ାଉ କରିଥିଲେ। ତେବେ ମହୁଲି ମଦ ତିଆରି କରୁଥିବା ଲୋକମାନେ ଏ ବିଷୟରେ ଜାଣିପାରି ନିକଟସ୍ଥ ଜଙ୍ଗଲ ମଧ୍ୟକୁ ଦୌଡ଼ି ପଳାଇଯାଇଥିଲେ। ଘଟଣାସ୍ଥଳରୁ ସମୁଦାୟ ୨୩୦ ଲିଟର ମହୁଲି ମଦ ଓ ୬୨୦୦ ଲିଟର ପୋଚ ଜବତ କରି ନଷ୍ଟ କରି ଅବକାରୀ ଥାନାରେ ୪୦/୨୫,୪୧/୨୫,୪୨/୨୫ ନମ୍ବରରେ ୩ ଗୋଟି ମାମଲା ରୁଜୁ କରାଯାଇ ତଦନ୍ତ ଜାରି କରିଥିବା ସବ୍ ଇନ୍ସପେକ୍ଟର ନାୟକ ସୂଚନା ଦେଇଛନ୍ତି।

# ଖତ ଖାଉଛି ଲକ୍ଷାଧିକ ଟଙ୍କାର ସୋଲାର ପ୍ରକଳ୍ପ

ଆଳି, (ଭାସ୍କର ନ୍ୟୁଜ): ଆଳି ଅଞ୍ଚଳରେ ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ସୋଲାର ପାନୀୟ ଜଳ ପ୍ରକଳ୍ପ କରାଯାଇଛି। ପ୍ରାୟ ଏକ ବର୍ଷରୁ ଉର୍ଦ୍ଧ୍ୱ ହେବ ଏହା ଅଚଳ ହେବାରୁ ପାଣି ଟୋପେ ପାଇଁ ଡହଳବିକଳ ହେଉଛନ୍ତି ସାଧାରଣ ଲୋକେ। ଏପଟେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ଗ୍ରାମ୍ୟ ଓ ଜଳ ପରିମଳ ବିଭାଗ ତରଫରୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ସୋଲାର ପାନୀୟ ଜଳ ପ୍ରକଳ୍ପ ଏବେ ପୁନଃରୁଦ୍ଧାର ଅପେକ୍ଷାରେ ପଡ଼ିରହିଛି। ସେତେବେଳେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇ ନିର୍ମାଣ ହୋଇଥିଲା ଏହି ପ୍ରକଳ୍ପ। ଯଦି ନିର୍ମାଣ ହେଲା ତାହା ହେଲେ କିଛି ବର୍ଷ ନପୂରୁଣୁ ତାହାସବୁ କିପରି ଅଚଳ ହୋଇପଡ଼ିଲା। ଲୋକେ ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ବିଭାଗ କରୁଛି କ'ଣ? ଏଭଳି ଘଟଣା ହେଉଛି କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଅଧୀନରେ ବିଭିନ୍ନ ପଞ୍ଚାୟତରେ ନିର୍ମିତ ହୋଇଥିବା ସୋଲାର ପାନୀୟ ଜଳ ପ୍ରକଳ୍ପ। ପାନୀୟ ଜଳ ଯୋଗାଣ ବିଭାଗ ଦ୍ୱାରା ନଳକୂପକୁ ସୋଲାର ପାନୀୟ ଜଳ ପ୍ରକଳ୍ପ କରାଯାଇ ଗାଁ'କୁ ଜଳ ଯୋଗାଣ କରାଯାଉ ଥିଲା। କିନ୍ତୁ ସେତେବେଳେ ପ୍ରକଳ୍ପ କାର୍ଯ୍ୟ ଠିକ ହେଉନଥିବା ନେଇ ଲୋକେ ଅଭିଯୋଗ କରିଥିଲେ ମଧ୍ୟ ସେମାନଙ୍କ କଥାକୁ ଗୁରୁତ୍ୱ ନଦେଇ କାର୍ଯ୍ୟ ଶେଷ ହୋଇଥିଲା। ଯାହା ଫଳରେ କିଛିଦିନ ନଯାଉଣୁ ପ୍ରକଳ୍ପ ଅଚଳ ହୋଇ ପଡିଲା। ଏପଟେ ନଳକୂପ ସଂଯୋଗ କରିବା ଫଳରେ ସୋଲାର ପ୍ରକଳ୍ପ ଅଚଳକୁ ନଳକୂପ ମଧ୍ୟ ବ୍ୟବହାର ହୋଇପାରୁନି। ଗ୍ରୀଷ୍ମ ପ୍ରବାହ ଯୋଗୁଁ ଜଳ ସଙ୍କଟ ସ୍ଥିତି ଉପୁଜିଥିବା ଏପଟେ ସୋଲାର ପାନୀୟ ଜଳ ପ୍ରକଳ୍ପ ଅଚଳ ହୋଇପଡିଛି। ଲୋକେ ତୃଷ୍ଣା ମେଣ୍ଟେଇବେ କେମିତି ଯାହାକୁ ନେଇ ପ୍ରଶ୍ନ କାହା ଉଦେଶ୍ୟ ରେ ନିର୍ମାଣ ହୋଇଥିଲା ଏହି ପ୍ରକଳ୍ପ। ଲୋକେ ସୋଲାର ପ୍ରକଳ୍ପକୁ ଦେଖି ଖୁସି ହୋଇଥିଲେ ଯାହା ହେଉ ପ୍ରକଳ୍ପ ଚାଲୁହେଲା, ଲୋକମାନଙ୍କ ଆବଶ୍ୟକତା ମେଣ୍ଟିବ କିନ୍ତୁ ତାହା କିଛିଦିନ ପରେ ଅଚଳ ହୋଇପଡିଲା। ସେଥିରୁ କିଛିଦିନ ଚାଲିଲା ପରେ ପାଖାପାଖି ବର୍ଷେ ପରେ ଖରାପ ହେବା ଆରମ୍ଭ ହେଲା ଥରେ ଦୁଇଥର ସଜଡ଼ା ହେବା ପରେ ଆଉ ପରବର୍ତ୍ତୀ ସମୟରେ ସଜଡ଼ା ହେଲା ନାହିଁ ଯାହାଫଳରେ ଅଚଳ ହୋଇ ପଡିରହିଲା। ସୋଲାରର ମୂଲ୍ୟ କଣ କିଛି ନାହିଁ। ଲକ୍ଷାଧିକ ଟଙ୍କାର ପ୍ରକଳ୍ପ ନଷ୍ଟ ହୋଇ ପଡିରହିଛି। ସୋଲାର ପାନୀୟ ଜଳ ପ୍ରକଳ୍ପ ଥିଲା ବୋଲି ବୋଧହୁଏ ସରକାରଙ୍କୁ ଜଣା ନାହିଁ। ଏନେଇ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କଲେ ବି କେହି କର୍ଣ୍ଣପାତ କରୁନାହାନ୍ତି। ଅପରପକ୍ଷରେ ରାଜ୍ୟ ସରକାରଙ୍କ ଏହି ଲୋକାଭିମୁଖୀ ପ୍ରକଳ୍ପ ଏବେ ନିମ୍ନଗାମୀ ହୋଇଥିବା ଅଭିଯୋଗ ହେଉଥିବା ବେଳେ ଏନେଇ କେହି କର୍ଣ୍ଣପାତ କରୁନଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। ଏନେଇ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଅଧିକାରୀ ଅଶୋକ ସାହୁଙ୍କୁ ପଚାରିବାରୁ ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ ଏ ସମସ୍ୟା ନେଇ ମୁଁ ଅବଗତ ଅଛି କିଛି ସ୍ଥାନୀୟ ଅସୁବିଧା ନେଇ ମରାମତି କାର୍ଯ୍ୟ ବନ୍ଦ ଅଛି ଯଥାଶୀଘ୍ର ଏହାର ସମାଧାନ କରାଯାଇ ପ୍ରକଳ୍ପଗୁଡିକୁ ପୁନଃ କାର୍ଯ୍ୟକ୍ଷମ କରାଯିବା ନେଇ ପଦକ୍ଷେପମାନ ଗ୍ରହଣ କରାଯିବ।

# କଳା ପଲସର୍‌ରେ ଆସି ଝାମ୍ପିନେଲେ ଟଙ୍କା

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ଛତାବର-ବଡ଼ିଯାଉ ପୂର୍ବ ରାସ୍ତାର ପର୍ବତୀ ମଦଦୋକାନ ସମ୍ମୁଖରୁ ଭୁଲାଇ ଦେଖାଇ ଟଙ୍କା ହୋଇଥିବା ଅଭିଯୋଗ ହୋଇଛି। ଶୁକ୍ରବାର ରାତ୍ର ୧୧.୩୦ମି. ସମୟରେ ଏହି ଲୁଟ ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି। ଅଭିଯୋଗ ଅନୁଯାୟୀ ଭଦ୍ରକ ପୁରୁଣାବଜାର ଥାନା ଅନ୍ତର୍ଗତ ଆଲାମ ଖାଁ ପୁରୁଣାବଜାର ଶେଖ ସାହାବାଜ କାଦିର ଫର୍ଣ୍ଣିଚର ସପରେ କାର୍ଯ୍ୟ କରନ୍ତି। ଆଲାମ ଖାଁ ନିଜ ଟାଟା ଏସି ଗାଡିରେ ଶୁକ୍ରବାର ଦିନ ୧.୩୦ମି. ସମୟରେ ଫର୍ଣ୍ଣିଚର ବୋଝେଇ କରି ଯାଜପୁର ଜିଲ୍ଲା ବିଞ୍ଝାରପୁର ଥାନା ଅନ୍ତର୍ଗତ ବାଳମୁକୁଳି ବଜାର ଶୁଭମ ଫର୍ଣ୍ଣିଚର ଦୋକାନକୁ ଯାଇଥିଲେ। ସେଠାରୁ ଭଦ୍ରକ ଫେରୁଥିବା ରାସ୍ତାର ପର୍ବତୀ ବିଦେଶୀ ମଦ ଦୋକାନ ସମ୍ମୁଖରେ ରାତ୍ର ୧୧.୧୫ ସମୟରେ ଚଟି ନମ୍ବର ବିହୀନ କଳା ପଲସର ଅଜଣା ବାଇକ ଆରୋହୀମାନେ ଆଲାମଙ୍କ ଟାଟା ଏସିକୁ ଚମକ ପାଇଁ ଅଟକାଇଥିଲେ। ଟାଟା ଏସି ଗାଡିର ଡଲା ଖୋଲାଅଛି କହିବାରୁ ଆଲାମ ତଳକୁ ଓହ୍ଲାଇଥିଲେ। ପଲସର ଆରୋହୀମାନେ ଆଲାମଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଦେବା ସହ ଭୁଲାଇ ଦେଖାଇ ଟଙ୍କା ଦେବାକୁ ଧମକାଇଥିଲେ। ଏଥିରେ ଭୟଭୀତ ହୋଇ ଆଲାମ ବାଳମୁକୁଳି ଫର୍ଣ୍ଣିଚର ଦୋକାନଠାରୁ ଆଣିଥିବା ନଗଦ ୮୪ ହଜାର ୫୦୦ଟଙ୍କା ଦେଇଥିଲେ। ଏହାକୁ ନେଇ କଳା ପଲସରରେ ଲୁଟେରାମାନେ ଯାଜପୁର ଅଭିମୁଖେ ମଞ୍ଜୁରୀ ଆଡକୁ ପଳାଇଥିଲେ। ଆଲାମ ଭଦ୍ରକ ଫେରି ଫର୍ଣ୍ଣିଚର ଦୋକାନୀକୁ ସବୁ ଜଣାଇଥିଲେ। ଶନିବାର ରାତ୍ର ୧୨.୧୫ମି. ସମୟରେ ଥାନାରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଥାନାରେ ମାମଲା ରୁଜୁ ହୋଇଛି। ପୁଲିସ ମାମଲାର ତଦନ୍ତ ଚଳାଉଛି।

## ଜନନୀ ଏକ୍ସପ୍ରେସ ଗାଡି ସହ ବାଇକ ମୁହାଁମୁହିଁ ଧକ୍କା, ଜଣେ ମୃତ

କୋଷାଗୁମୁଡା, (ଭାସ୍କର ନ୍ୟୁଜ): କୋଷାଗୁମୁଡା ବ୍ଲକର ବାଲେଙ୍ଗା ଓ ଡାଗାଗାଁ ମୁଖ୍ୟ ରାସ୍ତା ଉପରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ମହିଳା ମୃତ ହୋଇଥିବା ବେଳେ ଦୁଇ ପୁରୁଷ ଗୁରୁତର ହୋଇଥିବା ଜଣାପଡିଛି। ସାଗଗୁମୁଡା ଗାଁ ତିନିଜଣ ଏକ ବାଇକରେ କୋଷାଗୁମୁଡା ଅଭିମୁଖେ ଆସୁଥିବା ବେଳେ କୋଷାଗୁମୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀଙ୍କୁ ଛାଡି କୋଟା ଗାଁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଜନନୀ ଏକ୍ସପ୍ରେସ ତଥା ୧୦୮ ଏମ୍ବୁଲାନ୍ସ ଯାଉଥିବା ବେଳେ ବାଲେଙ୍ଗା କାଜୁ ବାଡ଼ି ନିକଟରେ ମୁହାଁ ମୁହିଁ ହୋଇଥିଲା। ଯାହାଫଳରେ ବାଇକରେ ଥିବା ଦୁଇଜଣ ପୁରୁଷ ଗୁରୁତର ହୋଇଥିବା ବେଳେ ପଛରେ ବସିଥିବା ମହିଳା ଘଟଣା ଉପରେ ମୃତ୍ୟୁ ବରଣ କରିଥିଲେ। ମୃତ ମହିଳା ଜଣକ ସାନ ଗୁମୁଡ଼ାର ଡଲ ପନକାଙ୍କ ସ୍ତ୍ରୀ ମଙ୍ଗଳ ଦେଇ ପନକା (୪୫) ବୋଲି ଜଣାପଡ଼ିଛି। ମଙ୍ଗଳଦେଇ ଘଟଣା ଉପରେ ମୃତ୍ୟୁ ବରଣ କରିଥିବା ବେଳେ ଡଲ ପନକାଙ୍କର ଗୋଡ଼ ଭାଙ୍ଗିଛି ଓ ଚାଳକ ସମ୍ପର୍କୀୟ ଯୁବକର ଗୋଡ଼ ଓ ହାତ ଭାଙ୍ଗିଥିବା ଜଣା ପଡିଛି। ପ୍ରଥମେ ଗୁରୁତର ଦୁଇ ବ୍ୟକ୍ତିଙ୍କୁ ଏମ୍ବୁଲାନ୍ସ ଦ୍ୱାରା କୋଷାଗୁମୁଡା ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ପରେ ନବରଙ୍ଗପୁର ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଛି। ଏପଟେ କୋଡ଼ିଙ୍ଗା ଥାନାଧିକାରୀ ଯୁଗଳ ଶବର ଏସଆଇ- ସୁକଦେବ ଛତ୍ରିଆଙ୍କୁ ତଦନ୍ତ ଅଧିକାରୀ ଭାବରେ ଦାୟିତ୍ୱ ଦେଇଛନ୍ତି। ଏସଆଇ ଛତ୍ରିଆ ଏ ସମ୍ବନ୍ଧରେ ଏକ ମାମଲା ରୁଜୁ କରି ମୃତ ମହିଳାଙ୍କ ଶବ ବ୍ୟବଚ୍ଛେଦ କରି ସନ୍ଧ୍ୟା ୫ଟାରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରିଛନ୍ତି ବୋଲି କହିଛନ୍ତି।

## ମୃତଙ୍କ ପରିବାରକୁ ଭେଟିଲେ ମନ୍ତ୍ରୀ,ସାଂସଦ

ଢେଙ୍କାନାଳ, (ଭାସ୍କର ନ୍ୟୁଜ): ସଦର ଥାନା ଭାପୁର ଫାଣ୍ଡି ଓଡଖମା ଗ୍ରାମର ଲାଲା ସାହୁଙ୍କ ଦୁଇପୁଅ ଅମୃତ (୧୭) ଓ ସୋମ (୧୫)ଙ୍କ ଚାରିଦିନ ତଳେ ରେଙ୍ଗାଳି କେନାଲ୍‌ରେ ବୁଡି ମୃତ୍ୟୁ ହୋଇଥିଲା। ଗତ ଶନିବାର ସନ୍ଧ୍ୟାରେ ଖାଦ୍ୟଯୋଗାଣ, ଖାଉଟିକଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଓ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ମୃତଙ୍କ ଘରେ ପହଁଚି ଶୋକସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ମନ୍ତ୍ରୀ ଓ ସାଂସଦଙ୍କ ସହିତ ବିଜେପି ଜିଲ୍ଲା ଉପସଭାପତି ବିଭୁ ପ୍ରସାଦ ଲେଙ୍କା, ବିଜେପିର ବରିଷ୍ଠ ନେତା ଜ୍ଞାନ ରଞ୍ଜନ ନାୟକଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଓ ଗ୍ରାମବାସୀମାନେ ଉପସ୍ଥିତ ଥିଲେ।

# ପୋଖରୀ ଖନନକୁ ନେଇ ଗୋଷ୍ଠୀ ସଂଘର୍ଷ, ଜଣେ ଗୁରୁତର, ୪ ଆହତ



ନିଆଳି, (ଭାସ୍କର ନ୍ୟୁଜ): ନିଆଳି ଥାନା ଅଧୀନସ୍ଥ ନିଭରଣ ପଞ୍ଚାୟତ ରୁକିଦା ଗ୍ରାମରେ ପୋଖରୀ ଖୋଳି ବାକୁ ନେଇ ଗୋଷ୍ଠୀ ସଂଘର୍ଷ ହୋଇଛି। ଗୋଷ୍ଠୀସଂଘର୍ଷ ବେଳେ ୪ ଜଣ ଆହତ ହୋଇଥିବା ବେଳେ ଜଣେ ଗୁରୁତର ହୋଇ କଟକ ବଡ଼ ଡାକ୍ତର ଖାନା ରେ ଚିକିତ୍ସା ହେଉଛନ୍ତି। ଚିକିତ୍ସିତ ହେଉଥିବା ବ୍ୟକ୍ତି ଜଣକ ହେଲେ ପ୍ରକାଶ ସାହୁ। ମିଳିଥିବା ସୂଚନା ଅନୁଯାଇ ପୋଖରୀ ଖନନ ବେଳେ ସାଶକ ଦଳର ଦୁଇଗୋଷ୍ଠୀ ମୁହାଁ ମୁହିଁ ହୋଇଥିଲେ। ଏ ନେଇ ନିଆଳି ଥାନାରେ ପଙ୍କଜ ପରିଡା ଅଭିଯୋଗ କରିବା ପରେ ନିଆଳି ପୋଲିସ ୨୨୧/୨୦୨୫ରେ ମାୟାଧର ସାହୁ, ଅଞ୍ଜନ ସାହୁ, ତପନ ସାହୁ, ସରୋଜ ସାହୁ, ପ୍ରକାଶ ସାହୁ, ସମୀର ସାହୁ, କୈଳାସ ସାହୁ, ରାଜେଶ ସାହୁ ୮ ଜଣଙ୍କ ନାମରେ ମାମଲା ରୁଜୁ କରିଛି। ଅପର ପକ୍ଷରେ ରଶ୍ମି ରଂଜନ ସାହୁଙ୍କ ଅଭିଯୋଗରେ ନିଆଳି ଥାନା ପୋଲିସ ୫ ଜଣଙ୍କ ନାମରେ ମାମଲା ରୁଜୁ କରିଛି। ସେମାନେ ହେଲେ ବୁଲୁ ପଲେଇ, ସୁରେଶ ପଲେଇ, ମକରନ୍ଦ ପଲେଇ, ସର୍ଜିତ ପଲେଇ, ଭଗବାନ ପଲେଇ। ଏହି ଘଟଣାକୁ ନେଇ ନିଭରଣ ପଞ୍ଚାୟତରେ ଶାସକ ଦଳ ମଧ୍ୟରେ ଏକ ପ୍ରକାର ଲେଢେଇ ଆରମ୍ଭ ହୋଇଥିବା ଏକ ପ୍ରକାର ଆଲୋଚନା ହେଉଛି।

## ଟ୍ରକ ଓନର୍ସ ଆସୋସିଏସନ୍‌ର ଦୁଇ ଗୋଷ୍ଠୀ ସଦସ୍ୟଙ୍କ ମଧ୍ୟରେ ମାରପିଟ୍

କୋଇଡା, (ଭାସ୍କର ନ୍ୟୁଜ): ସୁନ୍ଦରଗଡ଼ ଜିଲ୍ଲା କୋଇଡା ସ୍ଥିତ କୋଇଡା ମାଇନିଙ୍ଗ ଏରିଆ ଟ୍ରକ ଓନର୍ସ ଆସୋସିଏସନ୍‌ର ଦୁଇ ଗୋଷ୍ଠୀ ସଦସ୍ୟଙ୍କ ମଧ୍ୟରେ ବଚସା ଓ ମାରପିଟ ଘଟଣାକୁ ନେଇ ଉଭୟ ପକ୍ଷ ଥାନାରେ ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାଇ ଶନିବାର ଦିନ ଡିଓ ଭାଗବଣ୍ଟା ଓ ଟ୍ୟାଗ ଲିଷ୍ଟ ଚିରାକୁ ନେଇ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ବଚସା ହୋଇଥିଲ। କିଛି ସମୟ ପରେ ବଚସା ଉଗ୍ରରୂପ ଧାରଣା କରିଥିଲା। ଗୋଟିଏ ଗୋଷ୍ଠୀର ଆକ୍ରମଣରେ ଅନ୍ୟ ଗୋଷ୍ଠୀର ସଦସ୍ୟ ଅବଦୁଲ୍ଲା ଆନସାରୀ ନାମକ ଯୁବକ ଗୁରୁତର ଆହତ ହୋଇଥିବା ବେଳେ ଧୀରଜ ଗୁପ୍ତା ଓ ମୁନା ଖାନ ସାମାନ୍ୟ ଆହତ ହୋଇଥିବା ଜଣାପଡିଛି। ଉଭୟ ପକ୍ଷରୁ କୋଇଡା ଥାନାରେ ମାମଲା ରୁଜୁ ହୋଇଛି। ସୂଚନା ଥାଉ କି ୧୯୯୨ ମସିହାରୁ ଆରମ୍ଭ ହୋଇଥିବା ଏହି ସଂଘରେ ଆଜିପର୍ଯ୍ୟନ୍ତ କୌଣସି ନିର୍ବାଚନ ହୋଇ ନଥିବା ଜଣାପଡିଛି। ବହୁ ଆପତ୍ତି ଅଭିଯୋଗ ପରେ କିଛି ମାସ ପୂର୍ବରୁ ଜିଲ୍ଲା ପ୍ରଶାସନ ଚିଠି ସଂଖ୍ୟା ନମ୍ବର ୧୪୮୩ ଦ୍ୱାରା କୋଇଡା ବ୍ଲକ ମାଇନିଙ୍ଗ ଏରିଆ ଟ୍ରକ ଓନର୍ସ ଆସୋସିଏସନ୍‌ର ଦୁଇମାସ ଭିତରେ ନିର୍ବାଚନ ପ୍ରକ୍ରିୟା ସମ୍ପାଦନ କରିବା ପାଇଁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିବା ବେଳେ ଆଜିପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ହୋଇପାରିନାହିଁ। ଜିଲ୍ଲା ପ୍ରଶାସନ ଏହି ଘଟଣାକୁ ଗମ୍ଭୀରତାର ସହିତ ବିଚାରକୁ ନେଇ ସଂଘର ନିର୍ବାଚନ କାର୍ଯ୍ୟକୁ ଯଥାଶୀଘ୍ର କରାଇବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ବ୍ରହ୍ମାକୁମାରୀ ପକ୍ଷରୁ ସହିଦ୍‌ଙ୍କୁ ଶ୍ରଦ୍ଧାଞ୍ଜଳି

କଟକ, (ଭାସ୍କର ନ୍ୟୁଜ): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଝାଞ୍ଜିରୀମଙ୍ଗଳା ସ୍ଥିତ ପ୍ରଭୁ ସମର୍ପଣ ଭବନରେ ଅପରେସନ୍ ସିନ୍ଦୁରରେ ହୋଇଥିବା ସହୀଦମାନଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତି ସଭା ଆୟୋଜିତ ହୋଇଯାଇଛି। ଏହି ଶ୍ରଦ୍ଧାଳୀ ସଭାରେ କଟକ ସବ୍‌ଜୋନର ମୁଖ୍ୟ ସଂଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ଡଃ କମଳେଶ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ମାଉଣ୍ଟଆବୁ ସ୍ଥିତ ମୁଖ୍ୟାଳୟରୁ ଆସିଥିବା ରାଜଯୋଗୀ ବ୍ର.କୁ. ରୋହିତ ରାଜଯୋଗ ଦ୍ୱାରା ସହୀଦ ମାନଙ୍କୁ ପରମାତ୍ମାଙ୍କର ଶାନ୍ତ ଓ ଶକ୍ତିର ଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଶଶୀଭୂଷଣ ବେହେରା, ପୂର୍ବତନ ନ୍ୟାୟାଧୀଶ ରତିକାନ୍ତ ମହାପାତ୍ର, କଟକ ମହାନଗର ଶାନ୍ତି କମିଟିର ସଭାପତି ଦେବେନ୍ଦ୍ରନାଥ ସାହୁ, ମଙ୍ଗଳାବାଗ ପୂଜା କମିଟିର ସଭାପତି ନୃସିଂହ ଚରଣ ଚୌଧୁରୀ, କଟକ ମାହେଶ୍ୱରୀ ସମାଜର ସଂପାଦକ ଗିରିଧାରୀ ଚାଣ୍ଡକ, ସ୍ଥାନୀୟ କର୍ପୋରେଟ୍‌ର ସୁମିତ୍ରା ବସ୍ତିଆ ପ୍ରମୁଖ ଯୋଗ ଦେଇ ସହିଦ୍‌ଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ।

## ଭାଜପା ପକ୍ଷରୁ ଅପରେସନ ସିନ୍ଦୂର ତ୍ରିରଙ୍ଗା ଶୋଭାଯାତ୍ରା




ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଅଧିନ ସାହାଡ଼ାସୁନ୍ଦରୀ ମଣ୍ଡଳ ପକ୍ଷରୁ ରବିବାର ସନ୍ଧ୍ୟା ୬ଟା ସମୟରେ ଅପରେସନ ସିନ୍ଦୂର ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରା ତିହିଡ଼ି କଲେଜ ଛକରୁ ବାହାରି ତହସିଲ ଛକ ଯାଏଁ ପରିକ୍ରମା କରିଥିଲା। ବରିଷ୍ଠ ନେତା ରଘୁନାଥ ପାତ୍ର, ସାଂସଦଙ୍କ ପ୍ରତିନିଧି ସୀତାକାନ୍ତ ନାୟକ, ସରପଞ୍ଚ ଶୁଭ୍ରନାରାୟଣ ସେଠୀ, ପ୍ରଦୀପ ବଳ, ମଣ୍ଡଳ ସଭାପତି କେଶବ ବେହେରା, ପୂର୍ବତନ ସରପଞ୍ଚ ଉଷାକାନ୍ତ ନାୟକ, ଗୌରୀଶଙ୍କର ବେହେରା, ପ୍ରତାପ ଜେନା, ଦେବବ୍ରତ ପାଢ଼ୀ, ମନୋଜ ପାଣିଗ୍ରାହୀ, ଅମୂଲ୍ୟ ସେନାପତି, କାହ୍ନୁ ଶତପଥୀ, ତପୁନ ପାଣି, ଗଣେଶ କର, ହରିଶ୍ଚନ୍ଦ୍ର ନାୟକ, ଜୟପ୍ରକାଶ ବେହେରା, ଜିତେନ୍ଦ୍ର ବେହେରା ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥଲେ।

# ସାପ କାମୁଡାରେ ୧୦ବର୍ଷରେ ଗଲାଣି ୬୩୫ ଜୀବନ

କେନ୍ଦୁଝର, (ଭାସ୍କର ନ୍ୟୁଜ): ସଚେତନତା ଅଭାବରୁ କେନ୍ଦୁଝର ଭଳି ଏକ ଆଦିବାସୀ ଅଧ୍ୟୁଷିତ ଜିଲାରେ ସାପକାମୁଡା ଜନିତ ମୃତ୍ୟୁ ହାର ବଢି ଚାଲିଛି। ଜଙ୍ଗଲ ଓ ପାହାଡିଆ ଅଂଚଳରେ ଏହି ହାର ସର୍ବାଧିକ ଅଛି। ଗତ ୧୦ବର୍ଷ ମଧ୍ୟରେ କେନ୍ଦୁଝର ଜିଲାରେ ସାପ କାମୁଡାରେ ୬୩୫ ଜଣଙ୍କ ମୃତ୍ୟୁ ହୋଇଛି। ସବୁଠାରୁ ସ୍ପର୍ଶକାତର ପ୍ରସଙ୍ଗ ବିଦ୍ୟାଳୟ ଗୁଡିକ ଅସୁରକ୍ଷିତ ହୋଇ ପଡିଥିବାରୁ ସର୍ପାଘାତ ଭୟ ଲାଗି ରହୁଛି। ବିଶେଷ କରି ସରକାରୀ ଏବଂ ବେସରକାରୀ ବିଦ୍ୟାଳୟ ଗୁଡିକରେ ଶୋଇବା ପାଇଁ ଖଟ ନଥିବାରୁ ତଳେ ଶୋଉଥିବାରୁ ଚିତି ସାପ କାମୁଡାରେ ଅନେକ ଛାତ୍ରଛାତ୍ରୀ ମୃତ୍ୟୁବରଣ କରିଥାନ୍ତି। ଶିକ୍ଷାନୁଷ୍ଠାନ ଏବଂ ଛାତ୍ରାବାସ ପାଇଁ ଗାଇଡ୍ ଲାଇନ କରି ବିଦ୍ୟାଳୟ ପରିସରକୁ ପରିଷ୍କାର ପରିଚ୍ଛନ୍ନ ଉପରେ ଗୁରୁତ୍ୱ ଦିଆଯାଇଛି। ଜିଲାସ୍ତରୀୟ କମିଟି ନିୟମିତ ବିଦ୍ୟାଳୟ ପରିଦର୍ଶନ ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ସରକାରଙ୍କ ନିଦ୍ରେ୍ଦଶକୁ ଅନେକ ବେସରକାରୀ ଶିକ୍ଷାନୁଷ୍ଠାନ ପାଳନ କରୁନଥିବାରୁ ସର୍ପାଘାତରେ ମୃତ୍ୟୁ ସଂଖ୍ୟା ବଢୁଛି। ୨୦୧୫-୧୬ ଆର୍ଥିକ ବର୍ଷରେ ୫୫ ଜଣ ସାପ କାମୁଡାରେ ପ୍ରାଣ ହରାଇଥିଲେ। ୨୦୧୬-୧୭ ବର୍ଷରେ ୪୮ ଜଣ,୨୦୧୭-୧୮ ବର୍ଷରେ ୫୬ ସାପ କାମୁଡାରେ ମୃତ୍ୟୁବରଣ କରିଥିଲେ। ୨୦୧୮-୧୯ ବର୍ଷରେ ୭୦ ଜଣ ମୃତ୍ୟୁବରଣ କରିଥିବାବେଳେ ୨୦୧୯-୨୦ ବର୍ଷରେ ସର୍ବାଧିକ ୭୫ ଜଣ ପ୍ରାଣ ହରାଇଥିଲେ। ୨୦୨୦-୨୧ ବର୍ଷରେ ୭୨ ଜଣ ଏବଂ ୨୦୨୧-୨୨ ବର୍ଷରେ ୭୦ ଜଣ ଓ ୨୦୨୨-୨୩ ବର୍ଷରେ ୭୫ ଜଣ ପ୍ରାଣ ହରାଇଥିଲେ। ସେହିପରି ୨୦୨୩-୨୪ ବର୍ଷରେ ୫୬ ଜଣ ପ୍ରାଣ ହରାଇଛନ୍ତି। ୨୦୨୪-୨୫ ବର୍ଷରେ ୫୯ ଜଣ ମୃତ୍ୟୁବରଣ କରିଥିବା ଜଣାପଡିଛି। ଗତବର୍ଷ କେନ୍ଦୁଝରରେ ଦୁଇଟି ବିଦ୍ୟାଳୟରେ ସାପ କାମୁଡାରେ ୪ଜଣ ଛାତ୍ର ପ୍ରାଣ ହରାଇଥିବା ବେଳେ ଶୋଇଥିବା ସମୟରେ ମା' ଝିଅକୁ ସାପ କାମୁଡିବାରୁ ଶିଶୁ ସନ୍ତାନ ଆଖି ବୁଜିଥିଲା। ସର୍ପାଘାତରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାରକୁ ସରକାରୀ ରିପୋର୍ଟ ଆଧାରରେ ୬ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ କରାଯାଉଛି। ତେବେ ସରକାରୀ ଭାବେ ଏହି ରିପୋର୍ଟ ହସ୍ତଗତ ହୋଇଥିବା ବେଳେ କେନ୍ଦୁଝର ଜିଲାରେ ଅନେକ ଉପାନ୍ତ ଅଂଚଳରେ ଲୋକେ ସର୍ପାଘାତ ହେବା ପରେ ଦେଶୀ ଚିକିତ୍ସାକୁ ଆଦରି ନେଇ ପ୍ରାଣ ହରାଉଥିବା ମଧ୍ୟ ଜଣାପଡିଛି। ସଠିକ୍ ସମୟରେ ଚିକିତ୍ସା ପାଇଁ ଆକ୍ରାନ୍ତ ଡାକ୍ତରଖାନାରେ ପହଁଚି ନପାରି ଦେଶୀ ଚିକିତ୍ସା କରି ବିଫଳ ହେବା ପରେ ଅନେକ ବିଳମ୍ବରେ ଡାକ୍ତରଖାନା ଆସି ପହଁଚିବା କାରଣ ଯୋଗୁଁ ବିଳମ୍ବ ଚିକିତ୍ସା ହେତୁ ମୃତ୍ୟୁର ଅନ୍ୟ ଏକ କାରଣ ବୋଲି ମଧ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଉଛି। ସରକାର ସର୍ପାଘାତ ଆକ୍ରାନ୍ତଙ୍କ ପାଇଁ ମାଗଣାରେ ଅତ୍ୟାଧୁନିକ ଇଞ୍ଜେକ୍ସନ ଦେଉଥିବାବେଳେ ଏବେ ବି ଅନ୍ଧ ବିଶ୍ୱାସ ଯୋଗୁଁ ଅନେକ ଉପାନ୍ତ ଅଂଚଳ ଲୋକେ ଦେଶୀ ଚିକିତ୍ସାକୁ ଆଦରି ନେଉଥିବା ମଧ୍ୟ ଦେଖାଯାଉଛି। କେନ୍ଦୁଝର ଜିଲାରେ ରୋଗବ୍ୟାଧି ହେଲେ ଚେଙ୍କ ଓ ଝଡାଫୁଙ୍କା ଚିକିତ୍ସା ଏବେ ବି ଚାଲିଛି। ଅନେକ ଅଂଚଳରେ ସର୍ପାଘାତ ଆକ୍ରାନ୍ତଙ୍କୁ ଗୋବରଗଡିଆରେ ପକାଇ ଦୀର୍ଘ ସମୟ ରଖିବା ପରେ ଅବସ୍ଥା ଜଟିଳ ହେବା ପରେ ରୋଗୀମାନଙ୍କୁ ଡାକ୍ତରଖାନା ଅଣାଯାଉଛି। କେନ୍ଦୁଝର ଜିଲାରେ ସଚେତନତା ଅଭାବ ଯୋଗୁଁ ସର୍ପାଘାତ ପ୍ରାଣହାନୀ ନିୟନ୍ତ୍ରଣ ହୋଇପାରୁନଥିବା କୁହାଯାଉଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କିଶୋର କୁମାର ପୃଷ୍ଟିଙ୍କୁ ପଚାରିବାରୁ ସର୍ପାଘାତରେ ଆକ୍ରାନ୍ତ ହେଲେ ତୁରନ୍ତ ଡାକ୍ତରଖାନା ନେଇ ରୋଗୀଙ୍କୁ ଚିକିତ୍ସା କଲେ ସୁସ୍ଥ ହେବା ସମ୍ଭାବନା ରହିଛି। କେତେକ କ୍ଷେତ୍ରରେ ପରିବାର ଲୋକେ ଡାକ୍ତରଖାନାକୁ ନେବାରେ ବିଳମ୍ବ ଯୋଗୁଁ ବିଷ ପ୍ରକ୍ରିୟାରେ ରୋଗୀଙ୍କ ଅବସ୍ଥା ସଂକଟାପନ୍ନ ହୋଇ ରୋଗୀ ମୃତ୍ୟୁ ମୁଖରେ ପଡୁଥିବା ସେ ପ୍ରକାଶ କରିଛନ୍ତି।

# ପ୍ରାଥମିକ ଶିକ୍ଷକ ବଦଳି ପାଇଁ ବିଜ୍ଞପ୍ତି ପ୍ରକାଶ

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ): ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସବୁ ବର୍ଗର ପ୍ରାଥମିକ ଶିକ୍ଷକଙ୍କ ପାଇଁ ବଦଳି ପାଇଁ ଚିଠି ନଂ.୧୩୪୫୩ /୨୫ ଯୋଗେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଛି। ତେବେ ଦୀର୍ଘଦିନ ଧରି ଗୋଟିଏ ବିଦ୍ୟାଳୟରେ କାର୍ଯ୍ୟ କରିଆସୁଥିବା ଶିକ୍ଷକଙ୍କ ମଧ୍ୟରେ ଭାଳେଣି ପଡିଛି। ଅନ୍ୟ ପଟେ ବଦଳିକୁ ରଦ୍ଦ କିମ୍ବା ନିଜର ସୁବିଧା ଅନୁସାରେ କରିବାକୁ ଏବେ ବିଧାୟକ ଓ ସାଂସଦଙ୍କ ନିକଟରେ ଭିଡ଼ ଜମୁଛି ବୋଲି ବେଶ ଚର୍ଚ୍ଚା ଅସ୍ତରଙ୍ଗ ଅଞ୍ଚଳରେ। ଏପରି ଘଟଣା ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଦେଖିବାକୁ ମିଳିଥିବା ବେଳେ ଏହା ସାଧାରଣରେ ବେଶ କୌତୁହଳ ସୃଷ୍ଟି କରିଛି। ବିଜ୍ଞପ୍ତିରେ ୩ପ୍ରକାର ବଦଳି ସମ୍ପର୍କରେ ଉଲ୍ଲେଖ ରହିଛି। ଗୋଟିଏ ଜିଲ୍ଲାରୁ ଅନ୍ୟ ଜିଲ୍ଲା, ଜିଲ୍ଲା ମଧ୍ୟରେ ଗୋଟିଏ ବ୍ଲକରୁ ଅନ୍ୟ ବ୍ଲକକୁ ବଦଳି ଅନଲାଇନ ମାଧ୍ୟମରେ ଆବେଦନ କରିବା ପାଇଁ ନିର୍ଦ୍ଦେଶନାମା ଉଲ୍ଲେଖ ରହିଛି। ଅପରପକ୍ଷେ ରେସନାଲାଇଜେସନ ବଦଳିରେ ଅଫିସଙ୍କ ନିୟମ ଅନୁଯାୟୀ ପର୍ଯ୍ୟାପ୍ତ ପରିସର ଦିଆଯାଇଛି। ଏହା ଅଫଲାଇନରେ ହେବ। ଏହି ପ୍ରକ୍ରିୟାରେ ଗୋଟିଏ ବିଦ୍ୟାଳୟରେ ୬ବର୍ଷରୁ ଅଧିକ କାର୍ଯ୍ୟରତ ଶିକ୍ଷକ ଅନ୍ୟ ବିଦ୍ୟାଳୟକୁ ବଦଳି ପାଇଁ ଯୋଗ୍ୟ ଏବଂ ଗୋଟିଏ ବିଦ୍ୟାଳୟରେ ୧୦ବର୍ଷରୁ ଅଧିକ କାର୍ଯ୍ୟରତ ଶିକ୍ଷକ ନିଶ୍ଚିତ ଅନ୍ୟ ବିଦ୍ୟାଳୟକୁ ବଦଳି ପ୍ରକ୍ରିୟାରେ ନିର୍ଦ୍ଦେଶ ରହିଛି। ଏଥିସହିତ ଆବଶ୍ୟକତା ଠାରୁ ଅଧିକ ଶିକ୍ଷକ ଥିବା ବ୍ଲକକୁ ଶିକ୍ଷକ ବଦଳି ହେବେ। ଏପରି କ୍ଷେତ୍ରରେ ସର୍ବାଧିକ ବର୍ଷ କାର୍ଯ୍ୟରତ ଶିକ୍ଷକ ଅନ୍ୟ ବ୍ଲକକୁ ବଦଳି ହେବେ। ଶିକ୍ଷକମାନେ ବଦଳି ପରେ ନୂତନ ବିଦ୍ୟାଳୟରେ ଆଗାମୀ ଜୁନ ୧୩ତାରିଖରେ କାର୍ଯ୍ୟରେ ଯୋଗଦେବେ। ଏହି ନିର୍ଦ୍ଦେଶ ଆସିବା ପରେ ଗୋଟିଏ ବିଦ୍ୟାଳୟରେ ୧୦ବର୍ଷରୁ ଅଧିକ କାର୍ଯ୍ୟରତ ଶିକ୍ଷକଙ୍କ ମଧ୍ୟରେ ଭାଳେଣି ପଡିଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ଅଧୀନ ଅନେକ ବିଦ୍ୟାଳୟରେ ଜଣେ ଶିକ୍ଷକ ଗୋଟିଏ ଲେଖାଏଁ ବିଦ୍ୟାଳୟରେ ୧୦ ବର୍ଷରୁ ଉର୍ଦ୍ଧ୍ୱ ରହିଲେଣି। ଦୀର୍ଘବର୍ଷ ପରେ ଶିକ୍ଷକଙ୍କ ପାଇଁ ନିର୍ଦ୍ଦିଷ୍ଟ ବଦଳି ନିୟମ ଲାଗୁ ହେବାକୁ ଯାଉଥିବାରୁ ଅଧିକାଂଶ ଶିକ୍ଷକ ଖୁସିବ୍ୟକ୍ତ କରିଛନ୍ତି। ଅପରପକ୍ଷେ କାକଟପୁର ନିର୍ବାଚନ ମଣ୍ଡଳୀ ତଥା ଜଗତସିଂହପୁର ଲୋକସଭା ସାଂସଦଙ୍କ ନିକଟକୁ ଶିକ୍ଷକ ଦରଖାସ୍ତ ଧରି ସୁପାରିଶ କରିବାକୁ ଦୌଡୁଛନ୍ତି। ତେବେ ରାଜନୈତିକ ଚାପ ନ ପଡିଲେ, ଶିକ୍ଷା ବ୍ୟବସ୍ଥାରେ ସ୍ୱଚ୍ଛତା ରହିବ ବୋଲି ଶିକ୍ଷାବିତମାନେ ମତ ରଖିଛନ୍ତି। ଅନ୍ୟପଟେ ସାଂସଦ ଓ ବିଧାୟକଙ୍କ ପାଖରେ ଶିକ୍ଷକ, ଶିକ୍ଷୟତ୍ରୀଙ୍କ ଭିଡ଼କୁ ନେଇ ନାନା ଆଲୋଚନା ଚାଲିଛି।

# ୧୯୮୮ ବ୍ୟାଚ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ ଓ ସମ୍ବର୍ଦ୍ଧନା ପର୍ବ

ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଅଧୀନ ଦୋଳସାହି ସ୍ଥିତ ରାମନାରାୟଣ ହାଇସ୍କୁଲର ୧୯୮୮ ବ୍ୟାଚ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଉତ୍ସବ ଓ ସମ୍ବର୍ଦ୍ଧନା ପର୍ବ ଆଡମ୍ବର ସହକାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୁରାତନ ଛାତ୍ର କମଳାକାନ୍ତ ଖାମୁରାଇଙ୍କ ସଞ୍ଚାଳନରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ହାଇସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ଶୁଭସ୍ମିତା ତ୍ରିପାଠୀ ଯୋଗଦେଇ ପୂର୍ବ ସ୍ମୃତିକୁ ଉଜ୍ଜୀବିତ କରେ ବନ୍ଧୁ ମିଳନ ଉତ୍ସବ ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବେ ଡା. ଅଜୟ କୁମାର ପଣ୍ଡା ଯୋଗଦେଇ ବନ୍ଧୁ ମିଳନ ସମସ୍ତଙ୍କୁ ଏକତ୍ରିତ କରିବାର ଏକ ମାଧ୍ୟମ ବୋଲି କହିଥିଲେ। ଏହି ଉତ୍ସବରେ ଅବସରପ୍ରାପ୍ତ ଶିକ୍ଷକ କୁଳମଣି ଦୀକ୍ଷିତ, କୈଳାସ ଚନ୍ଦ୍ର ବଳଙ୍କୁ ପୁରାତନ ଛାତ୍ର ଛାତ୍ରୀଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରଲୋକଗତ ଶିକ୍ଷକ ଅବଦୁଲ କାଲାମଖାଁନଙ୍କୁ ମରଣୋତ୍ତର ସମ୍ବର୍ଦ୍ଧନା ଦିଆଯାଇଥିଲା। ସ୍ୱର୍ଗତ ଶିକ୍ଷକଙ୍କ ପତ୍ନୀ ଖାଜିଯା ବିବି ସମ୍ବର୍ଦ୍ଧନା ଗ୍ରହଣ କରିଥିଲେ। ପୁରାତନ ଛାତ୍ର ବ୍ରଜେନ୍ଦ୍ର ସେନାପତି ଅତିଥି ପରିଚୟ ଓ ଗୋପୀନାଥ ମହାପାତ୍ର ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷିତ ହୋଇଥିବା ବେଳେ ଦିବଂଗତ ଶିକ୍ଷକ ଓ ଛାତ୍ରଙ୍କ ଆତ୍ମାର ସଦଗତି କାମନା କରାଯାଇ ନୀରବ ପ୍ରାର୍ଥନା କରାଯାଇଥିଲା। ଅପରାହ୍ନରେ ଛାତ୍ରୀଛାତ୍ରଙ୍କ



ପରିଚୟ ପର୍ବ ଅନୁଷ୍ଠିତ ହୋଇଥିଲା କ୍ଷ ଏଥିରେ ଅଭୟ ପାଢ଼ୀ, ଅନୁପ୍ରଭା ଗୋଛାୟତ, ଦିଲୀପ କୁମାର ଭଞ୍ଜ, ରବୀନ୍ଦ୍ର ମହାନ୍ତି, ରଘୁନାଥ ଭଞ୍ଜ, ରାମଚନ୍ଦ୍ର ମଲ୍ଲିକ, ଗୀତାଞ୍ଜଳି ପାତ୍ର, ପ୍ରଣୟିନୀ ରାୟ, ରୀନାରାଣୀ ସ୍ୱାଇଁ, ପର୍ଶୁରାମ ପାଣିଗ୍ରାହୀ, ଧ୍ରୁବ ଚରଣ ଗିରି, ନିର୍ମଳା ସାହୁ ପ୍ରମୁଖ ଯୋଗଦେଇ ନିଜର ଅନୁଭୂତି ବଖାଣିଥିଲେ। ପୁରାତନ ଛାତ୍ର ଦେବବ୍ରତ ସେନାପତି, ବୈଲୋଚନ ମଲ୍ଲିକ, ପୀତାମ୍ବର ସାହୁ, ଅନସୂୟା ନାଥ, ରାଜେନ୍ଦ୍ର ବେହେରା, ରମାକାନ୍ତ ନାୟକ, ସୀତାକାନ୍ତ ମହାରାଜ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ବନ୍ଧୁ ମିଳନ ଉତ୍ସବରେ ୧୯୮୮ବ୍ୟାଚର ଛାତ୍ର ଛାତ୍ରୀ ମାନେ ଯୋଗ ଦେଇଥିଲେ।

## ବର୍ଷାରେ ଭାଙ୍ଗିଲା ଘର

ଲକ୍ଷ୍ମୀପୁର/ନାରାୟଣପାଟଣା, (ଭାସ୍କର ନ୍ୟୁଜ): ଗତକାଲି ପ୍ରବଳ ବର୍ଷା ଘଡଘଡି ଯୋଗୁଁ ନାରାୟଣପାଟଣା ବ୍ଲକର ବିଭିନ୍ନ ସ୍ଥାନରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ତଳଗୁମାଣ୍ଡି ପଂଚାୟତରେ ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ଚାଷ ଜମିରେ ବର୍ଷା ଜଳ ପ୍ରବାହ ସହ କାଦୁଅ ମାଟି ପଶିଯିବାରୁ ୧୫ ଏକର ଜମିର ଫସଲ ନଷ୍ଟ ହୋଇଛି। ଏଥି ସହ ତଳଗୁମାଣ୍ଡିକୁ ଯୋଗାଯୋଗ କରୁଥିବା ଭିତରପଡା ଗାଁ ରାସ୍ତା ରେ ପାହାଡ ରୁ ମାଟି ଖସି ରାସ୍ତା ଜାମ ହୋଇଛି। ଏଥିସହ ଉପରଗୁମାଣ୍ଡି ପଂଚାୟତରେ ବିଜୁଳି ପଡି ୨୨ ଗୋଟି ଛେଳିମେଣ୍ଢାଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଅତି ଗରିବ ପରିବାରର ହୋଇଥିବା ମାଟି ଘରେ ସେ ରହିଆସୁଥିଲେ। ବର୍ତ୍ତମାନ ଜରି ବାନ୍ଧି ଘରେ ରହୁଥିଲେ। ଖବର ପାଇ ତହସିଲଦାର ଦେବବ୍ରତ ମହାରଣା କ୍ଷୟକ୍ଷତି ତଦାରଖ ପାଇଁ ଟିମ୍ ପଠେଇ ତଦନ୍ତ ରିପୋର୍ଟ ଜିଲ୍ଲା ପ୍ରଶାସନକୁ ପଠେଇଛନ୍ତି। ଅନ୍ୟପଟେ ପଶୁ ଚିକିତ୍ସା ବିଭାଗ ଅଧିକାରୀମାନେ ଚିକଲଗୁମାଣ୍ଡିରେ ପହଂଚି ମୃତ ମେଣ୍ଢା, ଛେଳିର ଶବ ବ୍ୟବଚ୍ଛେଦ କରି ରିପୋର୍ଟ ସଂଗ୍ରହ କରିଛନ୍ତି। କୃଷି ବିଭାଗର ଏକ ଟିମ ତଳଗୁମାଣ୍ଡିରେ ପହଂଚି ଚାଷଜମିର କ୍ଷୟକ୍ଷତି ରିପୋର୍ଟ ସଂଗ୍ରହ କରି ପ୍ରଶାସନକୁ କ୍ଷୟକ୍ଷତିର ରିପୋର୍ଟ ପ୍ରଦାନ କରିଛନ୍ତି।

# ଉଠା ବ୍ୟବସାୟୀଙ୍କ ଆବଶ୍ୟକତା ଅନୁଯାୟୀ ନାହିଁ ମାର୍କେଟ କମ୍ପ୍ଲେକ୍ସ




ବାଲିମେଲା, (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ବାଲିମେଲା ସହରରେ ବାଲିମେଲା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସହରରେ ଥିବା ଉଠା ବ୍ୟବସାୟୀଙ୍କ ନିମନ୍ତେ ସହରର ଦୈନିକ ବଜାର ସମେତ କାଳୀଛକ ଠାରେ କେତେ ଗୁଡିଏ ଭେଣ୍ଡିଙ୍ଗ ଜୋନ ନିର୍ମାଣ କରାଯାଇଛି। କିନ୍ତୁ ପ୍ରତିଦିନ ବାଲିମେଳା ସହରରେ ଥିବା ଉଠା ବ୍ୟବସାୟୀଙ୍କ ସମେତ ଆଖ ପାଖ ବିଭିନ୍ନ ଗ୍ରାମରୁ ପନିପରିବା ସମେତ ବିଭିନ୍ନ ସାମଗ୍ରୀ ଗୁଡିକୁ ବିକ୍ରୀ କରିବା ପାଇଁ ସହରକୁ ଆସୁଥିବା ବ୍ୟବସାୟୀଙ୍କ ଆବଶ୍ୟକତା ଠାରୁ ବହୁତ କମ ଭେଣ୍ଡିଙ୍ଗ ଜୋନ ରହିଛି। ଯାହା ଫଳରେ ଉଠା ବ୍ୟବସାୟୀ ଓ ଚାଷୀ ମାନେ ନିରୁପାୟ ହୋଇ ସହରର ବିଭିନ୍ନ ଅଞ୍ଚଳରେ ଥିବା ମୁଖ୍ୟ ରାସ୍ତା କଡରେ ବସି ବ୍ୟବସାୟ କରୁଛନ୍ତି। ଫଳରେ ରାସ୍ତା ଉପରେ ସର୍ବଦା ଟ୍ରାଫିକ ସମସ୍ୟା ଲାଗି ରହୁଛି। ପ୍ରତିଦିନ ଏହି ରାସ୍ତା ଦେଇ ଯାତାୟତ କରୁଥିବା ଯାତ୍ରୀମାନେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଥିବା ଅଭିଯୋଗ ହୋଇଛି। ଏଥିଯୋଗୁ ଅନେକ ସମୟର ଛୋଟ ବଡ଼ ଦୁର୍ଘଟଣା ମଧ୍ୟ ଘଟୁଥିବା ନଜିର ରହିଛି। ମୁଖ୍ୟତଃ ବାଲିମେଳା ଏଏନଏସିରେ ଯେତିକି ଭେଣ୍ଡଙ୍ଗ ଜୋନ ରହିଛି ସେଗୁଡିକୁ ଏଏନଏସି କର୍ତୃପକ୍ଷଙ୍କ ତରଫରୁ ବାଲିମେଳା ସହରର କିଛି ଉଠା ବ୍ୟବସାୟୀଙ୍କୁ ହସ୍ତାନ୍ତର କରାଯାଇଥିଲା। ତେବେ କିଛି ବ୍ୟବସୟୀ ମାନେ କିଛିଦିନ ସେଠାରେ ସେମାନଙ୍କର ଦୋକାନ ଖୋଲି ବ୍ୟବସାୟ ଆରମ୍ଭ କରିଥିଲେ ହେଲେ ବାହାର ଅଞ୍ଚଳରୁ ପନିପରିବା ଓ ଅନ୍ୟାନ୍ୟ ସାମଗ୍ରୀ ଗୁଡିକୁ ବିକ୍ରୀ କରିବା ପାଇଁ ଆସୁଥିବା ଶତାଧିକ ଚାଷୀ ଓ ବ୍ୟବସାୟୀ ଏବଂ ସ୍ଥାନୀୟ କିଛି ବ୍ୟବସାୟୀଙ୍କ ଆବଶ୍ୟକତା ଅନୁଯାୟୀ ଭେଣ୍ଡିଙ୍ଗ ଜୋନ କିମ୍ବା ମାର୍କେଟ କମ୍ପ୍ଲେକ୍ସ ନଥିବାରୁ ସେମାନେ ରାସ୍ତା କଡରେ ବସି ବ୍ୟବସାୟ କଲେ। ଯାହା ଫଳରେ ଭେଣ୍ଡିଂ ଜୋନ ନେଇଥିବା ବ୍ୟବସାୟୀ ମାନଙ୍କର ବେପାର ଧୀରେ ଧୀରେ ହ୍ରାସ ପାଇଲା। ସେଥିପାଇଁ ଉକ୍ତ ବେପାରୀ ମାନେନେଇଥିବା ଉକ୍ତ ଭେଣ୍ଡିଙ୍ଗ ଜୋନକୁ ଛାଡି ରାସ୍ତା କଡରେ ବସିଦୀର୍ଘ ବର୍ଷ ଧରି ବର୍ଷା, ଖରା, ଶୀତରେ ଏମାନଙ୍କ ସହ ବସି ବ୍ୟବସାୟ କରୁଛନ୍ତି। ତେବେ ଉଠା ବ୍ୟବସାୟୀ ମାନଙ୍କ କହିବାନୁସାରେ ବାଲିମେଳା ଏନଏସି କର୍ତୃପକ୍ଷ ତୁରନ୍ତ ବାଲିମେଳା ସହରର ଏକ ନୂତନ ଜାଗା ଚିହ୍ନଟ କରି ସେଠାରେବାଲିମେଳା ସହରକୁ ପ୍ରତିଦିନ ଆସୁଥିବା ସମସ୍ତ ଉଠା ବ୍ୟବସାୟୀଙ୍କ ନିମନ୍ତେ ଏକ ନୂତନ ମାର୍କେଟ କମ୍ପ୍ଲେକ୍ସ ଏବଂ ଆଶ୍ୟକତା ଅନୁସାରେ ଭେଣ୍ଡିଂଙ୍ଗ ଜୋନ ଯୋଗାଇ ଦେବାକୁ ସେମାନେ ନିବେଦନ କରିଛନ୍ତି। ତେବେ ଏନଏସି କର୍ତୃପକ୍ଷ ଏବଂ ଜିଲ୍ଲା ପ୍ରଶାସନଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ଏହାର ସ୍ଥାୟୀ ସମାଧାନ କରିବା ଦିଗରେ ତୁରନ୍ତ ଉପଯୁକ୍ତ ପଦକ୍ଷପ ଗ୍ରହଣ କରିବାକୁ ଉଠା ବ୍ୟବସାୟୀ ମାନଙ୍କ ସମେତ ସହରବାସୀ ଦାବି କରିଛନ୍ତି।

# ବିଜେପି ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ): ଭଣ୍ଡାରିପୋଖରୀ ବ୍ଲକ ଭାରତୀୟ ଜନତା ପାର୍ଟିର ବିଭିନ୍ନ ମଣ୍ଡଳ ଶାଖା ପକ୍ଷରୁ ରବିବାର ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପାକିସ୍ତାନ ବିରୋଧରେ 'ଅପରେସନ ସିନ୍ଦୁର' ଅଭିଯାନରେ ଭାରତୀୟ ସେନାର ପରାକ୍ରମ ଓ ବୀରତ୍ୱକୁ ସମ୍ମାନ ଜଣାଇ ଏହି ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଭଣ୍ଡାରିପୋଖରୀ ଓ ବଳଦେବଜୀଉ ମଣ୍ଡଳ ପକ୍ଷରୁ ଦଳର ବିଧାନସଭା ନେତା ଡଃ ସୁଧାଂଶୁ ଶେଖର ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶୋଭାଯାତ୍ରା କହରାପୋଖରୀ କ୍ରାନ୍ତୀ ମଇଦାନରୁ ଆରମ୍ଭ ହୋଇଥିଲା। ଭଣ୍ଡାରିପୋଖରୀ ମଣ୍ଡଳ ସଭାପତି ତରଣୀସେନ ଯେନା, ବଳଦେବଜିଉ ମଣ୍ଡଳ ସଭାପତି ସରପଞ୍ଚ ରଞ୍ଜନ କୁମାର ପରିଡା, ପୂର୍ବତନ ଜିଲ୍ଲା ସଭାପତି ଅକ୍ଷୟ ସାହୁ, ଗିରିଶ ସାମଲ, ରାମଚନ୍ଦ୍ର ସେନାପତି, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ସୁରେଶ ସାମଲ, ସମିତି ସଭ୍ୟା ସୁପ୍ରିୟା ସେଠୀ, ତପନ ପାତ୍ର, ପର୍ଶୁରାମ ପରିଡା, ରବିନ୍ଦ୍ର ଜେନା, ପ୍ରମୁଖ ଶତାଧିକ ନେତା ଓ କର୍ମୀମାନେ ଭଣ୍ଡାରିପୋଖରୀ ବଜାର, ବଳଦେବଜୀଉ ମନ୍ଦିର, ମାଳଦା ବଜାର, ଅଶୋକ ବଜାର ମଧ୍ୟଦେଇ ଦଳୀୟ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେହିପରି ସୁବର୍ଣ୍ଣମୁଖି ମଣ୍ଡଳ ପକ୍ଷରୁ ଅନୁଷ୍ଠିତ ଶୋଭାଯାତ୍ରାରେ ଦଳର ଜିଲ୍ଲା ସଭାପତି ଭଗବାନ ପଣ୍ଡା, ମଣ୍ଡଳ ସଭାପତି ପ୍ରଣବ ରାଉତ, ପୂର୍ବତନ ମଣ୍ଡଳ ସଭାପତି ପ୍ରଦୀପ ସାହୁ, ପ୍ରଦ୍ୟୁମ୍ନ ସେନାପତିଙ୍କ ସମେତ ବିଭିନ୍ନ ପଞ୍ଚାୟତର ଶକ୍ତିକେନ୍ଦ୍ର ପ୍ରମୁଖ ଓ ଛାମୁଆ ନେତା ଓ କର୍ମୀମାନେ ଛତାବର ଛକ ଠାରୁ ଆରମ୍ଭ କରି ମଞ୍ଜୁରୀରୋଡ ବଜାର ପରିକ୍ରମା କରିଥିଲେ।



# ଆମ କଳାହାଣ୍ଡି







## ପ୍ରତାରଣା ସାଜିଛି ବସୁନ୍ଧରା ଯୋଜନା

# ଜମି ପଟ୍ଟା ବଣ୍ଟନକୁ ନେଇ ଅସନ୍ତୋଷ ହିତାଧିକାରୀ



ଧର୍ମଗଡ଼, (ଭାସ୍କର ନ୍ୟୁଜ୍ ) : ଧର୍ମଗଡ଼ ତହସିଲ ପକ୍ଷରୁ ବସୁନ୍ଧରା ଯୋଜନା ମାଧ୍ୟମରେ ଭୂମିହୀନ ଗରିବ ହିତାଧିକାରୀଙ୍କୁ ପ୍ରଥମ ପର୍ଯ୍ୟାୟ ଜମି ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଧର୍ମଗଡ ବ୍ଲକ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ୨୪ପଞ୍ଚାୟତର ୫୭ଜଣଙ୍କୁ ପ୍ରଥମ ପର୍ଯ୍ୟାୟରେ ଜମି ପଟ୍ଟା ପ୍ରଦାନ କରାଯାଇଛି। ଜମି ପଟ୍ଟା ଗ୍ରହଣ କରି ହିତାଧିକାରୀ ମାନେ ବେଶ ଯେତିକି ଖୁସି ଅନୁଭବ କରିଥିଲେ ସେତିକି ଦୁଃଖ ପ୍ରକାଶ କରିଥିବା ଅଭିଯୋଗ ସାମ୍ନାକୁ ଆସିଛି। ୪ଡ଼ିସିମିଲ ଜମି ବଦଳରେ ୨ଡ଼ିସିମିଲ ଜମି ପଟ୍ଟା ପାଇଥିବା ନେଇ ଅସନ୍ତୋଷ ଦେଖା ଦେଇଛି। ପ୍ରାପ୍ତ ସୂଚନା ଯେ ଧର୍ମଗଡ ବ୍ଲକ ସମ୍ମିଳନୀ କକ୍ଷ ଠାରେ ଆୟୋଜିତ ଘରଡ଼ିହ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଉପସ୍ଥିତ ଥିଲେ କଳାହାଣ୍ଡି ସାଂସଦ ଓ ଧର୍ମଗଡ ବିଧାୟକ ଓ ଉପ-ଜିଲ୍ଲାପାଳ। ଧର୍ମଗଡ ବ୍ଲକ ଅଧିନର ସମୁଦାୟ ୨୪ଗୋଟି ପଞ୍ଚାୟତ ରେ ୪୦୦୦ହଜାର ଭୂମିହିନ ଆବେଦନ କରିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ସମୁଦାୟ ୫୭ଜଣ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ ହୋଇଛି। ଧର୍ମଗଡ଼ ତହସିଲ ଅନ୍ତର୍ଗତ ଖଇରପଦର ଆରଆଇ ସର୍କଲ ରାହୁରାହଲଦୀ ୨୮ଜଣ ଓ ଗମ୍ଭାରୀଗୁଡାର ୭ଜଣ, ବଡ଼ବସୁଲ ଗାଁରୁ ୧, କୀର୍କାକାନି ଆରଆଇ ସର୍କଲ କୋଟମେର ଗାଁର ୬ଜଣ, କନ୍ଦାମାଳ ଗାଁର ୨ଜଣ ଓ ଟାକପଡାର ୯ଜଣ, କାଁକେରି ଆରଆଇ ସର୍କଲର କାଁକେରି ଗାଁର ୩ଜଣ, ଧର୍ମଗଡ଼ ଆରଆଇ ସର୍କଲ ରୁରାଲ ଚିଲଚିଲା ଗାଁର ଜଣଙ୍କୁ ପଟ୍ଟା ପ୍ରଦାନ କରାଯାଇଛି। ତେବେ ମିଳିଥିବା ପଟ୍ଟାର ସୂଚନାନୁଯାୟୀ ରାହୁରାହଲଦୀ ଗାଁର ନିକିତା ଶବର ସ୍ୱାମୀ-କହ୍ନେଇ ଶବର ଖତିୟାନ ନଂ-୨୪୨/୨୯୫ ଅନୁସାରେ ୨ଡିସମିଲ, ପ୍ରେମଶିଳା ଶବର ସ୍ୱାମୀ-କର୍ଣ୍ଣ ଶବର ଖତିୟାନ ନଂ-୨୪୨/୨୯୪ ଅନୁସାରେ ୨ଡିସମିଲ, ଅହଲ୍ୟା ଶବର ସ୍ୱାମୀ-ଶିଶିର ଶବର ଖତିୟାନ ନଂ-୨୪୨/୨୯୨ ଅନୁସାରେ ୨ଡିସମିଲ, ହେମକାନ୍ତି ଶବର ସ୍ୱାମୀ-ଦୁର୍ଯ୍ୟୋଧନ ଶବର ଖତିୟାନ ନଂ-୨୪୨/୨୯୩ ଅନୁସାରେ ୨ଡିସମିଲ ଏଭଳି ଅନେକ ହିତାଧିକାରୀଙ୍କୁ ୪ଡିସମିଲ ଜାଗା ଦେବା ପରିବର୍ତ୍ତେ ୨ଡିସମିଲ ଜାଗା ମିଳିଛି। ପୂର୍ବ ସରକାର ସହରରେ ବାସ କରୁଥିବା ଭୂମିହିନ ମାନଙ୍କୁ ଜାଗା ମିଶନ ଜରିଆରେ ଘର ଡିହ ସାଙ୍ଗକୁ ଘର ଯୋଗାଇ ଦେଇଥିବା ବେଳେ ବସୁନ୍ଧରା ଯୋଜନା ରେ ଗ୍ରାମାଞ୍ଚଳର ଭୂମିହିନ ପାଇଁ ୪ ଡିସମିଲ ଜାଗା ଦେବା ବ୍ୟବସ୍ଥା ରଖିଥିଲେ। ହେଲେ ନୂତନ ସରକାର ୪ଡିସମିଲ ପରିବର୍ତ୍ତେ ୨ଡିସମିଲ ଘରଡିହ ଜମି ପଟ୍ଟା ପ୍ରଦାନ କରୁଥିବା ନେଇ ହିତାଧିକାରୀଙ୍କ ଭିତରେ କ୍ଷୁବ୍ଧ ଦେଖା ଦେଇଛି। ହିତାଧିକାରୀଙ୍କ କହିବା ମତେ ୨ଡିସମିଲ ଜମିରେ ବାସ ଗୃହ ନିର୍ମାଣରେ ଅତି ସଙ୍କୁଚିତ ହେବ। ଯାହା ଗୋଟାଏ ପରିବାର ରହିବା ଅସମ୍ଭବ। ସରକାର ପୁନଃ ବିଚାର କରି ୨ପରିବର୍ତ୍ତେ ୪ଡିସମିଲ ପ୍ରଦାନ କଲେ ଉପକୃତ ହୋଇପାରିବୁ ବୋଲି ପ୍ରକାଶ କରିଛନ୍ତି। ଏନେଇ ଧର୍ମଗଡ଼ ତହସିଲଦାର ସଞ୍ଜୟ କୁମାର ସାମନ୍ତରାଙ୍କୁ ପଚାରିବାରୁ ପୂର୍ବ ସରକାର ସମୟରେ ବସୁନ୍ଧରା ଯୋଜନାରେ ପ୍ରତ୍ୟେକ ଭୂମିହୀନ ମାନଙ୍କୁ ୪ଡିସମିଲ ଜାଗା ଯୋଗାଇଦେବାକୁ ପ୍ରତ୍ୟେକ ତହସିଲକୁ ନିର୍ଦ୍ଦେଶନାମା ଜାରି କରିଥିଲେ ହେଲେ ନୂଆ ସରକାରରେ ୨-୪ ଡିସମିଲ ସୀମିତ ଜାଗା ଯୋଗାଇଦେବା ପାଇଁ ନିର୍ଦ୍ଦେଶନାମା ଜାରି ଥିବା ପ୍ରକାଶ କରିଛନ୍ତି।

# କିସ୍ ପକ୍ଷରୁ ଆର୍ଟ ଅଫ୍ ଗିଭିଂ କାର୍ଯ୍ୟକ୍ରମ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ସ୍ଥାନୀୟ ଟାଉନହଲ ଠାରେ କଳାହାଣ୍ଡିର କିସ୍ ବିଦ୍ୟାଳୟ ତରଫରୁ ଆର୍ଟ ଅଫ୍ ଗିଭିଂ କାର୍ଯ୍ୟକ୍ରମ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି। ଏହି ଦିବସ ୨୦୧୩ ମସିହାରୁ ଆର୍ଟ ଅଫ୍ ଗିଭିଂ ଦିବସ ରୂପେ ସମାଜସେବୀ ଓ କିଟ୍ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଆରମ୍ଭ ହୋଇଛି। ବର୍ତ୍ତମାନ୍ ଏହି ଦିବସକୁ ବିଶ୍ୱର ବିଭିନ୍ନ ରାଷ୍ଟ୍ରର ବହୁ ବ୍ୟକ୍ତି ଏକ ଅଭିଯାନ ମାଧ୍ୟମରେ ପାଳନ କରି ଆସୁଛନ୍ତି। ସେହି ଦିବସ ପାଳନ ଉପଲକ୍ଷେ କଳାହାଣ୍ଡି କିସ୍ ପକ୍ଷରୁ ସ୍ଥାନୀୟ ଟାଉନ୍ ହଲ ଠାରେ ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବରେ ଭାରପ୍ରାପ୍ତ କୁଳପତି ମାଆ ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟ, ଡ. ନିବେଦିତା ନାଥ ଯୋଗ ଦେଇଥିଲାବେଳେ ସମ୍ମାନିତ ଅତିଥି ଡ.ଅଜୟ ମିଶ୍ର ବିଶିଷ୍ଟ ଶିକ୍ଷାବିତ୍, ଡା. ନିରୋଦ ଚନ୍ଦ୍ର କହଁର ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଭବାନୀପାଟଣା, ମୁଖ୍ୟବକ୍ତା ଡ. ଉମେଶ ଚନ୍ଦ୍ର ଶତପଥୀ ବିଶିଷ୍ଟ ଶିକ୍ଷାବିତ୍, କିସ୍‌ର ଉପ କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଷ୍ମନ୍ତ କୁମାର ପଧାନ, ପ୍ରଧାନ ଶିକ୍ଷୟିତ୍ରୀ ସୁନିତା ପଣ୍ଡା ଉପସ୍ଥିତ ଥିଲେ। ଉକ୍ତ ଅତିଥିମାନଙ୍କୁ କିସ୍ ଶିକ୍ଷୟତ୍ରୀ ସୁପ୍ରିୟା ପଣ୍ଡା, ଅଭୀପ୍ସା ସାହୁ, ସ୍ୱାଗତିକା ଭୋଇ, ରଶ୍ମିତା ପଟ୍ଟନାୟକ ଓ କିସ୍ ଛାତ୍ରୀ ମାନେ ମିଶି ପୁଷ୍ପ ଚନ୍ଦନ ସହ ଚାରାଗଛ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ। ମୁଖ୍ୟ ଅତିଥି ନିବେଦିତା ନାଥ ଡ. ଅଚ୍ୟୁତ ସାମନ୍ତଙ୍କ ଅନୁଷ୍ଠାନ ସହ ଆଗରୁ ଜଡ଼ିତ ବୋଲି କହି ମାଣିକେଶ୍ୱରୀଙ୍କ ପାଖରେ ତାଙ୍କ ଦୀର୍ଘାୟୁ କାମନା କରିଥିଲେ। ସେହିପରି ମୁଖ୍ୟ ବକ୍ତା ଡ. ଶତପଥୀ ଏ ବର୍ଷ ଆର୍ଟ ଅଫ୍ ଗିଭିଂର ଥିମ୍ ବିଷୟରେ ତାଙ୍କ ବକ୍ତବ୍ୟ ରଖିଥିଲେ। ପରେ ପରେ ଡ. ଅଚ୍ୟୁତ ସାମନ୍ତଙ୍କ ଲିଖିତ ଆର୍ଟ ଅଫ୍ ଗିଭିଂ ପୁସ୍ତକର ଉନ୍ମୋଚନ କରାଯାଇଥିଲା। ଏବଂ କଳାହାଣ୍ଡିର ୫ ଜଣ ବିଶିଷ୍ଟ ସମାଜସେବୀଙ୍କୁ ପଟ୍ଟଚିତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଶେଷରେ ଉପକାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ପଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବଡଭାଇର ଟାଙ୍ଗିଆ ଚୋଟରେ ସାନଭାଇ ମୃତ

ଜୁନାଗଡ଼, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଥାନା ଅନ୍ତର୍ଗତ ଛୋରିଆ ଗଡ଼ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ପ୍ରାପ୍ତ ସୂଚନା ଅନୁଯାୟୀ ଶନିବାର ସନ୍ଧ୍ୟା ୫ ଘଣ୍ଟା ସମୟରେ ଜୁନାଗଡ ଥାନା ଅନ୍ତର୍ଗତ ଛୋରିଆ ଗଡ଼ ଗ୍ରାମର ଗୋପୀ ବାଗ ଓ ସୁବଳ ବାଗ ଦୁଇ ଭାଇ ମଧ୍ୟରେ କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ବଚସା ଏତେ ଉଗ୍ର ରୂପ ନେଇଥିଲା ଯେ, ସୁବଳ ବାଗଙ୍କୁ ତାଙ୍କ ବଡ ଭାଇ ଗୋପୀ ବାଗ ଏକ ଟାଙ୍ଗିଆରେ ଆକ୍ରମଣ କରିଥିବା ସୂଚନା ମିଳିଛି। ବଡ ଭାଇ ଗୋପୀଙ୍କ ଟାଙ୍ଗିଆରେ ଆକ୍ରମଣ ଯୋଗୁ ସାନଭାଇ ସୁବଳ ବାଗଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ଜଣାଯାଇଛି। ବଡ ଭାଇ ଗୋପୀ ବାଗଙ୍କ ମୁଣ୍ଡରେ ଆଘାତ ଲାଗିଥିବା ଯୋଗୁ ସଙ୍ଗେ ସଙ୍ଗେ ଗୋପୀ ବାଗଙ୍କୁ ଧର୍ମଗଡ଼ ଡାକ୍ତରଖାନା ପରେ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ନିଆ ଯାଇଥିବା ସୂଚନା ମିଳିଛି। ଘଟଣା ସ୍ଥଳରେ ଜୁନାଗଡ ପୁଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଂଚି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି। ଏନେଇ ଜୁନାଗଡ ଥାନାରେ ଏକ ମାମାଲା ରୁଜୁ ହୋଇ ଅଧିକ ତଦନ୍ତ କରୁଥିବା ଜୁନାଗଡ ଥାନା ଅଧିକାରୀ ଶେଷଦେବ ବେହେରା ସୂଚନା ଦେଇଛନ୍ତି।

## କାଠ କଟା ଯନ୍ତ୍ର ସହ ବିପୁଳ କାଠ ଜବତ, ମାଲିକ ଫେରାର



ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ଉତ୍ତର ବନଖଣ୍ଡ ଅଧିନସ୍ଥ ମ.ରାମପୁର ରେଞ୍ଜ ଅଞ୍ଚଳର କେନାଲ ଛକ, ଅଇଁଲା ପାଲିଠାରେ ଏସିଏଫ୍ ତଥା ମ.ରାମପୁର ରେଞ୍ଜ ଅଧିକାରୀ ଅସିତ୍ କୁମାର ଦାଶଙ୍କ ନେତୃତ୍ୱରେ ଚଢଉ କରି ବିପୁଳ ପରିମାଣର କାଠ ସହ କାଠ କଟା ଯନ୍ତ୍ର ଜବତ କରାଯାଇଛି। ସୂଚନା ଅନୁସାରେ ଚଢଉବେଳେ ଗଙ୍ଗାଧର ସାହୁଙ୍କ ଘରୁ ୪୦ସିଏଫଟିରୁ ଅଧିକ ସାଇଜ କାଠ ସହ କାଠ କଟା ଓ ପଲିସ ଯନ୍ତ୍ର ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ଦୁଇ ଲକ୍ଷରୁ ଅଧିକ ହେବ ବୋଲି ଜଣାପଡ଼ିଛି। ଏଥିରେ ସମ୍ପୃକ୍ତ ମାଲିକ ଫେରାର ହେଇ ଯାଇଥିବାବେଳେ ବନ ବିଭାଗ ତରଫରୁ ଓ ଆର ୪୬ଏମଆର ୨୦୨୫/୨୬ରେ ଏକ ମାମଲା ରୁଜୁ ହୋଇ ଫେରାର ମାଲିକଙ୍କୁ ଗିରଫ ପାଇଁ ବନ ବିଭାଗ ଉଦ୍ୟମ ଜାରି ରଖିଛି। ଏହି ଚଢଉରେ ଶ୍ରୀ ଦାଶଙ୍କ ସମେତ ବନପାଳ ସମ୍ପଦ କୁମାର, ବନରକ୍ଷୀ ଲକ୍ଷ୍ମୀ ଦୋରା, ବାଳକୃଷ୍ଣ ଜାଲ, ସ୍ୱାର୍ଡ଼ କର୍ମଚାରୀ ପ୍ରକାଶ ମାଝୀ, କିଶୋର ମାଝୀ, ବଇଚନ୍ଦ୍ର ସାହୁ, ବିରଞ୍ଚି ସାହୁ, ଶରତ ଚନ୍ଦ୍ର ବିଶି, ତୁଳସୀ ରାମ ଭୋଇ ପ୍ରମୁଖ ସାମିଲ ଥିଲେ।

# ବ୍ଲକସ୍ତରୀୟ ଆର୍ଟ ଅଫ ଗିଭିଂ କାର୍ଯ୍ୟକ୍ରମ




କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍ ) : କର୍ଲାମୁଣ୍ଡା ବ୍ଲକ ରିଷିଡା ସ୍ଥିତ ଜଗନ୍ନାଥ କୌଶଲ୍ୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ 'ଆର୍ଟ ଅଫ ଗିଭିଂ(ଦେବାର କଳା) କାର୍ଯ୍ୟକ୍ରମ ଅଧ୍ୟାପକ ତଥା କିସର ପୁରାତନ ଛାତ୍ର ନୀଳାମ୍ବର ପାତ୍ରଙ୍କ ସଭାପତିତ୍ୱରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମଟି ପୂର୍ବତନ କନ୍ଧମାଳ ସାଂସଦ ତଥା କିଟ୍, କିସ୍ ଓ କିମ୍ସର ପ୍ରତିଷ୍ଠାତା ଡଃ ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ୧୭ ମେ ୨୦୨୩ ମସିହା ଠାରୁ ଆରମ୍ଭ ହୋଇ ଥିଲା। ଡଃ ସାମନ୍ତଙ୍କ ଚିନ୍ତା ଧାରାରେ ଆଜକୁ ଦୀର୍ଘ ୧୨ବର୍ଷ ହେଲା ସାରା ବିଶ୍ୱର ୧୨୦ ଗୋଟି ଦେଶରେ ପାଳିତ ହେଉଛି। କିସ୍ କଳାହାଣ୍ଡିର ଶିକ୍ଷୟତ୍ରୀ ଜ୍ୟୋର୍ତିମୟୀ ରଣା ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ କର୍ଲମୁଣ୍ଡା ପ୍ରେସ କ୍ଲବ ସଭାପତି ନରୋତ୍ତମ ସେଲମା ଯୋଗଦେଇ ଥିବା ବେଳେ, ସମ୍ମାନିତ ଅତିଥି ଭାବେ ଶିକ୍ଷକ ହିମାଦ୍ରୀ ଭୋଇ, ଜୟଦେବଭୋଇ ଓ କିସ ଆଲୁମିନି, ତଥା ତେରେ ସିଂହା ଡିଗ୍ରୀ କଲେଜର ରାଜନୀତି ବିଜ୍ଞାନ ଅଧ୍ୟାପକ ରବି ମାଝୀ, ଗ୍ରନ୍ଥାଗାର ଚିନ୍ମୟ ରଣା ପ୍ରମୁଖ ଯୋଗ ଦେଇଥିଲେ। କଳାହାଣ୍ଡି କିସର ଛାତ୍ରୀ ଅଭିଭାବକଗଣ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଜଗଦିଶ ଭୋଇ, ଲଳିତ କୁମାର ଦାସ, ପାଣ୍ଡବ ହରିଜନ ଓ କିସର ପୁରାତନ ଛାତ୍ର ପ୍ରବୀଣ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

## କୂଅରୁ ଭାଲୁର ମୃତଦେହ ଉଦ୍ଧାର

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କୂଅରେ ପଡ଼ି ଜୀବନ ହାରିଲା ଗାଁ ମୁହାଁ ହୋଇଥିବା ଭାଲୁ। କଳାହାଣ୍ଡି ଜିଲ୍ଲା କେସିଙ୍ଗା ରେଞ୍ଜ ଅନ୍ତର୍ଗତ ପଥର୍ଲା ଗ୍ରାମରେ ଏଭଳି ଘଟଣା ଘଟିଥିବାର ଖବର ସାମ୍ନାକୁ ଆସିଛି। ସୂଚନା ମୁତାବକ, କେସିଙ୍ଗା ରେଞ୍ଜ ଅନ୍ତର୍ଗତ ପଥର୍ଲା ଗ୍ରାମର ବିରାଜ ପଟେଲଙ୍କ ପନିପରିବା ଚାଷ ପାଇଁ ଉଦ୍ଦିଷ୍ଟ ଥିବା କୂଅରେ ପଡ଼ି ଏକ ଭାଲୁର ମୃତ୍ୟୁ ହୋଇଛି। ବିରାଜ ଭୋର ସମୟରେ ବାଡ଼ିକୁ ଯାଇଥିବା ବେଳେ ଭାଲୁଟି କୂଅରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ଏହା ଦେଖି ସେ ବନ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ବନ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ଭାଲୁଟିକୁ କୂଅରୁ ଉଦ୍ଧାର କରିଛି। କୂଅରୁ ଉଦ୍ଧାର କରି କେସିଙ୍ଗା ପ୍ରାଣୀ ଚିକିତ୍ସାଳୟକୁ ଆଣିଥିବା ବେଳେ ସେଠାରେ ମୃତ ଭାଲୁଟିର ବ୍ୟବଚ୍ଛେଦ କରାଯାଇଥିଲା। ସୂଚନାଯୋଗ୍ୟ ଯେ, ଏହି ଅଞ୍ଚଳରେ ଭାଲୁ ବୁଲୁଥିବାର ସୂଚନା ପୂର୍ବରୁ ବନ ଅଧିକାରୀଙ୍କୁ ଦିଆଯାଇଥିଲା। ମାତ୍ର ବନ ଅଧିକାରୀଙ୍କ ଦାୟିତ୍ୱ ହୀନତା ଯୋଗୁଁ କୌଣସି ପଦକ୍ଷେପ ନିଆଗଲା ନାହିଁ। ଯାହାର ପରିଣାମ ସ୍ୱରୂପ ଆଜି ଭାଲୁଟିର ମୃତ୍ୟୁ ହୋଇଥିବା ଲୋକେ ଅଭିଯୋଗ କରୁଛନ୍ତି।

## ଛାଡ଼ିଦେଲେ ସ୍ୱାମୀ

# ମାନସିକ ବିକାରଗ୍ରସ୍ତ ହୋଇ ବୁଲୁଛି ସ୍ତ୍ରୀ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍ ) : ରିତାଞ୍ଜଳିଙ୍କ ହସଖୁସିର ସଂସାରରେ ଯେପରି ଲାଗିଯାଇଛି କାହାର ନଜର। ସ୍ୱାମୀ ଅନ୍ୟ ଜଣେ ମହିଳା ସହିତ ଫେରାର ହେବାପରେ ରିତାଞ୍ଜଳି ଏବେ ପାଗଳ ପ୍ରାୟ। ରିତାଞ୍ଜଳିଙ୍କ ବୈବାହିକ ଜୀବନ ବେଶ ହସଖୁସିରେ ଚାଲିଥିଲା। ୨ବର୍ଷର ବିବାହ ସମ୍ପର୍କ ପରେ କୋଳକୁ ସୁକନ୍ୟାଟିଏ ମଧ୍ୟ ଆସିଥିଲା। ଝିଅ ଜନ୍ମ ହେବାପରେ




ଦ୍ୱିଗୁଣିତ ଖୁସି ପରିବାରରେ ଦେଖା ଦେଲା। ହେଲେ ସ୍ୱାମୀର ଅଭିନୟ ପ୍ରେମକୁ ଚିହ୍ନି ପାରିଲେନି ସ୍ତ୍ରୀ ରିତାଞ୍ଜଳି ନାଗ (୩୫)। ସମ୍ପର୍କୀୟ ଭାଇର ସ୍ତ୍ରୀକୁ ଧରି ଫେରାର ମାରିଲା ସ୍ୱାମୀ। ବିଶ୍ୱାସ କରି ପାରିଲେ ନାହିଁ ରିତାଞ୍ଜଳି ଏତେ ଭଲପାଉଥିବା ସ୍ୱାମୀ ଯେ, ବିଶ୍ୱାସରେ ବିଷ ଦେଇ ହାତ ଛାଡିଦେବ। ପର ସ୍ତ୍ରୀକୁ ଆପଣେଇବ। ଯିଏ ଅଗ୍ନିକୁ ସାକ୍ଷୀ ରଖି ସାତ ଜନ୍ମର ସାଥି ହେବାକୁ ଶପଥ ନେଇଥିଲା। ଯାହାକୁ ପ୍ରାଣ ଦେଇ ଭଲ ପାଉଥିଲା। ଯାହାର ଆସିବା ପଥକୁ ଅନେଇ ଅନେଇ ରାତି ସାରା ଉଜାଗର ରହୁଥିଲା। ଯାହାର ଖାଇବା ଅଇଁଠାକୁ ଅମୃତ ଭାବି ପ୍ରସାଦ ଭାବେ ଖାଉଥିଲା। ସେ ତା ହାତ ଛାଡି ଚାଲି ଯିବ କଳ୍ପନା କରିବା ତା ପକ୍ଷେ ମୁସ୍କିଲ ହୋଇ ପଡ଼ିଥିଲା। ହେଲେ ଏହି ଘଟଣା ତା ମନ ହୃଦୟକୁ ଆଘାତ ଦେଇଥିଲା। ସ୍ୱାମୀର କଥା ଭାବି ଭାବି ଶେଷରେ ତା ଠିକଣା ବଦଳି ଯାଇଛି। ମାନସିକ ଭାରସାମ୍ୟ ହରାଇ ଦୁନିଆ ସାମ୍ନାରେ ତା ପରିଚୟ ଏବେ ପାଗଳି। ଧର୍ମଗଡ଼ ବ୍ଲକ ଜୟନ୍ତପୁର ପଞ୍ଚାୟତ ମାଲପଡା ଗ୍ରାମର ରିତାଞ୍ଜଳି ନାଗଙ୍କ ଜୀବନରେ ଏଭଳି ଘଟି ଥିବା ଜଣାପଡିଛି। ସ୍ୱାମୀ ବିରହରେ ସେ ଆଜି ପାଗଳି ହୋଇ ଯାଇଥିବା ଲୋକଙ୍କ ମଧ୍ୟରେ ଆଲୋଚନା ହେଉଛି। ବର୍ତ୍ତମାନ ମାନସିକ ହରାଇ ଏ ଗାଁରୁ ସେ ଗାଁ ଘୁରି ବୁଲୁଥିବା ଦେଖିବାକୁ ମିଳିଛି। ତାର ଉଚିତ ଚିକିତ୍ସା ହେଲେ ଭଲ ହୋଇପାରନ୍ତା ବୋଲି ଲୋକଙ୍କ ମଧ୍ୟରେ ମତ ପ୍ରକାଶ ପାଉଛି। ହେଲେ ନିଜର ବୋଲି କେହି ନାହିଁ। ପ୍ରଶାସନ ରିତାଞ୍ଜଳି ପ୍ରତି ଦୃଷ୍ଟି ଦେଇ ଚିକିତ୍ସାର ବନ୍ଦୋବସ୍ତ କରାଇବାକୁ ସାଧାରଣରେ ଦାବି ହେଉଛି।

# ବେଆଇନ ଡିଭାଇଡ଼ର ଯୋଗୁଁ ବଢୁଛି ଦୁର୍ଘଟଣା

ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ୍): ପୂର୍ବ ସରକାର ଗମନାଗମନ ନିମନ୍ତେ ବିଜୁ ଏକ୍ସପ୍ରେସ ୱେ ଚାରି ଲେନ୍ ମାଧ୍ୟମରେ କଳାହାଣ୍ଡିରୁ ନୂଆପଡ଼ାକୁ ସଂଯୋଗ କରିଥିଲେ। ଚାରି ଲେନ୍ ବିଶିଷ୍ଟ ରାସ୍ତା ପୂର୍ତ୍ତ ବିଭାଗ ଅଧୀନରେ ସମସ୍ତ କାର୍ଯ୍ୟ ହୋଇ ଆସୁଥିବା ବେଳେ ଅନେକ ସମୟରେ ବିଭାଗର କାର୍ଯ୍ୟକାରିତାକୁ ନେଇ ଅନେକ ଘଟଣା ସାମ୍ନାକୁ ଆସିଛି। ବିଜୁ ଏକ୍ସପ୍ରେସ ୱେ କଳାହାଣ୍ଡି ଓ ନୂଆପଡ଼ା ଅଞ୍ଚଳର ଲୋକଙ୍କ ପାଇଁ ଜୀବନରେଖା ବୋଲି କୁହାଯାଉଥିଲା । କିନ୍ତୁ ଦିନକୁ ଦିନ ଯେଉଁ ଭଳି ଭାବେ ଦୁର୍ଘଟଣା ଜନିତ ମୃତ୍ୟୁ ଘଟୁଛି ଜୀବନରେଖା ଏବେ ମୃତ୍ୟୁରେଖାରେ ପରିଣତ ହେବାରେ ଲାଗିଛି। ଏହି ଏକ୍ସପ୍ରେସ ୱେ କଳାହାଣ୍ଡି ଜିଲ୍ଲାର ଗୋଲାମୁଣ୍ଡା, ଧର୍ମଗଡ ଦେଇ କୋକସରା ବ୍ଲକର ଆମପାଣି ପର୍ଯ୍ୟନ୍ତ ୭୦ କିମି ଲମ୍ବିଛି। ଚାରି ଲେନ୍ ଏକ୍ସପ୍ରେସ ୱେରେ ଦୈନନ୍ଦିନ ଘଟଣା ଦୁର୍ଘଟଣା ଘଟିବାର ନଜର ରହିଛି। ତା ମଧ୍ୟରୁ ଏବେ ଲୋକଙ୍କ ବେଆଇନ ଡିଭାଇଡର କଟ୍ ଦୁର୍ଘଟଣାକୁ ହାତ ଠାରିଲା ପରି ମନେହେଉଛି। ବିଭାଗ ପକ୍ଷରୁ ରାସ୍ତାର ଅନେକ ସ୍ଥାନରେ ଗତି ବିଧି ଉପରେ ସଂକେତ ରହିଛି। କେଉଁ ଜାଗାରେ ୮୦ ସ୍ପିଡ୍, ଚଲେଇବାର ଅଛି ଆଗକୁ ୨ୱେ ରୁ ୨ୱେ କୁ ଗତିପଥ ପରିବର୍ତ୍ତନ କରିବାର ଅଛି ଏମିତି ବିଭିନ୍ନ ସଂକେତ ଲାଗି ରହିଛି। ଯାହା ଦ୍ୱାରା କି ଦୁର୍ଘଟଣା ନିୟନ୍ତ୍ରଣ କରାଯାଇପାରିବ। ହେଲେ ଲୋକଙ୍କର ଏସବୁ ଉପରେ ନଜର ନାହିଁ। ସର୍ଟକର୍ଟ ଯିବୁ ଶୀଘ୍ର ପହଁଞ୍ଚିବୁ ଏଭଳି ମାନସିକତା ଯୋଗୁଁ ରାସ୍ତାର ଡିଭାଇଡରକୁ କାଟି ଯାତାୟତ କରୁଥିବା ଯୋଗୁଁ ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି। ସର୍ଟକର୍ଟ ରାସ୍ତା ଆପଣାଇବାକୁ ଯାଇ ଏବେ ହଳଦୀରୁ ଗୋଲାମୁଣ୍ଡା ବ୍ଲକର ତୁମରା ମଧ୍ୟରେ ଅନେକ



ସ୍ଥାନରେ ବେଆଇନ ଭାବେ ଡିଭାଇଡର କାଟି ଲୋକ ଯାତାୟାତ କରୁଥିବା ଦେଖିବାକୁ ମିଳୁଛି। ଯାହା ବିପଦକୁ ଆମନ୍ତ୍ରଣ କରୁଛି ବୋଲି ଲୋକଲୋଚନରେ ଚର୍ଚ୍ଚା ହେଉଛି। ଜନସାଧାରଣ ଅମୂଲ୍ୟ ଜୀବନକୁ ବିପଦକୁ ଠେଲିବାର ପ୍ରୟାସ କରୁଛନ୍ତି ଏବଂ ଏହି ଭଳି ବେଆଇନ କଟ ପୂର୍ତ୍ତ ବିଭାଗର ତଦାରଖ ଓ ପରୀକ୍ଷଣ ଅବହେଳା ଯୋଗୁଁ ଘଟୁଛି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ବେଆଇନ ଡିଭାଇଡର କଟ୍ ଜାଗାକୁ ଚିହ୍ନଟ କରି ଯଥାଶୀଘ୍ର ମରାମତି କରିବାକୁ ଦାବି ହୋଇଛି। ଏନେଇ ବିଭାଗୀୟ ଦାୟୀତ୍ୱରେ ଥିବା ଯନ୍ତ୍ରୀ ନବପ୍ରକାଶ ବେହେରାଙ୍କୁ ଫୋନେ ଯୋଗେ ପଚାରିବାରୁ ସେମିତି କିଛି ହୋଇନାହିଁ ଡ଼ିଭାଇଡର ପାଇଁ ସ୍ୱତନ୍ତ୍ର ମେସିନ ଆସେ ଛୋଟିଆ କାମ ପାଇଁ ମେସିନ ଆଣି ହେବନାହିଁ ବୋଲି ସେ କହିଥିଲେ। ଏପଟେ ଯନ୍ତ୍ରୀ କହୁଛନ୍ତି ଡିଭାଇଡ଼ର ଭାଙ୍ଗି ନି କିନ୍ତୁ ଅନେକ ଜାଗାରେ ଭାଙ୍ଗିଥିବା ବାସ୍ତବିକ ଚିତ୍ର ଦେଖିବାକୁ ମିଳୁଛି। କିଏ ସତ କିଏ ମିଛ ଏ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଯନ୍ତ୍ରୀଙ୍କ ମିଛ କଥାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।

## ରାଶିଫଳ


ସୋମବାର, ୧୯ ମଇ ୨୦୨୫



**ମେଷ:** ଆପଣ ଆୟର ବୃଦ୍ଧି ଦେଖାଦେବ, ଯେଉଁଥିପାଇଁ ଆପଣଙ୍କ ଚେହେରାରେ ଖୁସିର ଅନୁଭବ ଆସିବ। ଆପଣ ଆଜି ଅଫିସରେ ବସଙ୍କ ସହିତ କଥା ହେବେ। କେହି ଶଶୁର ଘର ଲୋକ ଭେଟିବାକୁ ଆସିପାରନ୍ତି। ଜୀବନସାଥୀ ବହୁତ ଖୁସି ହେବେ।




**ବୃଷ:** ଖର୍ଚ୍ଚର ହଠାତ୍ ବୃଦ୍ଧି ଚିନ୍ତା କରିପାରେ। ଘରର ବୃଦ୍ଧମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ, ଏହା ଖରାପ ହୋଇପାରେ। ଅତୀତରେ କିଛି କାମ ପାଇଁ କରାଯାଇଥିବା କାର୍ଯ୍ୟ ଆଜି ଫଳ ଦେବାକୁ ଯାଉଛି। ଦାମ୍ପତ୍ୟ ଜୀବନରେ ସୁଖ ରହିବ।



**ମିଥୁନ:** ଆଜି ଲୋକଙ୍କ ପ୍ରତି ଭଲ କାମ କରିବାର ଅନୁଭବ ଜାଗ୍ରତ ହେବ। ଆପଣ କିଛି ଅସମାପ୍ତ କାର୍ଯ୍ୟ ମଧ୍ୟ ସଂପୂର୍ଣ୍ଣ କରିବେ। ବ୍ୟବସାୟୀମାନଙ୍କ ପାଇଁ ଆଜି ମଧ୍ୟ ଏକ ଭଲ ଦିନ ହେବ। ଆପଣ ଆପଣଙ୍କ ପ୍ରିୟଜନଙ୍କ ପ୍ରେମ ଜିତିବାକୁ ଚେଷ୍ଟା କରୁଥିବା ଦେଖାଯିବ।




**କର୍କଟ:** ଆଜି ଆପଣଙ୍କର ଧ୍ୟାନ ପରିବାରର ଆବଶ୍ୟକତା ପୂରଣ ଉପରେ ରହିବ। ଅଫିସରେ ଜୁନିଅର ଯେ କୌଣସି କାର୍ଯ୍ୟରେ ଆପଣଙ୍କଠାରୁ ସାହାଯ୍ୟ ନେଇପାରେ, ଆପଣ ସେମାନଙ୍କୁ ସାହାଯ୍ୟ କରନ୍ତୁ। ବିବାହିତ ସାଥୀଙ୍କ ପତି କୌଣସି ଇଚ୍ଛା ପୂରଣ କରିବାକୁ ଯାଉଛନ୍ତି।




**ସିଂହ:** ଏହି ବ୍ୟସ୍ତତା ମଧ୍ୟରେ ଆପଣଙ୍କର ଖାଦ୍ୟର ଯତ୍ନ ନିଅ, ନଚେତ୍ ଆପଣଙ୍କର ସ୍ୱାସ୍ଥ୍ୟ ଖରାପ ହୋଇପାରେ। କୋର୍ଟ ସହ ଜଡିତ ମାମଲାଗୁଡ଼ିକରେ ସଫଳତା ପାଇବାର ସମ୍ଭାବନା ଅଛି। ପ୍ରେମ ଜୀବନରେ ଆପଣଙ୍କର ପ୍ରିୟ କିଛି ବିଷୟ ଉପରେ କ୍ରୋଧ ଦେଖାଇପାରେ, ତଥାପି ପ୍ରେମ ସଂପର୍କରେ ରହିବ।




**କନ୍ୟା:** ଆପଣଙ୍କ ବନ୍ଧୁ କିଛି କଥା ଆପଣଙ୍କୁ କହିପାରନ୍ତି,ଯାହା ଆପଣଙ୍କୁ ଖରାପ ଲାଗିପାରେ। ଆପଣ ଆପଣଙ୍କ କଥାକୁ ସଠିକ୍ ଉପାୟରେ ରଖିବା ଉଚିତ୍। କାର୍ଯ୍ୟଭାର ଅଧିକ ହେବ, ଚାପ ନିଅନ୍ତୁ ନାହିଁ। ବିବାହିତ ଲୋକମାନଙ୍କ ପାଇଁ ଦିନଟି ଶୁଭ ଅଟେ।




**ତୁଳା:** କାର୍ଯ୍ୟରେ ଭଲ ଫଳାଫଳ ସହିତ ଆପଣ ସନ୍ତୁଷ୍ଟ ଅନୁଭବ କରିବେ। ଆଜି ଆପଣ କିଛି ପବିତ୍ର ସ୍ଥାନ ଦେଖିବାର ସୁଯୋଗ ପାଇବାକୁ ଯାଉଛନ୍ତି। ପ୍ରେମ ଜୀବନରେ ପ୍ରିୟଙ୍କ ସଚ୍ଚୋଟତା ଉପରେ ସନ୍ଦେହ କରିବା ଦ୍ୱାରା ସମ୍ପର୍କ ଗୁରୁତର ହୋଇପାରେ।



**ବିଛା:** ଆଜି ଆପଣଙ୍କ ସାମ୍ନାରେ ଅନେକ କାର୍ଯ୍ୟର ସମ୍ମୁଖୀନ ହେବ, ଯେଉଁ କାରଣରୁ ଆପଣ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ଆପଣ ଚିନ୍ତା କରୁଥିବା କାମ ପ୍ରତି ଧ୍ୟାନ ଦେବା ଭଲ ହେବ। ଆଜି ଘରର ଜଣେ ସଦସ୍ୟ ଆପଣଙ୍କଠାରୁ କିଛି ଆଶା କରିବେ। ଆଜି, ଜୀବନ ସାଥୀର ବୁଦ୍ଧି ଆପଣଙ୍କୁ ବହୁତ ଲାଭ କରିବାକୁ ଯାଉଛି।



**ଧନୁ:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ। ବ୍ୟବସାୟୀମାନେ ଆଜି ବଡ଼ ଲାଭ କରିବାକୁ ଯାଉଛନ୍ତି, ଆପଣ ଏଥିରେ ଖୁସି ହେବେ। କାର୍ଯ୍ୟରତ ଲୋକମାନେ ସେମାନଙ୍କର କାର୍ଯ୍ୟକୁ ମନେ ରଖିବା ପରି କାମ କରିବେ। ପାରିବାରିକ ପରିବେଶ ସୁଖ ଏବଂ ଶାନ୍ତିରେ ପରିପୂର୍ଣ୍ଣ ହେବ। ଉଲ୍ଲେଖଥାଉ କି, ବିବାହିତ ଦମ୍ପତି ଆଜି ସତର୍କ ରୁହନ୍ତି, ବିବାଦ ହେବାର ସମ୍ଭାବନା ଅଛି।



**ମକର:** ଆଜି ଆପଣଙ୍କ ଦିନଟି ଭଲ ରହିବ। କୌଣସି ଭୁଲ ନିଷ୍ପତ୍ତି ନେବା ଠାରୁ ଦୂରେଇ ରୁହନ୍ତୁ, ନଚେତ୍ ଆପଣ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବେକାରୀମାନେ ଆଜି ସାଧାରଣ ଅପେକ୍ଷା ଅଧିକ ବ୍ୟସ୍ତ ଦେଖାଯିବେ। ଆଜି ପ୍ରେମ ଜୀବନରେ, ପ୍ରିୟ ହୃଦୟରୁ ପ୍ରେମ ପାଇବ।



**କୁମ୍ଭ:** ଆଜି ଆପଣଙ୍କର ସାଧାରଣ ଦିନ ହେବ। କିଛି ବିଷୟରେ ଚିନ୍ତା କରି ଅନାବଶ୍ୟକ ଭାବରେ ଆପଣଙ୍କୁ ବ୍ୟଥିତ କରିବ। ବର୍ଜ୍ୟବସ୍ତୁରୁ ଦୂରେଇ ରୁହନ୍ତୁ। ଆର୍ଥିକ ପ୍ରସଙ୍ଗରେ ଆପଣ ଜଣେ ବନ୍ଧୁଙ୍କଠାରୁ ପରାମର୍ଶ ପାଇପାରିବେ। ସ୍ୱାସ୍ଥ୍ୟ କାରଣରୁ ଦିନଟି ଟିକିଏ ଦୁର୍ବଳ ମନେହୁଏ। ପ୍ରେମ ଦାମ୍ପତ୍ୟ ଜୀବନରେ ରହିବ।



**ମୀନ:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବ। ଅଫିସ୍ କାର୍ଯ୍ୟକୁ ସହଜରେ ମୁକାବିଲା କରିପାରିବେ। କିନ୍ତୁ ସହକର୍ମୀଙ୍କ ସହ କିଛି ବିଷୟରେ ବିତର୍କ ହୋଇପାରେ। ସେଥିପାଇଁ ଆପଣ ସାବଧାନ ହେବା ଉଚିତ୍। ଜୀବନସାଥୀ ଏକ କାମ କରିବାକୁ ଇଚ୍ଛା କରିପାରନ୍ତି। ପ୍ରେମରେ ଆଜି ଆପଣ ଆପଣଙ୍କ ପ୍ରିୟଙ୍କ ସହିତ ଭଲ ସମୟ ଅତିବାହିତ କରିବେ।



ପ୍ରସ୍ତୁତି
ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯